

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-131 ♦THURSDAY ♦5 NOVEMBER 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୩୧ ♦ଗୁରୁବାର ♦୫ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨ ♦୫.୭.୦୦

MMTC-PAMP
Swiss Excellence. Made in India.

ଗ୍ରାହକଙ୍କ ଭିଡ଼ରେ ଝଲସୁଛି ଲାଲ୍‌ଚନ୍ଦ୍

ପ୍ରି-ଧନ୍‌ତେରସ୍ ଉପଲକ୍ଷେ!

ଲାଲ୍‌ଚନ୍ଦ୍ ଜୁଏଲର୍ସରେ ଚାଲିଥିବା ପ୍ରି-ଧନ୍‌ତେରସ୍ ଉତ୍ସବରେ ଶୋ'ରୁମ୍ ଗୁଡ଼ିକରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମୁଛି। ଏହି ପବିତ୍ର ଅବସରରେ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରର ବିଭିନ୍ନ ଲାଲ୍‌ଚନ୍ଦ୍ ଶୋ'ରୁମ୍‌ରେ ଗ୍ରାହକମାନେ ସପରିବାର ସୁନା, ହୀରା ଓ ରୂପା ଗହଣା କିଣିବାରେ ବ୍ୟସ୍ତ।

ଏହି ଭିଡ଼ର ମୁଖ୍ୟ କାରଣ ହେଉଛି ଲାଲ୍‌ଚନ୍ଦ୍‌ର ସବୁଠାରୁ କମ୍ ଗଢ଼ା ମଜୁରି, ଆକର୍ଷଣୀୟ ଅଫର୍ ଏବଂ ଦୀର୍ଘ ବର୍ଷ ଧରି ଗ୍ରାହକଙ୍କ ଅତୁଟ ବିଶ୍ୱାସ।

ସର୍ବନିମ୍ନ ଗଢ଼ା ମଜୁରି—ସର୍ବାଧିକ ଖୁସିର କାରଣ

ବଜାରରେ ଅନେକ ଅଳଙ୍କାର ପ୍ରତିଷ୍ଠାନ ବଡ଼ ବଡ଼ ରିହାତି ଘୋଷଣା କରୁଥିବା ବେଳେ ଲାଲ୍‌ଚନ୍ଦ୍ ଗ୍ରାହକଙ୍କୁ ପ୍ରକୃତ ସଞ୍ଚୟର ସୁଯୋଗ ଦେଉଛି। ଲାଲ୍‌ଚନ୍ଦ୍‌ର ବିଶ୍ୱାସ, କେତେ ପ୍ରତିଶତ ରିହାତି ମିଳୁଛି ତାହା ବଡ଼ କଥା ନୁହେଁ, ଶେଷରେ ଗ୍ରାହକ କେତେ ଟଙ୍କା ଦେଉଛନ୍ତି ତାହା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

₹5,00,000 ସୁନା ମୂଲ୍ୟ ଉପରେ ଗଢ଼ା ମଜୁରିର ତୁଳନା

ଗଢ଼ା ମଜୁରି	ମୂଲ୍ୟ
ଅନ୍ୟ ଜୁଏଲର୍ସ	
30%, 50% ରିହାତି ପରେ 15%	₹75,000
20%, 40% ରିହାତି ପରେ 12%	₹60,000
20%, 30% ରିହାତି ପରେ 14%	₹70,000
ଲାଲ୍‌ଚନ୍ଦ୍: ଅନ୍ୟ 22 କ୍ୟାରେଟ୍ ଅଳଙ୍କାର 7.99%	**₹39,950**
ଲାଲ୍‌ଚନ୍ଦ୍: 22 କ୍ୟାରେଟ୍ ମେସିନ୍-ନିର୍ମିତ ଚେନ୍ 4.99%	**₹24,950**

15% ଗଢ଼ା ମଜୁରି ତୁଳନାରେ, ଅନ୍ୟ ଅଳଙ୍କାରରେ ₹35,050 ଏବଂ ମେସିନ୍-ନିର୍ମିତ ଚେନ୍‌ରେ ₹50,050 ସଞ୍ଚୟ କରନ୍ତୁ।

ସ୍ୱଳ୍ପ ଗଢ଼ା ମଜୁରି, ଦୀର୍ଘ ଦିନର ବିଶ୍ୱାସ ଏବଂ ଆକର୍ଷଣୀୟ ପାର୍ବଣ ଅଫର୍, ଲାଲ୍‌ଚନ୍ଦ୍ ଜୁଏଲର୍ସର ଶୋ'ରୁମ୍ ପ୍ରତି ହଜାର ହଜାର ଗ୍ରାହକଙ୍କ ଧ୍ୟାନ ଆକର୍ଷଣ କରୁଛି।

LALCHND
Trusted Brand Since 1948






ଲାଲ୍‌ଚନ୍ଦ୍‌ର ମେଗା ଫେଷ୍ଟିଭ୍ ବୋନାଞ୍ଜାରେ ରହିଛି ଧମାକେଦାର୍ ଅଫର୍:

- ସମସ୍ତ 22 କ୍ୟାରେଟ୍ ଏଚ୍‌ୟୁଆଇଡି ମେସିନ୍-ନିର୍ମିତ ସୁନା ଚେନ୍‌ରେ ଗଢ଼ା ମଜୁରି ମାତ୍ର **4.99%**।
- ବ୍ରାଇଡାଲ୍, ଆଣ୍ଟିକ୍ ଓ ଟେମ୍ପଲ୍ ଷ୍ଟାଇଲ୍ ଗହଣା ସମେତ ଅନ୍ୟ ସମସ୍ତ 22 କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଗହଣାରେ ଗଢ଼ା ମଜୁରି ମାତ୍ର **7.99%** ।
- ସମସ୍ତ ଆଇଜିଆଇ-ସର୍ଟିଫାଏଡ୍ ହୀରା ମୂଲ୍ୟ ଉପରେ **25%** ରିହାତି।
- ସମସ୍ତ ରୂପା ଗହଣାରେ **ଶୂନ** ଗଢ଼ା ମଜୁରି।
- ପ୍ରତିଦିନ **'କୌନ୍ ବନେଗା ଲଖ୍‌ପତି'** ଲକି ଡ୍ରା'ରେ ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ।

ଉତ୍ସବର ଖୁସି ସହ ଯୋଡ଼ି ହେଉଛି ମହାପ୍ରଭୁଙ୍କ ଆଶୀର୍ବାଦ। ଲାଲ୍‌ଚନ୍ଦ୍ ଜୁଏଲର୍ସରୁ ଗହଣା କିଣୁଥିବା ଗ୍ରାହକମାନେ ପାଉଛନ୍ତି **ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ମହାପ୍ରସାଦ**, ଯାହା ସେମାନଙ୍କ ଉତ୍ସବର ଖୁସିକୁ ଆହୁରି ମଧୁର ଓ ସ୍ମରଣୀୟ କରୁଛି।



"ଆମର ବିଶ୍ୱାସ, ଗ୍ରାହକଙ୍କୁ ପ୍ରକୃତ ସଞ୍ଚୟର ସୁଯୋଗ ମିଳିବା ଉଚିତ, କେବଳ ଆକର୍ଷଣୀୟ ରିହାତିର ପ୍ରତିଶ୍ରୁତି ନୁହେଁ। ଶେଷରେ ଗ୍ରାହକ କେତେ ଟଙ୍କା ଦେଉଛନ୍ତି, ତାହା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆମର ବ୍ୟବସାୟିକ ନୀତି ସବୁବେଳେ ସରଳ: ଅଧିକ ବିକ୍ରି, କମ୍ ଲାଭ ଏବଂ ଶୁଦ୍ଧତା ସହ କୌଣସି ସାଲିସ୍ ନାହିଁ। ଅସାଧାରଣ ଲାଭ ଅପେକ୍ଷା ଆମ ଗ୍ରାହକଙ୍କ ଆଶୀର୍ବାଦ ଆମ ପାଇଁ ଅଧିକ ମୂଲ୍ୟବାନ।"

—ଡଃ ସଂଜୟ ହଂସ, ଚେୟାରମ୍ୟାନ୍, ଲାଲ୍‌ଚନ୍ଦ୍ ଗ୍ରୁପ୍

ଶୁଦ୍ଧ ସୁନା, ସୁଦୃଢ଼ ବିଶ୍ୱାସ, ନିଶ୍ଚିନ୍ତତାର ଅନୁଭବ

ଲାଲ୍‌ଚନ୍ଦ୍‌ରେ ସୁନାର ଶୁଦ୍ଧତାକୁ ସବୁବେଳେ ପ୍ରାଥମିକତା ଦିଆଯାଏ। 22 କ୍ୟାରେଟ୍ ସୁନା ଗହଣାରେ ଅସଲି ବିଆଇଏସ୍ ହଲ୍‌ମାର୍କ ସହିତ ପ୍ରତ୍ୟେକ ଗହଣାର ସ୍ୱତନ୍ତ୍ର 6 ଅଙ୍କ ବିଶିଷ୍ଟ ଏଚ୍‌ୟୁଆଇଡି ନମ୍ବର ରହିଥାଏ। ଏହା ଗ୍ରାହକଙ୍କୁ ଶୁଦ୍ଧତାର ଭରସା ଦେଇଥାଏ।

ବିଶେଷ କଥା ହେଉଛି, ଅନ୍ୟ ବଡ଼ ବଡ଼ ଗହଣା ବ୍ୟବସାୟୀଙ୍କ ପାଇଁ କାମ କରୁଥିବା ସେହି ଦକ୍ଷ କାରିଗର ଓ ୱାର୍କସପ୍‌ରେ ଲାଲ୍‌ଚନ୍ଦ୍‌ର ଗହଣା ମଧ୍ୟ ତିଆରି ହୋଇଥାଏ। ହେଲେ ଲାଲ୍‌ଚନ୍ଦ୍‌କୁ ଅନ୍ୟମାନଙ୍କଠାରୁ ଭିନ୍ନ କରେ ଏହାର ନୀତି—ଯୁକ୍ତିଯୁକ୍ତ ଲାଭ, ଅଧିକ ବିକ୍ରି ଏବଂ ସଞ୍ଚୟର ସିଧାସଳଖ ଲାଭ ଗ୍ରାହକଙ୍କୁ ଦେବା।

ବଲିଉଡ୍ ତାରକାଙ୍କ ପଛରେ କୋଟି କୋଟି ଟଙ୍କାର ଖର୍ଚ୍ଚ ନାହିଁ = ଗ୍ରାହକଙ୍କ ସଞ୍ଚୟ!

ବଲିଉଡ୍ ସେଲିବ୍ରିଟିଙ୍କୁ କୋଟି କୋଟି ଟଙ୍କା ଦେବା ବଦଳରେ, ଲାଲ୍‌ଚନ୍ଦ୍ ନିଜର ସଫଳତାରେ ଅବଦାନ ରଖିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରିବାରେ ବିଶ୍ୱାସ ରଖେ: ସେମାନେ ହେଉଛନ୍ତି ଆମ ଗ୍ରାହକ।

ଆପଣଙ୍କ ବିଶ୍ୱାସର ସାଥି

ପ୍ରାୟ ଚାରି ଦଶନ୍ଧି ଧରି ଓଡ଼ିଶାର ହଜାର ହଜାର ପରିବାରର ବିବାହ, ପର୍ବପର୍ବାଣି ଓ ଶୁଭ ଅବସରର ସାଥୀ ହୋଇ ରହିଛି ଲାଲ୍‌ଚନ୍ଦ୍ ଜୁଏଲର୍ସ। ରାଜ୍ୟରେ ଏହାର ବିସ୍ତାରିତ ଶୋ'ରୁମ୍ ନେଟ୍‌ୱର୍କ ଗ୍ରାହକଙ୍କ ଦୃଢ଼ ବିଶ୍ୱାସର ପ୍ରମାଣ।

ଧନ୍‌ତେରସ୍ ଯେତେ ପାଖେଇ ଆସୁଛି, ଲାଲ୍‌ଚନ୍ଦ୍ ଶୋ'ରୁମ୍ ଗୁଡ଼ିକରେ ଉତ୍ସାହ ସେତେ ବଢ଼ିବାରେ ଲାଗିଛି। ଆହୁରି ଅଧିକ ପରିବାରମାନଙ୍କୁ ସ୍ୱାଗତ କରିବା ପାଇଁ ଲାଲ୍‌ଚନ୍ଦ୍ ପ୍ରସ୍ତୁତ ଅଛି।

ଏହି ଧନ୍‌ତେରସ୍‌ରେ ମା' ଲକ୍ଷ୍ମୀଙ୍କୁ ଘରକୁ ସ୍ୱାଗତ କରନ୍ତୁ। ଶୁଦ୍ଧ ସୁନା କିଣନ୍ତୁ, ଅଧିକ ସଞ୍ଚୟ କରନ୍ତୁ ଏବଂ ମହାପ୍ରଭୁଙ୍କ ଆଶୀର୍ବାଦ ନିଅନ୍ତୁ।



ଲାଲ୍‌ଚନ୍ଦ୍ ଜୁଏଲର୍ସ — ଲାଭଠୁ ବଡ଼ ବିଶ୍ୱାସ।
1987ରୁ ଓଡ଼ିଶାବାସୀଙ୍କ ପ୍ରିୟ ଅଳଙ୍କାର ପ୍ରତିଷ୍ଠାନ।

ଧନ୍‌ତେରସ୍ ମେଗା ଫେଷ୍ଟିଭ୍ ବୋନାଞ୍ଜା

- ଗଢ଼ା ମଜୁରି ସମସ୍ତ 22 କ୍ୟାରେଟ୍ ଏଚ୍‌ୟୁଆଇଡି ମେସିନ୍-ନିର୍ମିତ ସୁନା ଚେନ୍ ଉପରେ — ଠାରୁ **4.99%**
- ଗଢ଼ା ମଜୁରି ଅନ୍ୟ ସମସ୍ତ 22 କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଗହଣା ଯଥା- ବ୍ରାଇଡାଲ୍, ଆଣ୍ଟିକ୍, ଫ୍ୟାନ୍ସି ଓ ଟେମ୍ପଲ୍ ଷ୍ଟାଇଲ୍ ଗହଣା ଉପରେ — ଠାରୁ **7.99%**
- ସମସ୍ତ ଆଇଜିଆଇ ସର୍ଟିଫାଏଡ୍ ହୀରା ମୂଲ୍ୟ ଉପରେ — ଠାରୁ **25%** ରିହାତି
- ଗଢ଼ା ମଜୁରି ସମସ୍ତ ରୂପା ଅଳଙ୍କାର ଉପରେ — **ଶୂନ**

UP TO ₹5,000 EXTRA CASHBACK* SBI card

*Min. Trxn.: ₹50,000; Max. Cashback: ₹5,000 per card account; Validity: 02 Nov - 08 Nov 2026. T&C Apply.

SHOP. CELEBRATE. WIN BIG. KAUN BANEGA LAKHPATI

SONE PE SUHAGA ମାସିକ ଯୋଜନା — 0 ଗଢ଼ା ମଜୁରି ସମସ୍ତ 22 କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଓ ଆଇଜିଆଇ ସର୍ଟିଫାଏଡ୍ ହୀରା ଗହଣା ଉପରେ

ସ୍କାନ୍ କରନ୍ତୁ ଏବଂ ତୁରନ୍ତ ସମ୍ପର୍କ କରନ୍ତୁ

ସ୍ମାର୍ଟ ଗୋଲ୍ଡ ପ୍ରି-ବୁକିଂ
କିଣିବା ଦିନ ସୁନା ମୂଲ୍ୟର ମାତ୍ର 10% ଅଗ୍ରିମ ଦେଇ ବୁକିଂ କରନ୍ତୁ। ସୁନା କିଣିବା ସମୟରେ ବୁକିଂ ଦିନ କିମ୍ବା କିଣିବା ଦିନର ଦର ମଧ୍ୟରୁ ଯେଉଁଟି କମ୍, ସେହି ଦରରେ ସୁନା କିଣନ୍ତୁ।

999.9 ଶୁଦ୍ଧ ଏମ୍‌ଏମ୍‌ଟିସି ସୁନା ଓ ରୂପା ମୁଦ୍ରା କେବଳ ଲାଲ୍‌ଚନ୍ଦ୍‌ରେ ଉପଲବ୍ଧ
ପୁରୁଣା ଏଚ୍‌ୟୁଆଇଡି ସୁନା ଏକ୍ସଚେଞ୍ଜରେ ପାଆନ୍ତୁ 100% ସୁନା ମୂଲ୍ୟ

aarouhi BY LALCHND
ଲାଇଟ୍‌ୱେଟ୍ ଡାଇମଣ୍ଡ ଜୁଏଲାରୀ
ମାଷ୍ଟର୍ କ୍ୟାଣ୍ଟିନ୍, ଭୁବନେଶ୍ୱର

ଲାଲ୍‌ଚନ୍ଦ୍ ପ୍ରତିଶ୍ରୁତି: ✓ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ✓ ସର୍ବନିମ୍ନ ଗଢ଼ାମୂଲ୍ୟ ✓ ଆଜୀବନ ରକ୍ଷଣାବେକ୍ଷଣ ✓ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ✓ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍

ଭୁବନେଶ୍ୱର ମାଷ ର୍ କ୍ୟାଣ୍ଟିନ୍ 0674-2534016/17/18 | ଭୁବନେଶ୍ୱର ରଘୁନାଥପୁର 0674-2469149/150/151 | ବ୍ରହ୍ମପୁର ଧର୍ମ ନଗର 0680-2229401/02/04 | କଟକ କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍ 0671-2302505/3505/4505 | କଟକ ସିଡିଏ ସେକ୍ଟର-୬ 0671-2503371/72/73 | ନୂଆଦିଲ୍ଲୀ ଲାଜପତ୍ ନଗର 011-45769564

ଆପଣମାନଙ୍କ ସୁବିଧା ପାଇଁ ମାଷ୍ଟର୍ କ୍ୟାଣ୍ଟିନ୍ ଶୋ'ରୁମ୍‌ର ପଛପାର୍ଶ୍ୱସ୍ଥ ଦ୍ୱାରଠାରେ ପର୍ଯ୍ୟାପ୍ତ ପାର୍କିଂର ସୁବ୍ୟବସ୍ଥା ସହ ସମ୍ମୁଖ ଦ୍ୱାର ନିକଟରେ ଭାଲେ ପାର୍କିଂ ଉପଲବ୍ଧ




ବିଶେଷ ଟିପ୍ପଣୀ



ବାଲଟରେ ମୋ ଚିତ୍ର ନଥିଲା । ଯଦି ମୋ ଚିତ୍ର ରହିଥାନ୍ତା, ତେବେ ଆମେ ବିପୁଳ ବିଜୟ ହାସଲ କରିଥାନ୍ତୁ ।

- **ଡୋନାଲ୍ଡ ଟ୍ରମ୍ପ** (ଆମେରିକା ରାଷ୍ଟ୍ରପତି)



ଟ୍ରମ୍ପ ଯଦି ଜ୍ଞାନେଶ କୁମାରଙ୍କୁ ନେଇଥାନ୍ତେ, ତେବେ ଟ୍ରମ୍ପ ନିଶ୍ଚିତ ଜିତିଥାନ୍ତେ ।

- **ଅଭିଜିତ୍ ଦୀପ୍‌କେ** (ସିଜେପି ପ୍ରତିଷ୍ଠାତା)

ଜେନ୍ Z


ନେତାନ୍ୟାହୁ ଗଲେ । ଟ୍ରମ୍ପ ବି ହାରିଲେ । ମୋଦୀ ଜୀ, ଏବେ ଆପଣଙ୍କ ପାଳି । ଭାରତ ଶାସନ ପରିବର୍ତ୍ତନ ଦିଗରେ ଅଗ୍ରଣୀଳ ।

-ପ୍ରିୟା ପୁରୋହିତ@Priyaa_Purohit

ସାହାରା ମରୁଭୂମିରେ ମଙ୍ଗଳ ଗ୍ରହର ଗୋଲାପୀ ପଥର !

ୱାସିଂଟନ୍ ୪।୧୧(ଏଜେନ୍ସି):

ସାହାରା ମରୁଭୂମିରୁ ମିଳିଥିବା ଏକ ୮୦୦ ଗ୍ରାମ ଓଜନର ଗୋଲାପୀ ରଙ୍ଗର ପଥର ବାସ୍ତବରେ ମଙ୍ଗଳ ଗ୍ରହରୁ ଆସିଥିବା ଏକ ଦୁର୍ଲଭ ଉଲ୍‌କାପିଣ୍ଡ ବୋଲି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି । ନାସାର ସହାୟତାରେ କରାଯାଇଥିବା ନୂତନ ଗବେଷଣାରୁ ଜଣାପଡ଼ିଛି ଯେ, ଏହି ପଥରଟି ୪୧୦ କୋଟି ବର୍ଷରୁ ଅଧିକ ପୁରୁଣା ଏବଂ ଏଥିରେ ପ୍ରାଚୀନ ମଙ୍ଗଳ ଗ୍ରହରେ ଜଳର ଉପସ୍ଥିତି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ରହିଛି । ୨୦୨୨ରେ ମାଲିର ଟେଘାଜା ଲବଣ ସମତଳ ଭୂମିରୁ ଆବିଷ୍କୃତ ହୋଇଥିବାରୁ ଏହି ଉଲ୍‌କାପିଣ୍ଡର ନାମ ଟେଘାଜା ୦୦୧ ରଖାଯାଇଛି । ପଥରଟି କେଉଁ ଗ୍ରହର ତାହା ଜାଣିବା ପାଇଁ ବୈଜ୍ଞାନିକମାନେ ଏଥିରେ ଥିବା ଅମ୍ଳଜାନ ଆଇସୋଟୋପ୍‌ର ଅନୁପାତ ପରୀକ୍ଷା କରିଥିଲେ । ଏହି ଆଇସୋଟୋପ୍ ଗୁଡ଼ିକର ଅନୁପାତ ମଙ୍ଗଳ ଗ୍ରହର ପଥର ସହିତ ସମ୍ପୂର୍ଣ୍ଣ ମିଶିଯାଇଥିଲା । ଏହାର ସୂକ୍ଷ୍ମ ସଂରଚନା ଏବଂ ଖଣିଜ ତତ୍ତ୍ୱ ଯାଞ୍ଚ କରିବା ସମୟରେ ବୈଜ୍ଞାନିକମାନେ 'ଜିରକନ୍' ନାମକ କ୍ଷୁଦ୍ର ସ୍ଫଟିକ ଆବିଷ୍କାର କରିଥିଲେ, ଯାହା ଏହି ପଥରର ସଠିକ୍ ବୟସ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିଥିଲା । ଏହି ପଥରରେ ଥିବା ବିଭିନ୍ନ ଖଣିଜ ପଦାର୍ଥ ଓ ସେଗୁଡ଼ିକର ଗଠନରୁ ସ୍ପଷ୍ଟ ହୋଇଛି ଯେ, ମଙ୍ଗଳ ଗ୍ରହର ପ୍ରାରମ୍ଭିକ ଇତିହାସରେ ଏହି ପଥରଟି ଜଳ ସଂସ୍ପର୍ଶରେ ଆସିଥିଲା । ଏହି ଆବିଷ୍କାର ପ୍ରମାଣ କରୁଛି ଯେ ଅତୀତରେ ମଙ୍ଗଳ ଗ୍ରହ ଆଜି ପରି ଅତ୍ୟନ୍ତ ଶୁଷ୍କ ଓ ଥଣ୍ଡା ନଥିଲା । ମଙ୍ଗଳ ଗ୍ରହରେ ପ୍ରାରମ୍ଭିକ ସମୟରେ କେତେ ପରିମାଣର ଜଳ ଥିଲା ଏବଂ କାଳକ୍ରମେ ତାହା କିପରି ହ୍ରାସ ପାଇଲା, ତାହା ବୁଝିବାରେ ଏହି ପଥର ବୈଜ୍ଞାନିକମାନଙ୍କୁ ସାହାଯ୍ୟ କରିବ । ତେବେ ଜଳର ସନ୍ଧାନ ମିଳିବା ଅର୍ଥ ନୁହେଁ ଯେ ସେଠାରେ ଜୀବସତ୍ତା ଥିଲା । ଏଥିପାଇଁ ଆହୁରି ଅଧିକ ଗବେଷଣା ଆବଶ୍ୟକ ବୋଲି ବିଜ୍ଞାନୀମାନେ ସ୍ପଷ୍ଟ କରିଛନ୍ତି । ବୈଜ୍ଞାନିକଙ୍କ ମତରେ, କୌଣସି ବିଶାଳ ମହାକାଶ ପିଣ୍ଡ ମଙ୍ଗଳ ଗ୍ରହ ପୃଷ୍ଠରେ ତୀବ୍ର ଧକ୍କା ଦେବା ଫଳରେ ଏହି ପଥର ଖଣ୍ଡଟି ମହାକାଶକୁ ନିକ୍ଷିପ୍ତ ହୋଇଥିଲା । ଦୀର୍ଘ ସମୟର ମହାଜାଗତିକ ଯାତ୍ରା ପରେ ଏହା ଉଲ୍‌କାପିଣ୍ଡ ଭାବେ ପୃଥିବୀର ସାହାରା ମରୁଭୂମିରେ ଖସିପଡ଼ିଥିଲା । ମଙ୍ଗଳ ଗ୍ରହର ଚାରିପାଖରେ ବୁଲୁଥିବା ଅର୍ବିଟର୍‌ର ତଥ୍ୟ ସହ ଏହି ପଥରର ରାସାୟନିକ ଗଠନକୁ ମିଳାଇ ବିଜ୍ଞାନୀମାନେ ୧୩ଟି ସମ୍ଭାବ୍ୟ ସ୍ଥାନ ଚିହ୍ନଟ କରିଛନ୍ତି । ସେଗୁଡ଼ିକ ମୁଖ୍ୟତଃ ମଙ୍ଗଳ ଗ୍ରହର ଦକ୍ଷିଣ ଭାଗର ଉଚ୍ଚ ଗର୍ତ୍ତପୂର୍ଣ୍ଣ ଅଞ୍ଚଳରେ ଅବସ୍ଥିତ । ପୃଥିବୀକୁ ଆସିଥିବା ମଙ୍ଗଳ ଗ୍ରହର ସବୁଠାରୁ ପୁରୁଣା ଉଲ୍‌କାପିଣ୍ଡଗୁଡ଼ିକ ମଧ୍ୟରୁ 'ଟେଘାଜା ୦୦୧' ଅନ୍ୟତମ ।



ନିର୍ବାଚନ କମିସନରଙ୍କୁ ଆଇନଗତ ସୁରକ୍ଷା ମାମଲା

କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୪।୧୧(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଓ ଅନ୍ୟ ନିର୍ବାଚନ କମିସନରଙ୍କୁ କାହିଁକି ଆଇନଗତ ସୁରକ୍ଷା ପ୍ରଦାନ କରାଯାଇଛି ? ଏଥିପାଇଁ ଆଇନରେ କାହିଁକି ସଂଶୋଧନ କରାଯାଇଛି ? ଏଭଳି ସୁରକ୍ଷାକୁ ବିରୋଧ କରି ଆଗତ ଜନସ୍ୱାର୍ଥ ମାମଲା ଉପରେ ଶୁଣାଣି କରିବାକୁ ରାଜି ହୋଇଛନ୍ତି ସୁପ୍ରିମ କୋର୍ଟ । ଏହାସହିତ ଉଭୟ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିସନଙ୍କୁ ନୋଟିସ ପଠାଇ ସେମାନଙ୍କ ଠାରୁ ଜବାବ ଲୋଡ଼ିଛନ୍ତି ସର୍ବୋଚ୍ଚ ଅଦାଲତ ।

ସୂଚନାଯୋଗ୍ୟ ଯେ ନିଜର କାର୍ଯ୍ୟକାଳ ମଧ୍ୟରେ ଦେଇଥିବା ମତମନ୍ତବ୍ୟ ଏବଂ କାର୍ଯ୍ୟ ପାଇଁ କମିସନରଙ୍କ ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ ବୋଲି କେନ୍ଦ୍ର ସରକାର ୨୦୨୩ରେ କମିସନ ନିଯୁକ୍ତି ଆଇନରେ ସଂଶୋଧନ କରିଥିଲେ । ମୁଖ୍ୟ ନିର୍ବାଚନ କମିସନର ଏବଂ ଅନ୍ୟ କମିସନରଙ୍କୁ ଏହାଦ୍ୱାରା ମିଳିଥିବା ଆଖିବୁଜା ଆଇନଗତ ସୁରକ୍ଷାକୁ ବିରୋଧୀ ଦଳ ପ୍ରବଳ ବିରୋଧ କରିଥିଲେ । ତେବେ ଏଭଳି ଆଇନଗତ ସୁରକ୍ଷାକୁ ଚାଲେଞ୍ଜ କରି ଏକ ଜନସ୍ୱାର୍ଥ ମାମଲା ଆସିଛି । ୨୦୨୩ର ମୁଖ୍ୟ ନିର୍ବାଚନ କମିସନର ଓ ଅନ୍ୟ ନିର୍ବାଚନ କମିସନର ଆଇନର ଧାରା ୧୬ର ସାମ୍ବିଧାନିକ ବୈଧତାକୁ ଏଥିରେ ପ୍ରଶ୍ନ କରାଯାଇଛି । ଧାରା ୧୬ ଅନୁସାରେ, ମୁଖ୍ୟ ନିର୍ବାଚନ ଆୟୁକ୍ତ ଏବଂ ଅନ୍ୟ ନିର୍ବାଚନ ଆୟୁକ୍ତମାନେ ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ଦେଇଥିବା ବିବୃତି, ଗ୍ରହଣ କରିଥିବା ପଦକ୍ଷେପ କିମ୍ବା ନିଷ୍ପତ୍ତି ପାଇଁ ସେମାନଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ । ସାମାଜିକ କର୍ମୀ ଆଇନଜୀବୀ ଅରୁଣ କୁମାର ଅଗ୍ରୱାଲଙ୍କ ଦ୍ୱାରା ଦାୟର ଏହି ପିଟିସନରେ ଦର୍ଶାଯାଇଛି ଯେ, ଧାରା ୧୬ କୌଣସି ବ୍ୟତିକ୍ରମ ବିନା ଆୟୁକ୍ତମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରୁଛି । ଏହାଦ୍ୱାରା ସାଧାରଣ ନାଗରିକମାନେ ନିର୍ବାଚନ ଆୟୋଗଙ୍କ ବିରୋଧରେ ଆଇନଗତ ପ୍ରତିକାର ବ୍ୟବସ୍ଥାରୁ ବଞ୍ଚିତ ହେଉଛନ୍ତି । ଆୟୋଗର ସ୍ୱାଧୀନତା ରକ୍ଷା କରିବା ଅର୍ଥ ନୁହେଁ ଯେ ଏହାର ସଦସ୍ୟମାନଙ୍କୁ ଆଇନଗତ ଉତ୍ତରଦାୟିତ୍ୱରୁ ସମ୍ପୂର୍ଣ୍ଣ ଛାଡ଼ ପ୍ରଦାନ କରାଯିବ; ତେଣୁ ଏହି ଧାରା ୧୬କୁ ଅସାମ୍ବିଧାନିକ ଘୋଷଣା କରିବାକୁ ଆବେଦନକାରୀ ଦାବି କରିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ପିଟିସନ ଗ୍ରହଣ କରି ନୋଟିସ୍ ଜାରି କରିଛନ୍ତି ।



ଏସ୍‌ଆଇଆର୍ ନାମରେ ଆତଙ୍କ ଖେଳାଅ ନାହିଁ

ମାମଲାର ଶୁଣାଣି ବେଳେ ଏସଆଇଆରକୁ ନେଇ ନିର୍ବାଚନ କମିସନଙ୍କ ଉପରେ ବର୍ଷିଛନ୍ତି । ଏହି ସଂଶୋଧନ ପ୍ରକ୍ରିୟା ଭୋଟରମାନଙ୍କୁ ହଇରାଣ କିମ୍ବା ଭୟଭୀତ କରିବା ପାଇଁ ଉଦ୍ଦିଷ୍ଟ କି ବୋଲି ପ୍ରଶ୍ନ କରିଛନ୍ତି । କୋର୍ଟ କହିଛନ୍ତି ଯେ ଏସଆଇଆର ନାମରେ ଭୋଟରମାନଙ୍କୁ ଆତଙ୍କିତ କରାଯିବା ଉଚିତ ନୁହେଁ । ଦିଲ୍ଲୀରେ ଏବେ କୌଣସି ନିର୍ବାଚନ ନଥିବା ବେଳେ ଏହି ପ୍ରକ୍ରିୟାରେ ଏତେ ତରବର କାହିଁକି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି ।

'ଦୁଇ ସନ୍ତାନ ନିୟମ ନିର୍ବାଚନ ଯୋଗ୍ୟତାର ମାପଦଣ୍ଡ ହେବା ଅନୁଚିତ'

ନୂଆଦିଲ୍ଲୀ, ୪।୧୧(ଏଜେନ୍ସି): ଦୁଇରୁ ଅଧିକ ସନ୍ତାନ ଥିଲେ ନିର୍ବାଚନ ଲଢ଼ିବା ଉପରେ କଟକଣା ଲଗାଉଥିବା ଆଇନର ପ୍ରାସଙ୍ଗିକତା ଏବେ ହ୍ରାସ ପାଇଛି । ଦେଶରେ ପ୍ରଜନନ ହାର କମୁଥିବାରୁ ଏଭଳି ନିୟମର ପୁନର୍ବିଚାର ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏଥିସହ ୨୦୦୩ରେ ହରିୟାଣାର ଦୁଇ ସନ୍ତାନ ନିୟମକୁ ବୈଧ ଦର୍ଶାଇଥିବା ରାୟର ପୁନର୍ବିଚାର ପାଇଁ ମାମଲାକୁ ବୃହତ୍ତର ଖଣ୍ଡପୀଠକୁ ପଠାଇଛନ୍ତି । ବିଚାରପତି ପିଏସ୍ ନରସିଂହ ଓ ଆଲୋକ ଆରାଧେଙ୍କ ଖଣ୍ଡପୀଠ କହିଛନ୍ତି, ୨୦୦୩ରେ ଦେଶର ମୋଟ ପ୍ରଜନନ ହାର ୩ ଥିବାବେଳେ ଏବେ ଏହା ୧.୯କୁ ଖସିଛି । ଜନସଂଖ୍ୟାର ସ୍ଥିରତା ପାଇଁ ୨.୧ ପ୍ରଜନନ ହାର ଆବଶ୍ୟକ । ଏହାଠାରୁ ହାର କମିବା ଦ୍ୱାରା ଆଗାମୀ ଦିନରେ ବୟସ୍କଙ୍କ ସଂଖ୍ୟା ବଢ଼ିବ ଏବଂ କାର୍ଯ୍ୟକ୍ଷମ ବୟସର ଲୋକଙ୍କ ଅନୁପାତ କମିବ । କୋର୍ଟଙ୍କ ମତରେ, କେତେ ସନ୍ତାନ ଅଛନ୍ତି, ତାହା ସାର୍ବଜନୀନ ପଦବୀ ଧାରଣ କରିବାର ଯୋଗ୍ୟତା ନିର୍ଦ୍ଧାରଣ କରିପାରିବ ନାହିଁ । ଏଭଳି କଟକଣା ନାଗରିକଙ୍କ ପ୍ରଜନନ ସ୍ୱାଧୀନତା ଏବଂ ଗଣତାନ୍ତ୍ରିକ ଅଂଶଗ୍ରହଣ ଅଧିକାରକୁ ପ୍ରଭାବିତ କରୁଛି । ଏହା ସମ୍ବିଧାନର ଧାରା ୨୧ରେ ଥିବା ଅଧିକାରର ପରିପନ୍ଥୀ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି । ଏହି ଶୁଣାଣିରେ ମହାରାଷ୍ଟ୍ରର ପୂର୍ବତନ ସରପଞ୍ଚ ମଙ୍ଗଳା ଭୀମରାଓଙ୍କ ଅଯୋଗ୍ୟତା ଆଦେଶକୁ ମଧ୍ୟ ସୁପ୍ରିମକୋର୍ଟ ରଦ୍ଦ କରିଛନ୍ତି । ତୃତୀୟ ସନ୍ତାନ ଜନ୍ମ ହେବାରୁ ତାଙ୍କୁ ପଦରୁ ହଟାଯାଇଥିଲା । ଆସାମ, ଗୋଆ, ଗୁଜରାଟ, ମହାରାଷ୍ଟ୍ର, ଓଡ଼ିଶା ଓ ଉତ୍ତରାଖଣ୍ଡ ସମେତ ୬ଟି ରାଜ୍ୟରେ ଏବେ ବି ଦୁଇ ସନ୍ତାନ ନିୟମ ଲାଗୁ ରହିଛି ।

ଭୋଟର ତାଲିକାରୁ ନାମ କଟିଥିଲେ ମଧ୍ୟ ଆତଙ୍କିତ ହେବାର ନାହିଁ

ନୂଆଦିଲ୍ଲୀ,୪।୧୧(ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାକୁ ନେଇ ଦାଏର ଆବେଦନର ବୁଧବାର ଶୁଣାଣି କରିଛନ୍ତି ସୁପ୍ରିମକୋର୍ଟ । ଚିଠା ଭୋଟର ତାଲିକାରୁ ନାମ ବାଦ୍ ପଡ଼ିଥିବା ଭୋଟରଙ୍କୁ ପୁନଃ ନାମ ଯୋଡ଼ିବା ପାଇଁ ଫର୍ମ-୬ ଦାଖଲ କରିବାକୁ ନିର୍ବାଚନ କମିସନ୍ ଦେଇଥିବା ନିର୍ଦ୍ଦେଶକୁ ଆବେଦନକାରୀମାନେ ଚ୍ୟାଲେଞ୍ଜ କରିଛନ୍ତି । ଏହା ଉପରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଭୋଟରମାନଙ୍କୁ ଆଶ୍ୱସ୍ତ କରି କହିଛନ୍ତି, ନାମ ନଥିବାରୁ କେହି ଭୟଭୀତ ହୁଅନ୍ତୁ ନାହିଁ । ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରୁଛନ୍ତି ।

ଆବେଦନକାରୀଙ୍କ ଯୁକ୍ତି ହେଉଛି, ୨୦୨୬ର ଭୋଟର ତାଲିକାରେ ନାମ ଥିବା ସତ୍ତ୍ୱେ ଏସ୍‌ଆଇଆର୍ ପ୍ରକ୍ରିୟାରେ ନାମ କଟିଯାଇଥିବା ଭୋଟରଙ୍କୁ ନୂଆ ଭୋଟରଙ୍କ ଭଳି ଫର୍ମ-୬ ଦାଖଲ କରିବାକୁ ବାଧ କରାଯାଇପାରିବ ନାହିଁ । ପୂର୍ବ ଶୁଣାଣିରେ ଅଦାଲତ ଏଭଳି ମତ ଦେଇଥିବା ସେମାନେ ଦର୍ଶାଇଛନ୍ତି । ଆବଶ୍ୟକ ହେଲେ ଫର୍ମ ଦାଖଲର ସମୟସୀମା ବଢ଼ାଇବାକୁ ନିର୍ବାଚନ କମିସନ୍‌ଙ୍କୁ କୁହାଯାଇପାରେ ବୋଲି ସିଜେଆଇ କହିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୯ରେ ହେବ । ନଭେମ୍ବର ୩ରେ ନିର୍ବାଚନ କମିସନ୍ ସ୍ପଷ୍ଟ କରିଥିଲେ ଯେ, ଚିଠା ତାଲିକାରେ ନାମ ନଥିବା ବ୍ୟକ୍ତି ଫର୍ମ-୬ ଦାଖଲ କରି ନାମ ସାମିଲ ପାଇଁ ଆବେଦନ କରିପାରିବେ । ପୂର୍ବରୁ ଭୋଟର ଥିବା ବ୍ୟକ୍ତି ଏହି ଫର୍ମ ଦାଖଲ କଲେ ମଧ୍ୟ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ନାହିଁ ବୋଲି କମିସନ୍ କହିଥିଲେ ।

ଅଗ୍ନିବୀରଙ୍କୁ ମିଳିବ ଆଉ ୨ ବର୍ଷ ସୁଯୋଗ

ନୂଆଦିଲ୍ଲୀ,୪।୧୧(ଏଜେନ୍ସି): ଅଗ୍ନିପଥ ଯୋଜନାରେ ବଡ଼ ପରିବର୍ତ୍ତନ କରିଛନ୍ତି କେନ୍ଦ୍ର ସରକାର । ଏଣିକି ଚାରି ବର୍ଷର କାର୍ଯ୍ୟକାଳ ଶେଷ ହେବା ପରେ ସେନାରୁ ବିଦାୟ ନେବାକୁ ଥିବା ଅଗ୍ନିବୀରଙ୍କୁ ଆଉ ଦୁଇ ବର୍ଷ କାର୍ଯ୍ୟ କରିବାର ସୁଯୋଗ ମିଳିବ । ଏହି ଅବଧି ଶେଷରେ ନିର୍ଦ୍ଧାରିତ ଚୟନ ମାନଦଣ୍ଡ ପୂରଣ କରୁଥିବା ଏବଂ ସେନାରେ ରହିବାକୁ ଇଚ୍ଛୁକ ଅଗ୍ନିବୀରଙ୍କୁ ନିୟମିତ ସୈନିକ ଭାବେ ନିଯୁକ୍ତି ଦିଆଯିବ । ବୁଧବାର କେନ୍ଦ୍ର କ୍ୟାବିନେଟ୍ ଏହି ପରିବର୍ତ୍ତନକୁ ଅନୁମୋଦନ କରିଛି । ପ୍ରତିରକ୍ଷା ମୁଖ୍ୟ ଜେନେରାଲ୍ ଏନ୍‌ଏସ୍ ରାଜା ସୁବ୍ରମଣି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ନିଷ୍ପତ୍ତି ଘୋଷଣା କରିଛନ୍ତି । ତାଙ୍କ କହିବା ଅନୁଯାୟୀ, ପୂର୍ବ ବ୍ୟବସ୍ଥାରେ ଚାରି ବର୍ଷ ପରେ ମେଧା ଆଧାରରେ ୨୫ ପ୍ରତିଶତ ଅଗ୍ନିବୀରଙ୍କୁ ନିୟମିତ ସେନାରେ ରଖାଯାଉଥିଲା । ଅବଶିଷ୍ଟ ୭୫ ପ୍ରତିଶତଙ୍କୁ ସେବାରୁ ଅବ୍ୟାହତି ମିଳୁଥିଲା । ନୂଆ ବ୍ୟବସ୍ଥାରେ ଏହି ୭୫ ପ୍ରତିଶତଙ୍କୁ ଆଉ ଦୁଇ ବର୍ଷ କାର୍ଯ୍ୟ କରିବାର ସୁଯୋଗ ଦିଆଯିବ । ପରବର୍ତ୍ତୀ ସମୟରେ ଯୋଗ୍ୟତା ଓ ଇଚ୍ଛା ଆଧାରରେ ସେମାନଙ୍କୁ ନିୟମିତ ସେନାରେ ସାମିଲ କରାଯିବ । ତେବେ ପ୍ରଥମ ଚାରି ବର୍ଷ ପରେ ନିୟମିତ ସେନାରେ ନିଯୁକ୍ତି ପାଉଥିବା ୨୫ ପ୍ରତିଶତ ଅଗ୍ନିବୀରଙ୍କର ବରିଷ୍ଠତା ଅଧିକ ରହିବ । ଅତିରିକ୍ତ ଦୁଇ ବର୍ଷ କାର୍ଯ୍ୟ କରି ପରେ ନିୟମିତ ନିଯୁକ୍ତି ପାଉଥିବା ଅଗ୍ନିବୀରଙ୍କ ତୁଳନାରେ ସେମାନେ ବରିଷ୍ଠ ରହିବେ ବୋଲି ଜେନେରାଲ୍ ସୁବ୍ରମଣି ସ୍ପଷ୍ଟ କରିଛନ୍ତି ।

ବିକ୍ଷୋଭରେ ସାମିଲ ଛାତ୍ରଛାତ୍ରୀଙ୍କୁ ବହିଷ୍କାର କରାଯାଇପାରିବ

ଥିରୁଅନନ୍ତପୁରମ, ୪।୧୧(ଏଜେନ୍ସି): ଶିକ୍ଷାନୁଷ୍ଠାନ ପାଠପଢ଼ା ପାଇଁ, ରାଜନୀତି ପାଇଁ ନୁହେଁ । ଧାରଣା, ଅନଶନ ଓ ସତ୍ୟାଗ୍ରହ ଭଳି କାର୍ଯ୍ୟକଳାପର ସାମ୍ବିଧାନିକ ଗଣତନ୍ତ୍ରରେ ସ୍ଥାନ ନାହିଁ ବୋଲି କେରଳ ହାଇକୋର୍ଟ କହିଛନ୍ତି । ଏଭଳି ଆନ୍ଦୋଳନରେ ସାମିଲ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନରୁ ବହିଷ୍କାର କରାଯାଇପାରିବ ବୋଲି ଅଦାଲତ ମତ ଦେଇଛନ୍ତି । କାଲାଡିସ୍ଥିତ ଶ୍ରୀଶଙ୍କରାଚାର୍ଯ୍ୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ୧୬ ଜଣ ନିଲମ୍ବିତ ଛାତ୍ରଙ୍କ ମାମଲାର ଶୁଣାଣି ବେଳେ ଦୁଇଜଣିଆ ଖଣ୍ଡପୀଠ ଏହି ମତ ଦେଇଛନ୍ତି । ଛାତ୍ରମାନଙ୍କୁ ସେମିଷ୍ଟର ପରୀକ୍ଷା ଦେବାକୁ ଅନୁମତି ଦେଇଥିବା ଜଣିକିଆ ବିଚାରପତିଙ୍କ ଅନ୍ତରୀଣ ଆଦେଶକୁ ଖଣ୍ଡପୀଠ ରଦ୍ଦ କରିଛନ୍ତି । ଅଗଷ୍ଟ ୧୩ରେ କ୍ୟାମ୍ପସ୍‌ରେ ଘଟିଥିବା ଘଟଣାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ ସେପ୍ଟେମ୍ବର ୧ରେ ୧୬ ଛାତ୍ରଙ୍କୁ ନିଲମ୍ବନ କରିଥିଲା । ତଦନ୍ତ ଶେଷ ନହେବା ଯାଏ ସେମାନଙ୍କୁ କ୍ୟାମ୍ପସ୍ ପ୍ରବେଶ ଉପରେ ମଧ୍ୟ କଟକଣା ଲଗାଯାଇଥିଲା । ଛାତ୍ରମାନେ ଉପସ୍ଥାନ ଓ ଆଭ୍ୟନ୍ତରୀଣ ପରୀକ୍ଷା ସମ୍ପର୍କିତ ନିୟମ ପୂରଣ କରିନଥିବା ବିଶ୍ୱବିଦ୍ୟାଳୟ କୋର୍ଟଙ୍କୁ ଜଣାଇଥିଲା । ତେଣୁ ନିୟମ ବାହାରେ ପରୀକ୍ଷା ଦେବାକୁ ଅନୁମତି ଦେବା ଉଚିତ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି । ଅଦାଲତ ୨୦୧୭ ର ଏକ ରାୟ ଏବଂ ସମ୍ବିଧାନ ସଭାରେ ଡ. ବିଆର୍ ଆମ୍ବେଦକରଙ୍କ 'ଅରାଜକତାର ବ୍ୟାକରଣ' ସମ୍ପର୍କିତ ମନ୍ତବ୍ୟକୁ ମଧ୍ୟ ଉଲ୍ଲେଖ କରିଛନ୍ତି ।

ବିଷ୍ଣୋଇ ଗ୍ୟାଙ୍ଗ୍ ନାଁରେ ଆୟୁଷ୍ମାନ ଖୁରାନାଙ୍କୁ ଧମକ, ଟଙ୍କା ଦାବି

ମୁମ୍ବାଇ,୪।୧୧(ଏଜେନ୍ସି): ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନାଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ନାଁରେ ଧମକ ମିଳିଛି । ଏକ ଧମକପୂର୍ଣ୍ଣ ଅଡିଓ ବାର୍ତ୍ତା ମାଧ୍ୟମରେ ଅଭିନେତାଙ୍କୁ କୋଟି କୋଟି ଟଙ୍କା ଦାବି କରାଯାଇଥିବା ମୁମ୍ବାଇ ପୁଲିସ ସୂତ୍ରରୁ ଜଣାପଡ଼ିଛି । ଘଟଣାର ତଦନ୍ତ ଜାରି ରହିଛି । ଏହି ଘଟଣାରେ ବେଙ୍ଗାଲୁରୁର ଜଣେ ସଫ୍ଟୱେର୍ ଇଞ୍ଜିନିୟରଙ୍କୁ ପୁଲିସ ଗିରଫ କରିଛି । ସେ ଅଭିନେତା ଆୟୁଷ୍ମାନ ଖୁରାନା ଏବଂ ତୁଷାର କପୁରଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ନାଁରେ ଧମକ ଦେଇଥିବା ଅଭିଯୋଗ ହୋଇଛି । ପୁଲିସ ନିକଟକୁ ଆସିଥିବା ଅଡିଓର ସ୍ୱରକୁ ପୂର୍ବରୁ ପୁଲିସ ରେକର୍ଡରେ ଥିବା ଜଣେ ଅଭିଯୁକ୍ତଙ୍କ ସ୍ୱର ସହ ମେଳ କରାଯାଉଛି । ନିକଟରେ ତୁଷାର କପୁରଙ୍କୁ ମଧ୍ୟ ହ୍ୟାରି ବକ୍ସର ନାଁରେ ଏଭଳି ଧମକପୂର୍ଣ୍ଣ ଅଡିଓ ମିଳିଥିଲା । ତେବେ ପ୍ରାଥମିକ ତଦନ୍ତରୁ ଉକ୍ତ ଅଡିଓ ନକଲି ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି ।

ପତ୍ନୀଙ୍କ କଟାମୁଣ୍ଡ ଧରି ମନ୍ଦିର ଆଗରେ ବସିଲା ସ୍ୱାମୀ

ଗଙ୍ଗାରାମପୁର,୪।୧୧(ଏଜେନ୍ସି): ପଶ୍ଚିମବଙ୍ଗର ଦକ୍ଷିଣ ଦିନାଜପୁର ଜିଲ୍ଲା ଗଙ୍ଗାରାମପୁରରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି । ପତ୍ନୀଙ୍କୁ ହତ୍ୟା କରିବା ପରେ ତାଙ୍କ କଟାମୁଣ୍ଡ ଧରି ମନ୍ଦିର ବାହାରେ ବସିଥିବା ଅଭିଯୋଗରେ ସ୍ୱାମୀ ରିଣ୍ଟୁ ଘୋଷଙ୍କୁ ପୁଲିସ ଗିରଫ କରିଛି । ମୃତ ମହିଳାଙ୍କ ନାମ ସୀମା ସରକାର । ଉଭୟଙ୍କ ବିବାହକୁ ୧୧ ବର୍ଷ ହୋଇଥିବାବେଳେ ସେମାନଙ୍କର ଦୁଇ ପୁଅ ଅଛନ୍ତି । ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ବୁଧବାର ସକାଳ ପ୍ରାୟ ୭ଟାରେ ଗଙ୍ଗାରାମପୁରର ଚତୁର୍ଥ ୱାର୍ଡ ଅନ୍ତର୍ଗତ ନାରାୟଣପୁରରେ ଏହି ଘଟଣା ଘଟିଥିଲା । ଅଭିଯୁକ୍ତ ମନ୍ଦିର ବାହାରେ ପତ୍ନୀଙ୍କ କଟାମୁଣ୍ଡ ଧରି ବସିଥିବା ଦେଖି ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିଲେ । ଖବର ପାଇ ପୁଲିସ ଓ ସ୍ୱେଚ୍ଛାସେବୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ଅଭିଯୁକ୍ତ ପୂର୍ବରୁ ଉତ୍ତରବଙ୍ଗ ରାଜ୍ୟ ପରିବହନ ନିଗମରେ ବସ୍ କଣ୍ଡକ୍ଟର ଥିଲେ । ପରେ ଚାକିରି ଛାଡ଼ି ଘରେ ଧାର୍ମିକ କର୍ମକାଣ୍ଡ କରୁଥିବା ଏବଂ ତାନ୍ତ୍ରିକ ବେଶ ଧାରଣ କରୁଥିବା କୁହାଯାଉଛି । ଆର୍ଥିକ ସମସ୍ୟାକୁ ନେଇ ଦମ୍ପତିଙ୍କ ମଧ୍ୟରେ ବିବାଦ ଥିଲା । ତେବେ ହତ୍ୟାର ପ୍ରକୃତ କାରଣ ଜାଣିବାକୁ ପୁଲିସ ତଦନ୍ତ କରୁଛି ।

ଆମେରିକା ନିର୍ବାଚନ

ସମଲିଙ୍ଗୀ, କୃଷ୍ଣାଙ୍ଗ, ମୁସଲମାନଙ୍କୁ ସଫଳତା

ୱାସିଂଟନ,୪।୧୧(ଏଜେନ୍ସି): ଆମେରିକାର ୨୦୨୬ ମଧ୍ୟବର୍ତ୍ତୀ ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟି ସିନେଟ୍ ଓ ପ୍ରତିନିଧି ସଭାରେ ନିୟନ୍ତ୍ରଣ ହାସଲ କରି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଝଟ୍‌କା ଦେଇଛି । ଏହାସହ ତିନିଟି ଐତିହାସିକ ସଫଳତା ମଧ୍ୟ ଚର୍ଚ୍ଚାକୁ ଆସିଛି । କ୍ରିସ୍ ପାପାସ୍ ପ୍ରଥମ ଖୋଲାଖୋଲି ସମଲିଙ୍ଗୀ ପୁରୁଷ ଭାବେ ସିନେଟ୍‌କୁ ନିର୍ବାଚିତ ହୋଇଛନ୍ତି । ଜର୍ଜିଆରେ କେଇଶା ଲାନ୍ସ ବଟମ୍ସ ଆମେରିକାର ପ୍ରଥମ କୃଷ୍ଣାଙ୍ଗ ମହିଳା ରାଜ୍ୟପାଳ ହୋଇଛନ୍ତି । ସେହିପରି ମିଚିଗାନ୍‌ରୁ ଅବଦୁଲ୍ ଏଲ୍-ସୟଦ ପ୍ରଥମ ମୁସଲମାନ ସିନେଟର ଭାବେ ବିଜୟୀ ହୋଇଛନ୍ତି । ନ୍ୟୁ ହାମ୍ପସାୟରରୁ ବିଜୟୀ ହୋଇଥିବା ୪୬ ବର୍ଷୀୟ ପାପାସ୍ ପୂର୍ବରୁ ଏହି ରାଜ୍ୟର ପ୍ରଥମ ଖୋଲାଖୋଲି ଏଲ୍‌ଜିବିଟିକ୍ୟୁ ସାଂସଦ ଥିଲେ । ଜର୍ଜିଆର ପୂର୍ବତନ ଆଟଲାଣ୍ଟା ମେୟର ବଟମ୍ସ ୨୦ ବର୍ଷରୁ ଅଧିକ ସମୟ ପରେ ରାଜ୍ୟରେ ଡେମୋକ୍ରାଟିକ୍ ପାର୍ଟିକୁ ବିଜୟ ଦେଇଛନ୍ତି । ୪୨ ବର୍ଷୀୟ ଏଲ୍-ସୟଦ ପେସାରେ ଜଣେ ମହାମାରୀ ବିଶେଷଜ୍ଞ । ସେ ମିଚିଗାନ୍‌ରେ ରିପବ୍ଲିକାନ୍ ପ୍ରାର୍ଥୀ ମାଇକ୍ ରୋଜର୍ସଙ୍କୁ ପରାସ୍ତ କରିଛନ୍ତି । ତାଙ୍କ ପ୍ରଚାରରେ ସ୍ୱାସ୍ଥ୍ୟସେବାକୁ ସୁଲଭ କରିବା ଓ ଜୀବନଧାରଣ ଖର୍ଚ୍ଚ କମାଇବା ଉପରେ ଗୁରୁତ୍ୱ ରହିଥିଲା ।



ଆମେରିକା ରାଜନୀତିରେ ନୂଆ ଇତିହାସ ରଚିଛନ୍ତି ଡେମୋକ୍ରାଟିକ୍ ପାର୍ଟିର ନେତା ଅବଦୁଲ୍ ଏଲ୍-ସୟଦ । ମିଚିଗାନ୍‌ରୁ ଆମେରିକା ସିନେଟ୍ ନିର୍ବାଚନରେ ବିଜୟୀ ହୋଇ ସେ ଦେଶର ପ୍ରଥମ ମୁସଲିମ୍ ସିନେଟର ହେବାକୁ ଯାଉଛନ୍ତି । ୪୨ ବର୍ଷୀୟ ଏଲ୍-ସୟଦ ନଭେମ୍ବର ୩ରେ ଅନୁଷ୍ଠିତ ନିର୍ବାଚନରେ ରିପବ୍ଲିକାନ୍ ପ୍ରାର୍ଥୀ ମାଇକ୍ ରୋଜର୍ସଙ୍କୁ ପରାସ୍ତ କରିଛନ୍ତି । ୨୦୨୭ ଜାନୁଆରିରେ ନୂଆ ସିନେଟ୍‌ର କାର୍ଯ୍ୟକାଳ ଆରମ୍ଭ ହେଲେ ସେ ଦାୟିତ୍ୱ ଗ୍ରହଣ କରିବେ । ନିର୍ବାଚନ ପ୍ରଚାର ସମୟରେ ତାଙ୍କ ଧର୍ମୀୟ ପରିଚୟକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମେତ ରିପବ୍ଲିକାନ୍ ନେତାମାନେ ସମାଲୋଚନା କରିଥିଲେ । ଟ୍ରମ୍ପ ତାଙ୍କୁ 'ଜିହାଦୀ' ବୋଲି କହିଥିବା ଅଭିଯୋଗ ହୋଇଥିଲା । ଏହାକୁ ଏଲ୍-ସୟଦ ବିରୋଧ କରିଥିଲେ । ପେସାରେ ଡାକ୍ତର ଥିବା ଏଲ୍-ସୟଦ ନିର୍ବାଚନରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା, ଶସ୍ତା ଘର, ଜୀବନଧାରଣ ଖର୍ଚ୍ଚ ହ୍ରାସ ଏବଂ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱ ଦେଇଥିଲେ । ତାଙ୍କ ବିଜୟ ଆମେରିକା ରାଜନୀତିରେ ମୁସଲିମ୍ ପ୍ରତିନିଧିତ୍ୱ ସହ ଡେମୋକ୍ରାଟିକ୍ ଦଳର ପ୍ରଗତିଶୀଳ ଗୋଷ୍ଠୀକୁ ମଧ୍ୟ ଶକ୍ତିଶାଳୀ କରିଛି ।

ମଣିପୁରରେ ନାଗା ଉଗ୍ରବାଦୀ ଗୋଷ୍ଠୀ ସଂଘର୍ଷ; ୩ ମୃତ

ଇମ୍ଫାଲ,୪।୧୧(ଏଜେନ୍ସି): ମଣିପୁରର ନୋନି ଜିଲ୍ଲାରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ନାଗା ଉଗ୍ରବାଦୀ ଗୋଷ୍ଠୀ ମଧ୍ୟରେ ବୁଧବାର ଭୋର ପ୍ରାୟ ୪ଟାରେ ଗୁଳିବିନିମୟ ଘଟିଛି । ଏଥିରେ ଅତିକମ୍‌ରେ ୩ ଜଣଙ୍କ ମୃତଦେହ ଗ୍ରାମବାସୀ ଉଦ୍ଧାର କରିଥିବା ବେଳେ ଅନ୍ୟ କେତେକଙ୍କ ମୃତ୍ୟୁ ଆଶଙ୍କା କରାଯାଉଛି । ଖୌପୁମ୍ ଅଞ୍ଚଳର ତାଓଦାଇଜାଙ୍ଗ ଗ୍ରାମରେ ଏହି ଘଟଣା ଘଟିଛି । ଜେଲିଆଙ୍ଗରୋଙ୍ଗ ୟୁନାଇଟେଡ୍ ଫ୍ରଣ୍ଟ (ଜେଡୟୁଏଫ୍) ଏବଂ ଏହାର ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀ ମଧ୍ୟରେ ଏହି ସଂଘର୍ଷ ହୋଇଥିବା ସନ୍ଦେହ କରାଯାଉଛି । ମୃତକଙ୍କ ପରିଚୟ ଏଯାଏ ସ୍ପଷ୍ଟ ହୋଇନାହିଁ । ଗୁଳିଚାଳନା ପରେ ମହିଳାଙ୍କ ସମେତ ବହୁ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀକୁ ଗୁଳି ଚଳାଇବା ବନ୍ଦ କରିବାକୁ ମାଇକ୍ ଯୋଗେ ନିବେଦନ କରିଥିଲେ । ଭୟଭୀତ ଲୋକେ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି । ଅନ୍ୟପକ୍ଷରେ ରୋଙ୍ଗମେଇ ନାଗା ଲୁ ଫୁଆମ୍ ସଂଗଠନ ଉଭୟ ଗୋଷ୍ଠୀକୁ ସଂଘର୍ଷ ବନ୍ଦ କରି ଶାନ୍ତି ବଜାୟ ରଖିବାକୁ ଅପିଲ୍ କରିଛି । ପୁଲିସ ଓ ସୁରକ୍ଷାକର୍ମୀ ଘଟଣାସ୍ଥଳରେ ପହଞ୍ଚି ମୃତାହତଙ୍କ ସଂଖ୍ୟା ଏବଂ ପରିଚୟ ସ୍ପଷ୍ଟ କରିବା ସହ ତଦନ୍ତ କରିବେ ।



ହର୍ମୁଜ୍‌ରେ ଭାରତୀୟ ଜାହାଜକୁ ଅନୁମତି ଦେଲା ଇରାନ

ନୂଆଦିଲ୍ଲୀ,୪।୧୧(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଜାରି ରହିଥିବାବେଳେ ଭାରତୀୟ ଜାହାଜଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀ ଦେଇ ମାଗଣାରେ ଯାତାୟାତ କରିବାକୁ ଅନୁମତି ଦେଇଛି ଇରାନ । ଭାରତ ସମେତ ଚୀନ୍, ଇରାକ୍ ଓ କତାରର ଜାହାଜ ଉପରୁ ଗମନାଗମନ କଟକଣା ହଟାଇଥିବା ଇରାନର ଜଣେ ବରିଷ୍ଠ ସାଂସଦ କହିଛନ୍ତି । ଏହି ନିଷ୍ପତ୍ତି ଦ୍ୱାରା ଭାରତର ସାମୁଦ୍ରିକ ବାଣିଜ୍ୟ ଓ ଶକ୍ତି ଆମଦାନି କ୍ଷେତ୍ରରେ କିଛିଟା ଆଶ୍ୱସ୍ତି ମିଳିବା ଆଶା କରାଯାଉଛି ।

ଇରାନ ସଂସଦର ଜାତୀୟ ସୁରକ୍ଷା ଓ ବୈଦେଶିକ ନୀତି କମିଟିର ଉପାଧ୍ୟକ୍ଷ ଅମିର ହୟାତ୍ ମୋକାଦ୍ଦମ୍ ମଙ୍ଗଳବାର ଏକ ସାକ୍ଷାତ୍‌କାରରେ ଏହି ସୂଚନା ଦେଇଛନ୍ତି । ତାଙ୍କ କହିବା ଅନୁଯାୟୀ, ଏହି ଚାରି ଦେଶର ଜାହାଜ ହର୍ମୁଜ୍ ପ୍ରଣାଳୀ ଦେଇ ବିନା କଟକଣାରେ ଯାତାୟାତ କରୁଛି । ଆମେରିକା ମଧ୍ୟ ସେଗୁଡ଼ିକୁ ଅଟକାଉନାହିଁ । ସ୍ଥାନୀୟ ଗଣମାଧ୍ୟମ ଅନୁସାରେ, ଇରାନର ଏହି ନିଷ୍ପତ୍ତି ପଛରେ ଆର୍ଥିକ ଓ କୂଟନୈତିକ ସ୍ୱାର୍ଥ ରହିଛି । ଅନ୍ତର୍ଜାତୀୟ କଟକଣା ଓ ଯୁଦ୍ଧ ପରିସ୍ଥିତି ଯୋଗୁଁ ଇରାନ ଆବଶ୍ୟକ ଔଷଧ ଏବଂ ଚିକିତ୍ସା ସାମଗ୍ରୀ ଆମଦାନିରେ ସମସ୍ୟାର ସମ୍ମୁଖୀନ ହେଉଛି । ଭାରତର ବୃହତ୍ ଔଷଧ ଶିଳ୍ପ ଇରାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଣ ଉତ୍ସ ହୋଇପାରେ । ତେଣୁ ଭାରତୀୟ ଜାହାଜକୁ ଅନୁମତି ଦେବା ଦ୍ୱାରା ଔଷଧ ଓ ଅନ୍ୟ ଆବଶ୍ୟକ ସାମଗ୍ରୀ ଆମଦାନି ସହଜ ହେବ । ସେହିପରି ଚୀନ୍‌ର ସମର୍ଥନ ହାସଲ କରିବା ମଧ୍ୟ ଏହି ନିଷ୍ପତ୍ତିର ଅନ୍ୟ ଏକ ଉଦ୍ଦେଶ୍ୟ ବୋଲି ମୋକାଦ୍ଦମ୍ କହିଛନ୍ତି । ବାଣିଜ୍ୟ ଓ ଶକ୍ତି କ୍ଷେତ୍ରରେ ଚୀନ୍ ଇରାନର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ।

ଚୀନ, ଇରାକ, କତାର ଜାହାଜ ଉପରୁ ବି କଟକଣା ହଟିଲା

ଇରାନ ଓ ଓମାନ ମଧ୍ୟରେ ଥିବା ହର୍ମୁଜ୍ ପ୍ରଣାଳୀ ପାରସ୍ୟ ଉପସାଗରକୁ ଓମାନ ଉପସାଗର ଓ ଆରବ ସାଗର ସହ ଯୋଡ଼ିଛି । ବିଶ୍ୱର ଅନ୍ୟତମ ପ୍ରମୁଖ ତୈଳ ଓ ଗ୍ୟାସ୍ ପରିବହନ ମାର୍ଗ ଭାବେ ଏହାର ବିଶେଷ ଗୁରୁତ୍ୱ ରହିଛି । ଭାରତର ଅଶୋଧିତ ତୈଳ ଆମଦାନିର ପ୍ରାୟ ୪୫ ପ୍ରତିଶତ ଏବଂ ଆମଦାନି ହେଉଥିବା ରନ୍ଧନ ଗ୍ୟାସ୍‌ର ପ୍ରାୟ ୯୦ ପ୍ରତିଶତ ଏହି ଜଳପଥ ଦେଇ ଆସୁଥିଲା । ଏହାବ୍ୟତୀତ ଭାରତର ତରଳ ପ୍ରାକୃତିକ ଗ୍ୟାସ୍ ଆମଦାନିର ଏକ ବଡ଼ ଅଂଶ ମଧ୍ୟ ଏହି ମାର୍ଗ ଉପରେ ନିର୍ଭରଶୀଳ । ୨୦୨୬ ଫେବ୍ରୁଆରି ୨୮ରେ ଆମେରିକା ଓ ଇସ୍ରାଏଲ୍ ଇରାନ ବିରୋଧରେ ସାମରିକ ଅଭିଯାନ ଆରମ୍ଭ କରିବା ପରେ ଏହି ଅଞ୍ଚଳରେ ସଂଘର୍ଷ ବଢ଼ିଥିଲା । ଏପ୍ରିଲ୍‌ରେ ଅସ୍ତ୍ରବିରତି ହୋଇଥିଲେ ମଧ୍ୟ ଜୁଲାଇରେ ପୁଣି ଉତ୍ତେଜନା ବଢ଼ିଥିଲା । ଏଭଳି ସ୍ଥିତିରେ ଭାରତୀୟ ଜାହାଜକୁ ମିଳିଥିବା ଏହି ଅନୁମତି ଦେଶର ବାଣିଜ୍ୟିକ ଓ ଶକ୍ତି ସୁରକ୍ଷା ପାଇଁ ଗୁରୁତ୍ୱ ବହନ କରୁଛି ।

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-131 ♦THURSDAY ♦5 NOVEMBER 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୧୩୧ ♦ଗୁରୁବାର ♦୫ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦



ନଭେମ୍ବର ୨୪ରୁ କଟକ ବାଲିଯାତ୍ରା

■ ଭୁବନେଶ୍ୱର,୪।୧୧(ସମିସ): ଚଳିତ ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ କଟକରେ ଆୟୋଜିତ ହେବାକୁ ଯାଉଛି ଐତିହାସିକ ବାଲିଯାତ୍ରା ମହୋତ୍ସବ। ଆୟୋଜନ ପାଇଁ ସରକାରଙ୍କ ତରଫରୁ ୧୦ କୋଟି ଟଙ୍କା ଅର୍ଥରାଶି ପ୍ରଦାନ ପାଇଁ ପ୍ରସ୍ତାବ ରହିବା ସହ ବାଲିଯାତ୍ରାକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ଓଡ଼ିଶା ରୁରାଲ ଡେଭଲପ୍‌ମେଣ୍ଟ ଆଣ୍ଡ ମାର୍କେଟିଙ୍ଗ ସୋସାଇଟି (ଓର୍‌ମାସ୍) ତରଫରୁ ୫୦୦ଟି ଷ୍ଟଲ୍ ରହିବା ସହ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପକୁ ବାଲିଯାତ୍ରା ପଡ଼ିଆର ପ୍ରମୁଖ ସ୍ଥାନମାନଙ୍କରେ ପ୍ରଦର୍ଶିତ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଦୁଇଟି ମଞ୍ଚ ରହିବ। ଚଳିତ ବର୍ଷ ବାଲିଯାତ୍ରାକୁ ବାଲି ଦେଶରୁ ଏକ ପ୍ରତିନିଧିମଣ୍ଡଳୀ ଆସିବାର ମଧ୍ୟ ଯୋଜନା ରହିଛି। ଏଥିସହ କଟକ-ଇନ୍-କଟକରେ ବାଲି ଓ ପ୍ରାଚୀନ କଳିଙ୍ଗ ରାଜ୍ୟ ମଧ୍ୟରେ ରହିଥିବା ସାଂସ୍କୃତିକ ସାମଞ୍ଜସ୍ୟକୁ ପ୍ରଦର୍ଶିତ କରାଯିବ। ବାଲି ଓ କଳିଙ୍ଗ ମଧ୍ୟରେ ରହିଥିବା ଭାଷା, ଖାଦ୍ୟ, ବସ୍ତ୍ର, ତାଳପତ୍ର ଓ ଲୋଣ୍ଡାର ମଧ୍ୟରେ ରହିଥିବା ▶ପୃଷ୍ଠା-୭

- ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ
- ରାଜ୍ୟ ସରକାର ଦେବେ ୧୦ କୋଟି
- ଓର୍‌ମାସ୍ ତରଫରୁ ବସିବ ୫୦୦ ଷ୍ଟଲ୍
- ବାଲି ଦେଶରୁ ଆସିବେ ପ୍ରତିନିଧିମଣ୍ଡଳୀ

କୋଟିଆରେ ଏକଜୁଟ୍ ହେଲେ ସବୁ ଦଳ

ପଛଘୁଞ୍ଚା ଦେଲା ଆନ୍ଧ୍ର



- ଆଜି ଭୋଟ୍: ଓଡ଼ିଶାରୁ ଦୁଇ ବୁଥ୍ ହଟାଇନେଲା ଆନ୍ଧ୍ର
- ଆନ୍ଧ୍ରର ପୁଲିସ ପୋଷ୍ଟକୁ ହଟାଇଲେ ଓଡ଼ିଶା ପୁଲିସ
- ୧୪ ପ୍ଲାଟୁନ ଫୋର୍ସ ମୁତୟନ କଲା ଓଡ଼ିଶା

■ ଜୟପୁର/ପଟାଙ୍ଗି, ୪।୧୧ (ସମିସ): କୋଟିଆରେ ଆନ୍ଧ୍ର ପକ୍ଷରୁ ପଞ୍ଚାୟତ ନିର୍ବାଚନ ଆୟୋଜନକୁ ନେଇ ଉତ୍ତେଜନା ଲାଗି ରହିଛି। ଗତକାଲି ଓଡ଼ିଶା ପୁଲିସର ବ୍ୟାରିକେଡ୍ ଭାଙ୍ଗି ଆନ୍ଧ୍ର ପ୍ରଶାସନ ଭିତରକୁ ପ୍ରବେଶ କରିବା ପରେ ଆଜି ଓଡ଼ିଶାର ବିଭିନ୍ନ ରାଜନୈତିକ ଦଳର ନେତାମାନେ ଏକଜୁଟ ହୋଇ ପ୍ରଶାସନକୁ ସମର୍ଥନ ଜଣାଇଛନ୍ତି। ଫଳରେ ଆନ୍ଧ୍ର ପ୍ରଶାସନ ପଛଘୁଞ୍ଚା ଦେଇଛି। ଓଡ଼ିଶାର ଫଗୁସିନେରା ଓ ଉପରସେମ୍ବ୍ରା ଅଞ୍ଚଳରେ ଥିବା ଦୁଇଟି ନିର୍ବାଚନ ବୁଥ୍‌କୁ ଆନ୍ଧ୍ର ନିଜ ସୀମାନ୍ତବର୍ତ୍ତୀ ସାରକୀ ଓ ତନମ ଗ୍ରାମକୁ ସ୍ଥାନାନ୍ତର କରିଛି। ବୁଧବାର ପୂର୍ବାହ୍ନରେ ଉପରସେମ୍ବ୍ରା ଗ୍ରାମରେ ଆନ୍ଧ୍ରର ଅସ୍ଥାୟୀ ପୁଲିସ ପୋଷ୍ଟ ହଟାଇବାକୁ ଓଡ଼ିଶାର ସର୍ବଦଳୀୟ ନେତାମାନେ ଦାବି କରିଥିଲେ। ଏହାକୁ ନେଇ ▶ପୃଷ୍ଠା-୭

ମୋହନଙ୍କୁ ଚିଠି ଲେଖିଲେ ନବୀନ

କେନ୍ଦ୍ର ଓ ଆନ୍ଧ୍ର ସହ ହେଉ ଉଚ୍ଚସ୍ତରୀୟ ଆଲୋଚନା

ଓଡ଼ିଶାର ଭୌଗୋଳିକ ଅଖଣ୍ଡତାର ସୁରକ୍ଷା କରନ୍ତୁ ମୁଖ୍ୟମନ୍ତ୍ରୀ

ପାଳନ କରନ୍ତୁ ୨୦୨୪ରେ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି



■ ଭୁବନେଶ୍ୱର,୪।୧୧(ସମିସ): କୋଟିଆରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବା ବେଳେ ମଙ୍ଗଳବାର ଓଡ଼ିଶାର ବ୍ୟାରିକେଡକୁ ଆନ୍ଧ୍ର ପୁଲିସ ଓ ସମର୍ଥକମାନେ ଭାଙ୍ଗି ଦେଇଛନ୍ତି। କୋଟିଆର ସ୍ଥିତି ବର୍ତ୍ତମାନ ବେଶ୍ ସଂଗୀନ ରହିଥିବା ବେଳେ ଯେନେତେନ ପ୍ରକାରେ ସେଠାରେ ଆନ୍ଧ୍ର ଭୋଟ କରିବାକୁ ପ୍ରୟାସ କରୁଛି। ଏପରି ସ୍ଥିତିରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ୨୦୨୪ରେ ତାଙ୍କ ଦଳ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ସ୍ମରଣ କରାଇ ଦେଇଛନ୍ତି। ଓଡ଼ିଶାର ଭୌଗୋଳିକ ଅଖଣ୍ଡତାର ସୁରକ୍ଷା କରିବା ସହିତ ଆନ୍ଧ୍ର ଓ କେନ୍ଦ୍ର ସରକାରଙ୍କ ସହ ଉଚ୍ଚସ୍ତରରେ ଆଲୋଚନା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଛନ୍ତି ନବୀନ ପଟ୍ଟନାୟକ। କୋଟିଆ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଏହା ▶ପୃଷ୍ଠା-୭

ଟ୍ରମ୍ପଙ୍କୁ ବାଲଟ୍ ଝଟ୍‌କା

ମଧ୍ୟବର୍ତ୍ତୀ ନିର୍ବାଚନରେ ରିପବ୍ଲିକାନ ପାର୍ଟି ପରାଜିତ

■ ୱାଶିଂଟନ,୪।୧୧(ଏଜେନ୍ସି): ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିକୁ ବଡ଼ ଝଟ୍‌କା ଲାଗିଛି। ଉଭୟ ସଦନରେ ଡେମୋକ୍ରାଟିକ୍ ପାର୍ଟି ବହୁମତ ହାସଲ କରିଛି। ପ୍ରତିନିଧି ସଭାରେ ୨୧୮ ଆସନର ବହୁମତ ସଂଖ୍ୟା ଅତିକ୍ରମ କରି ଡେମୋକ୍ରାଟ୍‌ମାନେ ୨୨୮ଟି ଆସନ ଜିତିଛନ୍ତି। ସେହିଭଳି ସିନେଟ୍‌ରେ ମଧ୍ୟ ଡେମୋକ୍ରାଟ୍ ସଂଖ୍ୟାଗରିଷ୍ଠତା ହାସଲ କରିବା ସହିତ ନିଜର ସ୍ଥିତି ମଜବୁତ କରିଛନ୍ତି। ଟ୍ରମ୍ପଙ୍କ କାର୍ଯ୍ୟକାଳ ଆଉ ଦୁଇ ବର୍ଷ ଥିବା ବେଳେ ସଂସଦ ବା କଂଗ୍ରେସରେ ତାଙ୍କ ଦଳର ସଂଖ୍ୟାଗରିଷ୍ଠତା ହରାଇବା ଘଟଣା ତାଙ୍କ ପାଇଁ ସଙ୍କଟ ଆଣିଦେଇଛି। ଅନେକ ବିଲ ଓ ଆଇନ ପାସ୍ କରାଇବାରେ ଟ୍ରମ୍ପଙ୍କୁ ଜଟିଳ ପରିସ୍ଥିତି ଦେଇ ଗତି କରିବାକୁ ପଡ଼ିବ। ତେବେ ପରାଜୟ ସ୍ୱୀକାର କରିବା



ଉଭୟ ସଦନରେ ଡେମୋକ୍ରାଟ୍‌କୁ ବହୁମତ

ସହିତ ଡେମୋକ୍ରାଟ ପାର୍ଟି ସହିତ ମିଶି କାମ କରିବେ ବୋଲି କହିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ।

ଆମେରିକାର ପ୍ରତିନିଧି ସଭାରେ ମୋଟ ୪୩୫ଟି ଆସନ ରହିଛି। ଏହି ସମସ୍ତ ଆସନ ପାଇଁ ନିର୍ବାଚନ ହୋଇଥିଲା। ଡେମୋକ୍ରାଟିକ୍ ପାର୍ଟି ୨୨୮ଟି ଆସନ ଜିତିଥିବା ବେଳେ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟି ୧୩୯ଟି ଆସନ ହାସଲ କରିଛି। ସେହିଭଳି ଆମେରିକାର ଉଚ୍ଚ ସଦନ ସିନେଟ୍‌ରେ ମୋଟ ୧୦୦ଟି ଆସନ ରହିଛି। ଏଥର ୩୫ଟି ଆସନ ପାଇଁ ମଧ୍ୟବର୍ତ୍ତୀ ନିର୍ବାଚନ ହୋଇଥିଲା। ହସ୍ତଗତ ଫଳାଫଳ ଅନୁଯାୟୀ, ୩୩ଟି ଆସନର ଗଣତି ଶେଷ ହୋଇଛି। ଡେମୋକ୍ରାଟ୍‌ମାନେ ୨୦ଟି ଓ ରିପବ୍ଲିକାନ୍‌ମାନେ ୧୩ଟି ଆସନ ଜିତିଛନ୍ତି। ଅନ୍ୟ ଦୁଇଟି ଆସନର ଗଣତି ଜାରି ରହିଛି। ମୋଟ ସଦସ୍ୟ ସଂଖ୍ୟାକୁ ମିଶାଇ ଡେମୋକ୍ରାଟ୍‌ଙ୍କ ଆସନ ୫୪ରେ ପହଞ୍ଚିଥିବା ବେଳେ ରିପବ୍ଲିକାନ୍‌ଙ୍କ ଆସନ ୪୪କୁ ଖସି ଆସିଛି।

ଟ୍ରମ୍ପଙ୍କକ ପାର୍ଟି ଏହାର ପାରମ୍ପରିକ ଗଡ଼ରେ ମଧ୍ୟ ମାଟି କାମୁଡ଼ିଛି। ଯେଉଁ ରାଜ୍ୟରେ ଦଶନ୍ଧୀ ଦଶନ୍ଧୀ ଧରି ରପବ୍ଲିକାନର ରାଜ ଥିଲା, ସେଠାରେ ପାର୍ଟିକୁ ଭୋଟର ପ୍ରତ୍ୟାଖ୍ୟାନ କରିଛନ୍ତି। କନସାସ, ଟେକ୍ସାସ ଏବଂ କାରୋଲିନାକୁ ରପବ୍ଲିକାନ ହାତରୁ ଛଡ଼ାଇନେଇଛନ୍ତି ଡେମୋକ୍ରାଟ ପ୍ରାର୍ଥୀ। କନସାସ ୯୪ ବର୍ଷଧରି ରିପବ୍ଲିକାନ ହାତରେ ଥିଲା, କିନ୍ତୁ ଏଥର ସେଠାରେ ଡେମୋକ୍ରାଟ ପ୍ରାର୍ଥୀଙ୍କ ବାଜିମାତ ହୋଇଛି। ଲୋୱା, ଓହିଓ, ମାଏନେ ଏବଂ ନର୍ଥ କାରୋଲିନା ମଧ୍ୟ ଡେମୋକ୍ରାଟ ହାତକୁ ଚାଲିଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଓହିଓ ଗଭର୍ଣ୍ଣର ପଦ ଦୌଡ଼ରେ ଥିବା ବିବେକ ରାମସ୍ୱାମୀ ମଧ୍ୟ ହାରିଯାଇଛନ୍ତି। ତାଙ୍କୁ ଜିତାଇବା ଲାଗି ଟ୍ରମ୍ପ ଜୋରଦାର ପ୍ରଚାର କରିଥିଲେ।

ଦରଦାମ ବୃଦ୍ଧି ଓ ଇରାନ ସହ ଯୁଦ୍ଧକୁ ନେଇ ଦେଶବାସୀ ଅସନ୍ତୁଷ୍ଟ ଥିଲେ। ଏହାସହିତ ଅସ୍ଥିର ଆଚରଣ ପାଇଁ ଟ୍ରମ୍ପଙ୍କ ଲୋକପ୍ରିୟତା ମଧ୍ୟ ହ୍ରାସ ପାଇବାରେ ଲାଗିଛି। ▶ପୃଷ୍ଠା-୭

'ଅର୍ଣ୍ଣବ' କ୍ଷତିଗ୍ରସ୍ତ ୨ ଜିଲ୍ଲା ପାଇଁ ୧୦୭ କୋଟି ମଞ୍ଜୁର

■ ଭୁବନେଶ୍ୱର, ୪।୧୧ (ସମିସ): ବାତ୍ୟା 'ଅର୍ଣ୍ଣବ' ଦ୍ୱାରା କ୍ଷତିଗ୍ରସ୍ତ ପରିବାରଙ୍କୁ ନଗଦ ଅନୁଗ୍ରହ ସହାୟତା ପ୍ରଦାନ ପାଇଁ ରାଜ୍ୟ ସରକାର ଗଞ୍ଜାମ ଓ କୋରାପୁଟ ଜିଲ୍ଲାକୁ ପ୍ରାୟ ୧୦୭ କୋଟି ୭୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷିତ ପ୍ୟାକେଜ୍ ଅନୁଯାୟୀ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍)ରୁ ଏହି ଅର୍ଥ ଯୋଗାଇ ଦିଆଯାଇଛି। ମଞ୍ଜୁର ଅର୍ଥ ମଧ୍ୟରୁ ଗଞ୍ଜାମ ଜିଲ୍ଲା ପାଇଁ ୧୦୭ କୋଟି ୪୪ ଲକ୍ଷ ୫୫ ହଜାର ଟଙ୍କା ଏବଂ କୋରାପୁଟ ଜିଲ୍ଲା ପାଇଁ ୨୬ ଲକ୍ଷ ୨୭ ହଜାର ୫୦୦ ଟଙ୍କା ଆବଣ୍ଟନ କରାଯାଇଛି। ଗଞ୍ଜାମ ଜିଲ୍ଲାର ବାତ୍ୟା ପ୍ରଭାବିତ ୪ ଲକ୍ଷ ୨୯ ହଜାର ୭୮୨ଟି ପରିବାରକୁ ପରିବାର ପିଛା ୨,୫୦୦ ଟଙ୍କା ହାରରେ ନଗଦ ସହାୟତା ମିଳିବ। ସେହିପରି କୋରାପୁଟ ▶ପୃଷ୍ଠା-୭

ଗଞ୍ଜାମର ୪.୨୯ ଲକ୍ଷ, କୋରାପୁଟର ୧,୦୫୧ ପରିବାର ପାଇବେ ନଗଦ ସହାୟତା

ପାହାଡ଼ ତଳୁ ହଟିବ ଗାଁ

■ ଭୁବନେଶ୍ୱର,୪।୧୧(ସମିସ): ଭୂସ୍ଖଳନ ଜନିତ ମୃତାହତ ରୋକିବାକୁ ସରକାର ନୂଆ ଯୋଜନା ପ୍ରସ୍ତୁତ କରୁଛନ୍ତି। ଖୁବ୍‌ଶୀଘ୍ର ପାହାଡ଼ ଉପରେ ଏବଂ ତଳେ ଥିବା ଲୋକଙ୍କୁ ସ୍ଥାନାନ୍ତରିତ କରାଯିବାକୁ ଯୋଜନା ହେଉଛି। ଭୂସ୍ଖଳନ ସମ୍ଭାବନା ଥିବା ଅଞ୍ଚଳରେ ରହୁଥିବା ଲୋକଙ୍କୁ ଚିହ୍ନଟ ପାଇଁ ସର୍ଭେ ଆରମ୍ଭ ହୋଇଛି। ସମସ୍ୟାର ସମାଧାନ ପାଇଁ ଉତ୍ତର-ପୂର୍ବ ରାଜ୍ୟକୁ ଅଧିକାରୀ ଟିମ୍ ଯାଇଥିଲେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଗିଡ଼ିପାବାଲି ଭୂସ୍ଖଳନ ପରେ ରାଜ୍ୟ ସରକାର ଏଭଳି ଯୋଜନାକୁ ▶ପୃଷ୍ଠା-୭

ବନ୍ୟାରେ ନିଖୋଜ ଥିବା ୨ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

■ ପାତ୍ରପୁର, ୪।୧୧(ସମିସ): ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ସୀମାନ୍ତ ଅଞ୍ଚଳରେ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ପ୍ରବଳ ବର୍ଷା ଫଳରେ ଅନେକ ଗ୍ରାମ ଜଳବନ୍ଦୀ ହୋଇପଡ଼ିଥିବା ବେଳେ ବିଭିନ୍ନ ସ୍ଥାନରେ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହି ବନ୍ୟା ପରିସ୍ଥିତି ସମୟରେ ନିଖୋଜ ହୋଇଥିବା ଦୁଇଜଣ ବ୍ୟକ୍ତିଙ୍କ ମୃତଦେହ ବୁଧବାର ଉଦ୍ଧାର କରାଯାଇଛି। ମୃତକ ଦୁଇଜଣ ହେଲେ ଜରଡ଼ା ଥାନା ଅନ୍ତର୍ଗତ ଶବରଦେଇପେଟା ଗ୍ରାମର ପି. କୁରେଶୁ (୪୫) ଏବଂ ବରଙ୍ଗ ଗ୍ରାମର ଏ. ନିମ୍ମାୟା (୫୪)। ଉଭୟେ ବନ୍ୟା ପରିସ୍ଥିତି ସମୟରେ ନିଖୋଜ ହୋଇଯାଇଥିବାରୁ ପରିବାର ଲୋକେ ଓ ଗ୍ରାମବାସୀ ଦୀର୍ଘଦିନ ଧରି ସେମାନଙ୍କୁ ଖୋଜାଖୋଜି କରୁଥିଲେ। ତେବେ ବୁଧବାର ଦୁଇଟି ଭିନ୍ନ ସ୍ଥାନରୁ ସେମାନଙ୍କ ମୃତଦେହ ମିଳିଛି। ଶବରଦେଇପେଟା ଗ୍ରାମର ପି. କୁରେଶୁ ନିଖୋଜ ହେବା ପରେ ତାଙ୍କ ପରିବାର ଲୋକେ ସେ ନିଜ ଶ୍ୱଶୁର ଘର ଗାଁକୁ ଯାଇଥାଇପାରନ୍ତି ବୋଲି ସନ୍ଦେହ କରିଥିଲେ। ଏହି ଆଶଙ୍କା ମଧ୍ୟରେ ତାଙ୍କୁ ବିଭିନ୍ନ ▶ପୃଷ୍ଠା-୭

ଗଞ୍ଜାମର ବନ୍ୟା ପ୍ରଭାବିତ ଲୋକଙ୍କୁ ଭେଟିବେ ନବୀନ

■ ଭୁବନେଶ୍ୱର,୪।୧୧(ସମିସ): ଆସନ୍ତା ୭ ତାରିଖ ଶନିବାର ଦିନ ଗଞ୍ଜାମ ଜିଲ୍ଲା ଗସ୍ତ କରିବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ଗସ୍ତ ସମୟରେ ସେ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ଚାଷ ଜମି ବୁଲି ଦେଖିବେ। ଏଥିସହ ବନ୍ୟା ପ୍ରଭାବିତ ଲୋକ, ଚାଷୀ ଏବଂ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରି ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସ୍ଥିତି ବୁଝିବେ। ଏନେଇ ବିରୋଧୀ ଦଳ ନେତାଙ୍କ ▶ପୃଷ୍ଠା-୭



ଓଲଟ ପାଲଟ



ପୌର-ପଞ୍ଚାୟତ ନିର୍ବାଚନ ପାଇଁ
ଏବେଠାରୁ ହୋ ହାଲ୍ଲା
ବାଜି ଜିତିବାକୁ ରାଜନିତିଆଏ
କରିବେକି ଠିଆପାଲା
କିଏସେ କେଉଁଠୁ ଟିକଟ ପାଇବ
ଏବେଠାରୁ ଟଣାଭିଡ଼ା
ଗାଁ'ଗଣ୍ଡା ଭୋଟ୍ ହାତେଇବା ପାଇଁ
ଉଡ଼ିବ ନୋଅଟ ବିଡ଼ା
କେଉଁଠୁ ମିଳିବ ଫୁଲ ତୋଡ଼ା ହାର
କେଉଁଠି ଉଠିବ ଧଡ଼ା
- ଯାଯାବର

ଗୋଡ଼ାଇଲା ଭିଜିଲାନ୍ସ; ଲାଞ୍ଚ ଟଙ୍କା ସହ ପୋଖରୀକୁ ଡେଇଁପଡ଼ିଲେ ଏସ୍‌ଆଇ

■ ସମ୍ବଲପୁର,୪।୧୧(ସମିସ): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଞ୍ଚଳରେ ଏକ ରୋଚକ ଘଟଣା ସାମ୍ନାକୁ ଆସିଛି। ଥାନା ସବ୍-ଇନ୍ସପେକ୍ଟର (ଏସ୍‌ଆଇ) ଲାଞ୍ଚ ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ଟିମ୍‌କୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ଭିଜିଲାନ୍ସ ଦଳ ପିଛା କରିବାକୁ ସେ ଏକ ପୋଖରୀକୁ ଡେଇଁ ପଡ଼ିଥିଲେ। ତେବେ ସେଠାରେ ମଧ୍ୟ ସେ ବର୍ତ୍ତି ପାରି ନ ଥିଲେ, ଭିଜିଲାନ୍ସ ଦଳର ଜଣେ ସଦସ୍ୟ ପୋଖରୀକୁ ଡେଇଁ ଏସ୍‌ଆଇଙ୍କୁ କାବୁ କରିଥିଲେ। ଭିଜିଲାନ୍ସ ପକ୍ଷରୁ ସମ୍ପୃକ୍ତ ଏସ୍‌ଆଇଙ୍କ ବିରୋଧରେ ମାମଲା ରୁଜୁ କରିବାସହ ତାଙ୍କୁ ଗିରଫ କରାଯାଇଛି।





ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ସମ୍ବଲପୁର ଜିଲ୍ଲା ମାହୁଲପାଲି ଥାନାର ସବ୍-ଇନ୍ସପେକ୍ଟର ସୁଜିତ କୁମାର ମହାନ୍ତଙ୍କୁ ଓଡ଼ିଶା ଭିଜିଲାନ୍ସ ବିଭାଗ ଗିରଫ କରିଛି। ସେ ଜଣେ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ରୁଜୁ ହୋଇଥିବା ଏକ ମାମଲାର ସମାଧାନ କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ମାଗୁଥିଲେ ଏବଂ ଗ୍ରହଣ କରୁଥିଲେ। ଉକ୍ତ ମାମଲାରେ ସେ ତଦନ୍ତକାରୀ ଅଧିକାରୀ ଥିଲେ। ଆଜି ସନ୍ଧ୍ୟାରେ, ସେ ଅଭିଯୋଗକାରୀଙ୍କୁ ଥାନା ବାହାରେ ଏକ ନିଛାଟିଆ ସ୍ଥାନକୁ ଡାକିଥିଲେ। ଲାଞ୍ଚ ଟଙ୍କା ନେବା ପରେ, ଭିଜିଲାନ୍ସ ଟିମ୍‌କୁ ଦେଖି ସେ ଧରାପଡ଼ିବା ଭୟରେ ସେଠାରୁ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ଭିଜିଲାନ୍ସ ଟିମ୍ ତାଙ୍କୁ ପିଛା କରିଥିଲା। ନିଜକୁ ବଞ୍ଚାଇବା ପାଇଁ ସେ ନିକଟସ୍ଥ ▶ପୃଷ୍ଠା-୭

ବାତ୍ୟା 'ଅର୍ଣ୍ଣବ' କ୍ଷୟକ୍ଷତି ଆକଳନ କଲା କେନ୍ଦ୍ରୀୟ ଟିମ୍

ଗଞ୍ଜାମରେ ୫୦୦ କୋଟିର କ୍ଷତି

ପୁରୁଷୋତ୍ତମପୁର, ହିଞ୍ଜିଳି, ଆସିକା ଓ ଧରାକୋଟର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

ଛତ୍ରପୁର, ୪।୧୧(ସମିସ)

ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ହୋଇଥିବା ବ୍ୟାପକ କ୍ଷୟକ୍ଷତିର ସ୍ଥଳୀୟ ଅନୁଧ୍ୟାନ କରିଛି ଆଠଜଣିଆ ଅନ୍ତଃମନ୍ତ୍ରାଳୟ କେନ୍ଦ୍ରୀୟ ପ୍ରତିନିଧି ଦଳ। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରବି ଶଙ୍କରଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତିର ବିସ୍ତୃତ ଆକଳନ କରିଛନ୍ତି। କେନ୍ଦ୍ରୀୟ ଟିମ୍ ପୁରୁଷୋତ୍ତମପୁର ବ୍ଲକ୍‌ର ଆଚୁଲି, ହାଣ୍ଡିଘର ଓ ହୀରାଧରବାଟି ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ସେହିପରି ହିଞ୍ଜିଳି ବ୍ଲକ୍‌ର ଘୋଡ଼ାହାଡ଼ ପୋଲ ଓ ଜୟମଙ୍ଗଳ ଜଳସେଚନ ପ୍ରକଳ୍ପର କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ଆସିକାର ଲକ୍ଷ୍ମୀ ବଜାର, ନବରଙ୍ଗପୁର ଓ ଉପଖଣ୍ଡ ଚିକିତ୍ସାଳୟ ସମେତ ଧରାକୋଟ ବ୍ଲକ୍‌ର ଜାହାଡ଼ା ଗ୍ରାମ ଓ ଜାନିବିଲି ଆନିକଟ ମଧ୍ୟ ପରିଦର୍ଶନ କରିଥିଲେ। ଅନୁଧ୍ୟାନ ସମୟରେ ଚାଷଜମିରେ ବାଲିଚର ମାଡ଼ିଯିବା, ନଦୀବନ୍ଧ



ଓ ଜଳସେଚନ ପ୍ରକଳ୍ପର କ୍ଷତି, ଗ୍ରାମ୍ୟ ରାସ୍ତା, ବିଦ୍ୟୁତ୍ ଭିତ୍ତିଭୂମି, ବାସଗୃହ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର କ୍ଷୟକ୍ଷତି ସମ୍ପର୍କରେ ଟିମ୍ ସବିଶେଷ ତଥ୍ୟ ସଂଗ୍ରହ କରିଥିଲା। ଏଥିସହ ବନ୍ୟା ବିପନ୍ନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ଚାଷଜମିକୁ ଯାଇ ଫସଲ ନଷ୍ଟର ପରିମାଣ ଅନୁଧ୍ୟାନ କରିବା ସହ ଆବଶ୍ୟକ ନମୁନା ମଧ୍ୟ ସଂଗ୍ରହ କରିଥିଲେ। ଏହା ପୂର୍ବରୁ ସକାଳେ ଗୋପାଳପୁର ସର୍କିଟ୍ ହାଉସ୍‌ଠାରେ ଜିଲ୍ଲା ପ୍ରଶାସନ ସହ କେନ୍ଦ୍ରୀୟ ପ୍ରତିନିଧି ଦଳର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବିଜୟ ଅମୃତ କୁଲାଙ୍ଗେ ଓ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଜିଲ୍ଲାର ବିଭିନ୍ନ ବିଭାଗର କ୍ଷୟକ୍ଷତି ସମ୍ପର୍କରେ ପ୍ରତିନିଧି ଦଳକୁ ଅବଗତ କରାଇଥିଲେ। ବିଭାଗୱାରୀ କ୍ଷତିର ବିବରଣୀ ଓ ପୁନରୁଦ୍ଧାର କାର୍ଯ୍ୟର ସ୍ଥିତି ଉପସ୍ଥାପନ କରାଯାଇଥିଲା। ପ୍ରାଥମିକ ଆକଳନ ଅନୁଯାୟୀ, ବାତ୍ୟା ଓ ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପ୍ରାୟ ୫୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ଏହି ଗସ୍ତ ସମୟରେ ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ଜନପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ରହି କେନ୍ଦ୍ରୀୟ ଟିମ୍‌କୁ ଆବଶ୍ୟକ ସହଯୋଗ କରିଥିଲେ।

'ଅର୍ଣ୍ଣବ' କ୍ଷୟକ୍ଷତି ଆକଳନ ପାଇଁ ଧରାକୋଟରେ କେନ୍ଦ୍ରୀୟ ପ୍ରତିନିଧି

ଧରାକୋଟ,୪।୧୧(ସମିସ): ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତି ଆକଳନ କରିବା ନିମନ୍ତେ ଆଜି ଏକ ୮ ଜଣିଆ କେନ୍ଦ୍ରୀୟ ପ୍ରତିନିଧି ଦଳ ଗଞ୍ଜାମ ଜିଲ୍ଲାର ଧରାକୋଟ ବ୍ଲକ ର ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଜାହାଡ଼ା ସମେତ ଏହାର ନିକଟବର୍ତ୍ତୀ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି କେନ୍ଦ୍ରୀୟ ପ୍ରତିନିଧି ଦଳରେ କେନ୍ଦ୍ର ସରକାରଙ୍କ ଗୃହ ବିଭାଗର ଯୁଗ୍ମ ସଚିବ ରବି ଶଙ୍କର, କେନ୍ଦ୍ର କୃଷି ବିଭାଗ ନିର୍ଦ୍ଦେଶକ ଡକ୍ଟର ମାନ ସିଂ, ଉପ-ନିର୍ଦ୍ଦେଶକ ରାହୁଲ ଚୌରାସିଆ, କେନ୍ଦ୍ର ଜଳ ଶକ୍ତି ନିର୍ଦ୍ଦେଶକ ଦିଲୀପ କୁମାର ଜେନା, କେନ୍ଦ୍ର ଶକ୍ତି ବିଭାଗ ଉପ ନିର୍ଦ୍ଦେଶକ କରନ ସରିନ,କେନ୍ଦ୍ର ଜାତୀୟ ରାଜପଥ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁନିଲ କୁମାର, କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ଉପ ସଚିବ ଅଜୟ କୁମାର ସାହୁ, ଏନଆରଏସସି ବୈଜ୍ଞାନିକ ସି ସାଇ କ୍ରିଷ୍ଣା ସାମିଲ ହୋଇଥିଲେ। ପ୍ରତିନିଧି ଦଳ ବାତ୍ୟା ଓ ପରବର୍ତ୍ତୀ ବନ୍ୟା ଯୋଗୁଁ ଅଞ୍ଚଳରେ ହୋଇଥିବା କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବା ସହ ବିଭିନ୍ନ ଭିତ୍ତିଭୂମିର କ୍ଷତି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏଥିସହ କ୍ଷତିଗ୍ରସ୍ତ ଭିତ୍ତିଭୂମିର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଯଥାଶୀଘ୍ର ସମ୍ପନ୍ନ କରାଯିବା ନେଇ ସେମାନେ ସାଧାରଣ ଲୋକଙ୍କୁ ଆଶ୍ୱାସନା ଦେଇଥିଲେ। ଏହି ଗସ୍ତ ସମୟରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଦକ୍ଷିଣାଞ୍ଚଳ ଆରଡ଼ିସି ବିଜୟ ଅମୃତ କୁଲାଙ୍ଗେ, ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା, ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ବିଡିଓ ଲିପିନା ଦାସ, ଗଣିଆ ବିଡିଓ ଡେନିସ ବେହେରା, ସହକାରୀ ଯନ୍ତ୍ରୀ ଜ୍ଞାନରଞ୍ଜନ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ସମେତ ସୁରକ୍ଷା ବିଭାଗ ଓ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ବନ୍ୟା ପ୍ରଭାବିତ ଚାଷୀଙ୍କୁ ଗୋଖାଦ୍ୟ ବଣ୍ଟନ

ପାତ୍ରପୁର, ୪।୧୧(ସମିସ): ବାତ୍ୟା 'ଅର୍ଣ୍ଣବ' ଓ ପରବର୍ତ୍ତୀ ବନ୍ୟାରେ ପ୍ରଭାବିତ ପଶୁପାଳକ ଚାଷୀଙ୍କୁ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଗୋଖାଦ୍ୟ ବଣ୍ଟନ କରାଯାଇଛି। ପାତ୍ରପୁର ବ୍ଲକର ସାମନ୍ତିଆପଲ୍ଲୀଠାରେ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ପହଞ୍ଚି ଚାଷୀଙ୍କୁ ଗୋଖାଦ୍ୟ ବଣ୍ଟନ କରିଥିଲେ। ସେହିପରି ବି.ନୂଆଗାଁ, ପଦାଦିଗି ଓ ପାତ୍ରପୁର ଅଞ୍ଚଳରେ ମଧ୍ୟ ବହୁ ଚାଷୀଙ୍କୁ ଗୋଖାଦ୍ୟ ଦାନା ବଣ୍ଟନ କରାଯାଇଥିଲା। ଏହି ବଣ୍ଟନ କାର୍ଯ୍ୟକ୍ରମରେ ପାତ୍ରପୁର ବ୍ଲକର ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସସ୍ମିତା ପଣ୍ଡା ଓ ଖାରିଆଗୁଡ଼ାର ପ୍ରାଣୀ ଚିକିତ୍ସକ ଡାକ୍ତର ଅର୍ପିତ ସ୍ୱାଇଁଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ବନ୍ୟାରେ ଧୋଇଗଲା ବର୍ଷ ବର୍ଷର ଅର୍ଜିତ ସମ୍ପତ୍ତି

ହିଞ୍ଜିଳିକାଟୁ,୪।୧୧(ସମିସ): ପ୍ରକୃତିର କରାଳ ରୂପ ଆଗରେ ହାର ମାନିଛି ବର୍ଷ ବର୍ଷର ପରିଶ୍ରମ। ଅର୍ଣ୍ଣବ ବାତ୍ୟା ପରେ ଆସିଥିବା ବନ୍ୟା ଜଳ ଧୋଇ ନେଇଛି ଜଣେ ବ୍ୟବସାୟୀଙ୍କ ଜୀବନର ସାରା ସଞ୍ଚିତ ପୁଞ୍ଜି ଓ ଝାଳବୁହା ଅର୍ଜିତ ସମ୍ପତ୍ତି। ବନ୍ୟା ପାଣିରେ ଧାନ, ଚାଉଳ, ସିମେଣ୍ଟ, ରଡ୍ ସହ ଦୋକାନ ଘର ଓ ମିଲ୍‌ର ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଯାଇଥିବାରୁ ଏବେ ଚିନ୍ତାରେ ପଡ଼ିଛନ୍ତି ପରିବାର। ଏଭଳି ଏକ ଦୁଃଖଦ ଘଟଣା ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ ଅନ୍ତର୍ଗତ ନୂଆ ବୁରୁପଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ନୂଆ ବୁରୁପଡ଼ା ଗ୍ରାମରେ ଥିବା ମା' ସମଲାଇ ରାଇସ୍ ମିଲ୍ ସହ ଏହା ସଂଲଗ୍ନ ଜଗନ୍ନାଥ ଟ୍ରେଡ଼ସ ସିମେଣ୍ଟ ଓ ରଡ୍ ଦୋକାନରେ ବନ୍ୟା ଜଳ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବନ୍ୟା ପାଣିର ପ୍ରବଳ ସ୍ରୋତରେ ଦୋକାନ ଘରର କିଛି ଅଂଶ ଭାଙ୍ଗିଯିବା ସହ ଘର ନିର୍ମାଣ ପାଇଁ ଗଚ୍ଛିତ ରଖାଯାଇଥିବା ବହୁ ସାମଗ୍ରୀ ନଷ୍ଟ ହୋଇଛି। ପ୍ରାୟ ୩୦୦ ବସ୍ତାରୁ ଊର୍ଦ୍ଧ୍ୱ ସିମେଣ୍ଟ ଓ ପ୍ରାୟ ୧୮୦୦ କିଲୋଗ୍ରାମ ରଡ୍ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। କେବଳ ସିମେଣ୍ଟ ଓ ରଡ୍ ଦୋକାନ ନୁହେଁ, ରାଇସ୍ ମିଲ୍‌ରେ ଗଚ୍ଛିତ ଥିବା ଧାନ ଓ ଚାଉଳ ମଧ୍ୟ ବନ୍ୟା ପାଣିରେ ଭିଜି ନଷ୍ଟ ହୋଇଛି। ମିଲ୍‌ର କୋଠା ଓ ଅନ୍ୟାନ୍ୟ ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବାରୁ ବ୍ୟବସାୟ ପୁଣି ଆରମ୍ଭ କରିବା ଏବେ ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି। ଏହି ମିଲ୍‌ର ମାଲିକଙ୍କ ସ୍ୱାମୀ ରମେଶ ଚନ୍ଦ୍ର ପାତ୍ରଙ୍କ କହିବା ଅନୁଯାୟୀ, ବନ୍ୟା ଯୋଗୁଁ ମିଲ୍‌ରେ ଥିବା ଧାନ, ଚାଉଳ, କୋଠାବାଡ଼ି, ସିମେଣ୍ଟ ଓ ରଡ୍ ଦୋକାନ ସମେତ ସମସ୍ତ ସମ୍ପତ୍ତିରେ ପ୍ରାୟ ଏକ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ହୋଇଛି। ବର୍ଷ ବର୍ଷ ଧରି ଦିନରାତି ପରିଶ୍ରମ କରି ଯାହା ସଞ୍ଚୟ କରିଥିଲେ, ତାହା ଗୋଟିଏ ବନ୍ୟାରେ ନଷ୍ଟ ହୋଇଯାଇଛି ବୋଲି ସେ ଦୁଃଖର ସହ ପ୍ରକାଶ କରିଛନ୍ତି।ବ୍ୟବସାୟ ଉପରେ ନିର୍ଭର କରି ଚଳୁଥିବା ପରିବାର ପାଇଁ ଏହି କ୍ଷତି କେବଳ ଆର୍ଥିକ ନୁହେଁ, ବରଂ ଜୀବନ ଜୀବିକା ଉପରେ ଏକ ବଡ଼ ଆଘାତ। ଏତେ ବଡ଼ କ୍ଷତି ପରେ ପୁଣି ଥରେ ବ୍ୟବସାୟକୁ ଠିଆ କରିବା କିପରି ସମ୍ଭବ ହେବ, ସେନେଇ ଚିନ୍ତାରେ ରହିଛନ୍ତି ରମେଶ ଚନ୍ଦ୍ର ପାତ୍ର। ଏପରି ସ୍ଥିତିରେ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରାଯାଇ ଉପଯୁକ୍ତ ସହାୟତା ଯୋଗାଇ ଦେବାକୁ ଦାବି ଉଠିଛି। ସରକାରୀ ସ୍ତରରେ କ୍ଷତିର ସଠିକ୍ ଆକଳନ କରାଯାଇ କ୍ଷତିଗ୍ରସ୍ତ ପରିବାରକୁ ଆର୍ଥିକ ସହାୟତା ମିଳିଲେ ହିଁ ସେମାନେ ପୁଣି ଥରେ ନିଜ ଗୋଡ଼ରେ ଠିଆ ହୋଇପାରିବେ। ବର୍ଷ ବର୍ଷର ପରିଶ୍ରମରେ ଗଢ଼ିଥିବା ସ୍ୱପ୍ନ ଭାଙ୍ଗିଯାଇଥିବା ବେଳେ ଏବେ ପ୍ରଶାସନର ସହାୟତାକୁ ଅପେକ୍ଷା କରିଛନ୍ତି ପାତ୍ର ପରିବାର।

ଗୁମୁରି କାନ୍ଦୁଛି ଗିଡ଼ିପାବାଲି
ହଜିଗଲା ଠିକଣା; ମିଳୁନି ମଣିଷଙ୍କ ପତ୍ତା

ଭଞ୍ଜନଗର,୪।୧୧(ସମିସ): ଚାରିଆଡ଼େ ପାହାଡ଼। ମଝିରେ ବୋହିଯାଉଛି ଅଙ୍କାବଙ୍କା ଜଙ୍ଗଲୀ ନାଳ। ତାରି କୋଳରେ ସୁନ୍ଦର ଗାଁଟିଏ ଗିଡ଼ିପାବାଲି। ଯେଉଁଠି ବିକାଶ ଥିଲା ଅପହଞ୍ଚ। ହେଲେ ସେଥିପାଇଁ ଏହି ଗାଁ ବାସିନ୍ଦାଙ୍କର କ୍ଷୋଭ ନଥିଲା। ବରଂ ଥିଲା ହସ, ଖୁସି ଓ ସପ୍ନର ସଂସାର । ହେଲେ ଆଜି ଚାରିଆଡ଼େ ମାଟି, ପଥର ଆଉ ଧ୍ୱଂସର ଚିହ୍ନ। ବୁଧବାର ରାତି ପାହିବା ଆଗରୁ ରାତାରାତି ମାଟିରେ ମିଶିଗଲା ପୂରା ଗାଁ। ମା କୋଳ ଭଳି ନିର୍ଭୟ ଆଶ୍ରୟ ଥିବା ପାହାଡ଼ର ଉଗ୍ରରୂପ ଦେଖିଲେ ସେମାନେ। ବାତ୍ୟା ଅର୍ଣ୍ଣବର କରାଳ କୋପରେ ଛାରଖାର ହୋଇଗଲା ଗିଡ଼ିପାବାଲି। କାହାର ଘର ମାଟିରେ ମିଶିଛି ତ କାହାର ନିଜ ଲୋକଙ୍କ ପତ୍ତା ମିଳୁନି। ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ଲଗାଣ ବର୍ଷା ଯୋଗୁ କାଳ ସାଜିଲା ଭୂସ୍ଖଳନ। ଘୁ ଘୁ ଶବ୍ଦ କରି ପାହାଡ଼ ଉପରୁ ମାଡ଼ି ଆସିଲା ପଥର, ଗଛ, ମାଟି ଆଉ ପାଣିର ବିଶାଳ ସୁଅ। କେହି କିଛି ବୁଝିବା ଆଗରୁ ଆଖି ପିଛୁଳାକେ ମାଟି ଅତଡ଼ା ତଳେ ଚାପି ହୋଇଗଲେ। ଆଉ ଏବେ ସେହି କାଦୁଅ ତଳୁ ଜୀବନ ଖୋଜିବାରେ ଦିନ ରାତି ଏକ କରି ଦେଇଛନ୍ତି ଉଦ୍ଧାରକାରୀ ଦଳ।



ଚାରି ଦିନର ପରିଶ୍ରମ ପରେ ବି ମିଳିନି ନିଖୋଜଙ୍କ ପତ୍ତା। ଏବେବି ୧୦ରୁ ଊର୍ଦ୍ଧ୍ୱ ନିଖୋଜଙ୍କୁ ଖୋଜିବାରେ ଲାଗିଛି ଉଦ୍ଧାରକାରୀ ଦଳ। ମାଟି ତଳୁ ନିଜ ଲୋକଙ୍କୁ ଫେରିପାଇବା ଆଶାରେ ଚାହିଁ ରହିଛନ୍ତି ପରିବାର। ଗୋଟିଏ ପଟେ ଉଦ୍ଧାରକାରୀ ଦଳ ଜୀବନକୁ ବାଜି ଲଗାଇ ମାଟି ଓ ପଥର ହଟାଇବାରେ ଲାଗିଛନ୍ତି। ଅନ୍ୟପଟେ ନିଜର ରକ୍ତ ସମ୍ପର୍କୀୟଙ୍କୁ ଖୋଜି ଖୋଜି ପାଗଳପ୍ରାୟ ହୋଇ ପଡ଼ିଛନ୍ତି ପରିବାର ଲୋକେ। କିଏ ନିଜ ଭାଇକୁ ଖୋଜୁଛି, ତ ଆଉ କିଏ ମାଆକୁ। କାହା ଆଖିରୁ ଲୁହ ଶୁଖୁନି, ତ ଆଉ କାହାର ଆଖି ମାଟି ଅତଡ଼ା ଉପରୁ ହଟୁନି। ପ୍ରତିଟି ମାଟି ଗଦା ଭିତରେ ସେମାନେ ନିଜ ଲୋକଙ୍କୁ ଖୋଜୁଛନ୍ତି। ଜୀବନ୍ତ ଫେରିବାର ଆଶା ହୁଏତ ମଉଳି ଯାଇଛି, ହେଲେ ଅନ୍ତତଃ ନିଜ ଲୋକଙ୍କ ମୃତଦେହ ମିଳିଯାଉ। ଯେମିତି ଶେଷ ଥର ପାଇଁ ମୁହଁ ଦେଖି ରୀତିନୀତି ଅନୁସାରେ ଅନ୍ତିମ ସଂସ୍କାର କରିପାରିବେ। ଉଦ୍ଧାରକାରୀ ଦଳଙ୍କ ଆଗରେ ହାତଯୋଡ଼ି ଏମିତି ଆକୁଳ ନିବେଦନ କରୁଛନ୍ତି ସମ୍ପର୍କୀୟ। ଧ୍ୱଂସସ୍ତୂପ ଭିତରେ ଏବେବି ଛିନ୍ନଛତ୍ର ହୋଇ ପଡ଼ିରହିଛି ଗାଁର ଅତୀତ। ଯେଉଁ ଜିନିଷଗୁଡ଼ିକ ଦିନେ ଜୀବନର ଅଂଶ ଥିଲା, ଆଜି ସେଗୁଡ଼ିକ ଧ୍ୱଂସସ୍ତୂପ ଭିତରେ ଅଲୋଡ଼ା ହୋଇ ପଡ଼ିଛି। ମଣିଷର ପତ୍ତା ମିଳୁନି, ହେଲେ ଅତୀତର ଚିହ୍ନସବୁ ଏବେବି ନିରବରେ ନିଜ କାହାଣୀ କହୁଛି। ପ୍ରତ୍ୟେକ ଘଣ୍ଟା ଏଠାରେ ମୂଲ୍ୟବାନ ହୋଇ ପଡ଼ିଥିବାରୁ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯାଉଛି। ନିଖୋଜଙ୍କୁ ଶୀଘ୍ର ଚିହ୍ନଟ କରିବା ପାଇଁ ଏସ୍‌ଓଜିର ୪୨ ଜଣ, ଏନ୍‌ଡିଆର ୩୮ ଜଣ, ଅଗ୍ନିଶମର ୩୫ ଜଣ, ରେଳବାଇର ୩୫ ଜଣ, ଓଡ୍ରାଫ୍‌ର ୧୫ ଜଣ ଓ ପ୍ରାଣୀ ସମ୍ପଦ ବିଭାଗର ୧୨ ଜଣ କର୍ମଚାରୀ କାମରେ ଲାଗିଛନ୍ତି। ଏହାସହ ରକି, ହ୍ୱାକି ଓ ସୁଲତାନ ସନ୍ଧାନୀ କୁକୁର ନିଖୋଜଙ୍କୁ ଖୋଜୁଛନ୍ତି। ସେହିଭଳି ଜୀବନ ସନ୍ଧାନ ପାଇଁ ଭାରତୀୟ ନୌସେନା ପକ୍ଷରୁ ଅତ୍ୟାଧୁନିକ ସନ୍ଧାନ ଉପକରଣ ଅଣାଯାଉଛି। ଏଥିରେ ସିସ୍‌ମିକ୍ ଲାଇଫ୍ ଡିଟେକ୍ସନ୍ ୟୁନିଟ୍, ଭାଇବ୍ରେସନ୍ ଡିଟେକ୍ସନ୍ ୟୁନିଟ୍ ଏବଂ ଭିକ୍ଟିମ୍ ଲୋକେସନ୍ କ୍ୟାମେରା ଭଳି ଉନ୍ନତ ପ୍ରଯୁକ୍ତି ରହିଛି। ପ୍ରଥମେ ଏହି ଉପକରଣଗୁଡ଼ିକୁ ନୌସେନାର ହେଲିକପ୍ଟର ଯୋଗେ ଘଟଣାସ୍ଥଳକୁ ନିଆଯିବାକୁ ଯୋଜନା ହୋଇଥିଲା। କିନ୍ତୁ ପ୍ରତିକୂଳ ପାଣିପାଗ ଯୋଗୁଁ ହେଲିକପ୍ଟର ନିର୍ଦ୍ଧାରିତ ସ୍ଥାନରେ ଅବତରଣ କରିପାରି ନଥିଲା। ଫଳରେ ଏବେ ସଡ଼କ ପଥରେ ଏହି ଉପକରଣଗୁଡ଼ିକୁ ଘଟଣାସ୍ଥଳକୁ ପଠାଯାଉଛି।

ଏହି ଯନ୍ତ୍ରଗୁଡ଼ିକ ମାଟି, ପଙ୍କ ଓ ଭଗ୍ନାବଶେଷ ତଳେ ଥିବା ସୂକ୍ଷ୍ମ କମ୍ପନ, ଗତିବିଧି କିମ୍ବା ଅନ୍ୟ କୌଣସି ଜୀବନ ସଙ୍କେତକୁ ଚିହ୍ନଟ କରିବାରେ ସହାୟକ ହେବ। ଏବେ ସାମୟିକ ପାଇଁ ଉଦ୍ଧାର ପ୍ରକ୍ରିୟା ବନ୍ଦ ରହିଛି। ଖୁବଶୀଘ୍ର ଏହାର ଦ୍ୱିତୀୟ ପର୍ଯ୍ୟାୟ ଉଦ୍ଧାର ପ୍ରକ୍ରିୟା ଆରମ୍ଭ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ତେବେ ସବୁକିଛି ହରାଇ ଏବେ ନିଜ ପ୍ରିୟଜନ ଏମାନଙ୍କୁ ଖୋଜି ଗୁମୁରି କାନ୍ଦୁଛି ଗିଡିପାବାଲି।

ମାଟି ଦୀପ ଗଢ଼ିବାରେ ବ୍ୟସ୍ତ କୁମ୍ଭକାର

ବୁଗୁଡ଼ା,୪।୧୧ (ସମିସ): ଆଲୋକର ପର୍ବ ଦୀପାବଳି ପାଇଁ ବୁଗୁଡ଼ା ଅଞ୍ଚଳରେ ଚଳଚଞ୍ଚଳ ହୋଇଉଠିଛି କୁମ୍ଭକାର ଶାଳ। ଆଧୁନିକତାର ପ୍ରଭାବରେ ଧାତୁ ନିର୍ମିତ ବାସନକୁସନର ବ୍ୟବହାର ବଢ଼ିବା ଯୋଗୁଁ କୌଳିକ ବୃତ୍ତି ସଙ୍କଟରେ ପଡ଼ିଥିଲେ ହେଁ, ପର୍ବପର୍ବାଣୀରେ ମାଟି ସାମଗ୍ରୀର ଚାହିଦା ଆଜି ବି ବଜାୟ ରହିଛି। ବିଶେଷକରି ଦୀପାବଳି ହିଁ ବର୍ଷ ତମାମ ହାତବାନ୍ଧି ବସୁଥିବା କୁମ୍ଭକାର ପରିବାର ପାଇଁ ମୁଖ୍ୟ ରୋଜଗାରର ଆଶା ଆଣିଦେଇଥାଏ।ଏହି କ୍ରମରେ ବୁଗୁଡ଼ା ବ୍ଲକ ଗୋଳାବନ୍ଧ ପଞ୍ଚାୟତର ବେତାରସିଙ୍ଗି ଗ୍ରାମରେ ଗୋପୀନାଥ ବେହେରା, ବୁଲୁ ବେହେରା, ଆଦିକନ୍ଦ ବେହେରା, ଗୋବିନ୍ଦ ବେହେରା ଓ ଅଶୋକ ବେହେରା ପ୍ରମୁଖ ପରିବାର ମାଟି ଦୀପ ପ୍ରସ୍ତୁତିରେ ଦିନରାତି ଏକ କରିଦେଇଛନ୍ତି। ତେବେ କଠିନ ପରିଶ୍ରମ ତୁଳନାରେ ଉଚିତ ମୂଲ୍ୟ ମିଳୁ ନଥିବାରୁ ପରିବାର ପ୍ରତିପୋଷଣ କଷ୍ଟକର ହୋଇପଡୁଛି ବୋଲି କାରିଗରମାନେ କ୍ଷୋଭ ପ୍ରକାଶ କରିଛନ୍ତି। କୌଳିକ ବୃତ୍ତିକୁ ଟେକି ରଖିବା ଲାଗି ସେମାନେ ସରକାରୀ ସହାୟତା ଆଶା କରିଛନ୍ତି।

କର୍କଟରେ ମୃତକଙ୍କ ପରିବାରକୁ ରେଡ୍‌କ୍ରସରୁ ସହାୟତା

ଶେରଗଡ଼,୪।୧୧(ସମିସ): ଶେରଗଡ ଥାନା ଅନ୍ତର୍ଗତ ଧବଳପୁର ପଞ୍ଚାୟତ ଷୋଳଷୋଳା ଗ୍ରାମର କର୍କଟ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିବା ଭଗବାନ ସାହୁ (୩୩) ଭଗବାନଙ୍କ ସ୍ତ୍ରୀ ଶାନ୍ତିଲତାଙ୍କୁ ରେଡକ୍ରସ ପାଣ୍ଠିରୁ ତହସିଲଦାର ତ୍ରିଦେବ ରଥ ୩୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଛି। ଏହି ଚେକ ପ୍ରଦାନ ସମୟରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର କୁମାର ମିଶ୍ର, ସମାଜସେବୀ ତଥା ବରିଷ୍ଠ ବିଜେପି ନେତା ନିରଞ୍ଜନ ଜେନା (କାଳିଆ), ଧବଳପୁର ମଣ୍ଡଳ ବିଜେପି ସଭାପତି ଜିତେନ୍ଦ୍ର ମହାରଣା ଉପସ୍ଥିତ ଥିଲେ।

ସାଇବର୍ ଠକେଇ; ଆକାଉଣ୍ଟରୁ ୪୯ ହଜାର ଗୋଲ୍



ବେଗୁନିଆପଡ଼ା,୪।୧୧(ସମିସ): କୋଦଳା ଥାନା ଅନ୍ତର୍ଗତ ଫାସି ଗ୍ରାମର ପ୍ରଫୁଲ୍ଲ ମୁହୁଲିଙ୍କ ପୁଅ ସମୀର ମୁହୁଲି ସାଇବର ଠକାମୀର ଶିକାର ହୋଇଛନ୍ତି। ଗତକାଲି ସମୀର ଏନେଇ କୋଦଳା ଥାନାରେ ତାଙ୍କ ଏକାଉଣ୍ଟରୁ ୪୯ ହଜାର ଟଙ୍କା କଟିଯାଇଥିବା ଲିଖିତ ଅଭିଯୋଗ କରିଛନ୍ତି ଓ ଏହା ସହିତ ସେ ସାଇବର ଥାନାର ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ ତାଙ୍କର ଭାରତୀୟ ଷ୍ଟେଟ ବ୍ୟାଙ୍କ, ଫାସି ଶାଖା ଏବଂ ପଞ୍ଜାବ ନେସନାଲ ବ୍ୟାଙ୍କ, କୋଦଳା ଶାଖାରେ ଅଲଗା ଅଲଗା ଦୁଇଟି ଆକାଉଣ୍ଟ ଅଛି। କୌଣସି ସାଇବର ଠକ ତାଙ୍କର ଏସବିଆଇ ଏକାଉଣ୍ଟରୁ ପିଏନବିକୁ ୫୦ ହଜାର ଟ୍ରାନ୍ସଫର କରି ପିଏନବି ଏକାଉଣ୍ଟରୁ ଗତ ୩ ତାରିଖ ଅପରାହ୍ନ ୧୨:୨୨ ରେ ୪୯ ହଜାର ଟଙ୍କା ଠକିନେଇଥିବା ଅଭିଯୋଗ କରିଛନ୍ତି। ଏହାଯୋଗୁଁ ସେ ମାନସିକ ଭାବେ ଭାଙ୍ଗି ଭୟରେ ଆକାଉଣ୍ଟରେ ଥିବା ସମସ୍ତ ବଳକା ଟଙ୍କା ତାଙ୍କ ସାଙ୍ଗ ପାଖକୁ ପଠେଇ ଦେଇଛନ୍ତି। ସମ୍ପୃକ୍ତ ଅପରାଧୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ପୋଲିସ ଓ ସାଇବର ଥାନାରେ ନିକଟରେ ଗୁହାରି କରିଛନ୍ତି।

ରେଡକ୍ରସ ପକ୍ଷରୁ ଚିକିତ୍ସା ପାଇଁ ସହାୟତା ପ୍ରଦାନ

ଧରାକୋଟ,୪।୧୧(ସମିସ): ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶକ୍ରମେ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ରେଡକ୍ରସ ତରଫରୁ ସିଙ୍ଗିପୁର ଗ୍ରାମର କୃଷ୍ଣ ଚନ୍ଦ୍ର ଗୌଡଙ୍କ ଝିଅ ଦେବଶ୍ରୀ ଗୌଡ଼ ଓ କ୍ୟାମ୍ପ ନାଇକଙ୍କ ପୁଅ ମନୁ ନାଇକଙ୍କୁ ଦଶ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଧରାକୋଟ ତହସିଲ ପକ୍ଷରୁ ବିଭାଗୀୟ ଅଧିକାରୀ କିରଣ କୁମାର ପାଢ଼ୀ ପ୍ରଦାନ କରିଛନ୍ତି। ଅନୁକମ୍ପା ରାଶି ପ୍ରଦାନ ସମୟରେ ଜାହାଡା ରାଜସ୍ୱ ନିରୀକ୍ଷକ ପ୍ରଭାତ କୁମାର ରାଉଳ ଓ ସୁଦୀପ୍ତ ସ୍ୱାଇଁ ଓ ଗାଙ୍ଗପୁର ପୋଲିସ ଉପସ୍ଥିତ ରହିଥିଲେ। ପ୍ରକାଶ ଥାଉକି ଉଭୟେ ନିଜ ସ୍ୱାସ୍ଥ୍ୟାବସ୍ଥା ଖରାପ ରହିଥିବା ନେଇ ଆର୍ଥିକ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ଗୁହାରୀ କରିଥିଲେ।

ଶେରଗଡ଼ରେ ରାଜ୍ୟ ଶିଶୁ ଆୟୋଗ ଅଧ୍ୟକ୍ଷା

ଶେରଗଡ଼,୪।୧୧(ସମିସ): ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଆଜି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଶ୍ରୀମତି ପାତ୍ର ଅପରାହ୍ନରେ ଅଚାନକ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଆସି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ କାର୍ଯ୍ୟ କ୍ଷେତ୍ରରେ ଡାକ୍ତରଙ୍କ ଅନୁପସ୍ଥିତି ଦେଖି ବିରକ୍ତ ହୋଇଥିଲେ। ଏଥିସହିତ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅଳିଆ ଆବର୍ଜନାକୁ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରୁ ଅଳିଆ ଆବର୍ଜନା ସଫା କରି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରକୁ ସଫା ରଖିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ପରିସ୍ଥିତିରେ ସାଧାରଣ ଜନତାଙ୍କ ଲାଗି ଓଆରଏସ ପର୍ଯ୍ୟାପ୍ତ ପରିମାଣର ଯୋଗାଇ ଦେବା ଲାଗି ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ଶିଶୁ ଆୟୋଗ ଅଧ୍ୟକ୍ଷାଙ୍କ ଏହି ପରିଦର୍ଶନ ସମୟରେ ସ୍ଥାନୀୟ ବିଡିଓ ମିସ ତୃପ୍ତିମୟୀ ଜେନା, ସିଡିପିଓ ମମତାଞ୍ଜଳି ପଣ୍ଡା, ଧବଳପୁର ମଣ୍ଡଳ ବିଜେପି ସଭାପତି ଜିତେନ୍ଦ୍ର ମହାରଣା, ପଞ୍ଚାନନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ଗର୍ଭବତୀଙ୍କ ମୃତ୍ୟୁ; ମହିଳାଙ୍କ ପରିବାରକୁ ଆର୍ଥିକ ସହାୟତା

ବେଗୁନିଆପଡ଼ା,୪।୧୧(ସମିସ): ପ୍ରସୂତି ମହିଳାଙ୍କ ମୃତ୍ୟୁ ଘଟଣାରେ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇଛି। ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲାପ୍ରଶାସନର ନିର୍ଦ୍ଦେଶକ୍ରମେ କୋଦଳା ତହସିଲଦାର ବିଦ୍ଧୁ ବଳୟ ରାଉତରାୟ, ଅତିରିକ୍ତ ତହସିଲଦାର ରବି ନାରାୟଣ ସେଠୀ, ବେଗୁନିଆପଡା ଥାନା କର୍ମଚାରୀ ମୃତକ ରଶ୍ମିତା ଶବରଙ୍କ ସ୍ୱାମୀ ବିପ୍ର ଶବରଙ୍କ ନିଜ ଗ୍ରାମରେ ଥିବା ଘରେ ପହଞ୍ଚି ଦୁଃଖ ପ୍ରକାଶ କରିବା ସହିତ ତାଙ୍କୁ ରେଡ଼କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାପଡିଛି। ପ୍ରକାଶ ଥାଉ କି ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ୍‌ର ଚନ୍ଦନପୁର ପଞ୍ଚାୟତ ସୋରଡ଼ାପଲ୍ଲୀ ଅନ୍ତର୍ଗତ କରନ୍ଦାଗଡ଼ ଗ୍ରାମକୁ ଯିବା ପାଇଁ ଯାତାୟାତ ଉପଯୋଗୀ ରାସ୍ତା ନଥିବାରୁ ଜଣେ ରୋଗୀଙ୍କୁ ଦୋଳାରେ ବୋହି ନେବାକୁ ପଡ଼ିଥିଲା। ହେଲେ ଦୁର୍ଭାଗ୍ୟବଶତଃ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ରାସ୍ତାରେ ହିଁ ତାଙ୍କର ଜୀବନ ଚାଲିଯାଇଥିବା ଜଣାପଡ଼ିଛି। ମୃତକଙ୍କ ନାମ ରଶ୍ମିତା ଶବର। ଏହି ଘଟଣା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା, ଜଣେ ରୋଗୀଙ୍କୁ ଦୋଳାରେ ବୋହି ନେବା ଏବଂ ରାସ୍ତାରେ ଜୀବନ ଚାଲିଯିବା ଘଟଣା ପ୍ରଶାସନିକ ବ୍ୟବସ୍ଥା ପାଇଁ ଏକ ଗୁରୁତର ପ୍ରଶ୍ନବାଚୀ ବୋଲି ଚର୍ଚ୍ଚା ହୋଇଥିଲା।

ମୋଟାବାଡ଼ିରେ ମା' ଗଜଲକ୍ଷ୍ମୀଙ୍କ ଭସାଣି



ବୁଗୁଡ଼ା,୪।୧୧(ସମିସ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡ଼ି ଗ୍ରାମରେ ଚଳିତ ବର୍ଷର ମା' ଗଜଲକ୍ଷ୍ମୀ ପୂଜା ମହାଆଡ଼ମ୍ବର ଓ ଶ୍ରଦ୍ଧାଭକ୍ତିର ସହ ସମାପିତ ହୋଇଛି। ଗତ ୧୦ ଦିନ ଧରି ଚାଲିଥିବା ଉତ୍ସବର ଶେଷ ଦିବସରେ ଆଜି ସନ୍ଧ୍ୟାରେ ମା'ଙ୍କ ଭାବପୂର୍ଣ୍ଣ ବିଦାୟ ତଥା ବିସର୍ଜନ ପର୍ବ ସମ୍ପନ୍ନ ହୋଇଯାଇଛି। ଘଣ୍ଟ-ଘଣ୍ଟା, ଶଙ୍ଖ ଧ୍ୱନି ଏବଂ ପାରମ୍ପରିକ ବାଦ୍ୟର ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରାରେ ମା'ଙ୍କ ମୃଣ୍ମୟୀ ପ୍ରତିମାକୁ ନଗର ଭ୍ରମଣ କରାଯାଇଥିଲା। ଏହି ପଟୁଆର ଗ୍ରାମର ନୂଆଁସାହି, ବଡ଼ଦାଣ୍ଡ, ବଡ଼ ଧୋବାସାହି ସମେତ ସମସ୍ତ ସାହି ପରିକ୍ରମା କରିଥିଲା। ପରିକ୍ରମା ଶେଷରେ ସ୍ଥାନୀୟ ପୋଖରୀ କୂଳରେ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇ ଶେଷରେ ପ୍ରତିମା ବିସର୍ଜନ କରାଯାଇଥିଲା। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମୋଟାବାଡ଼ି ନୂଆସାହି ଏବଂ ତଳସାହି ମଣ୍ଡପରେ ୧୦ ଦିନ ଧରି ମା'ଙ୍କ ଆରାଧନା ଚାଲିଥିଲା। ଉତ୍ସବ ଉପଲକ୍ଷେ ସମଗ୍ର ଅଞ୍ଚଳ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସି ଉଠିଥିଲା। ପ୍ରତ୍ୟେକ ଦିନ ଦାତାମାନଙ୍କ ସହଯୋଗରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପ୍ରତି ସନ୍ଧ୍ୟାରେ ପୁରୋହିତଙ୍କ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଭବ୍ୟ ମହାଆଳତି ଅନୁଷ୍ଠିତ ହୋଇ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।

କେନ୍ଦ୍ରୀୟ ଦଳର ପ୍ରଭାବିତ ଅଞ୍ଚଳ ପରିଦର୍ଶନ

ପୁରୁଷୋତ୍ତମପୁର,୪।୧୧(ସମିସ): ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ଏବଂ ଏହା ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ବ୍ଲକରେ ହୋଇଥିବା କ୍ଷୟକ୍ଷତିର ଆକଳନ ପାଇଁ ୮ ଜଣିଆ ଆନ୍ତଃ-ମନ୍ତ୍ରାଳୟ କେନ୍ଦ୍ରୀୟ ଦଳ ପହଂଚି ବୁଧବାର ପୂର୍ବାହ୍ନ ମା ତାରାତାରିଣୀ ଦର୍ଶନ ସାରି ପୁରୁଷୋତ୍ତମପୁର ବ୍ଲକର ଆଚୁଲି, ହାଣ୍ଡିଘର, ପ୍ରତାପୁର, ହନୁମାନପଲ୍ଲୀ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଥିଲେ। ବିଶେଷ କରି ଧାନ ଓ ଅନ୍ୟାନ୍ୟ ଫସଲ, ନଷ୍ଟ ହୋଇଥିବା ଜଳସମ୍ପଦ ବିଭାଗର ଋଷିକୂଲ୍ୟା ନଦୀ କୂଳହୁଡା, ରାସ୍ତାଘାଟ, ବିଦ୍ୟୁତଭିତ୍ତିଭୂମି ଓ ହନୁମାନ ପଲ୍ଲୀ ହିରାଧାରବାଟି ଆନିକଟ ପ୍ରକଳ୍ପ ନିକଟରେ ପହଞ୍ଚି ବାତ୍ୟା ଏବଂ ବନ୍ୟା ପ୍ରଭାବିତ କ୍ଷୟକ୍ଷତିର ବାସ୍ତବ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାର ପୁନଃ ଉଦ୍ଧାର କାର୍ଯ୍ୟ କିଭଳିକରାଯିବ ସେଥିନେଇ ଅଧିକାରୀ ମାନଙ୍କ ସହ ଆଲୋଚନା କରି ବୁଝିଥିଲେ। ନଦୀ ହିଡ଼ର ଉଚତା ବୃଦ୍ଧି କରିବା ନେଇ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ପ୍ରସ୍ତାପ ଦେଇଥିଲେ। ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରବି ଶଙ୍କରଙ୍କ ନେତୃତ୍ୱରେ ଏହି ଦଳ ବ୍ଲକ ପରିଦର୍ଶନ କରିଥିଲେ ଓ ଦଳରେ ପାଟଣା କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗର ଧାନ ବିକାଶ ନିର୍ଦ୍ଦେଶକ ଡ.ମାନସ ସିଂ, କେନ୍ଦ୍ରୀୟ



ବ୍ୟୟ ବିଭାଗ ଅର୍ଥ ମନ୍ତ୍ରଣାଳୟର ଉପନିର୍ଦ୍ଦେଶକ ରାହୁଲ ଗୌରସିଆ, ଜଳଶକ୍ତି ମନ୍ତ୍ରଣାଳୟ ସିଡ୍‌ବ୍ଲ୍ୟୁସି ଭୁବନେଶ୍ୱର ନିର୍ଦ୍ଦେଶକ ଦିଲୀପ କୁମାର ଜେନା, ଶକ୍ତି ବିଭାଗ ସିଇଏ ଆର.କେ ପୁରମ ନୂଆଦିଲ୍ଲୀର ଉପନିର୍ଦ୍ଦେଶକ କରଣ ସରେନ, ଭୁବନେଶ୍ୱରର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଅଧୀକ୍ଷଣ ଯନ୍ତ୍ରୀ ସୁନୀଲ କୁମାର, ନୂଆଦିଲ୍ଲୀସ୍ଥ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ସଚିବ ଅଜୟ କୁମାର ସାହୁ ଏବଂ ଜାତୀୟ ସୁଦୂର ସମ୍ବେଦନ କେନ୍ଦ୍ର ଇସ୍ରୋର ବୈଜ୍ଞାନିକ ସି. ସାଇ କ୍ରିଷ୍ଣା ଉପସ୍ଥିତ ଥିଲେ। ପରିଦର୍ଶନକରି ଥିଲେ। ଏହି ଅବସରରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବିଜୟ ଅମୃତ କୁଲାଙ୍ଗେ, ଜିଲ୍ଲାପାଳ ଭି କିର୍ତ୍ତୀ ଭାସନ, ଉପ ଜିଲ୍ଲାପାଳ ଶିବାଶିଷ ବରାଳ, ବିଡ଼ିଓ ଦେବାଶିଷ ସାମଲ, ତହସିଲଦାର ବିନୋଦ କୁମାର ବେହେରା ସମେତ ଜିଲ୍ଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାପରେ ଏହି ଟିମ ଜିଲ୍ଲାର ହିଞ୍ଜିଳି, ଆସିକା, ଧରାକୋଟର ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ।

ଜିଲ୍ଲାପାଳଙ୍କ ରିଲିଫ କାର୍ଯ୍ୟ ସମୀକ୍ଷା ଓ ବନ୍ୟା ପ୍ଲାବିତ ଅଞ୍ଚଳ ପରିଦର୍ଶନ

ଧରାକୋଟ,୩।୧୧(ସମିସ): ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସୋମବାର ରାତ୍ରିରେ ଅର୍ଣ୍ଣବ ବନ୍ୟା ରେ ଧରାକୋଟ ବ୍ଲକର ସର୍ବାଧିକ କ୍ଷତିଗ୍ରସ୍ତ ପଞ୍ଚାୟତ ସିଙ୍ଗିପୁରର କ୍ଷତିଗ୍ରସ୍ତ ଗ୍ରାମ ଓ ଆଶ୍ରୟ ସ୍ଥଳୀ ପରିଦର୍ଶନ କରିଥିଲେ। ଭଞ୍ଜନଗର ଉପ ଜିଲ୍ଲପାଳ ଉମା ଶଙ୍କର ବେହେରା, ବିଡିଓ ଲିପିନା ଦାସ, ଗଣିଆ ବିଡିଓ ଡେନିସ ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ଞାନ ରଞ୍ଜନ ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ଆଶ୍ରୟ ସ୍ଥଳୀରେ ରହିଥିବା ୬୫ ଜଣଙ୍କ ଅବସ୍ଥା ପଚାରି ବୁଝିବା ସହ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ର ମାନ ପରୀକ୍ଷା କରିଥିଲେ। ଏହାପରେ ଉପସ୍ଥିତ ଶିଶୁମାନଙ୍କୁ ବିସ୍କୁଟ ବଣ୍ଟନ କରିଥିଲେ। ଗତ ଅର୍ଣ୍ଣବ ବନ୍ୟାରେ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ ବିପନ୍ନ ପରିବାର ଲୋକେ ନଷ୍ଟ ହୋଇଯାଇଥିବା ଘରର ପୁନଃ ଉଦ୍ଧାର, ବନ୍ୟା ଜଳରେ ନଷ୍ଟ ହୋଇଯାଇଥିବା ଧାନ, ଚାଉଳ ଓ ଆସବାବ ପତ୍ର ପାଇଁ ସରକାରୀ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ସରକାରୀ ଘୋଷଣା ପ୍ରକାରେ ସହାୟତା ରାଶି, ଚାଉଳ, ଭଗ୍ନ ଗୃହ ପାଇଁ କ୍ଷତିପୂରଣ ତୁରନ୍ତ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।



• ଟ୍ରାନ୍ସପୋର୍ଟ ବ୍ୟବସାୟୀଙ୍କୁ ଚୂନା

୫୦ଲକ୍ଷର ମସଲା ସାମଗ୍ରୀ ନେଇ ମିନିଟ୍ରକ୍ ଡ୍ରାଇଭର ଫେରାର

ବ୍ରହ୍ମପୁର,୪।୧୧(ସମିସ): ବ୍ରହ୍ମପୁରରୁ ଭୁବନେଶ୍ୱର ଯିବାକୁ କହି ପ୍ରାୟ ୪୦ରୁ ୫୦ଲକ୍ଷ ଟଙ୍କାର ମସଲା ସାମଗ୍ରୀ ନେଇ ଜଣେ ମିନିଟ୍ରକ୍ ଚାଳକ ଫେରାର ହୋଇଯାଇଛି । ଏନେଇ ବ୍ରହ୍ମପୁର ବଡ଼ବଜାର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ମିଳିଥିବା ସୂଚନା ଅନୁଯାୟୀ, ଆସିକା ରୋଡ୍ ନୂଆ ରାଜାସାହିର ଟ୍ରାନ୍ସପୋର୍ଟ ବ୍ୟବସାୟୀ ସୁରେନ୍ଦ୍ର ନାଥ ଚୌଧୁରୀ(୬୪)ଙ୍କୁ ଗତ ଅକ୍ଟୋବର ୨୯ ତାରିଖ ରାତି ପ୍ରାୟ ୮ଟା ବେଳେ ଓମ୍ ନାମକ ଜଣେ ଡ୍ରାଇଭର ଫୋନ୍ କରି ଭୁବନେଶ୍ୱର ଯିବା ପାଇଁ କୌଣସି ସାମଗ୍ରୀ ଅଛି କି ବୋଲି ପଚାରିଥିଲେ। ପରେ ମିନିଟ୍ରକ୍ ନେଇ ଗୋଦାମ ନିକଟରେ ପହଞ୍ଚିଥିଲେ। ସେଠାରୁ ମସଲା ସାମଗ୍ରୀ ଲୋଡ୍ କରି ରାତି ପ୍ରାୟ ୧୧ଟା ୩୦ରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ତେବେ ଭୋର ପ୍ରାୟ ୪ଟାରେ ଡ୍ରାଇଭର ଫୋନ୍ କରି ତାଙ୍କ ମିନିଟ୍ରକ୍ ବାଲୁଗାଁ ନିକଟରେ ଖରାପ ହୋଇଯାଇଥିବା କହିଥିଲେ। ଗାଡ଼ି ମରାମତି ପରେ ଭୁବନେଶ୍ୱର ଯିବେ ବୋଲି ଜଣାଇଥିଲେ। ଏହାପରେ ବ୍ୟବସାୟୀ ତାଙ୍କୁ ଯୋଗାଯୋଗ କରିବାରୁ ମୋବାଇଲ୍ ସୁଇଚ୍ ଅଫ୍ ଆସିଥିଲା। ଫଳରେ ସାମଗ୍ରୀ ସହ ଡ୍ରାଇଭରଙ୍କ କୌଣସି ପତ୍ତା ମିଳିନଥିଲା। ଏନେଇ ସୁରେନ୍ଦ୍ର ନାଥ ଗତ ୨ତାରିଖରେ ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଛି ।

ଏଟିଏମ୍ରୁ ଟଙ୍କା ନ ବାହାରି ଆକାଉଣ୍ଟରୁ କଟିଲା ୫ ହଜାର

ବ୍ରହ୍ମପୁର,୪।୧୧(ସମିସ): ଏଟିଏମ୍ରୁ ଟଙ୍କା ଉଠାଣ ବେଳେ ନୂଆ କୌଶଳ ଆପଣାଇ ଗ୍ରାହକଙ୍କ ୫ହଜାର ଟଙ୍କା ହଡ଼ପ କରିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏଟିଏମ୍ର କ୍ୟାସ୍ ଡିସପେନସରରେ ଏକ ବସ୍ତୁ ଲଗାଇ ଦୁଇଜଣ ଦୁର୍ବୃତ୍ତ ଏହି ଟଙ୍କା ନେଇଯାଇଥିବା ସିସିଟିଭି ଫୁଟେଜ୍ରୁ ଜଣାପଡ଼ିଛି। ଏନେଇ ଗୋପାଳପୁର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ଗତ ୩ତାରିଖ ପଥରା ଜଙ୍କସନ୍ ସ୍ଥିତ ଏସ୍ବିଆଇ ଏଟିଏମ୍କୁ ସମୀର ମହାରଣା ୫ହଜାର ଟଙ୍କା ଉଠାଇବାକୁ ଯାଇଥିଲେ। ତାଙ୍କ ଆକାଉଣ୍ଟରୁ ଟଙ୍କା କଟିଥିଲେ ମଧ୍ୟ ଏଟିଏମ୍ରୁ ନଗଦ ଟଙ୍କା ବାହାରି ନଥିଲା। ପରେ ସିସିଟିଭି ଯାଞ୍ଚରୁ ଜଣେ ଅଜଣା ବ୍ୟକ୍ତି ଟଙ୍କା ବାହାରିବା ସ୍ଥାନରେ ଏକ ବସ୍ତୁ ଲଗାଇଥିବା ଏବଂ ଅନ୍ୟ ଜଣେ ତାହାକୁ କାଢ଼ି ଟଙ୍କା ନେଇଯାଇଥିବା ଜଣାପଡ଼ିଥିଲା। ଏନେଇ ଏସ୍ବିଆଇର ଡେପୁଟି ମ୍ୟାନେଜର ଲୋକେଶ ଜୋଶୀ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି । ସେପଟେ ସଂଗ୍ରହ ହୋଇଥିବା ସିସିଟିଭି ଫୁଟେଜକୁ ନେଇ ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଜାରି ରଖିଛି ।

କ୍ୟାସ୍ ଡିସପେନସର୍ରେ ବସ୍ତୁ ଲଗାଇ ଟଙ୍କା ହଡ଼ପ, ସିସିଟିଭିରେ ଦୁଇ ଦୁର୍ବୃତ୍ତଙ୍କ କାରନାମା

• ଓଏଲଏକ୍ସରେ ମୋବାଇଲ୍ ବିକ୍ରି ନାଁରେ ୫୦ହଜାର ଟଙ୍କା ଠକେଇ

ନକଲି କ୍ରେତା ସାଜି ଏସ-୨୫ ଅଲ୍ଟ୍ରା ମୋବାଇଲ୍ ନେଇ ଚମ୍ପଟ

ବ୍ରହ୍ମପୁର, ୪।୧୧(ସମିସ): ଅନଲାଇନ୍ରେ ମୋବାଇଲ୍ ବିକ୍ରି ପାଇଁ ବିଜ୍ଞାପନ ଦେବା ମହଙ୍ଗା ପଡ଼ିଛି । ନକଲି କ୍ରେତା ସାଜି ଜଣେ ଅଜଣା ବ୍ୟକ୍ତି ପ୍ରାୟ ୫୦ ହଜାର ଟଙ୍କା ମୂଲ୍ୟର ସାମସଙ୍ଗ୍ ଏସ୨୫ ଅଲ୍ଟ୍ରା ମୋବାଇଲ୍ ଫୋନ୍ ନେଇ ଚମ୍ପଟ ମାରିଥିବା ନେଇ ବଡ଼ ବଜାର ଥାନାରେ ହୋଇଛି । ଅଭିଯୋଗ ଅନୁଯାୟୀ, ଆମ୍ବପୁଆ ଅଞ୍ଚଳର ଗୌରୀ ଶଙ୍କର ଦାସ (୩୨) ନିଜର ସାମସଙ୍ଗ୍ ଏସ୨୫ ଅଲ୍ଟ୍ରା ମୋବାଇଲ୍ ଫୋନ୍କୁ ଓଏଲଏକ୍ସରେ ବିକ୍ରି ପାଇଁ ବିଜ୍ଞାପନ ଦେଇଥିଲେ। ଏହି ବିଜ୍ଞାପନ ଦେଖି ତପନ ନାମକ ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଫୋନ୍ କରିଥିଲେ। ମୋବାଇଲ୍ କିଣିବାକୁ ଆଗ୍ରହ ପ୍ରକାଶ କରି ସେ ଗୌରୀ ଶଙ୍କରଙ୍କୁ ବଡ଼ ବଜାର ଥାନା ଅନ୍ତର୍ଗତ ଧାନମେରା ସାହିକୁ ଡାକିଥିଲେ । ତାଙ୍କ କଥାରେ ବିଶ୍ୱାସ କରି ଗୌରୀ ଶଙ୍କର ଉକ୍ତ ମୋବାଇଲ୍ ଧରି ଉକ୍ତ ସ୍ଥାନରେ ପହଞ୍ଚିଥିଲେ। ସେଠାରେ ଅଭିଯୁକ୍ତ ଜଣକ ୨୦ବି୫୩୬୫ ନମ୍ବର ବିଶିଷ୍ଟ ଏକ ବାଇକ୍ରେ ଆସିଥିଲେ। କଥାବାର୍ତ୍ତା ଚାଲିଥିବା ସମୟରେ କୌଶଳକ୍ରମେ ମୋବାଇଲ୍ ଫୋନ୍ଟି ନେଇ ସେଠାରୁ ଚମ୍ପଟଥିଲେ। ଅଭିଯୁକ୍ତଙ୍କ ବାଇକ୍ର ଫଟୋ ମଧ୍ୟ ଗୌରୀ ଶଙ୍କର ଉଠାଇଥିଲେ। ଫଳରେ ଘଟଣାକୁ ନେଇ ଗୌରୀ ଶଙ୍କର ବଡ଼ ବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି ।

ଜିଲ୍ଲାରେ ବିଗୁଡୁଛି ଶିକ୍ଷା ବ୍ୟବସ୍ଥା | ଶିକ୍ଷକଙ୍କୁ ଅତିରିକ୍ତ ଦାୟିତ୍ୱ

ବାତ୍ୟାର ପ୍ରଭାବରେ ପଛୁଆ ଶିକ୍ଷାଦାନ

ବ୍ରହ୍ମପୁର,୪ ।୧୧(ସମିସ):

ଚାଷୀଙ୍କ ଫସଲ ଉଜାଡ଼ିବା ପରେ ଏବେ ଗଞ୍ଜାମ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ଦୋହଲାଇ ଦେଇଛି ବାତ୍ୟା "ଅର୍ଣ୍ଣବ"। ଲଗାତାର ବର୍ଷା ଓ ବନ୍ୟାରେ ଜିଲ୍ଲାର ଶିକ୍ଷା ଭିତ୍ତିଭୂମି ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅନ୍ୟପଟେ ଶିକ୍ଷକଙ୍କ ମୁଣ୍ଡରେ ଲଦାଯାଇଛି ଅତିରିକ୍ତ ଦାୟିତ୍ୱ। ଫଳରେ ନିୟମିତ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଆଗକୁ ବାର୍ଷିକ ପରୀକ୍ଷା ଥିବାବେଳେ ନିର୍ଦ୍ଧାରିତ ସମୟରେ ପାଠ୍ୟକ୍ରମ ଶେଷ ହେବା ନେଇ ଏବେ ଆଶଙ୍କା ଦେଖାଦେଇଛି। ବାତ୍ୟା ପ୍ରଭାବରେ ଗଞ୍ଜାମର ଶେରଗଡ଼, ଆସିକା, ପୁରୁଷୋତ୍ତମପୁର, ପାତ୍ରପୁର, ବେଲଗୁଣ୍ଠା, ଖଲ୍ଲିକୋଟ, ହିଞ୍ଜିଳିକାଟୁ, କବିସୂର୍ଯ୍ୟନଗର ସମେତ ବିଭିନ୍ନ ବ୍ଲକର ବିଦ୍ୟାଳୟ ଗୁଡ଼ିକ ବନ୍ୟାଜଳରେ କ୍ଷତିଗ୍ରସ୍ତ ହୋଇଛି। ଶ୍ରେଣୀଗୃହ, ବିଦ୍ୟାଳୟ ପରିସର ଓ ଅନ୍ୟାନ୍ୟ ଭିତ୍ତିଭୂମିର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହାର ସିଧାସଳଖ ପ୍ରଭାବ ହଜାର ହଜାର ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ ପଡ଼ିଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ପ୍ରାୟ ୧୦ଟି ବ୍ଲକର ୮୦ରୁ ଅଧିକ ବିଦ୍ୟାଳୟ ଏବେ ପାଠପଢ଼ା ପାଇଁ ଅନୁପଯୁକ୍ତ ରହିଛି। ଏଥିମଧ୍ୟରୁ କେବଳ ଆସିକା ବ୍ଲକରେ ସର୍ବାଧିକ ୩୦ରୁ ଅଧିକ ବିଦ୍ୟାଳୟ ରହିଛି। ତେବେ ଆଗାକୁ ବିଦ୍ୟାଳୟ ଖୋଲିବାକୁ ଥିବାବେଳେ ଏହି ବିଦ୍ୟାଳୟଗୁଡ଼ିକରେ କିଭଳି ପାଠପଢ଼ା ହେବ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପଟେ ଶିକ୍ଷକଙ୍କ ଉପରେ ଏସ୍ଆଇଆର୍ କାର୍ଯ୍ୟକ୍ରମର ଅତିରିକ୍ତ ବୋଝ ପଡ଼ିଛି। ଜିଲ୍ଲାର ପ୍ରାୟ ୧୯୮୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ବୁଥ୍ସ୍ତରୀୟ ଅଧିକାରୀ (ବିଏଲ୍ଓ) ଭାବେ ନିୟୋଜିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ନଭେମ୍ବର ୭ରେ ଶେଷ ହେବାର ଥିଲା। ମାତ୍ର ବାତ୍ୟା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ସମୟସୀମା ନଭେମ୍ବର ୨୧ ପର୍ଯ୍ୟନ୍ତ ବଢ଼ାଯାଇଛି। ଫଳରେ ଶିକ୍ଷକମାନେ ନିୟମିତ ଶିକ୍ଷାଦାନ ସହ ନିର୍ବାଚନ ସମ୍ପର୍କିତ କାର୍ଯ୍ୟ ମଧ୍ୟ ତୁଲାଇବାକୁ ବାଧ ହେଉଛନ୍ତି। ଏପଟେ ଦୁର୍ଗାପୂଜା ଅବସରରେ ଅକ୍ଟୋବର ୧୭ରୁ ୨୫ ପର୍ଯ୍ୟନ୍ତ ବିଦ୍ୟାଳୟ ଗୁଡ଼ିକରେ ଛୁଟି ଘୋଷଣା ହୋଇଥିଲା। ବାତ୍ୟା ଓ ବନ୍ୟା ଯୋଗୁଁ ପରବର୍ତ୍ତୀ ସମୟରେ ଅତିରିକ୍ତ ୧୨ ଦିନ ଛୁଟି ବଢ଼ାଯାଇ ନଭେମ୍ବର ୮ ପର୍ଯ୍ୟନ୍ତ ସମସ୍ତ

- **ଛାତ୍ରଛାତ୍ରୀଙ୍କ ପାଇଁ କେତେ ପ୍ରସ୍ତୁତି ବିଦ୍ୟାଳୟ ଭିତ୍ତିଭୂମି**
- **ପୁଣି ଆଉ ୩ଦିନ ବୃଦ୍ଧି ହେଲା ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି**
- **ବାର୍ଷିକ ପରୀକ୍ଷା ପୂର୍ବରୁ ସିଲାବସ୍ ଶେଷ ହେବ ତ?**

ସରକାରୀ ବିଦ୍ୟାଳୟ ବନ୍ଦ ରଖାଯାଇଛି। ସେହିପରି ଚଳିତ ମାସ ୯ ତାରିଖରେ ଦୀବାପଳୀ ରହିଥିବା ବେଳେ ଉକ୍ତ ଦିନ ମଧ୍ୟ ବିଦ୍ୟାଳୟ ଛୁଟି ରହିବ। ପୁଣି ୧୦ତାରିଖରେ ଜିଲ୍ଲାର ବିଦ୍ୟାଳୟ ଖୋଲିବାର ଆଶଙ୍କା ରହିଛି। ଏହାଦ୍ୱାରା ପାଠପଢ଼ାରେ ଦୀର୍ଘ ବ୍ୟବଧାନ ସୃଷ୍ଟି ହୋଇଛି। ଆସନ୍ତା ଫେବୃଆରୀରୁ ବାର୍ଷିକ ପରୀକ୍ଷା ହେବାକୁ ଥିବାବେଳେ ହାତରେ ରହିଛି ସୀମିତ ସମୟ। ଏଭଳି ସ୍ଥିତିରେ ଛୁଟି, ବାତ୍ୟାଜନିତ କ୍ଷତି ଓ ଶିକ୍ଷକଙ୍କ ଅତିରିକ୍ତ ଦାୟିତ୍ୱ ଯୋଗୁଁ ପାଠ୍ୟକ୍ରମ କେତେଦୂର ଆଗେଇବ, ତାହା ଅଭିଭାବକଙ୍କ ଚିନ୍ତା ବଢ଼ାଇଛି। କେବଳ ବିଦ୍ୟାଳୟ ଖୋଲିଦେଲେ ଶିକ୍ଷାଦାନ ସ୍ୱାଭାବିକ ହେବନାହିଁ। କ୍ଷତିଗ୍ରସ୍ତ ବିଦ୍ୟାଳୟର ମରାମତି, ଶିକ୍ଷକଙ୍କୁ ଅତିରିକ୍ତ କାର୍ଯ୍ୟରୁ ମୁକ୍ତି ଏବଂ ପାଠପଢ଼ାର କ୍ଷତି ଭରଣା ପାଇଁ ସ୍ୱତନ୍ତ୍ର ଯୋଜନା ଜରୁରୀ ରହିଛି। ନଚେତ୍ ବାତ୍ୟାର ପ୍ରଭାବ କେବଳ ବିଦ୍ୟାଳୟ ଭିତ୍ତିଭୂମିରେ ସୀମିତ ନରହି ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଭବିଷ୍ୟତକୁ ମଧ୍ୟ ପ୍ରଭାବିତ କରିବା ଆଶଙ୍କା ରହିଛି।

ବନ୍ୟା ପ୍ରଭାବିତ ପରିବାରଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ

ବ୍ରହ୍ମପୁର,୪।୧୧(ସମିସ): ଅର୍ଣ୍ଣବ ବାତ୍ୟା ପ୍ରଭାବରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସଭାପତି ତଥା ପୂର୍ବତନ କର୍ପୋରେଟର ଆର.ମୁରଳୀ ମୋହନ। ସହରର ଜଳବନ୍ଦୀ ଇଲାକାରୁ ଆରମ୍ଭ କରି ବିଭିନ୍ନ ୱାର୍ଡରେ କ୍ଷତିଗ୍ରସ୍ତ ଲୋକ ଯେଭଳି କେହି ଭୋକ ଉପାସରେ ନରହିବେ ସେଥିପାଇଁ ନିଜେ ପ୍ରୟାସ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ବନ୍ୟା ପ୍ରଭାବିତ ତଥା ପରବର୍ତ୍ତୀ ସମୟରେ ପୁଣି ମୁରାସୁ ବାତ୍ୟା ଜନିତ ବର୍ଷାରେ ପ୍ରଭାବିତ ଗରିବ ଶ୍ରେଣୀର ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଶୁଖିଲା ଖାଦ୍ୟ ସହ ରାସନ ସାମଗ୍ରୀ ଓ ପାଲ ବଣ୍ଟନ କରିଥିଲେ। ଜୀବନଜୀବିକା ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କ ପାଖରେ ରିଲିଫ ସାମଗ୍ରୀ ଦେବା ସହ କିଛି ଆର୍ଥିକ ସହାୟତା କରିବା ସହ ସମବେଦନା ମଧ୍ୟ ଜଣାଇଥିଲେ। ବ୍ରହ୍ମପୁର ବିଧାୟକ, ମହାନଗର ନିଗମର ମେୟର, ମହାନଗର ନିଗମର କମିଶନର, ବ୍ରହ୍ମପୁର ତହସିଲଦାର ରିଲିଫ ସାମଗ୍ରୀ ବଣ୍ଟନ ବ୍ୟବସ୍ଥାରେ ସହଯୋଗ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବଣ୍ଟନ କାର୍ଯ୍ୟକ୍ରମରେ ନୀଳକଣ୍ଠ ସାହୁ, ଶ୍ରୀକାନ୍ତ ପାଣିଗ୍ରାହୀ, ସୁଶୀଲ ସେନାପତି, ମନୋରଞ୍ଜନ ପଟ୍ଟନାୟକ, ତିରୁପତି ପାତ୍ର, ବାବୁଲି ଭୂୟାଁ ଓ ତୁଳସୀ ନଗର ବଣିକ ସଂଘର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।



ବନ୍ଦ ଘରୁ ୪୦ ଭରି ସୁନା, ରୁପା ଓ ଟଙ୍କା ଚୋରି

ବ୍ରହ୍ମପୁର,୪।୧୧(ସମିସ): ତଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ବୀମା ନଗର ପ୍ରଥମ ଲାଇନରେ ଏକ ତାଲା ବନ୍ଦ ଘରୁ ଦୁର୍ବୃତ୍ତମାନେ ୪୦ ଭରି ସୁନା, ୨୫୦ ଗ୍ରାମ ରୁପା ଓ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ବୀମା ନଗର ପ୍ରଥମ ଲାଇନର ବାସିନ୍ଦା ପ୍ରଦୀପ କୁମାର ସାହୁ ତାଙ୍କ ବଡ଼ବାପାଙ୍କ ପ୍ରଥମ ଶ୍ରାଦ୍ଧ କାର୍ଯ୍ୟରେ ଯୋଗଦେବା ପାଇଁ ଗତ ୨ ତାରିଖରେ ପରିବାର ସହ ଘରେ ତାଲା ପକାଇ ଛତ୍ରପୁର ସ୍ଥିତ ବଡ଼ପୁଟି ଯାଇଥିଲେ। ବୁଧବାର ସକାଳ ପ୍ରାୟ ୧୦ଟାରେ ସେମାନେ ଘରକୁ ଫେରିବା ପରେ ମୁଖ୍ୟ ଫାଟକର ତାଲା ଭଙ୍ଗା ଯାଇଥିବା ଏବଂ ଘରର କବାଟ ଖୋଲା ଥିବା ଦେଖିବାକୁ ପାଇଥିଲେ। ଘର ଭିତରକୁ ଯାଇ ଦେଖିବା ବେଳକୁ ଆଲମାରି ଖୋଲା ଥିବା ସହ ସେଥିରେ ରଖାଯାଇଥିବା ୪୦ ତୁଳା ସୁନା, ୨୫୦ ଗ୍ରାମ ରୁପା ଓ ୧୦ ହଜାର ଟଙ୍କା ଗାଏବ ହୋଇଯାଇଥିଲା। ଏନେଇ ପ୍ରଦୀପ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନେଇଛି। ଏଥିସହ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବା ପୁଲିସ କହିଛି। ଅନ୍ୟପକ୍ଷରେ, ବ୍ରହ୍ମପୁର ସହର ଓ ଉପକଣ୍ଠରେ ଚୋରି ଘଟଣା ବୃଦ୍ଧି ପାଇବା ଚିନ୍ତାର କାରଣ ପାଲଟିଛି। ଗତ ୧୦ ଦିନ ମଧ୍ୟରେ ୮ରୁ ଉର୍ଦ୍ଧ୍ୱ ତାଲା ବନ୍ଦ ଘରୁ ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଥିବା ନେଇ ବିଭିନ୍ନ ଥାନାରେ ଅଭିଯୋଗ ହୋଇଛି। ପ୍ରତ୍ୟେକ ଘଟଣାରେ ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଏଯାଏଁ କୌଣସି ମାମଲାରେ ଚୋରଙ୍କୁ ଧରିବାରେ ସଫଳତା ମିଳିନଥିବା ଜଣାପଡ଼ିଛି। ଲଗାତାର ଚୋରି ଘଟଣାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ବେଳେ ପୁଲିସର ପାଟ୍ରୋଲିଂ ଓ ରାତ୍ରିକାଳୀନ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

ଛେଳି ଚରାଇବାକୁ ଯାଇଥିବା ବୃଦ୍ଧଙ୍କ ମୃତ୍ୟୁ

ବ୍ରହ୍ମପୁର,୪।୧୧(ସମିସ): ଗଛ ଡାଳ ଭାଙ୍ଗିବାକୁ ଯାଇଥିବା ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ ଡୁରା ଗ୍ରାମ ହରିଜନ ସାହିର ଲଡୁ ଦାସ (୬୬)। ଏନେଇ ତାଙ୍କ ପୁତୁରା ରତିକାନ୍ତ ଦାସ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୩୦ ତାରିଖ ସକାଳ ପ୍ରାୟ ୮ଟାରେ ଲଡୁ ଛେଳିଙ୍କ ଖାଦ୍ୟ ପାଇଁ ଗଛରୁ ଡାଳ ଭାଙ୍ଗିବାକୁ ଘରଠାରୁ କିଛି ଦୂରକୁ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପରେ ଗଛ ନିକଟରେ ସେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ତାଙ୍କୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଥିବାବେଳେ ବୁଧବାର ଭୋର ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରତିକାନ୍ତଙ୍କ ଅଭିଯୋଗକ୍ରମେ ଗୋପାଳପୁର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶବ ବ୍ୟବଚ୍ଛେଦ ପରେ ପୁଲିସ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

ଜୁଆଆଡ୍ଡାରେ ପୁଲିସ ଚଢ଼ଉ; ୪ ଗିରଫ

ବ୍ରହ୍ମପୁର,୪।୧୧(ସମିସ): ସହରରେ ବେଆଇନ ଜୁଆ କାରବାର ଉପରେ ବଡ଼ବଜାର ଥାନା ପୁଲିସର ଚଢ଼ାଉ। ଧୋବାବନ୍ଧ ହୁଡ଼ା ଅଞ୍ଚଳରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଅତର୍କିତ ଚଢ଼ାଉ କରି ପୁଲିସ ୪ ଜଣ ଜୁଆଡ଼ିଙ୍କୁ କାବୁ କରିଛି। ସେମାନଙ୍କ ନିକଟରୁ ନଗଦ ୬ ହଜାର ୬୦୦ ଟଙ୍କା ଓ ଗୋଟିଏ ସେଟ୍ ତାସ୍ ପତା ଜବତ ହୋଇଛି। ସୂଚନାଯୋଗ୍ୟ ଯେ, ବଡ଼ବଜାର ଥାନାର ଏସ୍ଆଇ ଦୀପକ କୁମାର ଦାସ ପାଟ୍ରୋଲିଂ କରୁଥିବା ସମୟରେ ଧୋବାବନ୍ଧ ହୁଡ଼ା ଅଞ୍ଚଳରେ ଜୁଆ ଖେଳ ଚାଲିଥିବା ନେଇ ସୂଚନା ପାଇଥିଲେ। ଏହାପରେ ପୁଲିସ ଟିମ୍ ସେଠାରେ ଚଢ଼ଉ କରିଥିଲା। ଏହି ଘଟଣାରେ ପଞ୍ଚୁ ସେଠୀ , ଫକୀର ବାହାଦୁର , ମଙ୍ଗଳା ପାତ୍ର ଓ କୃଷ୍ଣ ନାୟକ ଆଦି ୪ଜୁଆଡ଼ିଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ୬୬୦୦ ଟଙ୍କା ଓ ତାସ୍ ପତା ଜବତ କରିଥିଲା। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

• ଏମକେସିଜି ଶୌଚାଳୟରେ ଭିଡିଓ ରେକର୍ଡିଂ ଅଭିଯୋଗ

୫ ଜଣିଆ କମିଟିର ତଦନ୍ତ ଆରମ୍ଭ; ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ

ବ୍ରହ୍ମପୁର,୪।୧୧(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ମେଡିସିନ୍ ବିଭାଗ ଇନ୍ଡୋର ଶୌଚାଳୟରେ ମୋବାଇଲ କ୍ୟାମେରା ଜରିଆରେ ଜଣେ ଇର୍ଣ୍ଟର୍ନସିପ୍ ଛାତ୍ରୀଙ୍କ ଭିଡିଓ ରେକର୍ଡିଂ କରାଯାଇଥିବା ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଦୀପା ଦାଶଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ କମିଟି ବୁଧବାରଠାରୁ ଘଟଣାର ତଦନ୍ତ ଆରମ୍ଭ କରିଛି। କମିଟିରେ ମେଡିକାଲ ରେଜିଷ୍ଟ୍ରାର ଡା. ଶ୍ୱେତ କୁମାର ଦାଶ, ମାନସିକ ରୋଗ ବିଭାଗ ମୁଖ୍ୟ ପ୍ରଫେସର ଡା. ଚନ୍ଦ୍ରଶେଖର ତ୍ରିପାଠୀ, ମେଡିସିନ୍ ବିଭାଗ ମୁଖ୍ୟ ପ୍ରଫେସର ଡା. ସରିତା ବେହେରା ଏବଂ ଟ୍ରାନ୍ସଫ୍ୟୁଜନ୍ ବିଭାଗ ମୁଖ୍ୟ ପ୍ରଫେସର ଡା. ସବିତା ପଲାଇ ସଦସ୍ୟ ରହିଛନ୍ତି। ତଦନ୍ତ ଆରମ୍ଭ କରି କମିଟି ସଦସ୍ୟମାନେ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ମେଡିକାଲ ନର୍ସିଂ ଅଧୀକ୍ଷକଙ୍କ ସମେତ ମେଡିସିନ୍ ବିଭାଗରେ କାର୍ଯ୍ୟରତ କେତେକ ନର୍ସିଂ ଅଫିସରଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ତେବେ ଘଟଣା ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ବେଳେ କର୍ମଚାରୀମାନେ ଏ ସମ୍ପର୍କରେ ଅବଗତ ନଥିବା ନିଜ ମତ ରଖିଥିଲେ। ଅଭିଯୋଗର ସତ୍ୟତା ପ୍ରମାଣିତ ହେଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧୀକ୍ଷକ ପ୍ରଫେସର ଡା. ସୁଦୀପା ଦାଶ କହିଛନ୍ତି। ସୂଚନାଯୋଗ୍ୟ ଯେ, ଦୁର୍ଗାପୂଜା ଛୁଟି ସମୟରେ ମେଡିକାଲରେ କାର୍ଯ୍ୟରତ ଜଣେ ଇର୍ଣ୍ଟର୍ନସିପ୍ ଛାତ୍ରୀ ମେଡିସିନ୍ ବିଭାଗର ଇନ୍ଡୋର ଶୌଚାଳୟ ବ୍ୟବହାର କରିଥିଲେ। ଏହି ସମୟରେ ଶୌଚାଳୟ ଭିତରେ ପୂର୍ବରୁ ଜଣେ ପୁରୁଷ କର୍ମଚାରୀ ମୋବାଇଲ କ୍ୟାମେରା ରଖିଥିବା ଅଭିଯୋଗ ହୋଇଥିଲା। ଛାତ୍ରୀ ଜଣକ ମୋବାଇଲଟିକୁ ଦେଖିବା ପରେ ବାହାର କରିଥିଲେ ଏବଂ ସମ୍ପୃକ୍ତ କର୍ମଚାରୀଙ୍କୁ ଡାକି ତାଗିଦ୍ କରିଥିଲେ। ମୋବାଇଲରେ ଥିବା ଭିଡିଓ ଡିଲିଟ୍ କରାଯାଇଥିବା ମଧ୍ୟ ଅଭିଯୋଗ ରହିଛି। ଘଟଣା ସାମ୍ନାକୁ ଆସିବା ପରେ ସମ୍ପୃକ୍ତ କର୍ମଚାରୀଙ୍କୁ ଉକ୍ତ ୱାର୍ଡରୁ ଅନ୍ୟ ୱାର୍ଡକୁ ବଦଳି କରାଯାଇଥିବା ଜଣାପଡ଼ିଛି। ତେବେ କିଏ ଏବଂ କେଉଁ ପରିସ୍ଥିତିରେ ଶୌଚାଳୟରେ ମୋବାଇଲ କ୍ୟାମେରା ରଖିଥିଲେ, ତାହାର ତଦନ୍ତ କରୁଛି କମିଟି। ଏହି ଘଟଣା ପରେ ମେଡିକାଲ ପରିସରରେ ମହିଳା କର୍ମଚାରୀଙ୍କ ସୁରକ୍ଷା ଓ ଗୋପନୀୟତା ନେଇ ଗୁରୁତର ପ୍ରଶ୍ନ ଉଠାଇଛି।

ପୁଲିସ ଚଢ଼ଉରେ ଧରାପଡ଼ିଲେ ଚୋରା ବାଣ ବ୍ୟବସାୟୀ

ବ୍ରହ୍ମପୁର,୪।୧୧(ସମିସ): ଲୁଚାଛପାରେ ବିପୁଳ ପରିମାଣର ବାଣ ଗଚ୍ଛିତ ରଖି ବିକ୍ରି କରିବା ଯୋଜନା ଚାଲିଥିବା ବେଳେ ପୁଲିସ ଚଢ଼ାଉ କରି ଜଣେ ବ୍ୟବସାୟୀଙ୍କୁ ଧରିବା ସହ ୧୩ପ୍ରକାରର ବାଣ ଜବତ କରିଛି। ଧରାପଡ଼ିଥିବା ବ୍ୟବସାୟୀ ଜଣକ ହେଲେ ବ୍ରହ୍ମପୁର କୈଳାସ ନଗର ଚତୁର୍ଥ ଲାଇନର କାହ୍ନା ସାହୁ (୨୩)। ସୂଚନା ଅନୁଯାୟୀ, ସଦର ଥାନାର ଏଏସ୍ଆଇ ରବୀନ୍ଦ୍ର ପ୍ରଧାନ ଥାନା କର୍ମଚାରୀଙ୍କ ସହ ସନ୍ଧ୍ୟାରେ ନଳିହାଡ଼ା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ କାହ୍ନା ସାହୁ ନଳିହାଡ଼ା ଗ୍ରାମର ସୁରେଶ ବିଷୋୟୀଙ୍କ ଏକ କୋଠରିରେ ବିନା ଅନୁମତିରେ ବିକ୍ରି ଉଦ୍ଦେଶ୍ୟରେ ବିପୁଳ ପରିମାଣର ବାଣ ଗଚ୍ଛିତ ରଖିଛନ୍ତି। ପରେ ପୁଲିସ ଟିମ୍ ଉକ୍ତ କୋଠରିରେ ଚଢ଼ାଉ କରିଥିଲା। ବାଣ ଗଚ୍ଛିତ ରଖିବା ଓ ବିକ୍ରି କରିବା ପାଇଁ ଆବଶ୍ୟକ ଲାଇସେନ୍ସ ଓ ଅନ୍ୟାନ୍ୟ କାଗଜପତ୍ର ମାଗିବାରୁ ସେ କୌଣସି ବୈଧ ଦସ୍ତାବିଜ୍ ଦେଖାଇ ପାରିନଥିଲେ। ଏନେଇ ଥାନାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି।

ଗଞ୍ଜେଇ ଚୋରା କାରବାରର ପର୍ଦ୍ଦାଫାସ; ୫ ଗିରଫ

୨୭ କେଜି ଗଞ୍ଜେଇ ଓ ବାଇକ ଜବତ, ୫ଟି ଏନ୍ଡିପିଏସ୍ ମାମଲା ରୁଜୁ

ବ୍ରହ୍ମପୁର, ୪।୧୧(ସମିସ):

ବ୍ରହ୍ମପୁର ସହର ଓ ଏହାର ଆଖପାଖ ଅଞ୍ଚଳରେ ଚାଲିଥିବା ଗଞ୍ଜେଇ ଚୋରା କାରବାର ଉପରେ ଅବକାରୀ ବିଭାଗ ପକ୍ଷରୁ ବଡ଼ଧରଣର ଧରପଗଡ଼ କରାଯାଇଛି। ବିଭିନ୍ନ ସ୍ଥାନରେ ଲଗାତାର ଚଢ଼ାଉ କରି ୫ଟି ଏନ୍ଡିପିଏସ୍ ମାମଲା ରୁଜୁ କରିବା ସହ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବିଭାଗ। ଏହି ଚଢ଼ାଉରେ ମୋଟ ୨୭.୫ କେଜି ଗଞ୍ଜେଇ ଓ ଗୋଟିଏ ବାଇକ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ଗାଙ୍ଗପୁର ଗ୍ରାମର କାଳୁ ଚରଣ ବିଷୋୟୀ ଓ ସାଗର ଗୌଡ଼, ଧରାକୋଟ ଥାନା ଅନ୍ତର୍ଗତ କାମା ଶାସନ ଗ୍ରାମର ଏ. ଗଣେଶ ରେଡ୍ଡୀ ଓ ଦାମୋଦରପଲ୍ଲୀ ଗ୍ରାମର ଏନ୍. ଶିବ୍ବା ରେଡ୍ଡୀଏବଂ ତାମିଲନାଡୁର ଚେନ୍ନାଇ ଅଞ୍ଚଳର ତଣ୍ଡରପେଟ୍ ନିବାସୀ ମହମ୍ମଦ ହାସନ। ସୂଚନାଯୋଗ୍ୟ ଯେ, ସଦର ରେଞ୍ଜ ଅବକାରୀ ଇନ୍ସପେକ୍ଟର ବି. ମନୋଜ କୁମାରଙ୍କ ନେତୃତ୍ୱରେ ବ୍ରହ୍ମପୁର ରେଳ ଷ୍ଟେସନର ନିକଟରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୮ କେଜି ଗଞ୍ଜେଇ ଜବତ କରିବା ସହ ଭଞ୍ଜନଗର ଥାନା ଅଞ୍ଚଳର କାଳୁ ଚରଣ ବିଷୋୟୀଙ୍କୁ ଗିରଫ କରାଯାଇଥିଲା। ସେହିପରି ବ୍ରହ୍ମପୁର ଅବକାରୀ ଷ୍ଟେସନ-୨ ପକ୍ଷରୁ ରେଳଷ୍ଟେସନର ପ୍ରଥମ ଗେଟ୍ ନିକଟରେ ଅନ୍ୟ ଏକ ଚଢ଼ାଉ କରାଯାଇ ୬.୭ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ ଭଞ୍ଜନଗର ଥାନା ଅନ୍ତର୍ଗତ ଗାଙ୍ଗପୁର ଗ୍ରାମର ସାଗର ଗୌଡ଼ଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ଜିଲ୍ଲା ମୋବାଇଲ୍ ସ୍କ୍ୱାଡ୍ ପକ୍ଷରୁ ବିଜିପୁର ଛକରେ ଚଢ଼ାଉ କରାଯାଇ ୬.୨ କେଜି ଗଞ୍ଜେଇ ଜବତ ସହ ଧରାକୋଟ ଥାନା ଅନ୍ତର୍ଗତ କାମା ଶାସନ ଗ୍ରାମର ଏ. ଗଣେଶ ରେରେଡ୍ଡୀଙ୍କୁ ଗିରଫ କରାଯାଇଥିଲା। ସେହି ସ୍କ୍ୱାଡ୍ ପକ୍ଷରୁ ବ୍ରହ୍ମପୁର ରେଳଷ୍ଟେସନ ରୋଡ୍ରେ ଆଉ ଏକ ଚଢ଼ାଉ କରାଯାଇ ୫ କେଜି ଗଞ୍ଜେଇ ସହ ଗୋଟିଏ ମୋଟରସାଇକେଲ୍ ଜବତ କରାଯାଇଥିଲା। ଏହି ଘଟଣାରେ ଧରାକୋଟ ଥାନା ଅନ୍ତର୍ଗତ ଦାମୋଦରପଲ୍ଲୀ ଗ୍ରାମର ଏନ୍. ଶିବ୍ବା ରେରେଡ୍ଡୀଙ୍କୁ ଗିରଫ କରାଯାଇଛି। ଏହାବ୍ୟତୀତ ଗୋଳନ୍ଥରା ଅବକାରୀ ଷ୍ଟେସନ ପକ୍ଷରୁ ହଳଦିଆପଦର ରୋଡ୍ରେ ଚଢ଼ାଉ କରାଯାଇ ୧.୬ କେଜି ଗଞ୍ଜେଇ ଜବତ କରାଯିବା ସହ ତାମିଲନାଡୁର ଚେନ୍ନାଇ ଅଞ୍ଚଳର ତଣ୍ଡରପେଟ୍ ନିବାସୀ ମହମ୍ମଦ ହାସନଙ୍କୁ ଗିରଫ କରାଯାଇଥିଲା। ଏହିପରି ଭାବେ ଅବକାରୀ ବିଭାଗର ପୃଥକ୍ ପୃଥକ୍ ଟିମ୍ ଚଢ଼ାଉ କରି ୫ଟି ଏନ୍ଡିପିଏସ୍ ମାମଲା ଠାବ କରିବା ସହ ୫ ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଏସପି ପ୍ରବୀନ ପ୍ରଧାନ ସୂଚନା ଦେଇଛନ୍ତି। ଗଞ୍ଜେଇ ଚୋରା ଚାଲାଣ ଓ କାରବାର ରୋକିବା ପାଇଁ ଆଗକୁ ମଧ୍ୟ ଏଭଳି ଚଢ଼ାଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



THE BISRA STONE LIME COMPANY LIMITED

CIN: L14100OR1910GO1033904
Registered office: House No: 255, Pristine Green, Pokhariput, Bhubaneswar, Odisha-751020, Tel. No. 0674-2391595,
website:www.birdgroup.co.in, Email:omdc.sec.dept@gmail.com

NOTICE OF 115TH ANNUAL GENERAL MEETING THROUGH VC/OAVM AND REMOTE E-VOTING

NOTICE is hereby given that the 115th Annual General Meeting (AGM) of the members of The Bisra Stone Lime Company Limited will be held on Monday, 30th November, 2026 at 4.00 P.M. (IST) through Video Conferencing ("VC")/Other Audio Visual Means ("OAVM") without physical presence of members at a common venue, in compliance with applicable provisions of the Companies Act, 2013,'Rules made thereunder and SEBI (Listing Obligations & Disclosure Requirements) Regulations, 2015 read with all applicable circulars issued by Ministry of Corporate Affairs (MCA) and SEBI, from time to time, to transact the businesses set out in the Notice of the said AGM.

Members may note that in compliance with the aforementioned circulars, the Notice of 115th AGM and Annual Report for the financial year 2025-26 will be sent only by email to all the members of the Company whose email addresses are registered with the Company's Registrar and Transfer Agent ("RTA')/ Depository Participant(s). Further, the said documents will also be made available on the Company's website i.e. www.birdgroup.co.in and website of the Stock Exchanges i.e. www.cse-india.com.

The detailed instructions for attending the AGM, remote e-voting for share holders holding shares in dematerialized mode, physical mode and for those whose email IDs are not registered, will be provided in the Notice of AGM in due course. Shareholders will have an opportunity to join and participate in the 115th AGM through VC/OAVM facility only and cast their vote on the items of business as set forth in the Notice of AGM through remote e-voting prior to AGM and through electronic voting system during the AGM.

Members holding shares in physical mode and who have not registered/ updated their e-mail IDs/mobile number are requested to update the same by sending an email at omdc.sec.dept@gmail.com with a signed letter mentioning folio no., name of shareholder(s), address, mobile no., bank details, scanned copy of share certificate (front and back), self-attested copy of PAN and address proof etc.

Further, Members who are holding shares in demat mode and have not registered/ updated their e-Mail ID/mobile numbers/bank details are requested to update the same with their respective Depository Participant.


The Company has fixed Monday, 23rd November, 2026 as the Cut-off Date for determining the eligibility of Members to exercise their voting rights through remote e-voting and voting during the 115th AGM, in accordance with Rule 20 of the Companies (Management and Administration) Rules, 2014.

Place: Vishakhapatnam
Date: 04.11.2026

By the Order of the Board
Sd/-
M. Jagadeeshwara Rao
Company Secretary & Compliance Officer

ସକାଳ
THE SAKALA

ସମ୍ପାଦକୀୟ



ତୁମେ ଯଦି ଭିଡ଼ରୁ ଭିନ୍ନ ହୋଇ ଠିଆ ହେବାକୁ ଚାହୁଁଛ, ତେବେ ପଥର ମାଡ଼ର ସାମ୍ନା କରିବାକୁ ମଧ୍ୟ ପ୍ରସ୍ତୁତ ରହିବା ଉଚିତ।

-ଭର୍ଗିଜ୍ କୁରିଏନ୍

ଆମେରିକାରୁ ନୂଆ ବାର୍ତ୍ତା

ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନର ପ୍ରାରମ୍ଭିକ ଫଳାଫଳ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାର୍ଟି ରିପବ୍ଲିକାନ୍ ବିପକ୍ଷରେ ଯାଇଛି। ଅର୍ଥାତ୍ ଆମେରିକାବାସୀ ଟ୍ରମ୍ପବିମୁଖ ହୋଇଛନ୍ତି। ଡେମୋକ୍ରାଟିକ୍ ପାର୍ଟି ଉଭୟ ଗୃହରେ ନିୟନ୍ତ୍ରଣ ହାସଲ କରିବାକୁ ଯାଉଥିବାରୁ ନୀତି ନିର୍ଦ୍ଧାରଣରେ ଟ୍ରମ୍ପଙ୍କ ଅବଶିଷ୍ଟ ଦୁଇବର୍ଷର ଶାସନ ଆଉ ପୂର୍ବପରି ସହଜ ହେବ ନାହିଁ। ଏହି ନିର୍ବାଚନରେ ମୁଦ୍ରାସ୍ଫୀତି, ଜୀବନଧାରଣରେ ବର୍ଦ୍ଧିତ ଖର୍ଚ୍ଚ, ଇରାନ୍ ସହ ଯୁଦ୍ଧ, ଭେନେଜୁଏଲା ଉପରେ ଦାଦାଗିରି ଏବଂ ଟ୍ରମ୍ପ ପ୍ରଶାସନର ନୀତିକୁ ନେଇ ଜନସାଧାରଣଙ୍କ ଅସନ୍ତୋଷ ପ୍ରମୁଖ ଭୂମିକା ନେଇଛି। ତେବେ ଏହି ପରାଜୟ ଟ୍ରମ୍ପଙ୍କ ରାଷ୍ଟ୍ରପତି ପଦକୁ ତତ୍କାଳ ବିପଦରେ ପକାଇବ ନାହିଁ। କିନ୍ତୁ କଂଗ୍ରେସରେ ବିରୋଧୀଙ୍କ ସଂଖ୍ୟାଗରିଷ୍ଠତା ଦ୍ୱାରା ଟ୍ରମ୍ପଙ୍କର ଏକଚାଟିଆ ଓ ମନମୁଖି କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲାଗିପାରେ।

ଆମେରିକାରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳର ମଧ୍ୟଭାଗରେ ହେଉଥିବା ଏହି ନିର୍ବାଚନରେ କଂଗ୍ରେସର ଉଭୟ ସଦନ ପ୍ରତିନିଧି ସଭା (ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ) ର ସମସ୍ତ ଆସନ ଏବଂ ସିନେଟ୍‌ର ପ୍ରାୟ ଏକ-ତୃତୀୟାଂଶ ଆସନ ପାଇଁ ଭୋଟ୍ ହୋଇଥାଏ। ରାଜ୍ୟର ଗଭର୍ଣ୍ଣରମାନେ ମଧ୍ୟ ନିର୍ବାଚିତ ହୁଅନ୍ତି। ଏହି ନିର୍ବାଚନ ରାଷ୍ଟ୍ରପତିଙ୍କ ଲୋକପ୍ରିୟତା ସହିତ ତାଙ୍କ ଶାସନର ଦିଗ ଏବଂ ଭବିଷ୍ୟତର ରାଜନୈତିକ ସମୀକରଣକୁ ପରୀକ୍ଷା କରେ। କୁହାଯାଏ ଆମେରିକାରେ ସୋରିଷ ଫୁଟିଲେ ସମଗ୍ର ବିଶ୍ୱରେ କମ୍ପନ ସୃଷ୍ଟି ହୁଏ। ସେଠାକାର ରାଜନୀତି, ବାଣିଜ୍ୟନୀତି ଓ ଅର୍ଥନୀତିରେ ସାମାନ୍ୟତମ ପରିବର୍ତ୍ତନ ବିଶ୍ୱ ସମୀକରଣକୁ ବଦଳାଇଦିଏ। ତେଣୁ ସେଠାକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନର ଦୃଷ୍ଟିକୋଣକୁ କେବଳ ଆମେରିକା ରାଜନୀତି ଆଭ୍ୟନ୍ତରୀଣ ବ୍ୟାପାର ଭାବରେ ସୀମିତ କରିଦେବା ଉଚିତ ହେବ ନାହିଁ। ବିଶ୍ୱର ସର୍ବବୃହତ୍ ଅର୍ଥନୈତିକ ଓ ସାମରିକ ଶକ୍ତିର ଏହି ରାଜନୈତିକ ଦିଗ ପରିବର୍ତ୍ତନର ସଙ୍କେତ ସ୍ୱାଭାବିକ ଭାବେ ଅନ୍ୟ ଦେଶମାନଙ୍କ ରାଜନୀତି, ଅର୍ଥନୀତି, କୂଟନୀତି ଓ ପ୍ରତିରକ୍ଷା ରଣନୀତି ଓ ବାଣିଜ୍ୟନୀତିକୁ ପ୍ରଭାବିତ କରିବାକୁ ଯାଉଛି।

ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ହେବା ପରେ ତାଙ୍କର 'ଆମେରିକା ଫାଷ୍ଟ' ନୀତି, ଶୁଳ୍କ ଯୁଦ୍ଧ ଓ ଏକପାଖିଆ ବାଣିଜ୍ୟ ନିଷ୍ପତ୍ତି ଅନେକ ଦେଶ ପାଇଁ ଚିନ୍ତାର କାରଣ ହୋଇଥିଲା। ଏବେ ଡେମୋକ୍ରାଟିକ୍ ପାର୍ଟିର ନିୟନ୍ତ୍ରଣରେ କଂଗ୍ରେସ ଟ୍ରମ୍ପ-ନୀତି ଉପରେ ପ୍ରଶ୍ନ ଉଠାଇପାରିବ। ବିଶେଷକରି ୟୁକ୍ରେନ୍ ଯୁଦ୍ଧ, ଇରାନ୍ ସଂଘର୍ଷ, ଇସ୍ରାଏଲ୍-ପାଲେଷ୍ଟାଇନ୍ ସମସ୍ୟା ଓ ଚୀନ୍ ସହ ସମ୍ପର୍କ ନୂଆ ଚର୍ଚ୍ଚାର ବିଷୟ ହେବ। କିନ୍ତୁ ରାଷ୍ଟ୍ରପତିଙ୍କ ପାଖରେ କୂଟନୀତି ଓ ସାମରିକ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ଏବେ ବି ବିପୁଳ କ୍ଷମତା ରହିଛି। ତେଣୁ କଂଗ୍ରେସରେ ଡେମୋକ୍ରାଟଙ୍କ ବିଜୟ ଅର୍ଥ ଆମେରିକାର ବିଦେଶ ନୀତିରେ ତୁରନ୍ତ ପରିବର୍ତ୍ତନ ଆଶା କରିବା ବୃଥା। ଅପରପକ୍ଷରେ ଆମେରିକାର ଶୁଳ୍କ ନୀତି ବିଶ୍ୱ ଅର୍ଥନୀତିକୁ ଅନିଶ୍ଚିତତା ମଧ୍ୟକୁ ଠେଲିଦେଇଛି। ଚୀନ୍, ଭାରତ, ୟୁରୋପ ସମେତ ଅନ୍ୟାନ୍ୟ ବାଣିଜ୍ୟିକ ସହଯୋଗୀ ଦେଶ ଆମେରିକାର ଟାରିଫ୍ ନୀତି ଯୋଗୁଁ ଚାପରେ ରହିଛନ୍ତି। ଡେମୋକ୍ରାଟଙ୍କ ବିଜୟ ପରେ ଟ୍ରମ୍ପ ପ୍ରଶାସନର ଶୁଳ୍କ ନିଷ୍ପତ୍ତି ଉପରେ କଂଗ୍ରେସର ତଦାରଖ ଓ ରାଜନୈତିକ ଚାପ ବଢ଼ିପାରେ। ଏହା ଫଳରେ ବିଶ୍ୱ ବାଣିଜ୍ୟରେ କିଛିଟା ସ୍ଥିରତା ଆସିବାର ଆଶା ରହିଛି। କିନ୍ତୁ ଏହାକୁ ବାଣିଜ୍ୟ-ଯୁଦ୍ଧର ଅନ୍ତ ବୋଲି ଭାବିବା ଭୁଲ୍ ହେବ। ଆମେରିକାରେ ଚୀନ୍ ବିରୋଧୀ ମନୋଭାବ କେବଳ ରିପବ୍ଲିକାନ୍ ଦଳ ମଧ୍ୟରେ ସୀମିତ ନୁହେଁ। ତେଣୁ ନୂଆ ସଂସଦ ମଧ୍ୟ ଚୀନ୍‌କୁ ନେଇ କଠୋର ଆଭିମୁଖ୍ୟ ରଖିପାରେ।

ଭାରତ ପାଇଁ ଏହି ନିର୍ବାଚନର ଫଳାଫଳ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଆମେରିକା ଭାରତୀୟ ରପ୍ତାନି ପାଇଁ ଏକ ବଡ଼ ବଜାର। ତେଣୁ ଆମେରିକାର ନୀତିଗତ ପରିବର୍ତ୍ତନ ଭାରତୀୟ ଶିଳ୍ପ, ରପ୍ତାନି, ନିବେଶ ଓ ନିଯୁକ୍ତି ଉପରେ ପ୍ରଭାବ ପକାଇବ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ନେଇ ଚାଲିଥିବା ଆଲୋଚନାରେ ଭାରତକୁ କିଛିଟା ଅଧିକ ସୁଯୋଗ ମିଳିବାର ଆଶା କରାଯାଇପାରେ। ଭାରତୀୟ ଆଇଟି ପେସାଦାର ଓ ଛାତ୍ରଛାତ୍ରୀଙ୍କ ପାଇଁ ଏଚ୍-୧ବି ଭିସା, ଛାତ୍ରଭିସା ବ୍ୟବସ୍ଥାରେ କିଛିଟା ଆଶ୍ୱସ୍ତି ମିଳିପାରେ। ଋଷିଆରୁ ଭାରତର ତୈଳ ଆମଦାନୀ ଏବଂ ଆମେରିକାର ଋଷିଆ ବିରୋଧୀ କଟକଣା କେତେଦୂର କୋହଳ ହେବ ତା' ଉପରେ ଭାରତ-ଆମେରିକା ସମ୍ପର୍କରେ ଉନ୍ନତି ନିର୍ଭର କରେ। ଟ୍ରମ୍ପଙ୍କର ରାଜନୈତିକ ଦୁର୍ବଳତା ଚୀନ୍ ପାଇଁ କୂଟନୈତିକ ସୁଯୋଗ ସୃଷ୍ଟି କରିପାରେ। ଯଦି ଟ୍ରମ୍ପ ପ୍ରଶାସନ ଆଭ୍ୟନ୍ତରୀଣ ରାଜନୀତିରେ ଅଧିକ ବ୍ୟସ୍ତ ରହେ, ତେବେ ଚୀନ୍ ଏସିଆ ଓ ଦକ୍ଷିଣ ସାଗର ଅଞ୍ଚଳରେ ନିଜର ଆଧିପତ୍ୟ ବଢ଼ାଇବାକୁ ଉଦ୍ୟମ କରିପାରେ। ଏହା ଭାରତ ପାଇଁ ମୁଣ୍ଡବିନ୍ଧାର କାରଣ ହେବ।

ଗଣତନ୍ତ୍ରରେ ଶାସକ ଦଳର ଲୋକପ୍ରିୟତା ଚିରସ୍ଥାୟୀ ନୁହେଁ। ଦରଦାମ ବୃଦ୍ଧି, ବେକାରି, ଆର୍ଥିକ ସମସ୍ୟା, ଶାସନର ଉତ୍ତରଦାୟିତ୍ୱ ଆଦି ନିର୍ବାଚନର ଫଳାଫଳକୁ ବଦଳାଇପାରେ। କୌଣସି ସରକାର କେବଳ ରାଜନୈତିକ ପ୍ରଚାର ଓ ନେତୃତ୍ୱର ଲୋକପ୍ରିୟତା ଆଧାରରେ ଦୀର୍ଘକାଳ ଜନସମର୍ଥନ ବଜାୟ ରଖିପାରିବ ନାହିଁ କି ଟଙ୍କା ସବୁବେଳେ ଭୋଟ କିଣିପାରିବ ନାହିଁ। ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଫଳାଫଳ ଭାରତ ପାଇଁ ଆପାତତଃ ଏହି ଶିକ୍ଷା ଦେଇଛି। 'ଜୋର ଯାର ମୁଲକ ତାର' ନୀତି ଆଉ ଚଳିବ ନାହିଁ- ବିଶ୍ୱ ପାଇଁ ଏହି ବାର୍ତ୍ତା ଯାଇଛି।

ସାମ୍ବାଦିକତାର ନିଷିଦ୍ଧାଞ୍ଚଳ!

ଗୌରୀ ପ୍ରସାଦ ମହାପାତ୍ର

ଆମ ଲୋକକଥାରେ 'ଛେଳିକୁ ପଚାରି ମଙ୍ଗଳବାର' ନାମରେ ଶ୍ଳେଷୋକ୍ତିଟିଏ ବହୁଳ ପ୍ରଚଳିତ। ଏହାର ମର୍ମାର୍ଥ ହେଉଛି - ଧରାଯାଉ ଦିନେ ପଶୁପକ୍ଷୀଙ୍କ ରାଜା ଘୋଷଣା କଲେ - 'ଏଣିକି ମଣିଷମାନେ ପଶୁପକ୍ଷୀଙ୍କୁ ବଳି ଦେବା ପୂର୍ବରୁ ସେମାନଙ୍କ ଅନୁମତି ନେବା / ସମ୍ମତି ହାସଲ କରିବା ବାଧ୍ୟତାମୂଳକ।' ଏହାପରେ ବଳି ଦେବାକୁ ଚାହୁଁଥିବା ମଣିଷମାନେ ଉକ୍ତ ପଶୁପକ୍ଷୀମାନଙ୍କୁ ଯାଇ ଯୋଡ଼ହସ୍ତେ ନିବେଦନ କରି କହିବେ - 'ମହାଶୟ/ମହାଶୟା ମୁଁ ଆପଣଙ୍କୁ ବଳି ଦେବା ପାଇଁ ଚାହୁଁଛି। ଦୟାକରି ସମ୍ମତି ପ୍ରଦାନ କଲେ ଚିରୋପକୃତ ହୁଅନ୍ତି।' ଏଭଳି ସ୍ଥିତିର ପରିକଳ୍ପନା ଯେତିକି ଅବାନ୍ତର, ବାସ୍ତବତା ତତୋଧିକ ହାସ୍ୟାସ୍ପଦ। ଅଥଚ କୌତୂହଳୋଦ୍ଦୀପକ ସମାର୍ଥବୋଧକ ଏଭଳି ଏକ ଅବାନ୍ତର ଆଇନ କେନ୍ଦ୍ର ସରକାର 'ଅନୁସନ୍ଧାନ ସାମ୍ବାଦିକତା' କ୍ଷେତ୍ରରେ ପ୍ରୟୋଗ କରିବାକୁ ଯାଉଥିବା ସମ୍ବାଦ ସରବରାହ ସଂସ୍ଥା 'ରଏଟର' ସୂତ୍ରକୁ ଉଦ୍ଧାର କରି କେତେକ ଜାତୀୟସ୍ତରୀୟ ସମ୍ବାଦପତ୍ର ପ୍ରକାଶ କରିଛନ୍ତି।

ପ୍ରସ୍ତାବିତ ଆଇନ ଅନୁଯାୟୀ କୌଣସି ବ୍ୟକ୍ତିବିଶେଷଙ୍କ ଆପତ୍ତିଜନକ କାର୍ଯ୍ୟକଳାପ, ଭ୍ରଷ୍ଟାଚାର, ଦୁର୍ନୀତି ଆଦି ବିଷୟରେ ଅନୁସନ୍ଧାନମୂଳକ ଖବର ପ୍ରକାଶ କରିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତି(ଅଭିଯୁକ୍ତ)ଙ୍କ ଅନୁମତି ନେବା ଏବଂ ସମ୍ବାଦର ଉତ୍ସ ପ୍ରକାଶ କରିବା ବାଧ୍ୟତାମୂଳକ। ପୁଣି ଉକ୍ତ ଆଇନରେ ସମ୍ପୃକ୍ତ ଅଭିଯୁକ୍ତ/ବ୍ୟକ୍ତି ତାଙ୍କ ବିରୋଧରେ ସମ୍ବାଦ ପ୍ରକାଶ କରିବାକୁ ଦେଇଥିବା ଅନୁମତିକୁ ପରବର୍ତ୍ତୀ ସମୟରେ ପ୍ରତ୍ୟାହାର କରିପାରିବାର ଅଧିକାର ଦିଆଯାଇଛି। ବ୍ୟକ୍ତିଗତ ଗୋପନୀୟତାର ସୁରକ୍ଷା ଦୃଷ୍ଟିରୁ ଏଭଳି ଆଇନ ପ୍ରଣୟନ ସପକ୍ଷରେ ଯୁକ୍ତି ଦର୍ଶାଯାଇଥିବା ବେଳେ ସମ୍ଭାବ୍ୟ କଟକଣା ବିରୋଧରେ ୨୧ଟି ଗଣମାଧ୍ୟମ ସଂସ୍ଥା ସର୍ବୋଚ୍ଚ ନ୍ୟାୟାଳୟରେ ଫେରାଦ ହୋଇଛନ୍ତି।

ସ୍ୱାଧୀନୋତ୍ତର ଭାରତରେ ଅନୁସନ୍ଧାନମୂଳକ ଖବର ପ୍ରଭାବର ସୁଦୀର୍ଘ ତାଲିକା ଭିତରକୁ ନ ଯାଇ ଚଳିତ ବର୍ଷର ମାତ୍ରକିଛି ଘଟଣାକୁ ଉଦାହରଣ ରୂପେ ନିଆଯାଉ। କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭଗୀରଥ ଚୌଧୁରୀ ତାଙ୍କ ଫାର୍ମରେ କାକୁଡ଼ି ଚାଷ ପାଇଁ ପ୍ରାୟ ୯୯ ଲକ୍ଷ ଟଙ୍କାର ରିହାତି ହାତେଇ ନେଇଥିବା ଏକ ଜାତୀୟ ଖବରକାଗଜରେ ପ୍ରକାଶ ପାଇବା ପରେ ସେ ଅର୍ଥ ଫେରାଇଛନ୍ତି। ଶିଳ୍ପପତି ସୁଭାଷ ଚନ୍ଦ୍ରାଙ୍କ ମାର୍ଫତରେ ଥିବା ପ୍ରାୟ ୨୨ ହଜାର କୋଟି ଟଙ୍କାର ଅନାଦେୟ ଋଣର ମାତ୍ର ୦.୦୩ ପ୍ରତିଶତ ଅର୍ଥାତ୍ ୬.୫ କୋଟି ଟଙ୍କା ପରିଶୋଧ ପାଇଁ ଦେବାଳିଆ ସଂହିତା(ଇନ୍‌ସୋଲଭାନ୍ସି ଆଣ୍ଡ ବ୍ୟାଙ୍କ୍ରପଟ୍‌ସି କୋଡ୍) ଆଧାରରେ କରିଥିବା ଆବେଦନ(ହେୟାର କଟ୍)କୁ 'ଜାତୀୟ କମ୍ପାନୀ ବିଧି ଟ୍ରିବ୍ୟୁନାଲ୍(ଏନ୍‌ସିଏଲ୍‌ଟି)' ମଞ୍ଜୁର କରିଥିବା ଖବର ଆଧାରରେ ବିରୋଧାଭାସ ତୀବ୍ର ହେବା ପରେ ଟ୍ରିବ୍ୟୁନାଲ୍ ରାୟ ପ୍ରତ୍ୟାହାର କରିନେଇଛନ୍ତି। 'ଏସ୍‌ଆଇଆର୍'ରେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ମନମୁଖି କାର୍ଯ୍ୟକଳାପର ଅନୁସନ୍ଧାନମୂଳକ ଖବର ଦ୍ୱିତୀୟ କ୍ରାନ୍ତି ଆନ୍ଦୋଳନକୁ ଜନ୍ମ ଦେଇଛି। ଓଡ଼ିଶାରେ ବିଦ୍ୟାଳୟ ପାଠ୍ୟପୁସ୍ତକରେ ଗୁରୁତର ତ୍ରୁଟି ସମ୍ପର୍କିତ ଖବର ପ୍ରକାଶ ପରେ ରାଜ୍ୟ ସରକାର ସମ୍ପୃକ୍ତ ପ୍ରଭାବଶାଳୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ତ୍ରୁଟି ସଂଶୋଧନ ପାଇଁ ନିର୍ଦ୍ଦେଶ ଦେବାକୁ ବାଧ୍ୟ ହୋଇଛନ୍ତି। ଉପର୍ଯ୍ୟୁକ୍ତ ଅନିୟମିତତା/ଦୁର୍ନୀତି ଉପରେ ସରକାରୀ ତଦନ୍ତକାରୀ ସଂସ୍ଥାମାନଙ୍କର ଦୃଷ୍ଟି ପଡ଼ି ନ ଥିବା ବେଳେ 'ଅନୁସନ୍ଧାନମୂଳକ ସାମ୍ବାଦିକତା'ର ଭୂମିକା ହିଁ ନିର୍ଣ୍ଣାୟକ ହୋଇଛି।

ଯଦି ପ୍ରସ୍ତାବିତ ସରକାରୀ କଟକଣା ଏବେ ବଳବତ୍ତର ଥା'ନ୍ତା ତେବେ ଉପର୍ଯ୍ୟୁକ୍ତ କେତୋଟି ଘଟଣାରେ ଅନୁସନ୍ଧାନମୂଳକ ଖବର ପ୍ରକାଶନ ପୂର୍ବରୁ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ଅନୁମତି ଭିକ୍ଷା କରିବାକୁ ପଡ଼ିଥା'ନ୍ତା। ପିତାମହ ଭୀଷ୍ମ କିମ୍ବା ଦାନବୀର କର୍ଣ୍ଣ ନିଜ ମୃତ୍ୟୁରହସ୍ୟ ଶତ୍ରୁପକ୍ଷକୁ ଜଣାଇବା ଭଳି ଏହି ଅଭିଯୁକ୍ତମାନେ କେତେଦୂର ଧର୍ମାଚରଣ କରିଥା'ନ୍ତେ ତାହା ଭିନ୍ନ କଥା; କିନ୍ତୁ ଖବରର ଉତ୍ସ ନିଶ୍ଚୟ ଧ୍ୱଂସ ପାଇଥା'ନ୍ତା। ଅଧିକନ୍ତୁ ଏଭଳି ଖବର ପ୍ରକାଶନରେ, ବିଶେଷକରି ଏସ୍‌ଆଇଆର ସମ୍ପର୍କିତ ଖବର ପ୍ରକାଶ ପରେ, ସବୁଠାରୁ ଅଧିକ କିଏ ପ୍ରଭାବିତ/କ୍ଷତିଗ୍ରସ୍ତ ହୋଇଛନ୍ତି ତାହା ଉଲ୍ଲେଖ ନିଷ୍ପ୍ରୟୋଜନ। ତେଣୁ ବ୍ରିଟିଶ ଅମଳର ଦେଶଦ୍ରୋହ ଆଇନ ଭଳି ସ୍ୱାଧୀନ ଅଭିବ୍ୟକ୍ତିର କଣ୍ଠରୋଧ ପାଇଁ ଯଦି ସରକାର ସାମ୍ବାଦିକତାର ଏକ ନିଷିଦ୍ଧ ଇଲାକା ସୃଷ୍ଟି କରିବାକୁ ଯାଉଛନ୍ତି ସେଥିରେ ବିଶେଷ ଆଶ୍ଚର୍ଯ୍ୟ ହେବାର ନାହିଁ।

ବିଶ୍ୱର ସର୍ବବୃହତ୍ ଆମ ଗଣତନ୍ତ୍ର କ୍ରମଶଃ ପରିପକ୍ୱ ହେବା ସହ ଗଣମାଧ୍ୟମ ଅଧିକ ଦାୟିତ୍ୱସମ୍ପନ୍ନ ହୋଇଛି। ରାଷ୍ଟ୍ର ଓ ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କ'ଣ ଓ କିଭଳି ଲେଖାଯିବ ସେ ସମ୍ପର୍କରେ ଗଣମାଧ୍ୟମ ତାହାର ଦୀର୍ଘ ଯାତ୍ରାପଥରେ ବିପୁଳ ଅଭିଜ୍ଞତା ହାସଲ କରିଛି। ଭାରତୀୟ ପ୍ରେସ୍ ପରିଷଦ ମଧ୍ୟ ନିୟମିତ ପରାମର୍ଶ ଓ ଦିଗ୍‌ଦର୍ଶନ ଦେଇଆସୁଛି ଏବଂ ମାର୍ଗଦର୍ଶିକା ଜାରି କରୁଛି। ପରିବର୍ତ୍ତିତ ସମୟ ଓ ସମାଜର ଆବଶ୍ୟକତା ଦୃଷ୍ଟିରୁ ମାନବାଧିକାର, ଆଇନଗତ ମର୍ଯ୍ୟାଦା, ସାମ୍ବିଧାନିକ ସୁରକ୍ଷା ଆଦି ପ୍ରସଙ୍ଗ ଅଧିକ ଗୁରୁତ୍ୱ ପାଉଛି ଏବଂ ଏ କ୍ଷେତ୍ରରେ ସଂପୃକ୍ତ ପକ୍ଷ କିଛି ଗଠନମୂଳକ ସହଯୋଗ ଛାପା ଗଣମାଧ୍ୟମଠାରୁ ଆଶା କରୁଛନ୍ତି। ଏ କଥା ମଧ୍ୟ ଭୁଲିଯିବା ଉଚିତ ହେବ ନାହିଁ ଯେ ସୂଚନା ହିଁ ଗଣତନ୍ତ୍ରର ସୁରକ୍ଷା କବଚ। ତେଣୁ ତାହାର କଣ୍ଠରୋଧ ପ୍ରୟାସ ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ।

ଶାସନ/ପ୍ରଶାସନ ପ୍ରାୟତଃ ନିଜର ଅପାରଗତା ଘୋଡ଼ାଇବାକୁ ଗଣମାଧ୍ୟମ ଉପରେ ପ୍ରାୟତଃ ଚାପ ସୃଷ୍ଟି କରେ। ଶାସକର ଭୟ ହେଲା ତ୍ରୁଟି-ବିଚ୍ୟୁତି ପ୍ରକାଶ ପାଇଲେ ଶାସନ ନୈତିକତା ହରାଇବ ଏବଂ ଗଣମାଧ୍ୟମ ଖବର ପ୍ରକାଶ କରି ଗଣଆନ୍ଦୋଳନକୁ ଜନ୍ମ ଦେବ। କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସନ/ପ୍ରଶାସନ କିଭଳି ଦାୟିତ୍ୱ ସମ୍ପାଦନ କରୁଛି ତାହା ଜାଣିବାର ମୌଳିକ ଅଧିକାର ଜନତାଙ୍କର ରହିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଟିପ୍ପଣୀ ଅନୁଯାୟୀ ତଦନ୍ତକାରୀ ସଂସ୍ଥାମାନଙ୍କର ଚରିତ୍ର 'ପିଞ୍ଜରାବଦ୍ଧ ଶୁଆ' ଭଳି ହୋଇସାରିଥିବାରୁ ଶାସନ/ପ୍ରଶାସନର ଭ୍ରଷ୍ଟାଚାରକୁ ଲୋକଲୋଚନକୁ ଆଣିବା ଦାୟିତ୍ୱ ଗଣମାଧ୍ୟମ ଛଡ଼ା ଅନ୍ୟ କେହି ତୁଲାଇ ପାରିବେ ନାହିଁ। ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ସାମ୍ବାଦିକ ଓ 'ଟାଇମ୍‌ସ' ପତ୍ରିକାର ପୂର୍ବତନ ସଂପାଦକ ଆନାଟୋଲ୍ ଗ୍ରୁନୱାଲ୍ଡଙ୍କ ଉକ୍ତି ପ୍ରଣିଧାନଯୋଗ୍ୟ - 'ଚାରିଆଡ଼େ ଯେତେବେଳେ ଲୋକେ ଦୁଃଖରେ ପଡ଼ି ପ୍ରଶ୍ନ କରୁଥା'ନ୍ତି, ଭୟର ପରିବେଶ ଥାଏ ଏବଂ କର୍ତ୍ତୃପକ୍ଷ ନିରବ ରହି ପ୍ରଶଂସା ଗୋଟାଉ ଥା'ନ୍ତି, ସେତେବେଳେ ଗଣମାଧ୍ୟମକୁ ତୁରନ୍ତ ସତକଥା ଲେଖିବାକୁ ଓ କହିବାକୁ ପଡ଼ିବ।' ଏହା ହିଁ ଗଣମାଧ୍ୟମର କର୍ତ୍ତବ୍ୟ ଓ ନୈତିକତା। କୋଭିଡ୍ ମହାମାରୀ ସମୟରେ ଜାରି ସ୍ୱତନ୍ତ୍ର ଆଇନ ବଳରେ ଗଣମାଧ୍ୟମର ସ୍ୱାଧୀନତା ଉପରେ କଟକଣା ଲାଗିଥିଲା। ସେ ସମୟରେ ନିର୍ବାଚନ ଆୟୋଗ ଦାଏର କରିଥିବା ଏକ ମାମଲାକୁ ଖାରଜ କରି ସର୍ବୋଚ୍ଚ ଅଦାଲତ କହିଥିଲେ ଯେ 'ଗଣମାଧ୍ୟମ ଗଣତନ୍ତ୍ରର ସଶକ୍ତ ଜାଗ୍ରତ ପ୍ରହରୀ...ରିପୋର୍ଟ କରିବାକୁ ଗଣମାଧ୍ୟମକୁ ବାରଣ କରିହେବ ନାହିଁ।'

ଆମ ବ୍ୟବସ୍ଥାର ଏକ ବ୍ୟତିକ୍ରମ ହେଲା ଗଣମାଧ୍ୟମକୁ ଗଣତନ୍ତ୍ରର 'ଚତୁର୍ଥ ସ୍ତମ୍ଭ' କୁହାଯାଉଥିଲେ ମଧ୍ୟ ସମ୍ବିଧାନରେ ନିର୍ଦ୍ଦିଷ୍ଟ ଭାବେ ଏହି ସ୍ତମ୍ଭର ଆଇନଗତ ସୁରକ୍ଷା ବିଷୟରେ ଉଲ୍ଲେଖ ନାହିଁ। ସାଧାରଣ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ଅଭିବ୍ୟକ୍ତି ସ୍ୱାଧୀନତା ଓ ମତ ପ୍ରକାଶର ଅଧିକାରକୁ ହିଁ ସାମ୍ବାଦିକମାନେ ଉପଯୋଗ କରିଥା'ନ୍ତି। କିନ୍ତୁ ସାମ୍ବାଦିକଙ୍କୁ ସର୍ବଦା କଠୋର ଅନୁଶାସନ ଓ ଆତ୍ମନିୟନ୍ତ୍ରଣ ବ୍ୟବସ୍ଥା ଭିତରେ କାମ କରିବାକୁ ପଡୁଥିବାରୁ ଏବଂ ସ୍ଥଳବିଶେଷରେ ବ୍ୟତିକ୍ରମ ପାଇଁ ଅସୁବିଧା ମଧ୍ୟ ଭୋଗୁଥିବାରୁ ଆମ ନ୍ୟାୟ ବ୍ୟବସ୍ଥା ପରମ୍ପରାଗତ ଭାବେ ସେମାନଙ୍କୁ କିଛି ବିଶେଷାଧିକାର ଦେଇ ଆସିଛି। ଉଚ୍ଚତମ ନ୍ୟାୟାଳୟ ସାମ୍ବାଦିକମାନଙ୍କର ତଥ୍ୟ ଓ ସୂଚନା ପ୍ରକାଶ ଓ ସମୀକ୍ଷା ଅଧିକାରକୁ ବିଭିନ୍ନ ସମୟରେ ଐତିହାସିକ ରାୟ ମାଧ୍ୟମରେ ବିଶେଷ ମର୍ଯ୍ୟାଦା ଦେଇଛନ୍ତି। ଏହି ଅଲିଖିତ ପରମ୍ପରାକୁ ଉପେକ୍ଷା କରି ଯଦି ସାମ୍ବାଦିକମାନଙ୍କୁ ଖବରର ଉତ୍ସ ଜଣାଇବା ଏବଂ ଖବର ପ୍ରକାଶନ ପୂର୍ବରୁ ଅଭିଯୁକ୍ତଙ୍କ ଅନୁମତି ନେବା ବାଧ୍ୟତାମୂଳକ ହେବ ତେବେ ତାହା ଜନସ୍ୱାର୍ଥମୂଳକ ସମ୍ବାଦ ସଂଗ୍ରହ ଓ ଉପସ୍ଥାପନରେ ପ୍ରତିବନ୍ଧକ ସୃଷ୍ଟି କରିବ ଏବଂ ଗଣମାଧ୍ୟମର ମୁଖ୍ୟ ଉଦ୍ଦେଶ୍ୟର ପରିପନ୍ଥୀ ହେବ। ଶାସନର ଚିତ୍ର ଓ ଚରିତ୍ର ଗଣତାନ୍ତ୍ରିକ ନ ହୋଇ ଏକଛତ୍ରବାଦୀରେ ରୂପାନ୍ତରିତ ହୋଇଯିବ।

ଚଳିତ ଶତାବ୍ଦୀ ଆରମ୍ଭ ବେଳକୁ ସାମ୍ବାଦିକତାର ମାନ ଓ ଗୁଣବତ୍ତା ଯାହା ଥିଲା ସେଥିରେ ଆଜିର ଦିନରେ ଶୋଚନୀୟ ଅବକ୍ଷୟ ଘଟିଛି। ଶାସକ ଓ ପ୍ରଶାସକମାନଙ୍କୁ ପ୍ରଶ୍ନ ପଚାରିବାର ଅଧିକାରକୁ ଅନୌପଚାରିକ ଭାବେ ଛଡ଼ାଇ ନିଆଯାଇଛି। ଦଳୀୟ କାର୍ଯ୍ୟାଳୟମାନଙ୍କରୁ ଯେଉଁ ବିବୃତି ଆସୁଛି ତାହା ଅବିକଳ ଲେଖିବାକୁ ସାମ୍ବାଦିକମାନେ ବାଧ୍ୟ। ଅର୍ଥାତ୍ ନିର୍ଭୀକ ଓ ବସ୍ତୁନିଷ୍ଠ ସାମ୍ବାଦିକତାରେ ଅନେକ ଅଦୃଶ୍ୟ ନିଷିଦ୍ଧାଞ୍ଚଳ ସୃଷ୍ଟି ହୋଇସାରିଛି। ଏହାକୁ ଯଦି ଆଇନର ନିଅନ୍ ଲାଇଟ୍ ଦ୍ୱାରା ଦୃଶ୍ୟମାନ ଓ ବୈଧ କରିଦିଆଯାଏ ତେବେ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତର ସ୍ଥାନ(ଏବେ ୧୮୦ଟି ଦେଶ ମଧ୍ୟରେ ୧୫୭) ଆହୁରି ତଳକୁ ଖସିଯିବା ନିଶ୍ଚିତ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

ପିଲାଙ୍କୁ ସମ୍ପତ୍ତି ଦେବା ପୂର୍ବରୁ ସଂସ୍କାର ଦିଅନ୍ତୁ

ଦିପ୍ତିମୟୀ ନାୟକ

ବାପାମାଆଙ୍କ ସ୍ୱପ୍ନ ଥାଏ, ସେମାନଙ୍କ ପିଲାମାନେ ଜୀବନରେ ବଡ଼ ମଣିଷ ହୁଅନ୍ତୁ, ସୁଖରେ ରୁହନ୍ତୁ ଏବଂ ଅଭାବର ସମ୍ମୁଖୀନ ହୁଅନ୍ତୁ ନାହିଁ। ଏଥିପାଇଁ ବାପା ଦିନରାତି ପରିଶ୍ରମ କରନ୍ତି, ମାଆ ନିଜର ଅନେକ ଇଚ୍ଛାକୁ ତ୍ୟାଗ କରନ୍ତି। କିନ୍ତୁ ପିଲାଙ୍କ ଭବିଷ୍ୟତ ପାଇଁ ଧନସମ୍ପତ୍ତି ଯୋଗାଡ଼ କରିବା ଭିତରେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ କଥା ଭୁଲିଯାଉଛୁ। ସେମାନଙ୍କ ହୃଦୟରେ ମାନବିକତା, ଦୟା, ସମ୍ମାନ ଓ ଭଲପାଇବାର ମଞ୍ଜି ବୁଣିବାକୁ କେତେ ସମୟ ଦେଉଛୁ? ପିଲାଙ୍କ ପାଇଁ ସବୁଠାରୁ ବଡ଼ ସମ୍ପତ୍ତି ହେଉଛି ସଂସ୍କାର ଏବଂ ଶ୍ରେଷ୍ଠ ଉତ୍ତରାଧିକାର ହେଉଛି ଉତ୍ତମ ଚରିତ୍ର। ଟଙ୍କାରେ ମହଙ୍ଗା ଖଟ କିଣିହେବ, କିନ୍ତୁ ଶାନ୍ତିର ନିଦ ନୁହେଁ। ବଡ଼ ଘର ତିଆରି ହୋଇପାରେ, କିନ୍ତୁ ସେଥିରେ ସ୍ନେହ ଓ ଆତ୍ମୀୟତା ପରିବେଶ ସୃଷ୍ଟି କରିବା ପାଇଁ ଭଲ ମନ ଦରକାର। ଟଙ୍କା ଦେଇ ଅନେକ ଲୋକଙ୍କୁ ପାଖରେ ରଖିହେବ, କିନ୍ତୁ ହୃଦୟରୁ ଭଲ ପାଉଥିବା ଲୋକଙ୍କୁ କିଣିହେବ ନାହିଁ।

ଧନ ମଣିଷକୁ ସୁବିଧା ଦିଏ, କିନ୍ତୁ ସଂସ୍କାର ତା'କୁ ପ୍ରକୃତ ମଣିଷ କରି ଗଢ଼େ। କୋଟି କୋଟି ଟଙ୍କାର ମାଲିକ ହୋଇ ମଧ୍ୟ ଯଦି ଜଣେ ବ୍ୟକ୍ତି ବଡ଼ମାନଙ୍କୁ ସମ୍ମାନ ଏବଂ ଗରିବଙ୍କୁ ମଣିଷ ଭାବେ ମର୍ଯ୍ୟାଦା ଦେବା ଜାଣିନାହିଁ, ତେବେ ସେ ପ୍ରକୃତ ଧନୀ ନୁହେଁ। ଅନ୍ୟପକ୍ଷରେ, ଅଳ୍ପ ସମ୍ପତ୍ତି ଥାଇ ମଧ୍ୟ ଯାହାର ମନରେ ଦୟା, ଆଚରଣରେ ନମ୍ରତା ଏବଂ ହୃଦୟରେ ମାନବିକତା ରହିଛି, ସେ ହିଁ ପ୍ରକୃତ ଧନୀ। ତେଣୁ ପିଲାଙ୍କୁ ଭଲପାଇବା ସହିତ ଠିକ୍ ଓ ଭୁଲ୍‌ର ପାର୍ଥକ୍ୟ ବୁଝାଇବା ଅଭିଭାବକଙ୍କ ଦାୟିତ୍ୱ। ସେମାନେ ଭୁଲ୍ କଲେ ଅନ୍ଧ ଭାବେ ସମର୍ଥନ ନ କରି ଠିକ୍ ମାର୍ଗ ଦେଖାଇବା ଉଚିତ। କାରଣ ଆଜିର ଛୋଟ ଭୁଲ୍‌କୁ ଅଣଦେଖା କଲେ ତାହା ଆସନ୍ତାକାଲି ସ୍ୱଭାବରେ ପରିଣତ ହୋଇପାରେ। ପିଲାମାନେ ଘରର ଦର୍ପଣ। ସେମାନେ ଉପଦେଶଠାରୁ ଅଧିକ ଅଭିଭାବକଙ୍କ ଆଚରଣରୁ ଶିଖନ୍ତି। ତେଣୁ ନିଜେ ମିଛ କହି ପିଲାଙ୍କୁ ସତ କହିବାକୁ, ଅନ୍ୟକୁ ଅସମ୍ମାନ କରି ସେମାନଙ୍କୁ ସମ୍ମାନ ଦେବାକୁ ଶିଖାଇବା ଅର୍ଥହୀନ। ଘରେ ବାପାମାଆ ପରସ୍ପରକୁ ସମ୍ମାନ ଦେଲେ, ବୟସ୍କଙ୍କୁ ଆଦର କଲେ ଏବଂ ଦୟାର ପରିବେଶ ସୃଷ୍ଟି କଲେ ପିଲାଙ୍କ ଚରିତ୍ରରେ ମଧ୍ୟ ସେହି ଗୁଣ ବିକଶିତ ହୁଏ।

ଆଜି ଅନେକ ପରିବାରରେ ଜମିବାଡ଼ି ଓ ସମ୍ପତ୍ତି ଭାଗବଣ୍ଟାକୁ ନେଇ ଭାଇଭାଇ ମଧ୍ୟରେ ତିକ୍ତତା ସୃଷ୍ଟି ହେଉଛି। ଏହାର ଏକ କାରଣ ହେଉଛି ଶୈଶବରୁ ତ୍ୟାଗ, ନ୍ୟାୟ, ଭ୍ରାତୃତ୍ୱ ଓ ଅନ୍ୟର ଅଧିକାର ପ୍ରତି ସମ୍ମାନ ଶିଖାଇବାରେ ଅବହେଳା। ଜମିବାଡ଼ି ଓ ଧନସମ୍ପତ୍ତି ଭାଗ ହୋଇପାରେ, କିନ୍ତୁ ଥରେ ହୃଦୟର ସମ୍ପର୍କ ଭାଙ୍ଗିଗଲେ ତାହାକୁ ପୁଣି ଯୋଡ଼ିବା କଷ୍ଟକର। ପିଲାଙ୍କୁ ପରିଶ୍ରମର ମୂଲ୍ୟ, ଟଙ୍କାର ସଦୁପଯୋଗ ଓ ଆତ୍ମନିର୍ଭରଶୀଳତାର ଶିକ୍ଷା ଦିଅନ୍ତୁ। ସବୁକିଛି ହାତପାଆନ୍ତାରେ ଯୋଗାଇ ନ ଦେଇ ଅପେକ୍ଷା କରିବା ଏବଂ ନିଜ କାମ ନିଜେ କରିବା ଶିଖାନ୍ତୁ। ଯେଉଁ ପିଲା ଛୋଟବେଳୁ ପରିଶ୍ରମର ମୂଲ୍ୟ ବୁଝେ ସେ ବଡ଼ ହେଲେ ସହଜରେ ହାର ମାନେନାହିଁ। ଯେଉଁ ପିଲା ସବୁକିଛି ପ୍ରସ୍ତୁତ ଅବସ୍ଥାରେ ପାଇଯାଏ ସେ ବେଳେବେଳେ ଜୀବନର ସାଧାରଣ ସଂଘର୍ଷକୁ ମଧ୍ୟ ସହ୍ୟ କରିପାରେ ନାହିଁ। ସେଥିପାଇଁ ପିଲାଙ୍କୁ କେବଳ ଧନୀ ହେବାର ସ୍ୱପ୍ନ ଦେଖାନ୍ତୁ ନାହିଁ ନିଜ ଗୋଡ଼ରେ ନିଜେ ଠିଆ ହେବାର ସାହସ ମଧ୍ୟ ଦିଅନ୍ତୁ। ସେହିପରି ବାପାମାଆଙ୍କ ତ୍ୟାଗ ଓ ଅବଦାନକୁ ସମ୍ମାନ କରିବା ଶିଖାନ୍ତୁ। ସେମାନେ ବୃଦ୍ଧ ହେଲେ ଅବହେଳା ନ କରି ସ୍ନେହ ଓ ଯତ୍ନ ଦେବା ପ୍ରତ୍ୟେକ ସନ୍ତାନର କର୍ତ୍ତବ୍ୟ।

ପାଠପଢ଼ା ପିଲାଙ୍କୁ ଚାକିରି ଓ ଜ୍ଞାନ ଦେଇପାରେ, କିନ୍ତୁ ସଂସ୍କାର ତାଙ୍କୁ ସମ୍ମାନ ଓ ନମ୍ରତା ଦିଏ। ଧନ ତାଙ୍କୁ ଉଚ୍ଚ ଜୀବନଶୈଳୀ ଦେଇପାରେ କିନ୍ତୁ ମାନବିକତା ତାଙ୍କୁ ଲୋକଙ୍କ ହୃଦୟରେ ସ୍ଥାନ ଦେଇପାରେ। ପିଲାଙ୍କୁ ଶିଖାନ୍ତୁ ଯେ କାହାର ଦୁର୍ବଳତାକୁ ନେଇ ହସିବା ଉଚିତ ନୁହେଁ। ଗରିବକୁ ଅପମାନ କରିବା ଉଚିତ ନୁହେଁ। ମହିଳାଙ୍କୁ ସମ୍ମାନ ଦେବା ଉଚିତ। ନିଜଠାରୁ ଛୋଟ ଲୋକଙ୍କ ସହିତ ମଧ୍ୟ ଭଲ ବ୍ୟବହାର କରିବା ଉଚିତ। ଭୁଲ କଲେ କ୍ଷମା ମାଗିବା ଏବଂ ଅନ୍ୟ କେହି ଭୁଲ କଲେ କ୍ଷମା କରିବା ଶିଖିବା ଦରକାର। ଆମଠାରୁ ଦୁର୍ବଳ ଲୋକଙ୍କ ସହିତ କିପରି ବ୍ୟବହାର କରୁଛେ ସେଥିରେ ମଧ୍ୟ ଆମ ଚରିତ୍ର ଓ ସଂସ୍କାର ପ୍ରତିଫଳିତ ହୁଏ।

କିଛି ଲୋକ ଭାବନ୍ତି ପିଲାଙ୍କୁ ଅଧିକ ସମ୍ପତ୍ତି ଦେଲେ ସେମାନଙ୍କ ଭବିଷ୍ୟତ ସୁରକ୍ଷିତ ହୋଇଯିବ। ନିଶ୍ଚିତ ଭାବେ ମାତାପିତାଙ୍କ ଅର୍ଜିତ ସମ୍ପତ୍ତି ପିଲାଙ୍କ ଭବିଷ୍ୟତ ପାଇଁ ଏକ ଭଲ ସାହାଯ୍ୟ ହୋଇପାରେ। କିନ୍ତୁ ସମ୍ପତ୍ତି ସହିତ ଦାୟିତ୍ୱବୋଧ ଓ ବିବେକ ନଥିଲେ ତାହାର ସଠିକ୍ ବ୍ୟବହାର କରିବା କଷ୍ଟକର ହୋଇପାରେ। ତେଣୁ ପିଲାଙ୍କ ପାଇଁ କେତେ ସମ୍ପତ୍ତି ଛାଡ଼ିଯିବା ଅପେକ୍ଷା ସେମାନଙ୍କୁ କେମିତି ମଣିଷ ଭାବେ ଗଢ଼ି ତୋଳିବା, ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ। ଧନସମ୍ପତ୍ତି ଦିନେ ଶେଷ ହୋଇପାରେ, କିନ୍ତୁ ଉତ୍ତମ ସଂସ୍କାର ପିଢ଼ି ପରେ ପିଢ଼ି ଜୀବନକୁ ଆଲୋକିତ କରେ। ସମ୍ପତ୍ତି ଦେଇ ପିଲାଙ୍କ ଜୀବନକୁ ସହଜ କରନ୍ତୁ ଏବଂ ସଂସ୍କାର ଦେଇ ସେମାନଙ୍କ ଜୀବନକୁ ମହାନ କରନ୍ତୁ। କାରଣ ପିତାମାତାଙ୍କ ପ୍ରକୃତ ଉତ୍ତରାଧିକାର ହେଉଛି ସେମାନଙ୍କ ସନ୍ତାନର ଉତ୍ତମ ଚରିତ୍ର।

ଭୁବନେଶ୍ୱର, ମୋ: ୯୦୯୦୬୭୧୫୮୬

ପୁନରୁତ୍ଥାନର ଦୃପ୍ତ-ସାରଥି: ଶରତ କୁମାର ମହାନ୍ତି

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ନିଜ ରାଜ୍ୟ ବା ଦେଶକୁ ଜାଣିବାର ଆଗ୍ରହ କି ପ୍ରେରଣାଦାୟକ! ସେହିପରି ଅନ୍ୟ ଦେଶର ସଂସ୍କୃତି ସଂସ୍ପର୍ଶରେ ଆସିବାର ଶିହରଣ ବି ଅନନ୍ୟ। ଶରତ କୁମାର ମହାନ୍ତିଙ୍କ ପରି ଲେଖକ ହିଁ ସେପରି ଦୁଃସାହସିକ ଅଭିଯାତ୍ରୀ ହେବାର ବିନୟ, ଅବିଚଳିତ ଧୈର୍ଯ୍ୟ, ଇଚ୍ଛାଶକ୍ତି ଓ ଅକୁତୋଭୟ ଚେତନାର ଅବତାର ହୋଇ ଓହ୍ଲାଇ ଆସନ୍ତି ପୃଥିବୀପୃଷ୍ଠକୁ କେତେ କେତେ ଯୁଗର ବ୍ୟବଧାନ ପରେ। ଗ୍ରୀକ ଜୀବନର ଗାଥା, ଅସ୍ତିତ୍ୱବାଦର ମର୍ମକଥା ଆଉ କିଏ ଉନ୍ମୋଚିତ କରିଦେଇ ପାରିଥା'ନ୍ତେ ଅସାମାନ୍ୟ ସାରଲ୍ୟର ଦ୍ୟୁତି ନେଇ? ପୃଥିବୀର ଗଭୀର ଦର୍ଶନ ତତ୍ତ୍ୱକୁ ଆତ୍ମସ୍ଥ କରି ଦେଇ ସରଳ ଓ ସାବଲୀଳ ରୀତିରେ ତା'କୁ ବ୍ୟାଖ୍ୟା କରିଦେବାରେ ସେ ବାସ୍ତବିକ ଅତୁଳନୀୟ। ଅସ୍ତିତ୍ୱବାଦୀ ଦର୍ଶନ ସହିତ ଜଡ଼ିତ 'ନୈରାଶ୍ୟ, ହତାଶା, ଅସହାୟତାର ଜଟିଳ ତତ୍ତ୍ୱ ଧାରଣା'କୁ ଦୂର କରି 'ଆଶାବାଦର ଶ୍ରେଷ୍ଠ ଆଶ୍ୱାସନା' ଭାବରେ ସେ ଉପସ୍ଥାପନ କରି କାହାକୁ ଅବା ଚମତ୍କୃତ କରିଦେଇନାହାନ୍ତି! ଆଲବେୟାର କାମ୍ୟୁ, ଫ୍ରାଞ୍ଜ କାଫକା, ନିତଶେ, ଜାଁ ପଲ. ସାର୍ତ୍ତ, କିଆରକେଗାଡ଼ ପ୍ରମୁଖ ବିଶିଷ୍ଟ ଅସ୍ତିତ୍ୱବାଦୀ ଲେଖକ ଓ ଦାର୍ଶନିକଙ୍କୁ ଓଡ଼ିଆ ପାଠକ ଆତ୍ମାରେ ପ୍ରତିଷ୍ଠିତ କରିଦେବାରେ ତାଙ୍କ ସାଧନା ଅନ୍ତଃହୀନ।

କାମ୍ୟୁଙ୍କ ରଚିତ ଗୋଟିଏ ବାକ୍ୟ ପ୍ରମାଣ କରେ ତାଙ୍କ ଜୀବନାନୁଭବର ସତ୍ୟ। କାମ୍ୟୁ କହିଲେ: 'ମୋତେ ଯଦି ଶହେ ପୃଷ୍ଠାର ଏକ ନୀତିଶାସ୍ତ୍ର ଲେଖିବାକୁ କୁହାଯାଏ ତା'ର ଅନେଶ୍ୱତ ପୃଷ୍ଠା ଖାଲି ରହିବ। ଶେଷ ପୃଷ୍ଠାରେ ମୁଁ କେବଳ ଏତିକି ଲେଖିବି - ମଣିଷର ଏକମାତ୍ର କର୍ତ୍ତବ୍ୟ ହେଲା ଭଲ ପାଇବା।' ସକ୍ରେଟିସ ଓ ପ୍ଲାଟୋ ବହିରେ ଉନ୍ମୁକ୍ତ କରିଦେଲେ ଲେଖକ ସେଇ ଲୋମହର୍ଷକ ଦୃଶ୍ୟ, ଯେଉଁ ବିଚାରାଳୟରେ ତାଙ୍କୁ ହେମଲକ ବିଷପାନ କରାଇ ମୃତ୍ୟୁଦଣ୍ଡାଦେଶ ଘୋଷିତ ହୋଇଥିଲା। ସକ୍ରେଟିସ କହିଲେ: 'ଆପଣମାନେ ବଞ୍ଚି ରହନ୍ତୁ। ମୁଁ ଚାଲିଲି ମରଣର ପଥକୁ। କ'ଣ ଭଲ ତାହା କେବଳ ଈଶ୍ୱର ହିଁ ଜାଣନ୍ତି।'

ପୃଥିବୀର ମହାନ ଆତ୍ମାମାନଙ୍କ ଅନ୍ତରର ଆଲୋକରେ ଶରତ ମହାନ୍ତି ଉଭାସିତ କରିଦେଲେ ଓଡ଼ିଆ ସାହିତ୍ୟକୁ। ଆଜି କିଏ କ'ଣ ବିଶ୍ୱାସ କରିବ ଯେ ସ୍ନାତକ ଉତ୍ତୀର୍ଣ୍ଣ ହେବା ପର୍ଯ୍ୟନ୍ତ ଶ୍ରେଣୀଗୃହରେ କୌଣସି ଶିକ୍ଷକଙ୍କ ମୁଖରୁ ସେ ଶୁଣି ନଥିଲେ ବିବେକାନନ୍ଦଙ୍କ ନାମ? 'ଛତ୍ରପତି ବିବେକାନନ୍ଦ' ପୁସ୍ତକ ତାଙ୍କର ଏକ ଅମଳିନ କୀର୍ତ୍ତି। ମହାତ୍ମା ଗାନ୍ଧୀଙ୍କ ବିଷୟରେ ତାଙ୍କ ବିସ୍ମୟକର ଗବେଷଣାତ୍ମକ ଜୀବନୀଗ୍ରନ୍ଥ ହେଉଛି 'ଗାନ୍ଧୀ ମଣିଷ'। ଆଜି ବହୁଲୋକଙ୍କ ଅପରିପକ୍ୱ ଧାରଣା ରହିଛି ଯେ ଗାନ୍ଧୀଯୁଗ ଅସ୍ତ। ଶରତ ମହାନ୍ତି କିନ୍ତୁ ଦୃପ୍ତସ୍ୱରରେ ଘୋଷଣା କଲେ ଗାନ୍ଧୀଙ୍କୁ ସମଗ୍ର ପୃଥିବୀ କରିବ ପୁନଃବିଷ୍କାର। 'ବୁଦ୍ଧଂ ଶରଣଂ ଗଚ୍ଛାମି' ପୁସ୍ତକ ତାଙ୍କ ଲେଖନୀରୁ ଝରି ଆସି ପୁନଶ୍ଚ ପ୍ରତିଷ୍ଠିତ କରିଦେଲା ଓଡ଼ିଶାର ମାଟିରେ ଶାନ୍ତି ସନ୍ଧାନର ବୀଜାଙ୍କୁର। ବୈଜ୍ଞାନିକମାନଙ୍କ ଅଦ୍ଭୁତ ଜୀବନକଥାକୁ ରୂପାୟିତ କରିବାରେ ହେଉ ଅଥବା ବିଖ୍ୟାତବ୍ୟକ୍ତିଙ୍କ ବିବର୍ତ୍ତନଶୀଳ ଚେତନାକୁ ଉଖାରି ଦେବାରେ ସେ ଯେଉଁ ଅଭିନ୍ନ ଅନୁସନ୍ଧିତ୍ସାର ପରିଚୟ ପ୍ରକଟ କରିଦେଇଛନ୍ତି, ତାହାର ମୂଲ୍ୟାୟନ ଏ ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ। ବିଜ୍ଞାନ ଓ ପୃଥିବୀର ବିଭିନ୍ନ ସଭ୍ୟତା ସମ୍ପର୍କରେ ତାଙ୍କ ଲିଖିତ ବହୁ ପୁସ୍ତକ ଜୀବନ ଓ ଜଗତର ଅନାବିଷ୍କୃତ ବୈଚିତ୍ର୍ୟକୁ ପ୍ରକଟିତ କରିଦେଇଛନ୍ତି।

'ଜେନ ବୁଦ୍ଧିଜିମ' ସମ୍ପର୍କରେ ତାଙ୍କ ଗବେଷଣାର ଛୋଟ ଏକ ଦୃଷ୍ଟାନ୍ତ ଉଦ୍ଧାର କରାଯାଉ। ଆଖିବୁଜି ବସିଥିବା ଜଣେ ଶିଷ୍ୟଙ୍କୁ ଦେଖି ଗୁରୁ ପ୍ରଶ୍ନ କରୁଛନ୍ତି ଏହାର କାରଣ। ଶିଷ୍ୟଙ୍କ ଉତ୍ତର ହେଉଛି- ସେ ଧ୍ୟାନନିବିଷ୍ଟ। ତହିଁ ପରଦିନ ଗୁରୁ ଖପର ଖଣ୍ଡେ ଧରି ପଥରରେ ଘସୁଛନ୍ତି। ଶିଷ୍ୟ ଜାଣିବାକୁ ଚାହିଁଛନ୍ତି ତା'ର ରହସ୍ୟ। ଗୁରୁ କହିଲେ ଖପର ଖଣ୍ଡିକ ପଥରରେ ଘସିଲେ ହୀରାରେ ପରିଣତ ହେବ। ଶିଷ୍ୟ ହାସ୍ୟ ସମ୍ବରଣ କରି ନପାରି ମନ୍ତବ୍ୟ ଦେଉଛନ୍ତି - ଏହା କି କେବେ ସମ୍ଭବ? ଗୁରୁ ସ୍ମିତହାସ୍ୟରେଖା ଓଷ୍ଠାଧାରରେ ପ୍ରକଟ କରି କହିଲେ - ଠିକ ସେହିପରି ଯେତେ ଦୀର୍ଘସମୟ ଆଖିବୁଜି ବସି ରହିଲେ ମଧ୍ୟ ଧ୍ୟାନ ଆଦୌ ଅସମ୍ଭବ। ଶରତ କୁମାର ମହାନ୍ତି ତାଙ୍କ ଶେଷ ଦଶକର ରଚନାରେ ଭରିଦେଇଛନ୍ତି ଅସାମାନ୍ୟ ପ୍ରେରଣା। ସେ ହିଁ ପ୍ରଥମ ଗଦ୍ୟଶିଳ୍ପୀ, ଯିଏ ଘୋଷଣା କଲେ ବହିରୁ ପଢ଼ି ନଈବଢ଼ିର ଦୃଶ୍ୟକୁ ବର୍ଣ୍ଣନା କରୁଥିବା ବିଦ୍ୟାର୍ଥୀ ଏବଂ ନିଜେ ନଈବଢ଼ିକୁ ଅଙ୍ଗେ ନିଭାଇଥିବା ଛାତ୍ରଛାତ୍ରୀ ମଧ୍ୟରୁ କିଏ ଅଧିକ ନମ୍ବର ପାଇବାକୁ ହକଦାର, ତାହା ନିର୍ଣ୍ଣୟ କରିବାର ସମୟ ଉପସ୍ଥିତ। ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ଏହି ଅନ୍ତର୍ଭେଦୀ ଆହ୍ୱାନ କେତେଜଣଙ୍କ ଅନ୍ତଃକର୍ଣ୍ଣରେ ପ୍ରବେଶ କରିବ ତାହା ଦେଖିବା ପାଇଁ ଏ ଜାତି ତେଣୁ ଉତ୍କଣ୍ଠିତ ଚିତ୍ତରେ ଅପେକ୍ଷାରତ।

ଭୁବନେଶ୍ୱର,ମୋ:୭୦୭୭୫୫୩୭୦୭

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।

୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।

୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।

୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।

୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।

୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।

୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ହଷ୍ଟେଲ ଫି' ଯୋଗାଡ଼ ନ ହେବାରୁ ବିଷ ପିଇଲେ ଛାତ୍ରୀ

ବେତନଟୀ,୪।୧୧(ସମିସ): ହଷ୍ଟେଲ ଫି' ବାବଦ ଅର୍ଥ ଯୋଗାଡ଼ ହୋଇନପାରିବାରୁ ପାଠପଢ଼ା ବନ୍ଦ ହୋଇଯିବା ଆଶଙ୍କାରେ ଜଣେ ଯୁକ୍ତଦୁଇ ବିଜ୍ଞାନ ବିଭାଗର ଛାତ୍ରୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବେତନଟୀ ରେଳଷ୍ଟେସନ ପ୍ଲାଟଫର୍ମରେ ସେ ଗୁରୁତର ଅବସ୍ଥାରେ ପଡ଼ିରହିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତାଙ୍କ ନିକଟରୁ ଏକ ହାତଲେଖା ସୁଇସାଇଡ୍ ନୋଟ୍ ଜବତ ହୋଇଛି, ଯେଉଁଥିରେ ଅର୍ଥାଭାବ ଓ ନିଜ ଭବିଷ୍ୟତକୁ ନେଇ ସେ ଗଭୀର ମାନସିକ ଚାପରେ ଥିବା ଉଲ୍ଲେଖ ରହିଛି। ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ଉଦଳାର ଏକ କଲେଜରେ +୨ ବିଜ୍ଞାନ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଛନ୍ତି ଏବଂ ବେତନଟୀରେ ମା'ଙ୍କ ସହ ଭଡ଼ା ଘରେ ରହୁଛନ୍ତି। ପାରିବାରିକ ସମସ୍ୟା କାରଣରୁ ବାପା ଅଲଗା ରହୁଥିବାରୁ ଏକାକୀ ମା' ବହୁ କଷ୍ଟରେ ଝିଅର ପାଠପଢ଼ା ଖର୍ଚ୍ଚ ତୁଲାଉଥିଲେ। ଫର୍ମ ଫିଲଅପ୍ ପାଇଁ ଟଙ୍କା ଯୋଗାଡ଼ ହୋଇସାରିଥିଲେ ମଧ୍ୟ ହଷ୍ଟେଲରେ ରହିବା ପାଇଁ ଆବଶ୍ୟକ ପ୍ରାୟ ୭,୨୦୦ ଟଙ୍କା ଏକକାଳୀନ ଭରଣା କରିବା ମା'ଙ୍କ ପକ୍ଷେ ସମ୍ଭବ ହେଉ ନ ଥିଲା। ହଷ୍ଟେଲ ନ ମିଳିଲେ ପାଠପଢ଼ା ବନ୍ଦ ହୋଇ ସ୍ୱପ୍ନ ଧୂଳିସାତ୍ ହୋଇଯିବ, ଏହି ଭୟ ଓ ଚରମ ମାନସିକ ଦୁଶ୍ଚିନ୍ତାରେ ସେ ବିଷପାନ କରିଥିବା ଜଣାପଡ଼ିଛି।

ସିକେ ନାଇଡୁ ଟ୍ରଫି; ଓଡ଼ିଶାର ଲଢ଼େଇ ଜାରି

ଭୁବନେଶ୍ୱର, ୪।୧୧ (ସମିସ): ଘରୋଇ ବେଙ୍ଗଲ ବିପକ୍ଷରେ କଲ୍ୟାଣୀ ଗ୍ରାଉଣ୍ଡରେ ଚାଲିଥିବା ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ପ୍ରଥମ ପାଳିରେ ଲଢ଼େଇ ଜାରି ରହିଛି। ବେଙ୍ଗଲର ୨୪୩ ରନ ଜବାବରେ ଓଡ଼ିଶା ବୁଧବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ପ୍ରଥମ ପାଳିରେ ୭୬ ଓଭର ଖେଳି ୬ ୱିକେଟ ହରାଇ ୧୭୪ ରନ କରିଛି। ସୁଜଳ ସିଂ ୫୬ ରନ କରି ଅପରାଜିତ ରହିଛନ୍ତି।

ବିଜୟ ମର୍ଚ୍ଚାଣ୍ଟ ଟ୍ରଫି; ମିଧାଂଶୁଙ୍କୁ ନେତୃତ୍ୱ

ଭୁବନେଶ୍ୱର, ୪।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ନଭେମ୍ବର ୧୪ରୁ ଆରମ୍ଭହେବାକୁଥିବା ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ମିଧାଂଶୁ ଦାସଙ୍କୁ ଘୋଷିତ ୧୮ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଅଭିଜିତ୍ ନାଥ, ଅଂଶୁମାନ ପଟ୍ଟନାୟକ, ଅଂଶୁଳ ବାରିକ, ଅର୍ଜୁନ ରାଉତ, ଅର୍ପିତ ପ୍ରଧାନ, ଦେବାଂଶ ସାହୁ, ଜେମ୍ସ ଲିମା, ଓମ୍ ପ୍ରକାଶ ସାହୁ, ପ୍ରିୟାଂଶୁ ପ୍ରିୟଦର୍ଶୀ ଅମଲ, ରିଷବ ଶର୍ମା, ସାଇଦିତ୍ୟ ମହାନ୍ତି, ସମରଜିତ୍ ସାହୁ, ସିଦ୍ଧେଶ୍ୱର ବାଗ୍, ସେକ୍ କାଲିମୁଦ୍ଦିନ, ଶ୍ଲୋକ ସଂକଳ୍ପ ନାୟକ, ଶୁଭମ ପରିଡ଼ା ଓ ସୂରଜ ଜୟସ୍ୱାଲ। ଓଡ଼ିଶା ପ୍ରଥମ ମ୍ୟାଚରେ ହାଇଦରାବାଦକୁ ଭେଟିବ।

ପଶ୍ଚିମ ରେଳବାଇ - ଭଡୋଦରା ଡିଭିଜନ୍

ଟେଲିକମ୍ ସାମଗ୍ରୀ ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କାର୍ଯ୍ୟକ୍ଷମ କରିବା ସମ୍ବନ୍ଧୀୟ ଟେଣ୍ଡର ବିଜ୍ଞପ୍ତି

ଟେଣ୍ଡର ବିଜ୍ଞପ୍ତି ନଂ. BRC_26-27_02_SnT
ତାରିଖ: ୦୩.୧୧.୨୦୨୬

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଡେପୁଟି ଚିଫ୍ ସିଗନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର (ୱର୍କ୍ସ), ଭଡୋଦରାଙ୍କ ଦ୍ୱାରା ଟେଣ୍ଡର ନଂ. BRC_SnT_26-27_02 ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଟେଣ୍ଡର ଦାଖଲର ଶେଷ ତାରିଖ ଓ ସମୟ ପର୍ଯ୍ୟନ୍ତ କେବଳ ଅନଲାଇନରେ ମୂଳ କିମ୍ବା ସଂଶୋଧିତ ବିଡ୍ ଦାଖଲ କରାଯାଇପାରିବ। ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଗ୍ରହଣୀୟ ନୁହେଁ ଏବଂ ଏପରି କୌଣସି ମାନୁଆଲ୍ ଅଫର୍ ମିଳିଲେ ତାହାକୁ ଅଗ୍ରାହ୍ୟ କରାଯିବ। କାର୍ଯ୍ୟର ନାମ ଓ ସ୍ଥାନ: ପଶ୍ଚିମ ରେଳବାଇର ଭଡୋଦରା ଡିଭିଜନ୍‌ର ବିଭିନ୍ନ ସେକ୍ସନ୍‌ରେ Kavach/LTE ପାଇଁ 4x40 OFC Backbone ବ୍ୟବସ୍ଥା ସମ୍ବନ୍ଧୀୟ ଟେଲିକମ୍ ସାମଗ୍ରୀ ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କାର୍ଯ୍ୟକ୍ଷମ କରିବା। କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ. ୧୦,୭୧,୬୨,୮୯୩.୮୧/-। ଜମା କରିବାକୁ ଥିବା ବିଡ୍ ସିକ୍ୟୁରିଟି/ବୟନା ରାଶି: ଟ. ୨,୦୩,୪୩,୩୦୦/-। ଇ-ଟେଣ୍ଡର ଦସ୍ତାବିଜ୍ ଦାଖଲର ଶେଷ ତାରିଖ ଓ ସମୟ: ୨୭.୧୧.୨୦୨୬, ଅପରାହ୍ନ ୩.୦୦ଟା। ଟେକ୍ନିକାଲ୍ ବିଡ୍ ଖୋଲିବା ତାରିଖ ଓ ସମୟ: ୨୭.୧୧.୨୦୨୬, ଅପରାହ୍ନ ୩.୩୦ଟା। ସମ୍ପୂର୍ଣ୍ଣ ବିବରଣୀ, ଟେଣ୍ଡର ବିଜ୍ଞପ୍ତି ଏବଂ ଟେଣ୍ଡର ଫର୍ମ ଆଦି ପାଇଁ www.ireps.gov.in ୱେବସାଇଟ୍ ଦେଖନ୍ତୁ। ଡେପୁଟି ଚିଫ୍ ସିଗନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର (ୱର୍କ୍ସ), ଦ୍ୱିତୀୟ ମହଲା, ଆନେକ୍ସ ବିଲ୍ଡିଂ, DRM କାର୍ଯ୍ୟାଳୟ, ପଶ୍ଚିମ ରେଳବାଇ, ପ୍ରତାପନଗର, ଭଡୋଦରା-୩୯୦୦୦୪। BRC-293

Follow us on X DRMBRCWR ● drm_vadodara

ଅବଶିଷ୍ଟାଂଶ...

ନଭେମ୍ବର ୨୪ରୁ...

ସାମଞ୍ଜସ୍ୟକୁ କଟକ-ଇନ୍-କଟକ ପାଭିଲିୟନରେ ପ୍ରଦର୍ଶିତ କରାଯିବା ସହ ଏକ ଡିଜିଟାଲ ଇନ୍‌ଫର୍ମେସନ୍ ୱାଲ୍ ମଧ୍ୟ ରହିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ସଂସ୍କୃତି ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଚଳିତବର୍ଷର କଟକ ବାଲିଯାତ୍ରା ସଂପର୍କରେ ଏସବୁ ନିଷ୍ପତ୍ତି ହୋଇଛି। ବୈଠକରେ ବିଭାଗୀୟ ସଚିବ ଡ. ବିଜୟକେତନ ଉପାଧ୍ୟାୟ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ଇଡ୍‌କୋ ଏବଂ ଓବିସିସିର ଅଧିକାରୀମାନଙ୍କ ସମେତ ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ପଛଘୁଞ୍ଚା ଦେଲା...

କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଆନ୍ଧ୍ର ଅଞ୍ଚଳରୁ ଆସିଥିବା କିଛି ଏଜେଣ୍ଟ ଓଡ଼ିଶାର ରାଜନୈତିକ ନେତା ଓ କର୍ମୀଙ୍କ ସହ ଯୁକ୍ତିତର୍କ କରିଥିଲେ। ପ୍ରବଳ ବିରୋଧ ପରେ ଆନ୍ଧ୍ର ପୁଲିସ ପୋଷ୍ଟ ହଟାଇବାକୁ ବାଧ୍ୟ ହୋଇଥିଲା। ଉକ୍ତ ପୋଷ୍ଟକୁ ଓଡ଼ିଶା ପୁଲିସ ନିଜ ଅଧୀନକୁ ନେଇଛି। ୫ ଓ ୬ ତାରିଖରେ କୋଟିଆରେ ଆନ୍ଧ୍ର ପକ୍ଷରୁ ନିର୍ବାଚନ ଆୟୋଜନ ପାଇଁ ପ୍ରସ୍ତୁତି ଚାଲିଥିବାରୁ ଜିଲ୍ଲା ପ୍ରଶାସନ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି। ୧୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ସହ ଦୁଇଜଣ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ୪ ଜଣ ଡିଏସ୍‌ପି, ୧୦ ଜଣ ଇନ୍ସପେକ୍ଟର ଓ ୨୦ ଜଣ ଏସ୍‌ଆଇଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସୀମାନ୍ତ ଗ୍ରାମର ଅସ୍ଥାୟୀ ଫାଟକ ନିକଟରେ ମଧ୍ୟ ୪ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି। କୋଟିଆ ଅଞ୍ଚଳରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବଣ୍ଟନ କରାଯାଇଥିବା ବହୁ ସଂଖ୍ୟକ ଆଧାର ଓ ରାସନ କାର୍ଡ ଫଗୁସିନେରୀ ଗ୍ରାମ ନିକଟ ରାସ୍ତାକଡ଼ରେ ପଡ଼ିଥିବା ଦେଖିବାକୁ ମିଳିଛି। ଏଗୁଡ଼ିକୁ ଲୋକେ ନିଜ ଇଚ୍ଛାରେ ଫିଙ୍ଗି ଦେଇଛନ୍ତି ନା ଏହା ପଛରେ ଆନ୍ଧ୍ର ଏଜେଣ୍ଟଙ୍କ ଭୂମିକା ରହିଛି, ତାହା ସ୍ପଷ୍ଟ ହୋଇନାହିଁ। ଏହି ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଜିଲ୍ଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବ ମୁଦୁଲିଙ୍କ ସମେତ ବିଜେପି, ବିଜେଡି ଓ କଂଗ୍ରେସର ବହୁ ନେତା ଓ କର୍ମୀ ଉପସ୍ଥିତ ଅଛନ୍ତି। ଅନ୍ୟପକ୍ଷରେ ଆନ୍ଧ୍ରର ପାର୍ବତୀପୁରମ୍ ମାନ୍ୟମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଆର୍. ମାଧବୀ ସୀମାନ୍ତ ନେରେଡ଼ିୱାଲାସାଠାରେ ପହଞ୍ଚି କୋଟିଆ ପାଇଁ ନିଯୁକ୍ତ ନୋଡାଲ ଅଧିକାରୀ ତଥା କୋରାପୁଟ ଉପଜିଲ୍ଲାପାଳ ରସିଦଙ୍କ ସହ ଆଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆନ୍ଧ୍ର ପ୍ରଶାସନ ପୂର୍ବରୁ ଓଡ଼ିଶା ଭିତରେ ଥିବା ଦୁଇଟି ବୁଥ୍‌କୁ ସୀମାନ୍ତ ଗ୍ରାମକୁ ସ୍ଥାନାନ୍ତର କରି ନିର୍ବାଚନ କରାଇବାକୁ ଘୋଷଣା କରିଥିଲା। ତେବେ ଏହି ପ୍ରସଙ୍ଗରେ ଓଡ଼ିଶାର ପ୍ରଶାସନିକ ଓ ପୁଲିସ ସ୍ତରରେ ଦୃଢ଼ ବିରୋଧ ପରେ ଆନ୍ଧ୍ର ଅଧିକାରୀମାନେ ପଛକୁ ହଟିଥିବା କୁହାଯାଉଛି। କୋଟିଆରେ ଆସନ୍ତା ଦୁଇଦିନ ଧରି ପୁଲିସ ଓ ସର୍ବଦଳୀୟ ନେତାଙ୍କ ଉପସ୍ଥିତି ଜାରି ରହିବ।

କେନ୍ଦ୍ର ଓ ଆନ୍ଧ୍ର ସହ...

ନବୀନଙ୍କର ଦ୍ୱିତୀୟ ଚିଠି । ଗତ ଅକ୍ଟୋବର ୨୯ ତାରିଖରେ ନବୀନ ଲେଖିଥିବା ଚିଠିର ଉତ୍ତର ମୁଖ୍ୟମନ୍ତ୍ରୀ ୨୭ ତାରିଖରେ ଦେଇଥିଲେ ଓ ରାଜ୍ୟର ସାର୍ବଭୌମତ୍ୱ ରକ୍ଷା କ୍ଷେତ୍ରରେ ତାଙ୍କ ସରକାର ପ୍ରତିବଦ୍ଧ ବୋଲି ଉଲ୍ଲେଖ କରିଥିଲେ। ଶ୍ରୀ ପଟ୍ଟନାୟକ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାବାସୀଙ୍କ ତୀବ୍ର ବିରୋଧ ସା।ତ୍ତ୍ୱେ ଆନ୍ଧ୍ରପ୍ରଦେଶ ଆସନ୍ତାକାଲି କୋଟିଆରେ ନିର୍ବାଚନ କରାଇବାକୁ ଅଗ୍ରସର ହେଉଥିବା ନିଶ୍ଚିତ ଭାବରେ ଚିନ୍ତାର ବିଷୟ। କୋଟିଆରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଅଧିକାରୀମାନଙ୍କ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଓ ମୁହାଁମୁହିଁ ଅବସ୍ଥା ତୃଣମୂଳ ସ୍ତରରେ ସ୍ଥିତିକୁ ଅଧିକ ଜଟିଳ କରିଦେଉଛି। ବର୍ତ୍ତମାନର ଉତ୍ତେଜନାପୂର୍ଣ୍ଣ ପରିବେଶ ଏବଂ ଆସନ୍ନ ନିର୍ବାଚନ ସ୍ଥିତିକୁ ଦୃଷ୍ଟିରେ ରଖି, ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ସର୍ବୋଚ୍ଚସ୍ତରରେ ମୁଖ୍ୟମନ୍ତ୍ରୀ ଆଲୋଚନା ଆରମ୍ଭ କରନ୍ତୁ। ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଉଭୟ ରାଜ୍ୟ ଏନ୍‌ଡିଏର ଅଂଶୀଦାର ଦଳମାନଙ୍କ ଦ୍ୱାରା ଶାସିତ ହେଉଛି। ବିଜେପି ନେତୃତ୍ୱରେ ଓଡ଼ିଶାର ଭୌଗୋଳିକ ଅଖଣ୍ଡତାର ସୁରକ୍ଷା ପାଇଁ ୨୦୨୪ ନିର୍ବାଚନ ଇସ୍ତାହାର ରେ ବିଜେପି ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ତୁରନ୍ତ ଏହି ପଦକ୍ଷେପ ନେବା ଜରୁରୀ ହୋଇପଡିଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ରାଜ୍ୟର ନ୍ୟାୟସଙ୍ଗତ ସ୍ୱାର୍ଥର ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ତୃଣମୂଳସ୍ତରରେ ପରିସ୍ଥିତି ଯେପରି ଆଉ ଅଧିକ ଉତ୍ତେଜନାପୂର୍ଣ୍ଣ ନ ହେବ ସେ ଦିଗରେ ପଦକ୍ଷେପ ନେବା ମୁଖ୍ୟମନ୍ତ୍ରୀଙ୍କ ନୈତିକ ଦାୟିତ୍ୱ ବୋଲି ଶ୍ରୀ ପଟ୍ଟନାୟକ ସ୍ମରଣ କରାଇ ଦେଇଛନ୍ତି। ବିଜେପିର ନେତୃତ୍ୱ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିର ସମ୍ମାନ ରଖିବ ଏବଂ ୨୦୨୪ ନିର୍ବାଚନୀ ଇସ୍ତାହାରରେ କୋଟିଆ ପ୍ରସଙ୍ଗରେ ଓଡ଼ିଶାବାସୀଙ୍କୁ ଦେଇଥିବା ଗ୍ୟାରେଣ୍ଟିକୁ କେବଳ ପ୍ରତିଶ୍ରୁତିରେ ସୀମିତ ନ ରଖି କାର୍ଯ୍ୟରେ ପରିଣତ କରିବା ପାଇଁ ଫଳପ୍ରଦ ପଦକ୍ଷେପ ନେବ ବୋଲି ନବୀନ ଆଶାବ୍ୟକ୍ତ କରିଛନ୍ତି।

ଟ୍ରମ୍ପଙ୍କୁ ବାଲଟ୍...

ତାଙ୍କର ରିପବ୍ଲିକାନ ପାର୍ଟିର ପରାଜୟ ପଛରେ ଏହା ମୁଖ୍ୟ କାରଣ ବୋଲି କୁହାଯାଉଛି। ଏହା କେବଳ ଟ୍ରମ୍ପ କି ରିପବ୍ଲିକାନ ପାଇଁ ଝଟକା ହୋଇ ନାହିଁ, ଉପରାଷ୍ଟ୍ରପତି ଭାନ୍ସ, ଶିଳ୍ପପତି ଆଲନ ମସ୍କ ଏବଂ ଇସ୍ରାଏଲ ପାଇଁ ମଧ୍ୟ ବଡ଼ ଧରଣର ଝଟକା ହୋଇଛି। କାରଣ ନିର୍ବାଚନରେ ରପବ୍ଲିକାନ ପାଇଁ ମସ୍କ ୪୭୦୦ କୋଟି ଟଙ୍କା ଖଟାଇଥିବା ବେଳେ ଟ୍ରମ୍ପଙ୍କ ପାଇଁ ଇସ୍ରାଏଲ ଲବି ଜୋରଦାର ପ୍ରଚାର ଚଳାଇଥିଲା। ଆସନ୍ତା ନିର୍ବାଚନରେ ଭାନ୍ସ ରାଷ୍ଟ୍ରପତି ପ୍ରାର୍ଥୀ ହେବେ ବୋଲି ଯାହା କୁହାଯାଉଥିଲା, ଏବେ ରିପବ୍ଲିକାନ ପାର୍ଟି ତାହା ଉପରେ ପୁନର୍ବିଚାର କରିପାରେ ବୋଲି ଜଣାପଡ଼ିଛି। ନିର୍ବାଚନ ଫଳାଫଳ ପରେ ଟ୍ରମ୍ପ କହିଛନ୍ତି, ଯଦି ତାଙ୍କ ନାମ ମତପତ୍ରରେ ରହିଥାନ୍ତା, ତେବେ ରିପବ୍ଲିକାନ୍ ପାର୍ଟି ବିପୁଳ ବ୍ୟବଧାନରେ ବିଜୟୀ ହୋଇଥାନ୍ତା। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଏବେ ରାଜନୈତିକ ବିଶ୍ଳେଷକ ଭାବେ ମତ ରଖିବେ ବୋଲି କହିଛନ୍ତି। କେଉଁ ପ୍ରାର୍ଥୀ କାହିଁକି ଜିତିଲେ ଏବଂ କିଏ କାହିଁକି ହାରିଲେ, ସେ ସମ୍ପର୍କରେ ନିଜର ବିଶ୍ଳେଷଣ ଦେବେ ବୋଲି ଟ୍ରମ୍ପ କହିଛନ୍ତି। ଇତିମଧ୍ୟରେ ଭାନ୍ସ କହିଛନ୍ତି ଯେ ଟ୍ରମ୍ପଙ୍କ ଇରାନ ଯୁଦ୍ଧ ଏବଂ ଇସ୍ରାଏଲ ନୀତି ଯୋଗୁଁ ରିପବ୍ଲିକାନ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି।

'ଅର୍ଣ୍ଣବ' କ୍ଷତିଗ୍ରସ୍ତ...

ଜିଲ୍ଲାର ୧,୦୫୧ଟି ପ୍ରଭାବିତ ପରିବାର ମଧ୍ୟ ଏହି ହାରରେ ସହାୟତା ପାଇବେ। ମଞ୍ଜୁର ଅର୍ଥ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପ୍ରଦାନ କରାଯାଇଛି। ନିର୍ଦ୍ଧାରିତ ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ଯୋଗ୍ୟ ପ୍ରଭାବିତ ପରିବାରଙ୍କୁ ତୁରନ୍ତ ଅନୁଗ୍ରହ ସହାୟତା ପ୍ରଦାନ କରିବାକୁ ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି।

ବନ୍ୟାରେ ନିଖୋଜ...

ସ୍ଥାନରେ ଖୋଜାଖୋଜି କରାଯାଉଥିଲା। ଶେଷରେ ବୁଧବାର ଆନ୍ଧ୍ରପ୍ରଦେଶର ଧରମପୁର ଗ୍ରାମ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ଇଚ୍ଛାପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ମୃତଦେହକୁ ଉଦ୍ଧାର କରି ଚିହ୍ନଟ କରିବା ପରେ ପରିବାର ଲୋକଙ୍କୁ ସୂଚନା ଦେଇଥିଲା। ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବରଙ୍ଗ ଗ୍ରାମର ଏ. ନିମ୍ମାୟା ଗତ ୩୦ ତାରିଖରୁ ନିଖୋଜ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜିବା ସହ ବିଭିନ୍ନ ସ୍ଥାନରେ ସନ୍ଧାନ କରୁଥିଲେ। ତେବେ ବୁଧବାର ସନ୍ଧ୍ୟା ସମୟରେ ଗ୍ରାମ ନିକଟସ୍ଥ ଏକ ଚାଷ ଜମିରୁ ତାଙ୍କ ମୃତଦେହ ମିଳିଥିଲା। ଦୀର୍ଘଦିନ ଧରି ମୃତଦେହ ପଡ଼ିରହିଥିବାରୁ ଶରୀରର କିଛି ଅଂଶ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଏହା ଦେଖି ଗ୍ରାମବାସୀ ଭୟଭୀତ ହେବା ସହ ତୁରନ୍ତ ଜରଡ଼ା ଥାନା ପୁଲିସକୁ ଖବର ଦେଇଥିଲେ। ତେବେ ଖବର ଲେଖାଯିବା ସୁଦ୍ଧା ପୁଲିସ ଘଟଣାସ୍ଥଳରେ ପହଞ୍ଚି ନଥିବା ସୂଚନା ମିଳିଛି।

ପାହାଡ଼ ତଳୁ...

ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ଯୋଜନା କରୁଛନ୍ତି। କନ୍ଧମାଳ ଏବଂ ଗଜପତି ଜିଲ୍ଲାରେ ଶହ ଶହ ପାହାଡ଼ ରହିଛି। ସେସବୁ ସ୍ଥାନରେ ଲୋକଙ୍କୁ ସ୍ଥାନାନ୍ତରିତ କରାଯିବାକୁ ନିଷ୍ପତ୍ତି ହୋଇଛି। ତଳେ ଥିବା ଗାଁରେ ନୂଆ ବସ୍ତି ଏବଂ ଘର କରି ସରକାର ସେମାନଙ୍କୁ ଯୋଗାଇ ଦେବେ। କେତେ ଲୋକ ପାହାଡ଼ ଉପରେ ଏବଂ ତଳେ ରହିଛନ୍ତି ତାର ସର୍ଭେ ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବରୁ ଉତ୍ତର ପୂର୍ବ ରାଜ୍ୟକୁ ଓଡ଼ିଶା ଅଧିକାରୀମାନେ ଗସ୍ତ କରିବା ସହ ସେଠାରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଜନବସତି ଚିହ୍ନଟ ହେବା ପରେ ସେମାନଙ୍କୁ ସ୍ଥାନାନ୍ତରିତ ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ଏବେ ଗିଡ଼ିପାବାଲି ଠାରେ ଯେତିକି ଲୋକ ବଞ୍ଚିକି ଆସିଲେ ସେମାନେ ତଳେ ରହିବା ସହ ରାଜ୍ୟ ସରକାର ସେମାନଙ୍କୁ ଜାଗା ଦିଅନ୍ତୁ ବୋଲି କହୁଛନ୍ତି। ସେମାନଙ୍କୁ ଅନ୍ୟ ଜାଗାରେ ସରକାର ଘର ଦେବେ। ଅନ୍ତ୍ୟୋଦୟ ଆବାସ ଯୋଜନାରେ ଘର ମିଳିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

ଗଞ୍ଜାମର ବନ୍ୟା...

କାର୍ଯ୍ୟାଳୟ ପକ୍ଷରୁ ଗସ୍ତ କାର୍ଯ୍ୟସୂଚୀ ଜାରି ହୋଇଛି। ନବୀନ ୭ ତାରିଖ ସକାଳ ୧୦ଟା ବେଳେ ଗଞ୍ଜାମ ଅଭିମୁଖେ ଯାତ୍ରା କରିବେ। ସକାଳ ୧୧ଟାରେ ନବୀନ ଶେରଗଡ଼ସ୍ଥିତ ମହାତ୍ମା ଗାନ୍ଧୀ ହାଇସ୍କୁଲ ପଡ଼ିଆରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚି ସେଠାରୁ ସଡ଼କ ପଥରେ ଶେରଗଡକୁ ଯିବେ। ସେଠାରେ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବା ସହ ସ୍ଥାନୀୟ ଲୋକଙ୍କୁ ଭେଟିବା ସହ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିବେ। ଏହାପରେ ସେ ହିଞ୍ଜିଳିକାଟୁ ଅଭିମୁଖେ ଯାଇ ୧୨ଟା ୫ ମିନିଟ୍‌ରେ ହିଞ୍ଜିଳିକାଟୁ ପୌରାଞ୍ଚଳର ମିନି ଷ୍ଟାଡିୟମ୍‌ରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ନୂଆ ବୁରୁପଡ଼ା ଗ୍ରାମ ପଞ୍ଚାୟତକୁ ଯିବେ। ଦିନ ୧୨ଟା ୧୫ ମିନିଟ୍‌ରେ ନୂଆ ବୁରୁପଡ଼ାରେ ପହଞ୍ଚି ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ। ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷ ଜମି ବୁଲି ଦେଖିବା ସହ ଚାଷୀ ଓ ହିଞ୍ଜିଳି ଅଞ୍ଚଳର ଲୋକଙ୍କ ସହ ଆଲୋଚନା କରିବେ। ଫସଲ କ୍ଷୟକ୍ଷତି ଏବଂ ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିବେ। ଏହାପରେ ଆସିକା ସହର ଏବଂ ସୋରଡ଼ା ବ୍ଲକ୍‌ର ବାଲିଗୋଛାକୁ ଯାଇ ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିବା ସହ ପ୍ରଭାବିତଙ୍କ ସହ କଥା ହେବେ ଓ ଅପରାହ୍ନରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।

ଗୋଡ଼ାଇଲା ଭିଜିଲାନ୍ସ...

ଏକ ପୋଖରୀକୁ ଡେଇଁ ପଡ଼ିଥିଲେ। ତାଙ୍କ ପଛରେ ଭିଜିଲାନ୍ସ ଟିମ୍‌ର ଜଣେ ସଦସ୍ୟ ମଧ୍ୟ ପୋଖରୀକୁ ଡେଇଁ ପଡ଼ି ପହଁରିଯାଇ ତାଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହି ଘଟଣା ପରେ, ଶ୍ରୀ ମହାନ୍ତଙ୍କ ଆୟ ବହିର୍ଭୂତ ସମ୍ପତ୍ତି (ଡିଏ) ରହିଛି କି ନାହିଁ, ସେନେଇ ତଦନ୍ତ ଚାଲିଛି। ଏହିକ୍ରମରେ ଥାନା ପରିସରରେ ଥିବା ତାଙ୍କ ବିଶ୍ରାମ କକ୍ଷରୁ ଅତିରିକ୍ତ ଭାବେ ୧,୫୫,୭୦୦ ଟଙ୍କା ଜବତ କରାଯାଇଛି। ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ବର୍ତ୍ତମାନ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ସୂତ୍ରରୁ ପ୍ରକାଶ। ଉଲ୍ଲେଖଯୋଗ୍ୟ ଯେ, ସବ୍-ଇନ୍ସପେକ୍ଟର ସୁଜିତ କୁମାର ମହାନ୍ତ ୨୦୨୧ ମସିହାରେ ସିଧାସଳଖ ନିଯୁକ୍ତି ମାଧ୍ୟମରେ ପୁଲିସ ସେବାରେ ଯୋଗ ଦେଇଥିଲେ।

ବୁଢ଼ାମରା–ଚାକୁଳିଆ ରେଳ ପ୍ରକଳ୍ପ
ପ୍ରଥମ ପର୍ଯ୍ୟାୟ ପାଇଁ ୪୪୫.୭୧ କୋଟିର ଟେଣ୍ଡର

ବାରିପଦା, ୪।୧୧(ସମିସ): ମୟୂରଭଞ୍ଜବାସୀଙ୍କ ବହୁ ପ୍ରତୀକ୍ଷିତ ବୁଢ଼ାମରା–ଚାକୁଳିଆ ନୂତନ ରେଳ ଲାଇନ ପ୍ରକଳ୍ପ ଶେଷରେ ବାସ୍ତବ ରୂପ ନେବାକୁ ଯାଉଛି। ଦକ୍ଷିଣ ପୂର୍ବ ରେଳପଥ ପକ୍ଷରୁ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ଲାଗି ୪୪୫.୭୧ କୋଟି ଟଙ୍କାର ଇପିସି ଟେଣ୍ଡର ଆହ୍ୱାନ କରାଯାଇଛି। ଚାକୁଳିଆ ପାର୍ଶ୍ୱରୁ ଚେନେଜ୍ ୫୩+୫୨୦ କିମିରୁ ୩୯+୪୦୦ କିମି ପର୍ଯ୍ୟନ୍ତ ପ୍ରାୟ ୧୪ କିଲୋମିଟର ରାସ୍ତା ପାଇଁ ଏହି ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ସମ୍ପୂର୍ଣ୍ଣ ସିଭିଲ୍ କାର୍ଯ୍ୟ, ମାଟି କାମ, ବଡ଼ ଓ ଛୋଟ ପୋଲ ନିର୍ମାଣ, ୨୫ ଟନ୍ ଏକ୍ସଲ୍ ଲୋଡ୍ ବିଶିଷ୍ଟ ଟ୍ରାକ୍, ସିଗନାଲିଂ ଏବଂ ଓଭରହେଡ୍ ବିଦ୍ୟୁତୀକରଣ ସାମିଲ ରହିଛି। ଏହି କାର୍ଯ୍ୟକୁ ୨୪ ମାସ (୨ ବର୍ଷ) ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଖଡ଼ଗପୁର ଡିଭିଜନ ଅଧୀନରେ ଥିବା ଏହି ପ୍ରକଳ୍ପ ପାଇଁ ବିଡ୍ ଦାଖଲ ୨୦୨୬ ଡିସେମ୍ବର ୨୫ରୁ ଆରମ୍ଭ ହୋଇ ୨୦୨୭ ଜାନୁଆରୀ ୮ ତାରିଖରେ ଶେଷ ହେବ। ଚାକୁଳିଆ ପଟୁ କାମ ଆରମ୍ଭ ହେଉଥିବା ବେଳେ ବୁଢ଼ାମରା ପାର୍ଶ୍ୱରୁ ମଧ୍ୟ ଖୁବ୍‌ଶୀଘ୍ର ପରବର୍ତ୍ତୀ ଇପିସି ଟେଣ୍ଡର ପ୍ରକାଶ ପାଇବ ବୋଲି ଆଶା କରାଯାଉଛି, ଯାହାଫଳରେ ସମଗ୍ର କରିଡରର କାମ ଏକାସାଙ୍ଗରେ ତ୍ୱରାନ୍ୱିତ ହୋଇପାରିବ।

FOR SALE

1 Number of ITL SONALIKA DI 50 4WD TRACTOR, Registration No.- OD-17-AF-2735, Model 2025, - ENGINE NO - 3105NH54G1593430F29, CHASIS NO-EZGDL 1615691S3, For Details, contact – 9437577742, SUNDARAM FINANCE LTD., 1ST FLOOR, ABOVE LALITA MEDICINE, NEAR BAHTLI CHOWK, BARGARH, DIST-BARGARH, ODISHA-768028

FOR SALE

1 Number of VE CV Eicher PRO 6048, Registration No.- OD-04-W-3951, Model- 2024, ENGINE NO – VEDX8664481K6P, CHASSIS NO - MC2BFSRF0RD113008, For Details, contact – 94375 60893, 82803 28569, SUNDARAM FINANCE LTD., 2 nd floor, Kailash Plaza, Opposite BSNL Office Link Road, Khannagar, CUTTACK,753012

AFFIDAVIT

I, Basant Kumar Rath age about 63 years S/o- Baishnab Charan Rath, At- Bansi Mohanty Lane, Kalyani Nagar, Cuttack, Odisha-753013, Declare this affidavit No-1184/2026 Dated- 04.11.2026 that now onwards I shall be known as **BASANTA KUMAR RATH** for all future purposes.

ପଶ୍ଚିମ ରେଳବାଇ - ଭଡୋଦରା ଡିଭିଜନ୍

ସଂଶୋଧନ ବିଜ୍ଞପ୍ତି

ଟେଣ୍ଡର ନଂ. DRM-BRC-091-OF-2026-27 ପାଇଁ ଏହି ସଂଶୋଧନୀ ବିଜ୍ଞପ୍ତି ଜାରି କରାଯାଉଛି। ଏହାଦ୍ୱାରା ସୂଚିତ କରାଯାଉଛି ଯେ, ଉକ୍ତ କାର୍ଯ୍ୟର ସମାପ୍ତି ଅବଧି ପୂର୍ବରୁ ୧୨ ମାସ ଉଲ୍ଲେଖ ଥିବାବେଳେ, ବର୍ତ୍ତମାନ ଏହାକୁ ୧୫ ମାସ ଭାବେ ଗ୍ରହଣ କରାଯିବ। ଏହି ପରିବର୍ତ୍ତନକୁ ସାମିଲ କରି ପୂର୍ବରୁ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ୍‌କୁ ସଂଶୋଧିତ ଟେଣ୍ଡର ଦସ୍ତାବିଜ୍ ଦ୍ୱାରା ପରିବର୍ତ୍ତନ କରାଯାଇଛି ଏବଂ ସଂଶୋଧିତ ଦସ୍ତାବିଜ୍‌କୁ IREPS ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଛି। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ। BRC-297

Follow us on X DRMBRCWR ● drm_vadodara

ପଶ୍ଚିମ ରେଳବାଇ - ଭଡୋଦରା ଡିଭିଜନ୍

ବିଭିନ୍ନ ଇଞ୍ଜିନିୟରିଂ କାର୍ଯ୍ୟ

ଇ-ଟେଣ୍ଡର ବିଜ୍ଞପ୍ତି ନଂ. DRM-BRC 089 TO 091 OF 2026-27

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଡିଭିଜନାଲ୍ ରେଳୱେ ମ୍ୟାନେଜର (W/A/c.), ପଶ୍ଚିମ ରେଳବାଇ, ପ୍ରତାପନଗର, ଭଡୋଦରା–୩୯୦ ୦୦୪ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସିଲ୍ ଟେଣ୍ଡର ଆହ୍ୱାନ କରାଯାଉଛି।

କ୍ର. ନଂ.	ଟେଣ୍ଡର ନଂ. ଏବଂ କାର୍ଯ୍ୟର ନାମ	କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ)	ଜମା କରିବାକୁ ଥିବା ବିଡ୍ ସିକ୍ୟୁରିଟି (ଟଙ୍କାରେ)
୦୧	DRM BRC 089 of 2026-27 ଭଡୋଦରା ଡିଭିଜନ୍‌ର ଗେରାଟପୁର, ସାମଲାୟା, କାନିଜ୍, ପାଲେଜ୍ ଏବଂ ମକରପୁରା ଷ୍ଟେସନ୍‌ରେ ଦିବ୍ୟାଙ୍ଗମାନଙ୍କ ପାଇଁ ଲିଫ୍ଟ ବ୍ୟବସ୍ଥା।	୪,୨୬,୨୨,୫୧୧.୭୨	୮,୫୨,୫୦୦/-
୦୨	DEN (East) BRC of 2026-27 ଅଧୀନରେ ଠିକାଦାରଙ୍କ ନିଜସ୍ୱ PQRS Portal ମାଧ୍ୟମରେ Through Sleeper Renewal TSR (P) 47.02 TKMS ଏବଂ ଅନ୍ୟାନ୍ୟ ସମ୍ପର୍କିତ ଟ୍ରାକ୍ ନବୀକରଣ କାର୍ଯ୍ୟ	୧୪,୮୩,୮୨,୩୬୬.୯୦	୧୯,୬୭,୭୦୦/-
୦୩	DRM BRC 091 of 2026-27 ଅଲିରାଜପୁର ଷ୍ଟେସନ୍‌ଠାରେ କାର୍ଯ୍ୟାଳୟ, ଷ୍ଟୋର, କ୍ୱାର୍ଟର୍ସ ଏବଂ ବିଶ୍ରାମଗୃହ ନିର୍ମାଣ ପାଇଁ ପ୍ରସ୍ତାବିତ କାର୍ଯ୍ୟ।	୭,୧୨,୪୦,୮୧୨.୭୮	୧୪,୨୪,୮୦୦/-

ଟେଣ୍ଡର ଦାଖଲ ଓ ଖୋଲିବାର ତାରିଖ ଏବଂ ସମୟ: କ୍ରମିକ ନଂ. ୧ ଓ ୩ ପାଇଁ ୨୦.୧୧.୨୦୨୬ ତାରିଖ ଅପରାହ୍ନ ୩.୦୦ଟା ପୂର୍ବରୁ ଟେଣ୍ଡର ଦାଖଲ କରିବାକୁ ହେବ ଏବଂ ସେହି ଦିନ ଅପରାହ୍ନ ୩.୩୦ଟାରେ ଖୋଲାଯିବ। କ୍ରମିକ ନଂ. ୨ ପାଇଁ ୨୩.୧୧.୨୦୨୬ ତାରିଖ ଅପରାହ୍ନ ୩.୦୦ଟା ପୂର୍ବରୁ ଟେଣ୍ଡର ଦାଖଲ କରିବାକୁ ହେବ ଏବଂ ସେହି ଦିନ ଅପରାହ୍ନ ୩.୩୦ଟାରେ ଖୋଲାଯିବ। ସମ୍ପୂର୍ଣ୍ଣ ବିବରଣୀ ଏବଂ ଟେଣ୍ଡର ଫର୍ମ ମିଳିବା ସମ୍ବନ୍ଧୀୟ ସୂଚନା ପାଇଁ www.ireps.gov.in ୱେବସାଇଟ୍ ଦେଖନ୍ତୁ। ଡିଭିଜନାଲ୍ ରେଳୱେ ମ୍ୟାନେଜର (WA/C), ପଶ୍ଚିମ ରେଳବାଇ, ପ୍ରତାପନଗର, ଭଡୋଦରା–୪। BRC-294

Follow us on X DRMBRCWR ● drm_vadodara ● Like us on Western Railway Vadodara Division

10001/685/2627

OFFICE OF THE
CHIEF DISTRICT MEDICAL & PUBLIC HEALTH OFFICER, PURI
Email: hdtpuri2023@gmail.com, Tel No.: 06752-222124

No. 508 Dt. 03.11.2026

TENDER CALL NOTICE

Sealed Tenders are invited from registered agencies for Supply of Stationary, Janitorial items & Supply of computer accessories to the office of the undersigned. The details term and conditions are available in the district website **www.puri.odisha.gov.in.** The bidding documents complete in all respect should reach the Office of Chief District Medical & Public Health Officer, Rogi Kalyan Samiti, DHH, Puri on or **21.11.2026 till 5:00 P.M.** through post or courier and super scribed as "BID DOCUMENTS FOR TENDER CALL NOTICE NO. 508 / RKS." The bids will be opened on **23.11.2026 at 11:00 A.M.**

The authority reserves the right to cancel or accept any Quotation fully or partially without assigning any reason thereof.

OIPR-10001/10284/1/26-27/0003 Sd/- CDM & PHO cum DMD, Puri

OFFICE OF THE DIVISIONAL FOREST OFFICER, JAYAPUR
email-dfo.jeypore@odisha.gov.in
8001/444/2627

Tender Notice. FE&CC / DFO (T) / No. 01/2026-27
Tender Notice Call for Construction of Civil Work
Office Order No. 332 / Dated. 31.10.2026

1	The Divisional Forest Officer, Jayapur Forest Division on behalf of Governor of Odisha inviting percentage rate bid in double cover system on **OFFLINE MODE.**	
2	Nature of Works :-	Construction of Civil Work.
3	Type of Works :-	Construction of 15 nos. of VSS Buildings at Boipariguda Range - 2 nos., Borigumma Range - 6 nos. and Kotpad Range - 7 nos. under Jayapur Forest Division.
4	Tender Cost :-	Rs. 6000/- Per Each VSS Building.
5	Class of Contractor :-	"D" & "C" Class Contractor.
6	Availability of bid document in the Koraput portal (https://koraput.odisha.gov.in)	From 10.00 A.M of Dt. 07.11.2026 to 5.00 P.M of Dt. 23.11.2026.
7	Date of opening of Technical & Financial Bid	Dt. 25.11.2026 at 11.00 A.M.
8	The Bidders have to participate in **OFFLINE** bidding only.	

Sd/-
Divisional Forest Officer,
Jayapur Forest Division

OIPR-8001/8171/1/26-27/0003

13001/2356/2627 Email ID : eephdsbp@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER, P.H. DIVISION, SAMBALPUR.

NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SEPHSBP-10/2026-27 Dt. 31.10.2026

01.	Name of the Work	:	1 nos Work
02.	Type of Bid.	:	Two Bid System
03.	Estimated Cost	:	Rs. 99.97 lakhs
04.	Period of Completion	:	6 (Six) Calendar Months
05.	Date & Time of availability of bid document in the portal	:	From 11.00 AM of dt. 07.11.2026 to 5.00 PM of 23.11.2026
06.	Last date / time of receipt of bids in the portal	:	5.00 PM of 23.11.2026.
07.	Date & Time of opening of technical bids	:	At 11.30 AM of 25.11.2026.
08.	Name and Address of the Officer Inviting Bid	:	Superintending Engineer, P.H. Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001.

Further details can be seen from the web site http://tenders ori.nic.in or www.tendersorissa.gov.in.

Sd/-
Additional Chief Engineer
P.H. Division, Sambalpur

OIPR-13001/13026/1/26-27/0012

THE ODISHA AGRO INDUSTRIES CORPORATION LIMITED
(A Government of Odisha Undertaking)
95, SATYA NAGAR, BHUBANESWAR-751 007.

TENDER NOTICE 1001/209/2627

Bid identification No- MD/OAIC-107 (Tech.) /2026-27

Online Tender in conformity with technical specification, terms & condition are invited from manufacturers for "Procurement of 13353 nos. of storage bins of 110 Kg capacity for supply to individual farmers under NFSNM 2025-26". For details please visit website https://tendersodisha.gov.in/ https://odishaagro.nic.in/ from **dt.05.11.2026 to dt.25.11.2026**.

-Sd/-
OIPR-1001/1104/1/26-27/0009 Managing Director, OAIC Ltd

EASTERN INVESTMENTS LIMITED
CIN: L65993OR1927GOI034842
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website:www.birdgroup.co.in
Email: omdc.sec.dept@gmail.com

NOTICE OF 99TH ANNUAL GENERAL MEETING THROUGH VC/OAVM AND REMOTE E-VOTING

NOTICE is hereby given that the 99th Annual General Meeting(AGM) of the members of Eastern Investments Limited will be held on Monday, 30th November, 2026 at 5.00 P.M. (IST) through Video Conferencing ("VC")/Other Audio Visual Means ("OAVM") without physical presence of members at a common venue, in compliance with applicable provisions of the Companies Act, 2013,'Rules made thereunder and SEBI (Listing Obligations & Disclosure Requirements) Regulations, 2015 read with all applicable circulars issued by Ministry of Corporate Affairs (MCA) and SEBI, from time to time, to transact the businesses set out in the Notice of the said AGM.

Members may note that in compliance with the aforementioned circulars, the Notice of 99th AGM and Annual Report for the financial year 2025-26 will be sent only by email to all the members of the Company whose email addresses are registered with the Company's Registrar and Transfer Agent ("RTA')/ Depository Participant(s). Further, the said documents will also be made available on the Company's website i.e. www.birdgroup.co.in and website of the Stock Exchanges i.e. www.cse-india.com.

The detailed instructions for attending the AGM, remote e-voting for share holders holding shares in dematerialized mode, physical mode and for those whose email IDs are not registered, will be provided in the Notice of AGM in due course. Shareholders will have an opportunity to join and participate in the 99th AGM through VC/OAVM facility only and cast their vote on the items of business as set forth in the Notice of AGM through remote e-voting prior to AGM and through electronic voting system during the AGM.

Members holding shares in physical mode and who have not registered/ updated their e-mail IDs/mobile number are requested to update the same by sending an email at omdc.sec.dept@gmail.com with a signed letter mentioning folio no., name of shareholder(s), address, mobile no., bank details, scanned copy of share certificate (front and back), self-attested copy of PAN and address proof etc.

Further, Members who are holding shares in demat mode and have not registered/ updated their e-Mail ID/mobile numbers/bank details are requested to update the same with their respective Depository Participant.

The Company has fixed Monday, 23rd November, 2026 as the Cut-off Date for determining the eligibility of Members to exercise their voting rights through remote e-voting and voting during the 99th AGM, in accordance with Rule 20 of the Companies (Management and Administration) Rules, 2014.

Place: Vishakhapatnam
Date: 04.11.2026

By the Order of the Board
Sd/-
M. Jagadeeshwara Rao
Company Secretary & Compliance Officer

AFFIDAVIT

I, Amol Agrawal, son of Arun Kumar Agrawal, resident of Nehru Nagar, Jeypore, District - Koraput, Odisha, PIN – 764001, do hereby solemnly declare by this affidavit No. 3422, dated 23.10.2026, that henceforth, I shall be known as **AMOL KUMAR AGRAWAL** for all future purposes.

AFFIDAVIT

By virtue of an affidavit no.9022/2026 before the NOTARY PUBLIC, Malkangiri, on 04/11/2026, I, Mrs. Damei Majhi, resident of Village-Majhiguda, Post-Kutinipalli, PS-Mathili, Dist-Malkangiri, in the State of Odisha, declare that I have changed the name of my minor daughter from Lovli Majhi to Lovely Majhi. Henceforth, my daughter will be named and known as **Lovely Majhi** for all purposes.

AFFIDAVIT

By virtue of an affidavit sworn before The Executive Magistrate Tangi-Choudwar ,Cuttack, dated 28.09.2026 I,PRAVATI SWAIN, W/O- Anil Behera, Address At-Ramagarh,Post-Kotasahi PS - Tangi, Dist -Kataka,Odisha declare that I have changed my name from Lile Behera to Pravati Swain .Henceforth, I shall be known as **Pravati Swain** for all purposes.

Pravati Swain

AFFIDAVIT

By virtue of an affidavit before the Executive Magistrate, Bhadrak, dt. 02.11.2026, I, Rabindra Nath of Vill-Dahanasuni, P.O.-Garadpur, P.S.-Purunabazar, Dist.-Bhadrak, Odisha-756181, declare that I have changed my name from Rabinarayan Nath to Rabindra Nath. Henceforth, I shall be known as **Rabindra Nath** for all purposes.

AFFIDAVIT

By virtue of an affidavit (CF No. 77, dtd- 30/07/2026) sworn before The Executive Magistrate, Bhubaneswar. I, Bulu Kumar Digal, S/o. Suta Digal, Address: At- Anand Nagar, PO- Beheragaon, PS- Tikabali, Dist-Kandhamal, PIN- 762010, State- Odisha declare that I have changed my minor son's name from **D. Stalin Kumar** (old name) to **Stalin Digal** (new name). Henceforth, he shall be known as **STALIN DIGAL** (new name) for all purposes.

ବନ୍ୟାରେ ନିଖୋଜ ବ୍ୟକ୍ତିଙ୍କ ପରିବାରକୁ ଭେଟିଲେ ବିଜେଡି ଟିମ୍

ହିଞ୍ଜିଳିକାଟୁ, ୪।୧୧(ସମିସ)

ଅର୍ଣ୍ଣବ ପରବର୍ତ୍ତୀ ବନ୍ୟାରେ ପଡ଼ିଙ୍ଗି ଗ୍ରାମର ଡାକ୍ତର ନାହାକ ଭାସି ଯାଇ ବର୍ତ୍ତମାନ ସୁଧା ନିଖୋଜ ଅଛନ୍ତି। ନିଖୋଜ ଖବର ଜାଣିବା ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଞ୍ଜାମ



ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ପ୍ରଶାସନ ତତ୍ପରତା ପ୍ରକାଶ କରି ସ୍ଥାନୀୟ ତହସିଲଦାର ତାଙ୍କ ବାସଭବନକୁ ଯାଇ କିଛି ରିଲିଫ ସାମଗ୍ରୀ ଦେବା ସହ ପୋଲିସ ଥାନାରେ ଏକ ନିରୁଦ୍ଦିଷ୍ଟ ଏଫଆଇଆର ଦେବା ପାଇଁ ପରାମର୍ଶ ଦେଇଥିଲେ। ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଏକ ଟିମ ଡାକ୍ତର ନାହାକଙ୍କ ଘରକୁ ଯାଇ ତାଙ୍କ ପରିବାରକୁ ସାକ୍ଷାତ କରିବା ସହ କିଛି ଆର୍ଥିକ ସହଯୋଗ କରିଥିଲେ। ପୋଲିସ ଦ୍ୱାରା ରୁଜୁ ହୋଇଥିବା ଏଫଆଇଆରରେ ବନ୍ୟାରେ ଭାସିଯାଇ ନିରୁଦ୍ଦିଷ୍ଟ ପଞ୍ଜିକୃତ ବଦଳରେ ନିଖୋଜ ବୋଲି ପଞ୍ଜିକୃତ ହୋଇଛି। ବିଜେଡି ଟିମ ଥାନାକୁ ଯାଇ ଥାନା ଅଧିକାରୀଙ୍କ ସହ ସାକ୍ଷାତ କରି ବନ୍ୟା ପାଣିରେ ନିରୁଦ୍ଦିଷ୍ଟ ବୋଲି ସଂଶୋଧନ କରିବାକୁ କହିବେ ବୋଲି ତାଙ୍କ ପରିବାରକୁ ପ୍ରତିଶ୍ରୁତି ଦେବା ସହ ଗଞ୍ଜାମ ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀଙ୍କ ସହ ସାକ୍ଷାତ କରି ସରକାରୀ ଯୋଜନାରେ ତାଙ୍କ ପରିବାର କେମିତି ଉପଲବ୍ଧ କରିବେ ସେ ନେଇ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସୁଧା ଶାସକ ଦଳର କୌଣସି ନେତା କି କର୍ମୀ ତାଙ୍କ ପରିବାରକୁ ଭେଟି ନାହାନ୍ତି ବୋଲି ତାଙ୍କ ପରିବାର ଓ ଜନସାଧାରଣ ଠାରୁ ଶୁଣିବାକୁ ମିଳୁଛି। ଉକ୍ତ ଟିମରେ ବିରୋଧୀ ଦଳ ନେତାଙ୍କ ଜିଲ୍ଲାପରିଷଦ ସଭ୍ୟ ଦେବାନନ୍ଦ ମହାପାତ୍ର, ବିଧାୟକଙ୍କ ବ୍ଲକ ପ୍ରତିନିଧି ଏ. ସୁଦର୍ଶନ, ବିଧାୟକଙ୍କ ପୌରାଞ୍ଚଳ ପ୍ରତିନିଧି ପ୍ୟାରୀ ମୋହନ ପାଢ଼ୀ, ବ୍ଲକ ବିଜେଡି ସଭାପତି ଦୁର୍ଗା ମାଧବ ମହାନ୍ତି, ହିଞ୍ଜିଳି ପୌରାଞ୍ଚଳ ଅଧକ୍ଷ ସୁବାସ ଚନ୍ଦ୍ର ପୋଲାଇ, ଜିଲ୍ଲାପରିଷଦ ପ୍ରତିନିଧି ବାଇ ଶଙ୍କର, ବୁରୁପଡ଼ା ସମିତିସଭ୍ୟ, ଯୁବ ନେତା ନୀଳମଣି ପଟ୍ଟନାୟକ, ଭେଣ୍ଡି ରବୀନ୍ଦ୍ର, ମନୋଜ ସାବତ, ଶିବାନୀ ପାତ୍ର, ଅନିଲ ସ୍ୱାଇଁ, ବିଜୟ ବେହେରା, ସଞ୍ଜୟ ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

● ରଷିକୁଲ୍ୟରେ ଭାସି ମୃତ୍ୟୁ

ମୃତକଙ୍କ ପରିବାରଙ୍କୁ ଭେଟିଲା ବିଜେଡି



ଆସିକା, ୪।୧୧(ସମିସ): ମଙ୍ଗଳ ବାର ଆସିକା ରଷୁକୁଲ୍ୟ ନଦୀରେ ଶୌଚ ହେବାକୁ ଯାଇଥିବା କୁମ୍ଭାର ସାହିର ୨୩ ବର୍ଷୀୟ ସଞ୍ଜୟ ବେହେରା ରଷିକୁଲ୍ୟା ବନ୍ୟା ଜଳରେ ଭାସି ଯାଇ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ ସମବେଦନା ଜଣାଇଲେ ଆସିକା ବିଜୁ ଜନତା ଦଳ ଓ ଯୁବ ଛାତ୍ର। ଗଞ୍ଜାମ ଜିଲ୍ଲା ଯୁବ ସଭାପତି ନଚିକେତା ସ୍ୱାଇଁ, ସରପଞ୍ଚ ଜୟନ୍ତୀ ବେହେରାଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ଜିତେନ୍ଦ୍ର ମହାରଣା, ନିଗମ ରାଉତ, ନୀଳାଞ୍ଚଳ ମଣ୍ଡଳ, ସାଇରକ୍ଷମ ଦଳେଇ, ପ୍ରତାପ ପ୍ରଧାନଙ୍କ ସମେତ ବହୁ ଯୁବ ଛାତ୍ର ଉପସ୍ଥିତ ରହି ମୃତକଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

ଏସ୍‌ବିଆଇ ଷ୍ଟାଫ୍ ଆସୋସିଏସନ୍ ପକ୍ଷରୁ ୪୦୦ ପରିବାରକୁ ସହାୟତା

ଭଞ୍ଜନଗର, ୪।୧୧(ସମିସ): ଗଞ୍ଜାମ ଜିଲ୍ଲାରେ ଭୟାବହ ବନ୍ୟା ପରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ବିପନ୍ନଙ୍କୁ ସହାୟତାର ହାତ ବଢ଼ାଯାଉଛି। ଏହି କ୍ରମରେ ଗୁରୁବାର ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆସିକା ଜୋନ୍ କର୍ମଚାରୀ ସଂଘ, ଭଞ୍ଜନଗର ଷ୍ଟେଟ୍ ବ୍ୟାଙ୍କ କିରାଣି ସଂଘ ଏବଂ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀମାନେ ମିଳିତ ଭାବେ ଭଞ୍ଜନଗର ବ୍ଲକର ବିଭିନ୍ନ ଗ୍ରାମରେ ପହଞ୍ଚି ପ୍ରାୟ ୪୦୦ ପରିବାରକୁ ରିଲିଫ୍ ସାମଗ୍ରୀ ପ୍ରଦାନ କରିଥିଲେ। ଭଞ୍ଜନଗର ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ ହୃଷୀକେଶ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରିଲିଫ୍ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ସେବା କାର୍ଯ୍ୟରେ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘର କର୍ମକର୍ତ୍ତା ବିଶ୍ୱଜିତ୍



ମହାରଣା, ଅମିୟ ରଞ୍ଜନ ଦାସ, ଅଲେଖ ବେହେରା, ଶଙ୍କର ଦୋରା, ଭାସ୍କର ପ୍ରଧାନଙ୍କ ସମେତ ଅବସରପ୍ରାପ୍ତ କର୍ମଚାରୀ ଦେବରାଜ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପାଢ଼ୀ ଓ ସୋମନାଥ ନନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ। ବ୍ୟାଙ୍କ କର୍ମଚାରୀଙ୍କ ଏହି ମାନବିକତା ପୂର୍ଣ୍ଣ ସେବା କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିଲେ। ବ୍ୟାଙ୍କ କର୍ମଚାରୀମାନେ ବ୍ୟାଙ୍କରେ ରହି ଲୋକଙ୍କୁ ଆର୍ଥିକ ସେବା ଯୋଗାଇ ଆସୁଛନ୍ତି। ତେବେ ବିପତ୍ତି ସମୟରେ ମଧ୍ୟ ସେମାନେ ଲୋକଙ୍କ ପାଖରେ ଠିଆ ହୋଇ ସହାୟତାର ହାତ ବଢ଼ାଇବା ଏକ ପ୍ରଶଂସନୀୟ ପଦକ୍ଷେପ। ସେମାନଙ୍କ ଏହି ମାନବିକତା ଓ ସାମାଜିକ ଦାୟିତ୍ୱବୋଧ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହୋଇଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଗଗନ ବିହାରୀ ପୁରୋହିତଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) କୋ-ୟୁନିଟ୍ ଅଧିକାରୀ ବାବୁଲା ପ୍ରଧାନଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ପ୍ରସ୍ତୁତ ୪୦୦ ପ୍ୟାକେଟ୍ ରିଲିଫ୍ ସାମଗ୍ରୀ ବଣ୍ଟନରେ ସହଯୋଗ କରିଥିଲେ। ଏହି ପ୍ୟାକେଟ୍‌ରେ ଶୁଖିଲା ଖାଦ୍ୟ, ରାସନ୍ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ରହିଥିଲା। ବାହାଡ଼ାପଦର ବିଦ୍ୟାଳୟ ସାହି, ଚଢେୟାପଲ୍ଲୀ, ଗମ୍ଭାରୀଗୋଛା ଏବଂ ବାଇବାଲି ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ବନ୍ୟା ବିପନ୍ନଙ୍କୁ ଏହି ସହାୟତା ପ୍ରଦାନ କରାଯାଇଥିଲା।

● ବନ୍ୟା ବିପନ୍ନଙ୍କ ପାଖରେ ଏସ୍‌ୟୁସିଆଇର ରିଲିଫ୍

ପାଞ୍ଚ ଦିନ ହେଲା ଚାଲିଛି ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ

ବ୍ରହ୍ମପୁର, ୪।୧୧(ସମିସ): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟାରେ ଗଞ୍ଜାମ ଜିଲ୍ଲାର ବହୁ ଅଞ୍ଚଳ ଛାରଖାର ହୋଇଥିବା ବେଳେ ବିପନ୍ନଙ୍କ ଦୁର୍ଦ୍ଦଶା ଏବେ ବି ଦୂର ହୋଇନାହିଁ। ଆସିକା, ଭଞ୍ଜନଗର, ସୋରଡ଼ା ଓ ଶେରଗଡ଼ ସହର ସମେତ ଜିଲ୍ଲାର ବହୁ ଗାଁ ବନ୍ୟାଜଳରେ ପ୍ରଭାବିତ ହୋଇଛି। ଘର ଓ ଦୋକାନ ଭିତରେ ପାଣି ପଶି ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଥିବା ବେଳେ ଅନେକ ପରିବାର ଖାଦ୍ୟ ଓ ପାନୀୟ ଜଳ ସଙ୍କଟରେ ପଡ଼ିଛନ୍ତି। ଏଭଳି ସ୍ଥିତିରେ ବନ୍ୟା ବିପନ୍ନଙ୍କ ସହାୟତା ପାଇଁ ଆଗେଇ ଆସିଛି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)। ଦଳ ପକ୍ଷରୁ ଜନସାଧାରଣଙ୍କଠାରୁ ରିଲିଫ୍ ପାଣ୍ଠି ଓ ଅନ୍ୟାନ୍ୟ ସହାୟତା ସଂଗ୍ରହ କରାଯାଇ ବନ୍ୟାଞ୍ଚଳରେ ରିଲିଫ୍ ବଣ୍ଟନ କରାଯାଉଛି। ଜିଲ୍ଲା ସମ୍ପାଦକ ସୋମନାଥ ବେହେରାଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ଗତ ପାଞ୍ଚ ଦିନ ଧରି ବିଭିନ୍ନ ବନ୍ୟା ପ୍ରଭାବିତ ଗାଁରେ ପହଞ୍ଚି ପାନୀୟ ଜଳ, ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ବଣ୍ଟନ କରୁଛନ୍ତି। ଆସିକା, ହିଞ୍ଜିଳିକାଟୁ, ସୋରଡ଼ା ଓ ଧରାକୋଟ ବ୍ଲକର ବିଭିନ୍ନ ଗାଁରେ ଏହି ସହାୟତା କାର୍ଯ୍ୟ ଜାରି ରହିଛି। ବିପର୍ଯ୍ୟୟ ସମୟରେ ଦୁର୍ଗତଙ୍କ ପାଖରେ ଛିଡ଼ା ହେବା ସହ ସେମାନଙ୍କ ମୌଳିକ ଆବଶ୍ୟକତା ପୂରଣକୁ ଦଳ ପ୍ରାଥମିକତା ଦେଇଛି। ଜନସାଧାରଣଙ୍କ ସହଯୋଗ ଓ ସହାୟତା ଜାରି ରହିଲେ ଆଗକୁ ମଧ୍ୟ ଏହି ରିଲିଫ୍ କାର୍ଯ୍ୟ ଚାଲୁ ରହିବ ବୋଲି ଜିଲ୍ଲା ସମ୍ପାଦକ ସୋମନାଥ ବେହେରା ସୂଚନା ଦେଇଛନ୍ତି। ରିଲିଫ୍ କାର୍ଯ୍ୟରେ ନାରାୟଣ ସାହୁ, ବିଭୂତି ସାହୁ, ଅନୀଲ ସାହୁ, ନିମାଇଁ ସାହୁ, ପପୁନ ସାହୁ, କିଶାନ ସାହୁ, ଲାଲୁ ମାଝୀ, ବାମିଆ ଉଗ୍ରସାଣ୍ଡି ଓ ଶୁଭସ୍ମିତା ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ।

ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ କ୍ଷୟକ୍ଷତି ଆକଳନର ସମୀକ୍ଷା ବୈଠକ

ବନ୍ୟା କ୍ଷୟକ୍ଷତିର ତ୍ୱରିତ ଓ ସ୍ୱଚ୍ଛ ଆକଳନ ଉପରେ ଗୁରୁତ୍ୱ

ଛତ୍ରପୁର, ୪।୧୧(ସମିସ): ଗଞ୍ଜାମ ଜିଲ୍ଲାରେ ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ସଠିକ ଆକଳନ କରି କ୍ଷତିଗ୍ରସ୍ତଙ୍କୁ ନିୟମାନୁଯାୟୀ ତ୍ୱରିତ ସରକାରୀ ସହାୟତା ପ୍ରଦାନ ନିମନ୍ତେ ବୁଧବାର ସନ୍ଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବିଜୟ ଅମୃତ କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା କ୍ଷୟକ୍ଷତି ଆକଳନର ଅଗ୍ରଗତି, ଆକଳନ ରିପୋର୍ଟ ଦାଖଲ ଓ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ପ୍ରତ୍ୟେକ ବିଭାଗ ଦୈନିକ କେତେ ପରିମାଣର କ୍ଷୟକ୍ଷତି ଆକଳନ କରୁଛନ୍ତି, ତାହାର ସଠିକ ରେକର୍ଡ ରଖିବା ସହ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ନିୟମିତ ସମୀକ୍ଷା କରି ଯଥାଶୀଘ୍ର ଆକଳନ ରିପୋର୍ଟ ଦାଖଲ କରିବାକୁ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର କ୍ଷୟକ୍ଷତି ଆକଳନ ପାଇଁ ବ୍ଲକ?ର ଯନ୍ତ୍ରୀମାନେ ପ୍ରତ୍ୟେକ କେନ୍ଦ୍ର ପରିଦର୍ଶନ କରି କ୍ଷୟକ୍ଷତିର ପରିମାଣ ନିର୍ଦ୍ଧାରଣ କରିବେ। କ୍ଷତିଗ୍ରସ୍ତ କୋଠାଗୁଡ଼ିକର ମରାମତି ସମ୍ଭବ କି ନାହିଁ, ସେ ସମ୍ପର୍କରେ ବୈଷୟିକ ଯାଞ୍ଚ କରି ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଥିଲା। ସେହିପରି ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବାକୁ ସିଡିପିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିକ୍ଷକ, କର୍ମଚାରୀ, ଅଭିଭାବକ, ପରିଚାଳନା କମିଟି ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବ୍ୟାପକ ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟ କରି ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ଆରଡ଼ିସି ପରାମର୍ଶ ଦେଇଥିଲେ।

କ୍ଷୟକ୍ଷତି ଆକଳନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ସହ ଆକଳନର ସତ୍ୟତା ଯାଞ୍ଚ ପାଇଁ ବିଭିନ୍ନ ଟିମ୍ ଗଠନ କରାଯିବ। ଏହି ଟିମ୍‌ଗୁଡ଼ିକ ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ଆକଳନର ସଠିକତା ଯାଞ୍ଚ କରିବେ। ଆବଶ୍ୟକସ୍ଥଳେ ଗୋଟିଏ ପଞ୍ଚାୟତକୁ ଆଧାର କରି ସରକାରୀ ନିୟମ ଅନୁଯାୟୀ କ୍ଷୟକ୍ଷତି ଆକଳନ ଓ ସହାୟତା ପ୍ରଦାନ ପ୍ରକ୍ରିୟାକୁ ପରୀକ୍ଷାମୂଳକ ଭାବେ ଯାଞ୍ଚ କରାଯିବ। ଏଥିରେ ସଫଳତା ମିଳିଲେ ଅନ୍ୟ ଅଞ୍ଚଳରେ ମଧ୍ୟ ସେହି ଅନୁସାରେ ବ୍ୟବସ୍ଥା ଅନୁସରଣ କରାଯିବା ନେଇ ଆଲୋଚନା ହୋଇଥିଲା। ଏଥିସହ ସରକାରଙ୍କ ପକ୍ଷରୁ ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ଯୋଗାଇ ଦିଆଯାଉଥିବା ୫୦ କିଲୋ ଚାଉଳ ଘରେ ଘରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦୂରଦୂରାନ୍ତ ଅଞ୍ଚଳରେ ଆବଶ୍ୟକସ୍ଥଳେ ଟ୍ରାକ୍ଟର ଯୋଗେ ଚାଉଳ ପହଞ୍ଚାଇବା ପାଇଁ ଜିଲ୍ଲା ଯୋଗାଣ ବିଭାଗକୁ କୁହାଯାଇଥିଲା। ଜିଲ୍ଲାର ୪ ଲକ୍ଷରୁ ଅଧିକ ରାସନ କାର୍ଡଧାରୀଙ୍କ ଆଧାର ସଂଯୁକ୍ତ ତଥ୍ୟ ଆଧାରରେ ଯୋଗ୍ୟ ହିତାଧିକାରୀଙ୍କୁ ସଠିକ ଭାବେ ସହାୟତା ପ୍ରଦାନ ନିଶ୍ଚିତ କରିବାକୁ କୁହାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୨, ୫୦୦ ଟଙ୍କାର ସହାୟତା ରାଶି ଡିବିଟି ମାଧ୍ୟମରେ ହିତାଧିକାରୀଙ୍କ ଖାତାକୁ ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଦେବଦତ୍ତ ପଣ୍ଡା ଓ ସୁନୀଲ କୁମାର କେର୍କେଟ୍ଟା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ଜିଲ୍ଲାରେ ନିୟୋଜିତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

● ବାଲୁକା କଳାରେ ବନ୍ୟା ବିପନ୍ନଙ୍କୁ ସହାୟତାର ନିବେଦନ

ସହଯୋଗର ହାତ ବଢ଼ାଇବାକୁ ଶିଳ୍ପୀ ସତ୍ୟନାରାୟଣଙ୍କ ଆହ୍ୱାନ



ବ୍ରହ୍ମପୁର, ୪।୧୧(ସମିସ): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଅନେକ ପରିବାର ବନ୍ୟାରେ ସର୍ବସ୍ୱ ହରାଇ ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏଭଳି ସମୟରେ ବିପନ୍ନଙ୍କ ପାଖରେ ସହାୟତାର ହାତ ବଢ଼ାଇବାକୁ ନିବେଦନ କରିଛନ୍ତି ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା। ନିଜର କଳାକୃତି ମାଧ୍ୟମରେ ସେ ସମାଜକୁ ମାନବିକତା ଓ ସହଯୋଗର ବାର୍ତ୍ତା ଦେଇଛନ୍ତି। ବ୍ରହ୍ମପୁର ନୀଳକଣ୍ଠନଗର ଦ୍ୱିତୀୟ ଲାଇନ୍ ସ୍ଥିତ ବିଜିପୁରଠାରେ ଶିଳ୍ପୀ ସତ୍ୟନାରାୟଣ ଏହି ସ୍ୱତନ୍ତ୍ର ବାଲୁକା କଳାକୃତି ନିର୍ମାଣ କରିଛନ୍ତି। ୬ ଫୁଟ୍ ୬ ଇଞ୍ଚ ଉଚ୍ଚତା ଏବଂ ୧୦ ଫୁଟ୍ ଓସାର ବିଶିଷ୍ଟ ଏହି କଳାକୃତି ମାଧ୍ୟମରେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କେବଳ ସରକାରୀ ସହାୟତାକୁ ଅପେକ୍ଷା ନକରି ସମାଜର ପ୍ରତ୍ୟେକ ବର୍ଗର ଲୋକେ ନିଜ ନିଜ ସାମର୍ଥ୍ୟ ଅନୁଯାୟୀ ବିପନ୍ନଙ୍କୁ ସହଯୋଗ କରିବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଛନ୍ତି। ଛୋଟ ହେଉ କି ବଡ଼, ପ୍ରତ୍ୟେକଟି ସହାୟତା ବିପଦରେ ପଡ଼ିଥିବା ପରିବାର ପାଇଁ ଆଶାର ଆଲୋକ ହୋଇପାରିବ। ତାଙ୍କର ଏହି କଳାକୃତି କେବଳ ଏକ ଶିଳ୍ପ ନୁହେଁ, ବରଂ ବିପନ୍ନଙ୍କ ପ୍ରତି ସମାଜର ଦାୟିତ୍ୱବୋଧ ଓ ମାନବିକତାର ଏକ ବଳିଷ୍ଠ ବାର୍ତ୍ତା ଦେଇଛି।

ପ୍ରଶାସନ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ୍ ବଣ୍ଟନ

ବେଲଗୁଣ୍ଠା, ୪।୧୧(ସମିସ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ସୃଷ୍ଟି ହୋଇଥିବା ବନ୍ୟାରେ ବେଲଗୁଣ୍ଠା ବ୍ଲକ ଇଙ୍ଗିନାଠି ପଞ୍ଚାୟତର ବିଭିନ୍ନ ଗ୍ରାମ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଲୋହରାଖଣ୍ଡି ନଦୀ ଓ ବଡ଼ନଦୀ ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଏହି ପଞ୍ଚାୟତର ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ରିଲିଫ୍ ବଣ୍ଟନ ସହ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ସୋରଡ଼ା ବିଧାୟକ ନୀଳମଣି ବିଶୋୟୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ରିଲିଫ୍ ବଣ୍ଟନରେ ସାମିଲ ହୋଇଥିଲେ।



ବିଡିଓ ସିଙ୍ଗାପୁରମ୍ ହରି, ତହସିଲଦାର କଳାକୃଷ୍ଣ ପ୍ରଧାନ, ଇଙ୍ଗିନାଠି ସରପଞ୍ଚ ଶୁକଦେବ ସ୍ୱାଇଁ, ସମିତି ସଭ୍ୟ ପ୍ରତିନିଧି ରାଜେଶ ସ୍ୱାଇଁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଘରକୁ ଘର ବୁଲି ରତଙ୍ଗ, ଇଙ୍ଗିନାଠି, ସାରିଆପଲ୍ଲୀ, ଉତ୍ତପଲ୍ଲୀ, ମନ୍ଦାର ଓ ବଲାଡ଼ି ଗ୍ରାମର ବିପନ୍ନ ପରିବାରଙ୍କୁ ଚୁଡ଼ା, ଛତୁଆ, ଗୁଡ଼ ଓ ବିସ୍କୁଟ ବଣ୍ଟନ କରିଥିଲେ। ଅନ୍ୟପକ୍ଷରେ ବନ୍ୟାଜଳ ଧୀରେ ଧୀରେ ହ୍ରାସ ପାଉଥିବାରୁ ପ୍ରଭାବିତ ଅଞ୍ଚଳର ପୁନରୁଦ୍ଧାର କାର୍ଯ୍ୟ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଏଚ୍‌ଓ ତପସ୍ୱିନୀ ମହାନ୍ତି, ଏଏନ୍‌ଏମ୍ ମଞ୍ଜରୀ ବିଶ୍ୱାସ, ସ୍ଥାନୀୟ ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀମାନେ ଗ୍ରାମଗୁଡ଼ିକରେ କୂଅ ଓ ପୋଖରୀରେ ବ୍ଲିଚିଂ ପାଉଡର ପକାଇବା ସହ ବିଶୁଦ୍ଧ ପାନୀୟ ଜଳ ପାଇଁ ହାଲୋଜେନ୍ ବଟିକା ବଣ୍ଟନ କରିଥିଲେ। ସେହିପରି ବେଲଗୁଣ୍ଠା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ନଳିନୀ ମହାରଣା ଓ ଅଞ୍ଚଳ ପରିଦର୍ଶିକା ସଂଯୁକ୍ତା ଦାସ ଇଙ୍ଗିନାଠି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରି କିଶୋରୀ ଓ ପ୍ରାପ୍ତବୟସ୍କା ମହିଳାଙ୍କୁ ସାନିଟାରି ନାପକିନ୍ ବଣ୍ଟନ କରିଥିଲେ। ଏଥିସହ ଛୋଟ ଛୋଟ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ଆବଶ୍ୟକ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ବନ୍ୟା ପରବର୍ତ୍ତୀ ସମୟରେ ଖାଦ୍ୟ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ସ୍ୱଚ୍ଛତା ଉପରେ ପ୍ରଶାସନର ଏହି ସମନ୍ୱିତ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ଓ ଗୋଖାଦ୍ୟ ବାଣ୍ଟିଲା ପୋଲିସ

ବେଲଗୁଣ୍ଠା, ୪।୧୧(ସମିସ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ସୃଷ୍ଟି ହୋଇଥିବା ବନ୍ୟାରେ ବେଲଗୁଣ୍ଠା ବ୍ଲକ ଇଙ୍ଗିନାଠି ପଞ୍ଚାୟତର ବିଭିନ୍ନ ଗ୍ରାମ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଲୋହରାଖଣ୍ଡି ନଦୀ ଓ ବଡ଼ନଦୀ ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଏହି ପଞ୍ଚାୟତର ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶାକୁ ଦୃଷ୍ଟିରେ ରଖି ପୋଲିସ ବିଭାଗ ପକ୍ଷରୁ ମାନବିକତାର ପରିଚୟ ଦିଆଯାଇଛି। ବୁଧବାର ଭଞ୍ଜନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ, ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଡକ୍ଟର ଦୀପକ



କୁମାର ମିଶ୍ର ଏବଂ ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର ପୋଲିସ ଟିମ୍ ସହ ଇଙ୍ଗିନାଠି ପଞ୍ଚାୟତର ରତଙ୍ଗ, ଇଙ୍ଗିନାଠି, ସାରିଆପଲ୍ଲୀ, ଉତ୍ତପଲ୍ଲୀ ଓ ମନ୍ଦାର ଗ୍ରାମ ପରିଦର୍ଶନ କରିଥିଲେ। ଏହି ଅବସରରେ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ପାଉଁରୁଟି ଓ ବିସ୍କୁଟ ଭଳି ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଅନ୍ୟପକ୍ଷରେ ବନ୍ୟା ଯୋଗୁଁ ଗୃହପାଳିତ ପଶୁଙ୍କ ପାଇଁ ଗୋଖାଦ୍ୟର ଅଭାବ ଦେଖାଦେଇଥିବା ଜାଣି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ ଦୁଇଟି ଗାଡ଼ିରେ ଗୋଖାଦ୍ୟ ନେଇ ଗୋପାଳକ ଓ ଚାଷୀମାନଙ୍କୁ ବଣ୍ଟନ କରିଥିଲେ। ପୋଲିସ ବିଭାଗର ଏଭଳି ମାନବିକତାପୂର୍ଣ୍ଣ ଓ ଜନହିତକର ପଦକ୍ଷେପକୁ ସ୍ଥାନୀୟ ଚାଷୀ ଓ ଗ୍ରାମବାସୀ ଉଚ୍ଚ ପ୍ରଶଂସା କରିବା ସହ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଥିଲେ। ବିପଦ ସମୟରେ ଜନସାଧାରଣଙ୍କ ପାଖରେ ପୋଲିସର ଏଭଳି ସହଯୋଗ ଓ ସମ୍ବେଦନଶୀଳତା ଏକ ପ୍ରଶଂସନୀୟ ଉଦାହରଣ ସୃଷ୍ଟି କରିଛି।

'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟାରେ ୪୯୮ ବିଦ୍ୟାଳୟ କ୍ଷତିଗ୍ରସ୍ତ

ଛତ୍ରପୁର, ୪।୧୧(ସମିସ): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟାରେ ଗଞ୍ଜାମ ଜିଲ୍ଲାର ୪୯୮ଟି ବିଦ୍ୟାଳୟ କ୍ଷତିଗ୍ରସ୍ତ ହୋଇଛି। ଜିଲ୍ଲାର ମୋଟ ୩୯୦୦ ରୁ ଊର୍ଦ୍ଧ୍ୱ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୪୯୮ଟି ବିଦ୍ୟାଳୟର କ୍ଷୟକ୍ଷତି ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ଏଥିମଧ୍ୟରେ ୧୦୩୨ଟି ଶ୍ରେଣୀଗୃହ ଏବଂ ୨୧୫ଟି ବିଦ୍ୟାଳୟର ପାଚେରି କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ପରବର୍ତ୍ତୀ ସଫେଇ, ବିଶୋଧନ, ପୁନରୁଦ୍ଧାର ଓ ମରାମତି କାର୍ଯ୍ୟ ଜାରି ରହିଥିବାରୁ ଗଞ୍ଜାମ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ଏନେଇ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସୂଚନା ଦେଇଛନ୍ତି।

ରୋଟାରୀ କ୍ଲବ ପକ୍ଷରୁ 'ଅର୍ଣ୍ଣବ' ପ୍ରଭାବିତ ଲୋକଙ୍କୁ ସହାୟତା

ଭଞ୍ଜନଗର, ୪।୧୧(ସମିସ): ରୋଟାରୀ କ୍ଲବ ତରଫରୁ ବାହାଡ଼ାପଦର, ଚଢ଼ିଆପଲ୍ଲୀ ଗ୍ରାମରେ ବନ୍ୟା ପ୍ରପୀଡ଼ିତ ୪୦ ପରିବାରଙ୍କୁ ଶାଢ଼ି, ଲୁଙ୍ଗି, ଗାମୁଛା, ବିସ୍କୁଟ ପକେଟ ସହ ପୋଷାକ ପ୍ରଦାନ କରାଯାଇଛି। ଏଥିରେ ସଭାପତି ସଞ୍ଜୀବ କୁମାର ଚୌଧୁରୀ, ରାମଚନ୍ଦ୍ର ମିଶ୍ର, ସୁଧୀର ପାଣିଗ୍ରାହୀ, ରବୀନ୍ଦ୍ର ପାଣିଗ୍ରାହୀ,



ମଧୁସୂଦନ ମହାପାତ୍ର, ସନ୍ତୋଷ କୁମାର ଜେନା, ଜଗବନ୍ଧୁ ଜେନା ସହ ବହୁ ମହିଳା ସଦସ୍ୟା ପ୍ରମୁଖ ଉପସ୍ଥିତ ରହି କ୍ଷତିଗ୍ରସ୍ତ ପରିବାରଙ୍କୁ ସାହାଯ୍ୟ, ସହଯୋଗ ସହ ଆଶ୍ୱାସନା ଦେଇଥିଲେ। ବିପନ୍ନ ପରିବାରଙ୍କ କ୍ଷୟକ୍ଷତି ଦେଖି ଦୁଃଖ ପ୍ରକାଶ ସହ ପରବର୍ତ୍ତୀ ସମୟେ ଆଉ କିଛି ସହଯୋଗ ଦେବା ପାଇଁ କହିଥିଲେ। ବାସ୍ତବରେ ଚଳିତ ବନ୍ୟା ବହୁ କ୍ଷୟ କ୍ଷତି ସହ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି। ରୋଟାରୀ କ୍ଲବର ଏଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

କଳି ମେଣ୍ଟାଇବାକୁ ଯାଇ ଆକ୍ରମଣର ଶିକାର ଯୁବକ

ପୋଲସରା, ୪।୧୧(ସମିସ): ଅନ୍ୟର ପାରିବାରିକ କଳହରେ ମଧ୍ୟସ୍ଥତା କରିବାକୁ ଯାଇ ଧାରୁଆ ଅସ୍ତ୍ରରେ ଆକ୍ରମଣର ଶିକାର ହୋଇଛନ୍ତି ଜଣେ ଯୁବକ। ଏଭଳି ଏକ ଘଟଣା ପୋଲସରା ଥାନା ଅନ୍ତର୍ଗତ କଳମ୍ବ ଗ୍ରାମରେ ବୁଧବାର ରାତିରେ ଘଟିଥିବା ଅଭିଯୋଗ ହୋଇଛି। ଆହତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ମୁକେଶ ସାହୁ (୩୨)। ସୂଚନା ଅନୁଯାୟୀ, ମୁକେଶଙ୍କ ପଡ଼?ଶୀ ଘରେ କୌଣସି କାରଣକୁ ନେଇ ପରିବାର ମଧ୍ୟରେ ଗଣ୍ଡଗୋଳ ଚାଲିଥିଲା। ଏହି ସମୟରେ ମୁକେଶ ବିବାଦର ସମାଧାନ କରିବା ଉଦ୍ଦେଶ୍ୟରେ ସେଠାକୁ ଯାଇ ବୁଝାସୁଝା କରୁଥିବା ବେଳେ ଜଣେ ଯୁବକ ତାଙ୍କୁ କାତିରେ ଆକ୍ରମଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଫଳରେ ମୁକେଶ ରକ୍ତାକ୍ତ ଅବସ୍ଥାରେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ



ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ପରିବାର ପକ୍ଷରୁ ପୋଲିସକୁ ମୌଖିକ ଭାବେ ଅବଗତ କରାଯାଇଥିବା ବେଳେ ଖବର ଲେଖାଯିବା ସୁଦ୍ଧା ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

ପ୍ରଶାସନ ଶୁଣିଲାନି

ନିଜ ଗାଁକୁ ନିଜେ ବାଟ ତିଆରି କରୁଛନ୍ତି ଗ୍ରାମବାସୀ

ପାରଳାଖେମୁଣ୍ଡି, ୪।୧୧(ସମିସ)

ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଗ୍ରାମକୁ ଯିବା ପାଇଁ ପକ୍କା ରାସ୍ତାଟିଏ ନାହିଁ। ବର୍ଷା ହେଲେ ଯାତାୟାତ ଠପ୍ ହୋଇଯାଏ। ବାତ୍ୟା ଆସିଲେ ପାହାଡ଼ରୁ ମାଟି ଅତଡ଼ା ଓ ବଡ଼ ବଡ଼ ପଥର ଖସି ରାସ୍ତା ଅବରୋଧ କରେ। ଏଭଳି ସମସ୍ୟା ନେଇ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ଏବେ ନିଜ ଗାଁକୁ ନିଜେ ବାଟ କଡାଇବାକୁ ବାଧ ହୋଇଛନ୍ତି ଗ୍ରାମବାସୀ। ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଅପହଞ୍ଚ ପାହାଡ଼ିଆ ଗ୍ରାମ ଗଙ୍ଗାବାଡ଼ରୁ ଏଭଳି ଏକ ଦୁର୍ଦ୍ଦଶାର ଚିତ୍ର ସାମ୍ନାକୁ ଆସିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଦେଉଳା ଗ୍ରାମଠାରୁ ଗଙ୍ଗାବାଡ଼ର ଦୂରତା ୫ କିମିରୁ ଅଧିକ। ହେଲେ ଆଜି ପର୍ଯ୍ୟନ୍ତ ଏହି ଗ୍ରାମକୁ ପକ୍କା ରାସ୍ତାଟିଏ ନିର୍ମାଣ ହୋଇପାରିନାହିଁ। ରାସ୍ତା ନିର୍ମାଣ ଦାବିରେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ (ସିଏମ୍ ଗ୍ରିଭାନ୍ସ)ରେ ମଧ୍ୟ ଗୁହାରି ଜଣାଇଛନ୍ତି। ତଥାପି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନଥିବା ସେମାନେ ଅଭିଯୋଗ କରିଛନ୍ତି। ଗଙ୍ଗାବାଡ଼ ଗ୍ରାମରେ ୧୬୦ରୁ ଊର୍ଦ୍ଧ୍ୱ ଭୋଟର ରହିଥିବା ବେଳେ ନିକଟସ୍ଥ ଆନନ୍ଦପୁର ଗ୍ରାମକୁ ମିଶାଇ ଗୋଟିଏ ୱାର୍ଡ ଗଠନ ହୋଇଛି। ଉଭୟ ଗ୍ରାମର ଜନସଂଖ୍ୟା ୩୦୦ରୁ ଅଧିକ। ଏତେ ସଂଖ୍ୟକ ଲୋକ ବସବାସ କରୁଥିଲେ ମଧ୍ୟ ମୌଳିକ ଯାତାୟାତ ସୁବିଧାରୁ ଏହି ଅଞ୍ଚଳ ବଞ୍ଚିତ ହୋଇରହିଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଯାତାୟାତ କଷ୍ଟକର ହୋଇପଡୁଥିବା ବେଳେ ପ୍ରବଳ ବର୍ଷା ଓ ବାତ୍ୟା ସମୟରେ ପାହାଡ଼ରୁ ମାଟି ଅତଡ଼ା ଓ ବଡ଼ ବଡ଼ ପଥର ଖସି ରାସ୍ତା ଅବରୋଧ ହେବା ନିତିଦିନିଆ ସମସ୍ୟା ପାଲଟିଛି। ସମ୍ପ୍ରତି ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଏକ ବିରାଟକାୟ ପଥର ସହ ବହୁ ପରିମାଣର ମାଟି ଅତଡ଼ା ଖସି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାକୁ ଅବରୋଧ କରିଦେଇଛି। ଏହି ସମସ୍ୟା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଥିଲେ। ମାତ୍ର ରାସ୍ତାରୁ ପଥର ଓ ମାଟି ଅତଡ଼ା ହଟାଇବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ରାସ୍ତା ଅବରୋଧ କରିଥିବା ବିଶାଳ ପଥରକୁ ହଟାଇବା ପାଇଁ ଜେସିବି ମେସିନ୍‌ର ଆବଶ୍ୟକତା ରହିଛି। ଏଥିପାଇଁ ଅଧିକ ଖର୍ଚ୍ଚ ହେବା ସହ ପ୍ରଶାସନିକ ସହଯୋଗ ମିଳୁନଥିବାରୁ ଶେଷରେ ନିଜ ଶ୍ରମ ଓ ସାମର୍ଥ୍ୟକୁ ଭରସା କରିଛନ୍ତି ଗ୍ରାମବାସୀ। ଅବରୋଧ ହୋଇଥିବା ରାସ୍ତାକୁ ସଫା କରିବା ପରିବର୍ତ୍ତେ ପଥର ଓ ମାଟି ଅତଡ଼ାର ପାର୍ଶ୍ୱ ଦେଇ ନିଜ ଉଦ୍ୟମରେ ଏକ ନୂଆ ବାଟ କାଟିବାରେ ଲାଗିଛନ୍ତି। ଏକବିଂଶ ଶତାବ୍ଦୀରେ ମଧ୍ୟ ଗ୍ରାମବାସୀଙ୍କୁ ନିଜ ଗାଁକୁ ଯିବା ପାଇଁ ନିଜେ ରାସ୍ତା ତିଆରି କରିବାକୁ ପଡୁଥିବା ଘଟଣା ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମବାସୀଙ୍କ ଦୀର୍ଘଦିନର ଦାବିକୁ ଗୁରୁତ୍ୱ ଦେଇ ତୁରନ୍ତ ରାସ୍ତାରୁ ପଥର ଓ ମାଟି ଅତଡ଼ା ହଟାଇବା ସହ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହୋଇଛି।

୨୫ ଏକର ଗଞ୍ଜେଇ ଗଛ ନଷ୍ଟ

୭୫୦ କେଜି ଗଞ୍ଜେଇ ଜବତ; ୧୧ ଗିରଫ

ଫିରିଙ୍ଗିଆ, ୪।୧୧(ସମିସ):

ବାରମ୍ବାର ବେଆଇନ ଗଞ୍ଜେଇ ଚାଷକୁ ନେଇଁ ପୁଲିସ ବିଭାଗ ସହ ଅବକାରୀ ବିଭାଗ ଜନସାଧାରଣଙ୍କୁ ସଚେତନ କଲେ ମଧ୍ୟ ଗଞ୍ଜେଇ ଚାଷରୁ ନିବୃତ ରହୁନାହାନ୍ତି ଗଞ୍ଜେଇ ଚାଷୀ ଆଇଜିଙ୍କ ଗସ୍ତ ଓ ପୁଲିସ ପ୍ରଶାସନ ର କଡା ଆଭିମୁଖ୍ୟ ସତ୍ତ୍ୱେ ପରିବର୍ତ୍ତନ ହେଉ ନାହାନ୍ତି ଚାଷୀ ଯାହାକୁ ନେଇଁ ପୁଲିସ ବିଭାଗ ସହ ବନ ବିଭାଗ, ଅବକାରୀ ବିଭାଗଙ୍କ ମିଳିତ ଉଦ୍ୟମ ରେ ଗଞ୍ଜେଇ ଚାଷ କୁ ମୂଳ ଉତ୍ପାଟନ କରିବାକୁ ଚେଷ୍ଟା ଜାରି ରହିଛି । ଗୋଟାଏ ପଟେ ପୁଲିସ ଗଞ୍ଜେଇ ଚାଷ ଓ ବେପାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଧର ପଗଡ଼ ସହ ଚାଷୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଥିବା ବେଳେ ଚାଷୀମାନେ ନିବୃତ ହେଉ ନଥିବାରୁ ଗଞ୍ଜେଇ ଚାଷୀଙ୍କୁ ଖୋଜି ଖୋଜି ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି । କେବଳ ଏତିକି ନୁହେଁ ଗଞ୍ଜେଇ ଚାଷୀଙ୍କୁ ନେଇଁ ସହଯୋଗ କରୁଥିବା ବ୍ୟକ୍ତି ହେଉ କିମ୍ବା ପୋଲିସ ଅଧିକାରୀ କାହାକୁ ନିସ୍ତାର ନାହିଁ ବୋଲି ବିଭାଗ ତରଫରୁ ସୂଚନା ମିଳିଛି । ତେବେ ଏହି ପରିପେକ୍ଷୀରେ କନ୍ଧମାଳ ଏସପି ରାମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶକ୍ରମେ ଗୋଚ୍ଛାପଡା ପୁଲିସ କଟ୍ରିଙ୍ଗିଆ ପଞ୍ଚାୟତର କାଣୀବାଲି ଓ ପରାଙ୍ଗି ଗାଁ ନିକଟ ଜଙ୍ଗଲ ଜମିରେ ବେଆଇନ ଭାବରେ ଲାଗିଥିବା ପ୍ରାୟ ୨୫ ଏକର ଗଞ୍ଜେଇ ଗଛ କାଟି ନଷ୍ଟ କରିଛି ଅନ୍ୟପଟେ ଗଛ କଟା ସମୟରେ ଜଙ୍ଗଲରେ ଗଚ୍ଛିତ ରଖା ଯାଇଥିବା ସାତ କୁଇଣ୍ଟାଲ ପଚାଶ କେଜି ଗଞ୍ଜେଇ ଜବତ କରିଛି ଗୋଚ୍ଛାପଡା ପୁଲିସ ଓ ଗଞ୍ଜେଇ କଟା ଟିମ । ଏହି ଘଟଣା ରେ ୯ ଜଣ ଗଞ୍ଜେଇ ଚାଷୀଙ୍କୁ ମଧ୍ୟ ଗିରଫ କରିଥିବା ପୁଲିସ ସୂଚନା ଦେଇଛି ତେବେ ଗିରଫ ମାନଙ୍କ ମଧ୍ୟରେ ଗୋଚ୍ଛାପଡା ଥାନା ଅଧୀନ ସଲାଗୁଡା ପଞ୍ଚାୟତ ର ଡାମ୍ବ ପାଲି ଗାଁର ଶମ୍ଭୁନାଥ ଦିଗାଲ ଓ ଗୋପୀନାଥ ଦିଗାଲ ଏବଂ ସଲାଗୁଡା ପଞ୍ଚାୟତ ସାହିର ସୁମନ୍ତ ଦିଗାଲ, ଶାନ୍ତନୁ ଦିଗାଲ, ଚନ୍ଦନ ଦିଗାଲ, ଟିଟୁ ଦିଗାଲ, ହର ଦିଗାଲ ହୋଇଥିବା ବେଳେ ବାକେପଙ୍ଗା ଗାଁର ଗୌତମ ଦିଗାଲ ଏବଂ ପାହାରେଜୁ ପଞ୍ଚାୟତ ଡୁଡୁପଙ୍ଗା ଗାଁର ନିରଞ୍ଜନ ଠେଲା, ସୁଶାନ୍ତ ଦିଗାଲ ଏବଂ ସଲାଗୁଡା ଗାଁର ସୁନତ ଦିଗାଲକୁ ଗିରଫ କରାଯାଇଥିବା ଗୋଚ୍ଛାପଡା ପୁଲିସ ସୂଚନା ଦେଇଛି । ଏହି ଚଢ଼ଉରେ ମାଜିଷ୍ଟ୍ରେଟ ତଥା ଫିରିଙ୍ଗିଆ ତହସିଲଦାର ଜ୍ୟୋତି ପ୍ରକାଶ ସେଠି, ଡ଼ିଏସପି ସୁନିଲ ଅରୁଣ କୁମାର ନାୟକ, ଏସଆଇ ଅଶୋକ ପରିଡା, ଅବକାରୀ ବିଭାଗ, ବନ ବିଭାଗ କର୍ମଚାରୀ, ଯବାନ ଓ ଶ୍ରମିକ ସାମିଲ ଥିଲେ । ଗୋଚ୍ଛାପଡା ଥାନାରେ ଗଞ୍ଜେଇ ଚାଷ ଓ ଗଞ୍ଜେଇ ଜବତକୁ ନେଇଁ ଏକ ମାମଲା ରୁଜୁ କରି ସମସ୍ତ ଗିରଫ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଗୋଚ୍ଛାପଡା ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ ସୂଚନା ଦେଇଛନ୍ତି ।

ଭକ୍ତିମୟ ପରିବେଶରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ



କାଶୀନଗର,୪।୧୧(ସମିସ): ଭକ୍ତି, ଶ୍ରଦ୍ଧା ଓ ଉତ୍ସାହପୂର୍ଣ୍ଣ ପରିବେଶ ମଧ୍ୟରେ କାଶୀନଗର ବ୍ଲକ ଛକ ନିକଟରେ ଆୟୋଜିତ ମା' ଗଜଲକ୍ଷ୍ମୀଙ୍କ ପୂଜାର ଉଦ୍‌ଯାପନୀ ସହ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ପୂଜା କମିଟି ପକ୍ଷରୁ ପ୍ରଥମଥର ପାଇଁ ଆୟୋଜିତ ଏହି ପୂଜା ମହୋତ୍ସବ ଦୀର୍ଘ ୧୦ ଦିନ ଧରି ଚାଲିଥିବା ବେଳେ ବୁଧବାର ଦିନ ମା'ଙ୍କୁ ଭକ୍ତିପୂର୍ଣ୍ଣ ବିଦାୟ ଦିଆଯାଇଥିଲା । ପୂଜା ଅବସରରେ ପ୍ରତିଦିନ ମା'ଙ୍କ ନିକଟରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା, ଆଳତି ଓ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟକ୍ରମ ହୋଇଥିଲା । ମଣ୍ଡପକୁ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇଥିବାରୁ ଏହା ଦର୍ଶକ ଓ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା । ପ୍ରଥମ ବର୍ଷରେ ହିଁ ପୂଜାର ଆକର୍ଷଣୀୟ ଆୟୋଜନ ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା । ମଙ୍ଗଳବାର ଦିନ ପୂଜା କମିଟି ପକ୍ଷରୁ ପ୍ରାୟ ୧୫୦୦ ଶ୍ରଦ୍ଧାଳୁଙ୍କୁ ମା'ଙ୍କ ପ୍ରସାଦ ବଣ୍ଟନ କରାଯାଇଥିଲା । ଏହି ଅବସରରେ ପାରଳାଖେମୁଣ୍ଡିର ଯୁବ ବିଧାୟକ ରୂପେଶ ପାଣିଗ୍ରାହୀ ପୂଜା ମଣ୍ଡପରେ ଉପସ୍ଥିତ ହୋଇ କମିଟିର ସଦସ୍ୟ ଓ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟପକ୍ଷରେ ବୁଧବାର ଦିନ ମା'ଙ୍କ ନିକଟରେ ପୂଜା ପାଉଥିବା ପବିତ୍ର କଳସୀର ନିଲାମ ଅନୁଷ୍ଠିତ ହୋଇଥିଲା । ଏହି ନିଲାମରେ ସାଇ କିରଣ ସର୍ବାଧିକ ୧୭ ହଜାର ୫୦୦ ଟଙ୍କା ଦର ଦେଇ କଳସୀଟିକୁ ନିଜ ନାମରେ ନେଇଥିଲେ । ଏହି ଅବସରରେ ଯୁବ ଆଇନଜୀବୀ ଏମ୍ ପ୍ରବୀଣ କୁମାରଙ୍କୁ ପୂଜା କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା । ପରେ ତାଙ୍କ ମାଧ୍ୟମରେ ମା'ଙ୍କ ପବିତ୍ର କଳସୀ ସାଇ କିରଣଙ୍କୁ ହସ୍ତାନ୍ତର କରାଯାଇଥିଲା । ପ୍ରଥମଥର ପାଇଁ ଆୟୋଜିତ ଏହି ପୂଜା ମହୋତ୍ସବକୁ ସଫଳ କରିବାରେ ପୂଜା କମିଟିର ସଦସ୍ୟ ଓ ସ୍ଥାନୀୟ ଯୁବକମାନଙ୍କ ଭୂମିକା ବେଶ୍ ପ୍ରଶଂସନୀୟ ରହିଥିଲା । ଦୀର୍ଘ ୧୦ ଦିନର ପୂଜା ପରେ ମା'ଙ୍କ ଭସାଣି ସହ ଉତ୍ସବର ପରିସମାପ୍ତି ଘଟିଥିଲା ।

● ବାତ୍ୟା "ଅର୍ଣ୍ଣବ" ରେ ଧୋଇ ହୋଇ ଯାଇଯାଇଥିଲା ରାସ୍ତା

ନିଜସ୍ୱ ଅର୍ଥରେ ରାସ୍ତା ମରାମତି କଲେ ବୁରୁପାଟି ଗ୍ରାମବାସୀ



ଜି.ଉଦୟଗିରି,୪।୧୧(ସମିସ): ବାତ୍ୟା "ଅର୍ଣ୍ଣବ'ରେ ଜି.ଉଦୟଗିରି ଠାରୁ ବୁରୁପାଟି ରାସ୍ତା ଧୋଇ ହୋଇଯିବା ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା ଓ ବ୍ରିଜ ଉପର ଦେଇ ବଢ଼ି ପାଣି ଯିବା ଫଳରେ ରାସ୍ତାଟି ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି । ଫଳରେ ବୁରୁପାଟି ଗ୍ରାମରୁ ଜି.ଉଦୟଗିରି ନ ଯାଇ ପାରି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯେଉଁଳି ଲୋକେ ଆବଶ୍ୟକ ସାମଗ୍ରୀ ପାଇ ପାରୁନାହାନ୍ତି । ବୁରୁପାଟିବାସୀଙ୍କ କହିବାନୁସାରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନାଗମନରେ ବାଧକ ସାଜିଛି । ଏ ନେଇ ଗାଁ ଲୋକେ ସ୍ଥାନୀୟ ପ୍ରଶାସନକୁ ଜଣେଇଥିଲେ । ପ୍ରଶାସନ ମଧ୍ୟ ଉକ୍ତ ରାସ୍ତାର ମରାମତି କରାଯିବ ବୋଲି ପ୍ରତିଶୃତି ମଧ୍ୟ ଦେଇଥିଲେ । ପୁନର୍ବାର ବାତ୍ୟା "ମୁରାସୁ" ଆସିବ ବୋଲି ପାଣିପାଗ ବିଭାଗରୁ ସୂଚନା ମିଳିବା ପରେ ଉକ୍ତ ରାସ୍ତାର ମରାମତିରେ ବିଳମ୍ବ ହେବାରୁ ଆଜି ବୁରୁପାଟି ଗ୍ରାମବାସୀ ମିଳିତ ଭାବେ ନିଜସ୍ୱ ଅର୍ଥରେ ସେହି ରାସ୍ତା କାମ ଏକ ଜେସିବି ଦ୍ୱାରା କରେଇଛନ୍ତି । ପୂର୍ବତନ ଗ୍ରେସିଙ୍ଗିଆ ସରପଞ୍ଚ ସୁମନ୍ତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଉକ୍ତ ରାସ୍ତା ମରାମତି କାମରେ ରାକ୍ଷୀମା ପ୍ରଧାନ, ମୌସୁମୀ ପ୍ରଧାନ (ୱାର୍ଡ ସଭ୍ୟା) ଅମ୍ବିକା ପ୍ରଧାନ, ବିନୀତା ପ୍ରଧାନ, ଅଜନ୍ତି ପ୍ରଧାନ, ପ୍ରଣୀତା ନାୟକ, ଯମୁନା ଦିଗାଲ, ଅନୁପ୍ରିୟା ପ୍ରଧାନ, ପ୍ରକାଶ ପ୍ରଧାନ, ବନମାଳୀ ପ୍ରଧାନ, ଯାକବ ପ୍ରଧାନ, ମନୋଜ ମଲ୍ଲିକ, ବୁଲୁ ପ୍ରଧାନ, ଶୁକଦେବ ପ୍ରଧାନ, ପବିତ୍ର ପ୍ରଧାନ, ସୁଜନ ପ୍ରଧାନ, ବିପ୍ରଚରଣ ପ୍ରଧାନଙ୍କ ସମେତ ବୁରୁପାଟି ଗ୍ରାମବାସୀ ରାସ୍ତା ମରାମତି କାର୍ଯ୍ୟରେ ଲାଗିପଡ଼ିଥିଲେ । ବର୍ଷା ହେଲେ ଏହି ରାସ୍ତା ଉପର ଦେଇ ବନ୍ୟା ଜଳ ପ୍ରବାହିତ ହେଲେ ବୁରୁପାଟିବାସୀ ବିଛିନ୍ନାଚଳ ହେଉଛନ୍ତି ପ୍ରତିବର୍ଷ ତେଣୁ ପ୍ରଶାସନକୁ ଉକ୍ତ ନଦୀ ଉପରେ ଏକ ସୁ-ଉଚ୍ଚ ବ୍ରିଜ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି ବୁରୁପାଟି ଗ୍ରାମବାସୀ ।

ଗୁମ୍ମା ପିଏମ୍‌ଶ୍ରୀ ବିଦ୍ୟାଳୟରେ ସାମଗ୍ରୀ ବିକ୍ରିକୁ ନେଇ ବିବାଦ



ଗୁମ୍ମା,୪।୧୧(ସମିସ): ସରକାରୀ ବିଦ୍ୟାଳୟର ସମ୍ପତ୍ତିର ସୁରକ୍ଷା ଓ ପରିଚାଳନାକୁ ନେଇ ଉଠିଛି ଗୁରୁତର ପ୍ରଶ୍ନ । ଗୁମ୍ମାସ୍ଥିତ ପିଏମ୍‌ଶ୍ରୀ ସରକାରୀ ବିଦ୍ୟାଳୟର ଡେସ୍କ ଓ ବେଞ୍ଚ ଏକ ଗାଡ଼ିରେ ଲଦି ସ୍ଥାନାନ୍ତର କରାଯାଉଥିବା ଫଟୋ ସାମ୍ନାକୁ ଆସିବା ପରେ ଏହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ବିଦ୍ୟାଳୟ ପରିଚାଳନା କମିଟି (ଏସ୍‌ଏମ୍‌ସି) ର ସଦସ୍ୟ କେଦାର ନାଥ କାର୍ଜି, ଯସ୍ମିନ ବେବର୍ତା,ଟୁଟୁ ପାଇକ ଓ ଜିଏନ ଶବର ଏହି ଘଟଣାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ରବିବାର ରାତି ସମୟରେ କାହିଁକି ବିଦ୍ୟାଳୟର ଡେସ୍କ ଓ ବେଞ୍ଚ ନିଆଗଲା ଓ ଏହି ସାମଗ୍ରୀ ସ୍ଥାନାନ୍ତର କରିବା ପାଇଁ କିଏ ଅନୁମତି ଦେଇଥିଲେ ତଥା ଏପରିକି ଏସ୍‌ଏମ୍‌ସିର ସମସ୍ତ ସଦସ୍ୟଙ୍କ ଅଜାଣତରେ କିପରି ଏ ସମ୍ପର୍କିତ ରେଜୋଲ୍ୟୁସନ୍ ପାରିତ ହେଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଯଦି ସାମଗ୍ରୀ ଗୁଡ଼ିକ ଅଚଳ କିମ୍ବା ଅବ୍ୟବହାରଯୋଗ୍ୟ ଥିଲା ତେବେ ତାହାର ଯାଞ୍ଚ କିଏ କରିଥିଲେ? ବିକ୍ରି ପାଇଁ କେଉଁ ଅଧିକାରୀଙ୍କ ଅନୁମତି ନିଆଯାଇଥିଲା? ନିଲାମ ପ୍ରକ୍ରିୟା ହୋଇଥିଲା କି? ବିକ୍ରିରୁ ମିଳିଥିବା ଅର୍ଥ କେଉଁଠାରେ ଜମା ହୋଇଛି? ଏସବୁ ପ୍ରଶ୍ନର ଉତ୍ତର ଏବେ ଖୋଜୁଛନ୍ତି କମିଟି ସଦସ୍ୟ । ଅନ୍ୟପକ୍ଷରେ, ରାଜ୍ୟର ବିଦ୍ୟାଳୟ ଗୁଡ଼ିକରେ ବିନା ଅନୁମତିରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶକୁ ନେଇ ରହିଥିବା କଟକଣାକୁ ନେଇ ମଧ୍ୟ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି । ସେମାନଙ୍କ ମତରେ, ବିଦ୍ୟାଳୟରେ ଶିକ୍ଷାଦାନରେ ବାଧା ସୃଷ୍ଟି ନକରିବା ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ନିଶ୍ଚିତ ଭାବେ ଆବଶ୍ୟକ । କିନ୍ତୁ ଏହାର ଆଳରେ ଯଦି ସାମ୍ବାଦିକଙ୍କ ତଥ୍ୟ ସଂଗ୍ରହ ଓ ଅନିୟମିତତା ଉଜାଗର କରିବାର ରାସ୍ତାକୁ ସଂକୁଚିତ କରାଯାଏ ତେବେ ତାହା ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିବ । ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କୌଣସି ଅନିୟମିତତା ହେଉଥିଲେ ତାହା ଲୋକଲୋଚନକୁ ଆସିବା ଦରକାର ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ଗୁମ୍ମା ପିଏମ୍‌ଶ୍ରୀ ବିଦ୍ୟାଳୟର ଡେସ୍କ ଓ ବେଞ୍ଚ ସ୍ଥାନାନ୍ତର ଘଟଣା ଏବେ ଏକ ବଡ଼ ପ୍ରଶ୍ନ ଛିଡ଼ା କରିଛି ଯେ ବିଦ୍ୟାଳୟ ଭିତରେ ତଥ୍ୟ ସଂଗ୍ରହ ପାଇଁ ସାମ୍ବାଦିକଙ୍କୁ ଅନୁମତିର ଆବଶ୍ୟକତା ଥିବା ବେଳେ ସରକାରୀ ସମ୍ପତ୍ତି ସ୍ଥାନାନ୍ତର ଓ ବିକ୍ରି ପ୍ରକ୍ରିୟାରେ କିଏ ଉତ୍ତରଦାୟୀ ରହିବେ? ଏହାର ସ୍ପଷ୍ଟ ଉତ୍ତର ଦେବା ଏବେ ଶିକ୍ଷା ବିଭାଗର ଦାୟିତ୍ୱ ।

କାନ୍ଥ ପଡ଼ି ଆସବାବପତ୍ର ନଷ୍ଟ, ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ



ଜି ଉଦୟଗିରି, ୪।୧୧(ସମିସ): ଜି ଉଦୟଗିରି ପଦାସାହିରେ ମଙ୍ଗଳବାର ରାତିରେ ପ୍ରକାଶ ନାୟକ ଙ୍କ ଘର କାନ୍ଥ ପଡିଯିବାରୁ ବ୍ୟାପକ କ୍ଷୟକ୍ଷତି ହେବା ସହିତ ଅଳ୍ପକେ ବର୍ତ୍ତୀ ଯାଇଛି ପରିବାର । ମଙ୍ଗଳବାର ରାତି ୯ ବେଳେ ଖାଇବସିଥିବା ବେଳେ ହଠାତ କାନ୍ଥ ପଡ଼ିଯିବା ଫଳରେ ଭୟଭୀତ ହୋଇ ବାହାରକୁ ଚାଲି ଆସିଥିଲେ ପରିବାର ଲୋକେ । ଫଳରେ ପ୍ରକାଶ ଙ୍କ ସହିତ ତାଙ୍କ ସ୍ତ୍ରୀ ଏବଂ ଦୁଇ ବର୍ଷ ର ଝିଅ ଏକ ବଡ଼ ଦୁର୍ଘଟଣା ରୁ ବର୍ତ୍ତୀ ଯାଇଛନ୍ତି । ଜି ଉଦୟଗିରି ରେ ଦୁଇ ଦିନ ଧରି ଲଗାତାର ବର୍ଷା ପ୍ରଭାବରେ କଚ୍ଚା ଭାଙ୍ଗି ଯାଇଥିବା କଥା କହୁଥିବା ବେଳେ ବହୁ ଆସବାବ ପତ୍ର ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ଏବେ କେମିତି ଚାଲିବେ ତାହାକୁ ନେଇ ଚିନ୍ତା ବଢିଥିବା ବେଳେ ଏ ସମ୍ପର୍କ ରେ ରାଜସ୍ୱ ନିରୀକ୍ଷକ ଙ୍କ ସହିତ ବିଜ୍ଞାପିତ ଅଞ୍ଚଳ ପରିଷଦ ରେ ଜଣାଇବା ସହିତ ଆବଶ୍ୟକ ସାହାଯ୍ୟ ଏବଂ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ଶ୍ରୀ ନାୟକ ।

୩୨ ହଜାର ଟଙ୍କାର କାଠ ଜବତ; ଜଣେ ଗିରଫ

ତୁମୁଡ଼ିବନ୍ଧ,୪।୧୧(ସମିସ): ବାଲିଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବେଲଘର ବନାଞ୍ଚଳରେ ବେଆଇନ କାଠ ଚାଲାଣ ଉପରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଜଣେ କାଠ ଚାଲାଣକାରୀଙ୍କୁ ଗିରଫ କରାଯିବା ସହ ୧୨ ଖଣ୍ଡ ପଟ୍ଟା ଓ ଏକ ଅଟୋ ଜବତ କରାଯାଇଛି । ଜବତ କାଠର ଆନୁମାନିକ ମୂଲ୍ୟ ୩୨ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି । ସୂଚନାଅନୁଯାୟୀ, ବେଲଘର ବନାଞ୍ଚଳ ଅଧିକାରୀ ରଜନୀକାନ୍ତ ମେହେରଙ୍କ ନେତୃତ୍ୱରେ ବନ ବିଭାଗର କର୍ମଚାରୀମାନେ ବିଲାମାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଧୂମାମାସ୍କା ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ବିଲାମାଳ ଅଞ୍ଚଳରୁ ଏକ ଅଟୋ ଯୋଗେ ରାୟଗଡ଼ା ଜିଲ୍ଲାର ଆମ୍ବଦଳା ଅଞ୍ଚଳକୁ ପଟ୍ଟା କାଠ ଚାଲାଣ ହେଉଥିବା ଦେଖି ବନ କର୍ମଚାରୀମାନେ ଅଟୋକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ଅଟୋରୁ ୧୨ ଖଣ୍ଡ ପଟ୍ଟା କାଠ ଜବତ କରାଯିବା ସହ ଚାଲାଣରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ କାବୁ କରିଥିଲେ । ଗିରଫ ବ୍ୟକ୍ତି ଜଣକ ରାୟଗଡ଼ା ଜିଲ୍ଲା ଆମ୍ବଦଳା ଥାନା ଅନ୍ତର୍ଗତ ଶରଧାପୁର ଗ୍ରାମର ବାବୁଲାଲ ବାଗ (୪୩) ବୋଲି ଜଣାପଡ଼ିଛି । ଏହି ଘଟଣାରେ କାଠ ସମେତ ଚାଲାଣରେ ବ୍ୟବହୃତ ଅଟୋକୁ ଜବତ କରାଯାଇଛି । ଗିରଫ ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଥିବା ବେଲଘର ବନାଞ୍ଚଳ ଅଧିକାରୀ ରଜନୀକାନ୍ତ ମେହେର ସୂଚନା ଦେଇଛନ୍ତି ।

'ବିଜୁ ଜନତା ଦଳ ପ୍ରଭାବିତ ପରିବାରଗୁଡ଼ିକ ସହିତ ଦୃଢ଼ ଭାବେ ଛିଡ଼ା ହୋଇଛି'

ଭୂସ୍ଖଳନ ପ୍ରଭାବିତ ଡାଙ୍ଗେସି ପରିଦର୍ଶନ କଲେ ବିଜେଡି ପ୍ରତିନିଧି



ବାଲିଗୁଡ଼ା,୪।୧୧(ସମିସ): ବିଜୁ ଜନତା ଦଳର ସଭାପତି ତଥା ଓଡ଼ିଶା ବିଧାନସଭାର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଏକ ପ୍ରତିନିଧିଦଳ କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକ ଅନ୍ତର୍ଗତ ଭୂସ୍ଖଳନ ପ୍ରଭାବିତ ଡାଙ୍ଗେସି ଗ୍ରାମ ପରିଦର୍ଶନ କରିଛନ୍ତି । ଏହି ଗସ୍ତ ସମୟରେ ପ୍ରତିନିଧି ଦଳ ସେଠାକାର ସ୍ଥିତି ଅନୁଧ୍ୟାନ କରିବା ସହିତ କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ସମବେଦନା ଜଣାଇଥିଲେ । ଘୂର୍ଣ୍ଣିଝଡ଼ 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ଘଟିଥିବା ଭୟାବହ ଭୂସ୍ଖଳନରେ ଗୋଟିଏ ପରିବାରର ଏକ ଶିଶୁ ସମେତ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୩ ଜଣ ନିଖୋଜ ହୋଇଯାଇଥିଲେ । ଗସ୍ତ ସମୟରେ ପ୍ରତିନିଧି ଦଳ ମୃତକଙ୍କ ପରିବାରବର୍ଗଙ୍କୁ ଭେଟିବା ସହିତ ପ୍ରଭାବିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ପ୍ରଭାବିତ ପରିବାରଗୁଡ଼ିକର ତୁରନ୍ତ ଆବଶ୍ୟକତା ସମ୍ପର୍କରେ ଅନୁଧ୍ୟାନ କରିବା ସହ ଥଇଥାନ ଓ ସହାୟତା ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସୁପାରିସ କରାଯିବବୋଲି ପ୍ରତିଶ୍ରୁତି ଦେଇଥିଲେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି । ଏହାପରେ ବିଜୁ ପରିବାର ପକ୍ଷରୁ ଆସିଥିବା ରିଲିଫ ମଧ୍ୟ ପ୍ରଭାବିତ ପରିବାରଙ୍କୁ ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଥିଲା । ଏହି ଦୁଃଖଦ ସମୟରେ ବିଜୁ ଜନତା ଦଳ ପ୍ରଭାବିତ ପରିବାରଗୁଡ଼ିକ ସହିତ ଦୃଢ଼ ଭାବେ ଛିଡ଼ା ହୋଇଛି ଏବଂ ସେମାନଙ୍କ ଦୁଃଖରେ ସମଭାଗୀ ହୋଇ ରହିବବୋଲି ମଧ୍ୟ କହିଥିଲେ କନ୍ଧମାଳ ବିଜେଡି ଜିଲ୍ଲା ସଭାପତି ପଦ୍ମନାଭ ବେହେରା । ଏହି ପ୍ରତିନିଧି ଦଳ ସୁଦାମ ମାରାଣ୍ଡି, ପଦ୍ମନାଭ ବେହେରା ଏବଂ ସାଲୁଗା ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ବେଳେ ବାଲିଗୁଡ଼ା ବିଜେଡି ବ୍ଲକ ସଭାପତି କ୍ଲେଶ ପ୍ରଧାନ, ନଗର ସଭାପତି ଅମିତ ନାୟକ, କାର୍ଯ୍ୟକାରୀ ସଭାପତି କବିରାଜ ରଣା ଏବଂ କୋଟଗଡ଼ କାର୍ଯ୍ୟକାରୀ ସଭାପତି ସରୋଜ ବଳିଆରସିଂ ପ୍ରମୁଖ ସାମିଲ ହୋଇଥିଲେ ।

କ୍ଷତିଗ୍ରସ୍ତ ଚାଷ ଜମିର ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ



ଗୋଷାଣି, ୪।୧୧ (ସମିସ): ଅର୍ଣ୍ଣବ ବାତ୍ୟା ପ୍ରଭାବରେ ଗୋଷାଣି ବ୍ଲକର ବିଭିନ୍ନ ସ୍ଥାନରେ ଫସଲ ନଷ୍ଟ ହୋଇଛି । ବିଶେଷକରି ବ୍ଲକର ଶରଧାପୁର ଗ୍ରାମାଞ୍ଚଳରେ ବାତ୍ୟା ପ୍ରଭାବରେ ପଡିଥିବା ଅଜଶ୍ର ବର୍ଷା ଚାଷଜମିକୁ ବୁଡେଇ ଦେଇଥିଲା । ଆଜି ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଗୋଷାଣି ବ୍ଲକ ଶରଧାପୁର ସମେତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବାତ୍ୟା 'ଅର୍ଣ୍ଣବ' ଯୋଗୁଁ କ୍ଷତିଗ୍ରସ୍ତ ଚାଷ ଜମିର ସ୍ଥିତି ଅନୁଧ୍ୟାନ କରିଥିଲେ । ପ୍ରବଳ ବର୍ଷା ଯୋଗୁଁ ଧାନ ସମେତ ଅନ୍ୟାନ୍ୟ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଥିବା ସେ ଦେଖିଥିଲେ । ଜିଲ୍ଲାପାଳଙ୍କ ସମେତ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ସୁଶ୍ରୀ ଭଗତ ସାମଲ କଲ୍ୟାଣରାଓ ଶରଧାପୁର ଗ୍ରାମାଞ୍ଚଳର କ୍ଷତିଗ୍ରସ୍ତ ଜମି ଗୁଡିକୁ ଯାଇ ନିରୀକ୍ଷଣ କରିଛନ୍ତି । ପ୍ରକାଶ ଯେ ଗୋଷାଣି ବ୍ଲକର ଶରଧାପୁର ଗ୍ରାମାଞ୍ଚଳ ମହେନ୍ଦ୍ରତନୟା ନଦୀକୂଳ ଅଞ୍ଚଳ ହୋଇଥିବାରୁ ଏହି ଅଞ୍ଚଳରେ ଲୋକଙ୍କ ମୁଖ୍ୟଧାରା ଅଟେ । ତେବେ ଅର୍ଣ୍ଣବ ପ୍ରଭାବରେ ଏହି ଅଞ୍ଚଳରେ ଚାଷ ନଷ୍ଟ ହୋଇଛି । ଯାହାକୁ ନେଇ ଜିଲ୍ଲାପାଳ ସ୍ୱତନ୍ତ୍ର ଭାବେ ଏହି ଅଞ୍ଚଳକୁ ନିଜେ ଗସ୍ତ କରି ନିରୀକ୍ଷଣ କରୁଛନ୍ତି । ବାତ୍ୟା ହେବା ପରଠାରୁ ଜିଲ୍ଲାପାଳଙ୍କ ଏହି ଗ୍ରାମାଞ୍ଚଳକୁ ଦ୍ୱିତୀୟ ଗସ୍ତ ବୋଲି ଜଣାପଡିଛି । ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ଶରଧାପୁର ସରପଞ୍ଚ ସିଏଚ୍ ପ୍ରସାଦ ରାଓ ପ୍ରମୁଖଙ୍କ ସମେତ ଚାଷୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ରହି ଆଲୋଚନା କରିଥିଲେ ।

ବେକରେ ଗାମୁଛା ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଫୁଲବାଣୀ, ୪।୧୧ (ସମିସ): ନିଜ ଗାମୁଛାରେ ଗଛରେ ଝୁଲି ପଡି ଆତ୍ମହତ୍ୟା କରିଛନ୍ତି ଜଣେ କୋଡିଏ ବର୍ଷୀୟ ଯୁବକ । ସୂଚନା ଅନୁସାରେ ଖଜୁରୀପଡା ବ୍ଲକ ଗୁଦାରି ପଞ୍ଚାୟତ ଦାତପାଜୁ ଗାଁର ଶୁଭମ ମଲିକ ବୟସ ୨୦ ନିଜ ମାଙ୍କ ସହ ଫୁଲବାଣୀ ସାହି ରେ ଦୀର୍ଘ ଦିନ ହେବ ଘର ଭଡା ନେଇଁ ରହୁଥିଲେ ସେ ଗତ କାଲି ନିଶା ଶକ୍ତ ଅବସ୍ଥାରେ ଘରକୁ ଆସି ମାକୁ ପ୍ରବଳ ପାଟି ତୁଣ୍ଡ କରି ଟଙ୍କା ମାଗିଥିଲେ ମା ଟଙ୍କା ନ ଦେବାରୁ ସନ୍ଧ୍ୟା ସମୟରେ ଘରୁ କୁଆଡେ ବାହାରି ଯାଇଥିଲେ ଆଜି ବୁଧବାର ସକାଳୁ ନିଜ ଘର ପାଖ ରେ ଥିବା ଏକ ଗଛରେ ଶୁଭମର ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା ମୃତ ଯୁବକର ମା ଫୁଲବାଣୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଟାଉନ ଥାନା ରେ ଅପମୃତ୍ୟୁ ମାମଲା ରୁଜୁ କରିଛି ।

ଡିସେମ୍ବର ୧୨ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ପାରଳାଖେମୁଣ୍ଡି, ୪।୧୧ (ସମିସ) : ଆସନ୍ତା ଡିସେମ୍ବର ୧୨ରେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି, ରା.ଉଦୟଗିରି, ମୋହନା ଓ କାଶୀନଗରରେ ଅଦାଲତ ପରିସରରେ ବର୍ଷର ଚତୁର୍ଥ ତଥା ଶେଷ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ପ୍ରାକ-ସ୍ତରୀୟ ମକଦ୍ଦମା ଓ ବିଚାରନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନସ, ସମାଧାନଯୋଗ୍ୟ ଟ୍ରାଫିକ୍ ଚାଲାଣ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ, ଲୋକସେବା ସମ୍ବନ୍ଧୀୟ ମାମଲା, ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ପାରିବାରିକ ବିବାଦ, ଜମି ଅଗ୍ରହଣ, ଚାକିରି ସମ୍ବନ୍ଧୀୟ (ପେନସନ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ବିଚାରଣା ହେବ । ଲୋକ ଅଦାଲତରେ ମକଦ୍ଦମା ଅବା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡିବ ନାହିଁ । ଲୋକ ଅଦାଲତଙ୍କ ରାୟ ବୈଧ ଓ ଚୂଡ଼ାନ୍ତ । ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହା ଏକ ସୁଯୋଗ । ସବିଶେଷ ବିବରଣୀ ନିମନ୍ତେ ନୂତନ କୋର୍ଟ ପରିସରରେ ଥିବା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ପାରଳାଖେମୁଣ୍ଡି, ରା.ଉଦୟଗିରି ଓ ମୋହନା କୋର୍ଟ ପରିସରରେ ଥିବା ତାଲୁକା ଆଇନ୍ ସେବା କମିଟି କାର୍ଯ୍ୟାଳୟ ସହିତ ଯୋଗଯୋଗ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନୁରୋଧ ସୂଚନା ଦିଆଯାଇଛି ।

● ମୁରବୀ ବିହିନ ତୁମୁଡ଼ିବନ୍ଧ ଉଦ୍ୟାନ ବିଭାଗ !

ଅଧିକାରୀଙ୍କ ଅନୁପସ୍ଥିତିରେ ହନ୍ତସନ୍ତ ଚାଷୀ ଓ ହିତାଧିକାରୀ

ତୁମୁଡ଼ିବନ୍ଧ,୨।୧୧(ସମିସ): ଚାଷୀଙ୍କ ଆର୍ଥିକ ଉନ୍ନତି ଓ ଆତ୍ମନିର୍ଭରଶୀଳତା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ତୁମୁଡିବନ୍ଧ ବ୍ଲକରେ ଉଦ୍ୟାନ ବିଭାଗର ଅବ୍ୟବସ୍ଥା ଯୋଗୁଁ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି ଅନେକ ଚାଷୀ ଓ ହିତାଧିକାରୀ । ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ସମୟ ଧରି ତୁମୁଡିବନ୍ଧ ଉଦ୍ୟାନ ବିଭାଗରେ ସ୍ଥାୟୀ ବିଭାଗୀୟ ଅଧିକାରୀ ନଥିବାରୁ କାର୍ଯ୍ୟାଳୟର କାର୍ଯ୍ୟପ୍ରଣାଳୀ ନେଇ ଉଠିଛି ପ୍ରଶ୍ନ । ସୂଚନା ଅନୁଯାୟୀ, ବର୍ତ୍ତମାନ କୋଟଗଡ଼ ଉଦ୍ୟାନ ବିଭାଗର ଅଧିକାରୀ ରାଜକିଶୋର ମାଝୀ ତୁମୁଡିବନ୍ଧ ବ୍ଲକର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ତେବେ ସେ ନିୟମିତ ଭାବେ ତୁମୁଡିବନ୍ଧ କାର୍ଯ୍ୟାଳୟକୁ ଆସୁନଥିବା ଅଭିଯୋଗ ହେଉଛି । ଫଳରେ ଉଦ୍ୟାନ କୃଷି ସମ୍ବନ୍ଧୀୟ ବିଭିନ୍ନ ଯୋଜନା, ସରକାରୀ ସହାୟତା, ଚାରା ବଣ୍ଟନ, ଅନୁଦାନ ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ସଠିକ୍ ସୂଚନା ପାଇବା ପାଇଁ ଚାଷୀମାନେ ନାନା ହଇରାଣ ହେଉଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ, ତୁମୁଡିବନ୍ଧ ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଜଣେ ଫିଲ୍ଡ କୋର୍ଡିନେଟର ଓ ଜଣେ ଉଦ୍ୟାନ ସାଥୀ ରହିଥିଲେ ମଧ୍ୟ ବିଭାଗୀୟ କାର୍ଯ୍ୟ ଓ ବିଭିନ୍ନ ଯୋଜନା ସମ୍ପର୍କରେ ଆବଶ୍ୟକ ଅଭିଜ୍ଞତା ଓ ଦକ୍ଷତାର ଅଭାବ ଥିବା ନେଇ ଚାଷୀମାନେ ଅଭିଯୋଗ କରୁଛନ୍ତି । ଫଳରେ ଯୋଜନାର ସଠିକ୍ ତଥ୍ୟ ଓ ସରକାରୀ ସୁବିଧା ପାଇବାରେ ଚାଷୀମାନେ ବାଧାର ସମ୍ମୁଖୀନ ହେଉଛନ୍ତି । ସରକାର ଚାଷୀଙ୍କ ଆୟ ବୃଦ୍ଧି ଓ ଉଦ୍ୟାନ କୃଷିର ବିକାଶ ପାଇଁ କୋଟି କୋଟି ଟଙ୍କାର ଯୋଜନା କରୁଥିବା ବେଳେ ତୁମୁଡିବନ୍ଧରେ ଏଭଳି ପ୍ରଶାସନିକ ଅବହେଳା କାହିଁକି? ଜଣେ ଅଧିକାରୀଙ୍କ ଭରସାରେ ଚାଲିଛି କି ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗ? ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ଜିଲ୍ଲା ଉଦ୍ୟାନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ତୁମୁଡିବନ୍ଧ ବ୍ଲକରେ ଜଣେ ସ୍ଥାୟୀ ଓ ଅଭିଜ୍ଞ ଉଦ୍ୟାନ ବିଭାଗ ଅଧିକାରୀ ନିଯୁକ୍ତି କରିବା ସହ ନିୟମିତ କାର୍ଯ୍ୟାଳୟ ଚାଲୁ ରଖିବାକୁ ଚାଷୀ ମହଲରେ ଦାବି ହେଉଛି ।

ପୁରୁଣା ରାଜପୁର ନଦୀ ପୋଲ ନିକଟରେ ଧସିଲା ରାଜପଥ

ରାୟଗଡ଼(ଗଜପତି) ୪।୧୬(ସମିସ):



ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧିନ ୩୨୬-ଏ ଜାତୀୟ ରାଜପଥରେ ଆଜି ସକାଳେ ଏକ ବଡ଼ଧରଣର ବିପତ୍ତି ଦେଖିବାକୁ ମିଳିଛି । ରାୟଗଡ଼ ରୁ ମୋହନା ସଂଯୋଗ କରୁଥିବା ଏହି ମୁଖ୍ୟ ଜାତୀୟ ରାଜପଥର ଶତାଧିକ ବର୍ଷର ପୁରୁଣା ରାଜପୁର ନଦୀ ପୋଲ ନିକଟରେ ରାସ୍ତାର ମଝି ଭାଗଟି ହଠାତ୍ ଧସିଯିବା ଫଳରେ ଏକ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି । ଏହି ବୃହତ ଗର୍ତ୍ତ ଯୋଗୁଁ ରାୟଗଡ଼-ମୋହନା ମଧ୍ୟରେ ଯାତାୟାତ ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି ।

ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ସାମୁଦ୍ରିକ ବାତ୍ୟା ଓ ଲଗାତାର ପ୍ରବଳ ବର୍ଷା ଯୋଗୁଁ ଏହି ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ବର୍ଷା ଜଳର ପ୍ରଖର ସ୍ରୋତ କାରଣରୁ ଜାତୀୟ ରାଜପଥର ଏହି ଗୁରୁତ୍ୱପୂର୍ଣ୍ଣ ଅଂଶଟି ଭିତରକୁ ଦସିଯାଇ ଏଭଳି ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି । ଏହି ପଥ ଦେଇ ଦୈନିକ ଶତାଧିକ ଭାରୀ ଯାନବାହନ ଓ ଜନସାଧାରଣ ଯାତାୟାତ କରୁଥିବା ବେଳେ ବର୍ତ୍ତମାନ ସୁରକ୍ଷା ଦୃଷ୍ଟିରୁ ଏହି ରୁଟ୍‌କୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇଛି । ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବିପଜ୍ଜନକ ସ୍ଥାନ ଚାରିପାଖରେ କମଳା ରଙ୍ଗର ସୁରକ୍ଷା ଫିତା ତଥା ଗଛର ଡାଳ ଓ ପତ୍ର ରଖି ବାରିକେଡ୍ ବ୍ୟବସ୍ଥା କରିଛନ୍ତି । ଯେପରି କୌଣସି ଯାତ୍ରୀ କିମ୍ବା ଯାନ ବାହାନ ଚାଳକ ଅସାବଧାନତା ବଶତଃ ଏହି ଗର୍ତ୍ତରେ ନ ପଡ଼ନ୍ତି ସେଥିପାଇଁ ପୋଲିସ କର୍ମଚାରୀମାନେ ସେଠାରେ ସଜାଗ ରହି ଲୋକଙ୍କୁ ସତର୍କ କରାଉଛନ୍ତି । ଏହି ମୁଖ୍ୟ ରାସ୍ତା ଅବରୋଧ ହେବା କାରଣରୁ ରାସ୍ତାର ଦୁଇ ପାର୍ଶ୍ୱରେ ଅନେକ ଯାନବାହନ ଅଟକି ରହିଥିବାବେଳେ ଆଞ୍ଚଳିକ ସଂଯୋଗ ମଧ୍ୟ ବିଚ୍ଛିନ୍ନ ହୋଇପଡ଼ିଛି । ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ରାସ୍ତାର ମରାମତି କାର୍ଯ୍ୟ ଶେଷ କରି ରାୟଗଡ଼ ଓ ମୋହନା ମଧ୍ୟରେ ଯାତାୟାତକୁ ଶୀଘ୍ର ସ୍ୱାଭାବିକ କରିବାକୁ ସ୍ଥାନୀୟ ବାସିନ୍ଦା ଏବଂ ଯାତ୍ରୀମାନେ ଦୃଢ଼ ଦାବି କରିଛନ୍ତି ।

ସକାଳ THE SAKALA
www.sakalaepaper.com

ଓଡ଼ିଶା-ଆନ୍ଧ୍ର ସୀମା ବିବାଦ ପ୍ରସଙ୍ଗ

ଦାୟିତ୍ୱ ନିର୍ବାହରେ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ଭୁବନେଶ୍ୱର, ୪।୧୧ (ସମିସ): କୋଟିଆରେ ଲୋକଙ୍କୁ ପ୍ରଲୋଭିତ କରି ନିର୍ବାଚନ ସହ ଭୋଟ ହାତେଇବାକୁ ଆନ୍ଧ୍ର ସରକାର ପ୍ରୟାସ ଜାରି ରଖିଛନ୍ତି। ଅପରପକ୍ଷେ ସୀମା ବିବାଦକୁ ନେଇ ନିର୍ବାଚନ ସମୟରେ ବିଜେପି ଦେଇଥିବା ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛନ୍ତି। ନିଜ ଦାୟିତ୍ୱ ନିର୍ବାହ ନ କରି କୋର୍ଟ ଯାଇଛୁ କହି ରାଜ୍ୟ ସରକାର ସୀମା ବିବାଦ ପ୍ରସଙ୍ଗକୁ ଏଡ଼ାଇ ଯାଉଛନ୍ତି। ଅସହାୟତା ପ୍ରକାଶ କରି ରାଜ୍ୟ ସରକାର ଆନ୍ଧ୍ର ପାଖରେ ନିଜକୁ ଆତ୍ମସମର୍ପଣ କରିଛନ୍ତି ବୋଲି କହିଛି ବିଜେଡି।

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ଯୋଗୁଁ ଓଡ଼ିଶା ସୀମାରେ ଆନ୍ଧ୍ର ସରକାର ଅନୁପ୍ରବେଶ କରୁଛନ୍ତି। ସୀମା ବିବାଦର ସମାଧାନ ପାଇଁ ବିଜେପି ସରକାରଙ୍କ ଆନ୍ତରିକତା ନାହିଁ। ନିର୍ବାଚନ ସମୟରେ ସୀମା ବିବାଦକୁ ନେଇ ବିଜେପି ଦେଇଥିବା ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି। ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଧୁଳିପୁଟ ଗ୍ରାମପଞ୍ଚାୟତର ଜୁମଡାଙ୍ଗ ଗ୍ରାମରେ ଆନ୍ଧ୍ର ଅନୁପ୍ରବେଶ କରି ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଭୋଟ ହାତେଇବାକୁ ବସିଛି। ଟ୍ରିପଲ ଇଞ୍ଜିନ ସରକାର ଥାଇ ମଧ୍ୟ ସୀମା ବିବାଦର ସମାଧାନ ନ ହେବା ଅତ୍ୟନ୍ତ ଲଜ୍ଜାଜନକ। ଚିତ୍ରକୋଣ୍ଡାରେ ଆନ୍ଧ୍ରର ଅନୁପ୍ରବେଶକୁ ନେଇ ମାଲକାନଗିରି ଜିଲ୍ଲା ବିଜେଡିର ଏକ ଟିମ୍ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଜିଲ୍ଲା ପ୍ରଶାସନଙ୍କୁ ଅବଗତ



- ସୀମା ବିବାଦର ସମାଧାନ ପାଇଁ ଆନ୍ତରିକତା ନାହିଁ
- ଆନ୍ଧ୍ରର ଅନୁପ୍ରବେଶକୁ ପଣ୍ଡ ପାଇଁ ସିଲ୍ କରନ୍ତୁ ସୀମା

କରାଇଥିଲା; କିନ୍ତୁ ସବୁ ଜାଣି ସୁଦ୍ଧା ସରକାର ନିଦାବିଷ୍ଟ ସାଜିଛନ୍ତି। ଚିତ୍ରକୋଣ୍ଡାର ବିକାଶ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ। ବିଜେପି ସରକାରରେ ସେଠାରେ ବିକାଶ ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବହୁ କଲ୍ୟାଣକାରୀ ଯୋଜନାରୁ ଲୋକେ ଅପହଞ୍ଚ ଥିବାବେଳେ ଜିଲ୍ଲା ପ୍ରଶାସନ ସ୍ଥାଣୁ ପାଲଟି ଯାଇଛି। ସରକାର ଓଡ଼ିଶାର ସ୍ୱାର୍ଥକୁ ଭୁଲି ଆନ୍ଧ୍ର ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସୀମା ବିବାଦର ସମାଧାନ କରିବା ସହିତ ଆନ୍ଧ୍ରର ନିର୍ବାଚନ ପଣ୍ଡ କରିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

ଡ. ଲେନିନ ମହାନ୍ତି କହିଥିଲେ ଯେ ସୀମା ବିବାଦକୁ ନେଇ ବିଜେଡି ସରକାର ସମୟରେ ସୁପ୍ରିମକୋର୍ଟରେ ମାମଲା ରୁଜୁ କରାଯାଇଥିଲା । ସୀମା ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟ ରାୟ ପ୍ରକାଶ କରିଥିଲେ ସୁଦ୍ଧା କେନ୍ଦ୍ର ସରକାର ତାହା ପାଳନ କରିଲେ ନାହିଁ। ବର୍ତ୍ତମାନ ଓଡ଼ିଶା ଓ ଆନ୍ଧ୍ର ସମେତ କେନ୍ଦ୍ରରେ ବିଜେପି ସରକାର ଥିବାବେଳେ ସୀମା ବିବାଦ ସମାଧାନ ନ ହେବା ଅତ୍ୟନ୍ତ ନିନ୍ଦନୀୟ। ଆନ୍ଧ୍ର କେବଳ କୋଟିଆ ନୁହେଁ, ଏବେ ମାଲକାନଗିରି ଜିଲ୍ଲା ଉପରେ ଦୃଷ୍ଟି ପକେଇଛି। ବିଜେପିର ନେତା ଓ ମନ୍ତ୍ରୀମାନେ ସୀମା ବିବାଦକୁ ନେଇ କେବଳ ବାହାସ୍ଫୋଟ ମାରୁଛନ୍ତି ।

ସୀମା ବିବାଦ ପ୍ରସଙ୍ଗରେ କେନ୍ଦ୍ର ଯଦି ହସ୍ତକ୍ଷେପ କରନ୍ତା, ତେବେ ଆନ୍ଧ୍ର ଓଡ଼ିଶାକୁ ପଶିପାରନ୍ତା ନାହିଁ। କିନ୍ତୁ କେନ୍ଦ୍ର ସରକାର ତାହା କରିବାରେ ଅସମର୍ଥ, କାରଣ ଆନ୍ଧ୍ରର ଚନ୍ଦ୍ରବାବୁ ନାଇଡୁଙ୍କ ସରକାରର ସମର୍ଥନ ଯୋଗୁଁ କେନ୍ଦ୍ରରେ ବିଜେପି ସରକାର ତିଷ୍ଠି ରହିଛି। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ନିଜର ଅସହାୟତା ପ୍ରଦର୍ଶନ କରି ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଉଛନ୍ତି। ରାଜ୍ୟ ସରକାର କୋଟିଆ ସମେତ ଅନ୍ୟ ବିବାଦୀୟ ସ୍ଥାନରେ ତୁରନ୍ତ ଦୃଷ୍ଟି ଦିଅନ୍ତୁ। ସୀମାକୁ ସିଲ୍ କରି ଆନ୍ଧ୍ରର ଅନୁପ୍ରବେଶକୁ ବନ୍ଦ କରିବା ସହିତ ନିର୍ବାଚନକୁ ପଣ୍ଡ କରନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି।



୧୧ ଦିନର ମହୋତ୍ସବ ପରେ ଢେଙ୍କାନାଳରେ ଧନଦାତ୍ରୀଙ୍କୁ ମେଲାଣି

ମୁଖ୍ୟମନ୍ତ୍ରୀଙ୍କ ୨ ବିଭାଗର ପ୍ରଦର୍ଶନ ନୈରାଶ୍ୟଜନକ: ଭକ୍ତ

ଭୁବନେଶ୍ୱର, ୪।୧୧ (ସମିସ): ରାଜ୍ୟରେ ଯେ ଗୋଟିଏ ସରକାର ଅଛି, ତାହା କେହି ଜାଣିପାରୁନାହାନ୍ତି। ଯଥେଷ୍ଟ ପୂର୍ବରୁ ବାତ୍ୟା ଓ ବନ୍ୟାର ସୂଚନା ଦିଆଯାଇଥିଲେ ମଧ୍ୟ ଡ୍ୟାମଗୁଡ଼ିକରୁ ପାଣି ଠିକ୍ ସମୟରେ ନିଷ୍କାସନ ହେଲା ନାହିଁ। ଏହାଦ୍ୱାରା ଲକ୍ଷଲକ୍ଷ ଲୋକଙ୍କୁ ଦୁର୍ଗତି ଭିତରକୁ ଠେଲି ହୋଇଗଲେ। ମୁଖ୍ୟମନ୍ତ୍ରୀ ନିଜେ ଯେଉଁଯେଉଁ ବିଭାଗର ଦାୟିତ୍ୱରେ ଅଛନ୍ତି, ସେହି ବିଭାଗଗୁଡ଼ିକର ପ୍ରଦର୍ଶନ ନୈରାଶ୍ୟଜନକ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।



ସେ କହିଛନ୍ତି ଯେ ଜଳସମ୍ପଦ ବିଭାଗର ଯେଉଁ ଯନ୍ତ୍ରୀ ଓ ଅଧିକାରୀମାନଙ୍କ ପାଇଁ ଗଞ୍ଜାମ, ଗଜପତି ଓ କନ୍ଧମାଳବାସୀଙ୍କୁ ଦୁର୍ଗତିକୁ ଠେଲିଦିଆହୋଇଛି, ବିଭାଗୀୟ ମନ୍ତ୍ରୀ ଭାବେ ମୁଖ୍ୟମନ୍ତ୍ରୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା। ବନ୍ୟା କ୍ଷତିଗ୍ରସ୍ତଙ୍କୁ ସରକାର ଯାହା ଦେବାପାଇଁ ଘୋଷଣା କରିଛନ୍ତି ତାହା ଅତ୍ୟନ୍ତ ନଗଣ୍ୟ। ଏକର ପିଛା ଅତି କମ୍‌ରେ ଯଦି ୨୦ କ୍ୱିଣ୍ଟାଲ ଧାନ ଅମଳ ହିସାବ କରାଯାଏ, ପ୍ରଚଳିତ ଏମଏସପି ଅନୁସାରେ ଅନ୍ତତଃ ଚାଷୀକୁ ୬୨ ହଜାର ଟଙ୍କା ମିଳିବା କଥା। ମାତ୍ର ସରକାର ମାତ୍ର ୮,୫୦୦ ଟଙ୍କାରେ ଭୁଲେଇଦେଉଛନ୍ତି। ଯେଉଁ ଅନ୍ନଦାତା ସବୁକିଛି ହରାଇଛି, ତାକୁ ୫୦ ପ୍ରତିଶତ କ୍ଷତିପୂରଣ ଦେବାପାଇଁ ମଧ୍ୟ ଏ ନିର୍ଦ୍ଦୟ ସରକାର ମନ ବଳାଉନାହାନ୍ତି କିପରି ବୋଲି ସେ ପ୍ରଶ୍ନ କରିଥିଲେ। କୋଟିଆ ପ୍ରସଙ୍ଗରେ ଆମେ ରାଜ୍ୟ ଓ ରାଜ୍ୟବାସୀଙ୍କ ସହ ଅଛୁ। କଂଗ୍ରେସ ଦଳ ପକ୍ଷରୁ କୋଟିଆରେ ଆନ୍ଧ୍ରକୁ ବିରୋଧ କରି କାର୍ଯ୍ୟକ୍ରମ କରାଯିବାରୁ ସରକାର ଚେଇଁଲେ ଓ ଯଥେଷ୍ଟ ବିଳମ୍ବରେ ଏବେ ଟିକେ ଦୃଢ ହେବାପରି ମନେ ହେଉଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଠିକ୍ ଭାବେ ପାଳନ କରାଇବା ଡବଲ ଇଞ୍ଜିନ ସରକାରର ଦାୟିତ୍ୱ। ରାଜ୍ୟ ଏପରି ଏକ ସଂକଟର ମୁକାବିଲା ପାଇଁ ସମସ୍ତଙ୍କୁ ଏକାଠି କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଦାସ କହିଥିଲେ।

ହାଇକୋର୍ଟରେ ପୂର୍ବତନ ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ଆବେଦନର ଶୁଣାଣି ନଭେମ୍ବର ୬କୁ ଘୁଞ୍ଚିଲା

ସ୍ଥିତି ସମ୍ପର୍କରେ ଜବାବ ରଖିବେ ସରକାର

କଟକ, ୪।୧୧ (ସମିସ): ଚୌଦ୍ୱାର ଥାନାରେ ଚୌଦ୍ୱାର ସର୍କଲ ଜେଲ ପୂର୍ବତନ ମହିଳା ଜେଲରଙ୍କ ପକ୍ଷରୁ ରୁଜୁ ଏତଲା ଓ ସମ୍ପୂର୍ଣ୍ଣ ମାମଲାକୁ ରଦ୍ଦ କରିବାକୁ ପ୍ରାର୍ଥନା କରି ପୂର୍ବତନ ଜେଲ ଡିଜି ସୁଶାନ୍ତ କୁମାର ନାଥ ଦାୟର କରିଥିବା ଆବେଦନର ଆଜି ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ସରକାରଙ୍କ ତରଫରୁ ଜବାବ ଦାଖଲ ପାଇଁ ସମୟ ଲୋଡ଼ା ଯାଇଥିଲା ବେଳେ ଆସନ୍ତା ନଭେମ୍ବର ୬ରେ ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଶିବଶଙ୍କର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଚୌଦ୍ୱାର ଥାନାର ଏତଲା ଆଧାରରେ ମାମଲାର ସାନି ସ୍ଥିତି ସଂପର୍କରେ ସରକାର ପରବର୍ତ୍ତୀ ଶୁଣାଣି ବେଳେ ଜବାବ ରଖିବେ। ଶ୍ରୀ ନାଥଙ୍କ ତରଫରୁ ଆବେଦନରେ ଦର୍ଶାଯାଇଛି ଯେ ଚୌଦ୍ୱାର ଥାନାରେ ରୁଜୁ ଏତଲା ଉଦ୍ଦେଶ୍ୟପ୍ରଣୋଦିତ ଓ ଅଭିଯୋଗ ଭିତ୍ତିହୀନ। ପୁରୁଣା ଅଭିଯୋଗକୁ ନେଇ ବିଳମ୍ବରେ ଏତଲା ଦିଆଯାଇଛି। ଏଥିସହିତ ପୁଲିସ ଡିଜି ଚୟନ ପ୍ରକ୍ରିୟା ଚାଲିଥିବା ବେଳେ ସୁପ୍ରିମକୋର୍ଟରେ ଏ ସଂପର୍କିତ ମାମଲା ବିଚାରାଧୀନ ରହିଛି। ଡିଜି ଚୟନ ପ୍ରକ୍ରିୟାରୁ ତାଙ୍କୁ ବଞ୍ଚିତ କରିବାକୁ ଏଭଳି ଏତଲା ଉଦ୍ଦେଶ୍ୟମୂଳକ ଭାବେ ଦିଆଯାଇଛି ବୋଲି ସେ ଆବେଦନରେ ଦର୍ଶାଇଛନ୍ତି। ଶ୍ରୀ ନାଥଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ମାମଲା ପରିଚାଳନା କରୁଛନ୍ତି। ସେହିଭଳି ଶ୍ରୀ ନାଥଙ୍କ ବନ୍ଧୁ କୁହାଯାଉଥିବା କୁଳଦୀପ ରଥଙ୍କ ପକ୍ଷରୁ ଦାୟର ଆବେଦନର ମଧ୍ୟ ଆସନ୍ତା ୬ତାରିଖରେ ଏକତ୍ର ଶୁଣାଣି ହେବ। ଅଭିଯୋଗ ଅନୁଯାୟୀ, ପୂର୍ବତନ ଜେଲ ଡିଜିଙ୍କ ବନ୍ଧୁ କୁଳଦୀପ ସମ୍ପୃକ୍ତ ପୂର୍ବତନ ମହିଳା ଜେଲରଙ୍କୁ ମୋବାଇଲରେ ଆପତ୍ତିଜନକ ମେସେଜ କରୁଥିଲେ। ଏପରିକି ରାତ୍ରୀଭୋଜନ ତଥା ସହ ବିଭିନ୍ନ ହୋଟେଲକୁ ତାଙ୍କୁ ଏକାକି ଭେଟିବାକୁ ଡକାଯାଇଥିଲା। ମହିଳା ଜେଲର ଜଣକ ଏହାକୁ ପ୍ରତ୍ୟାଖ୍ୟାନ କରିବାରୁ ତାଙ୍କୁ କଠିନ ବୃତ୍ତିଗତ ପ୍ରତିଶୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏଥିରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ, ନିଲମ୍ବନ, ଦରମା ବନ୍ଦ ଏବଂ ସ୍ପଷ୍ଟ ଧମକ ମଧ୍ୟ ସାମିଲ ଥିଲା। ପ୍ରକାଶଥାଉକି ଏହି ମାମଲାରେ ପୂର୍ବତନ ଜେଲ ଡିଜି ଓ ତାଙ୍କ ବନ୍ଧୁ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ବି ଆବେଦନ କରିଥିଲେ ବି ବର୍ତ୍ତମାନ ସୁଦ୍ଧା ଏହି ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇନାହିଁ।

ସରକାରଙ୍କ ଉପରେ ବର୍ଷିଲା ଓଜେସି

ବନ୍ୟାରେ ଭାସିଗଲା ରାଜ୍ୟର ଚାଷୀଙ୍କ ସ୍ୱପ୍ନ

ଭୁବନେଶ୍ୱର,୪।୧୧(ସମିସ): ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ବନ୍ୟା ପରିସ୍ଥିତିର ମୁକାବିଲାରେ ବିଫଳତା ଓ ପ୍ରଶାସନିକ ବିଭ୍ରାଟକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛି ଓଡ଼ିଶା ଜନତା କଂଗ୍ରେସ। ଏଥିସହିତ କୋଟିଆ ପ୍ରସଙ୍ଗରେ ଆନ୍ଧ୍ରପ୍ରଦେଶର ପଦକ୍ଷେପ ଏବଂ ଓଡ଼ିଶା ସରକାରଙ୍କ ଆଭିମୁଖ୍ୟକୁ ନେଇ ଦଳ ପ୍ରଶ୍ନ ଉଠାଇଛି। ବୁଧବାର ଓଜେସିର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରଶାନ୍ତ ଶତପଥୀ କହିଛନ୍ତି ଯେ ବନ୍ୟାରେ ଚାଷୀଙ୍କ ମାସ ମାସର ପରିଶ୍ରମ ଓ ଆଶା ଧୋଇଯାଇଛି। ବିପର୍ଯ୍ୟୟ ପରେ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ରିଲିଫ୍, ପାନୀୟ ଜଳ, ଶୁଖିଲା ଖାଦ୍ୟ, ତୁରନ୍ତ କ୍ଷତିପୂରଣ ଓ ଆର୍ଥିକ ସହାୟତା ପ୍ରଦାନ ନ କରିବା ସରକାରଙ୍କ ଚରମ ସମ୍ବେଦନହୀନତାକୁ ଦର୍ଶାଉଛି। ସରକାରଙ୍କ ୪ ଜଣ ମନ୍ତ୍ରୀ ଏବଂ ବର୍ତ୍ତମାନ ୪ ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତିର ସଠିକ୍ ଆକଳନ କରିପାରିନାହାନ୍ତି। ଗଜପତି ଜିଲ୍ଲାରେ ଭୂସ୍ଖଳନ ଯୋଗୁଁ ମାଟିତଳେ ନିଖୋଜ ଥିବା ୧୨ରୁ ଅଧିକ ଗ୍ରାମବାସୀଙ୍କୁ ଉଦ୍ଧାର କରିବାରେ ଡବଲ ଇଞ୍ଜିନ୍ ସଂପୂର୍ଣ୍ଣ ବିଫଳ ହୋଇଥିବା ସମୟରେ ପଞ୍ଚାୟତିରାଜ ମନ୍ତ୍ରୀ ସୁରକ୍ଷା କର୍ମୀଙ୍କ ପିଠିରେ ବସି ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି ବୋଲି ଓଜେସି କଟାକ୍ଷ କରିଛି।



କୋଟିଆରେ ବିପନ୍ନ ଓଡ଼ିଶାର ସ୍ୱାଭିମାନ

ଏହାସହିତ ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ଓ ଓଡ଼ିଆ ଅସ୍ମିତାର ପ୍ରତୀକ କୋଟିଆକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ଦଳ ପ୍ରଶ୍ନ ଉଠାଇଛି। ୫ ତାରିଖରେ କୋଟିଆରେ ଆନ୍ଧ୍ର ନିର୍ବାଚନ କରିବାକୁ ବିଜ୍ଞପ୍ତି ଜାରି କରିଥିବାବେଳେ, ଓଡ଼ିଶା ସରକାରଙ୍କ ପକ୍ଷରୁ ଆବଶ୍ୟକ ଦୃଢ଼ କୂଟନୈତିକ ଓ ପ୍ରଶାସନିକ ପଦକ୍ଷେପ ଦେଖିବାକୁ ମିଳିଲା ନାହିଁ। କେବଳ ପୁଲିସ ଫୋର୍ସ ମୁତୟନ କରିଦେଲେ ରାଜ୍ୟର ସୀମା ଓ ଲୋକଙ୍କ ସ୍ୱାର୍ଥ ସୁରକ୍ଷିତ ହୋଇପାରିବ ନାହିଁ। କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର କେନ୍ଦ୍ର ଗୃହ ମନ୍ତ୍ରଣାଳୟର ହସ୍ତକ୍ଷେପ ଲୋଡ଼ନ୍ତୁ ବୋଲି ଶ୍ରୀ ଶତପଥୀ ଦାବି କରିଛନ୍ତି। ଓଡ଼ିଶାର ସୀମା, ଅଧିକାର ଓ ଅସ୍ମିତାର ସୁରକ୍ଷା କ୍ଷେତ୍ରରେ କୌଣସି ପ୍ରକାର ସାଲିସକୁ ଗ୍ରହଣ କରାଯିବ ନାହିଁ ବୋଲି ଓଜେସି ସ୍ପଷ୍ଟ କରିଛି। ଏଥିପାଇଁ ଦଳ ୪ ପ୍ରମୁଖ ଦାବି ରଖିଛି। ଏଥିରେ ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଡିବିଟି ମାଧ୍ୟମରେ ୫୦ ହଜାର ସହାୟତା, ଚାଷୀଙ୍କ ପାଇଁ ୩ ହଜାର କୋଟି ଟଙ୍କାର ଏକ କର୍ପସ ଫଣ୍ଡ, ବନ୍ୟା କ୍ଷତିକୁ ନେଇ ଶ୍ୱେତପତ୍ର ପ୍ରକାଶ ଓ କୋଟିଆ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ କରି କମିଟି ଗଠନ ସହ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଆଲୋଚନା କରିବାକୁ ଦାବି କରାଯାଇଛି।

ନିଲମ୍ବିତ ଜେଲ୍ ଅଧୀକ୍ଷକ ସୁଜିତ ରାଉଳଙ୍କ ଜାମିନ ଶୁଣାଣି ଘୁଞ୍ଚିଲା

କଟକ,୪।୧୧(ସମିସ): ଚୌଦ୍ୱାର ସର୍କଲ ଜେଲ୍‌ର ନିଲମ୍ବିତ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ଜାମିନ ଆବେଦନର ଶୁଣାଣି ପୁଣି ଘୁଞ୍ଚିଛି। ମାମଲାର ତଦନ୍ତର ଅଗ୍ରଗତି ସମ୍ପର୍କିତ ଅପଡେଟ୍ କେସଡାଏରୀ ଦାଖଲ କରିବାକୁ ହାଇକୋର୍ଟ କହିଛନ୍ତି। ଶୁଣାଣି ଅସମ୍ପୂର୍ଣ୍ଣ ରହିଥିବା ବେଳେ ଆସନ୍ତା ସପ୍ତାହରେ ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ଶ୍ରୀ ରାଉଳଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି, ପ୍ରଥମେ ଟାଙ୍ଗିଚୌଦ୍ୱାର ଜେଏମଏଫସିରେ ଜାମିନ ଖାରଜ ହେବା ପରେ ସେପ୍ଟେମ୍ବର ୩୦ରେ କଟକ ଅତିରିକ୍ତ ଦୌରା ଜଜ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଶ୍ରୀ ରାଉଳଙ୍କ ନିୟମିତ ଜାମିନ ଆବେଦନକୁ ଖାରଜ କରିଥିଲେ। ପରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ମାମଲାରୁ ପ୍ରକାଶ ଯେ ଚୌଦ୍ୱାର ଜେଲରୁ ଦୁଇ ଦୁର୍ଦ୍ଦାନ୍ତ କଏଦୀ ଫେରାର ଘଟଣା ପରେ ବରିଷ୍ଠ ଅଧୀକ୍ଷକ ଶ୍ରୀ ରାଉଳଙ୍କ ବିରୋଧରେ ଚୌଦ୍ୱାର ଥାନାରେ ଚୌଦ୍ୱାର ଜେଲ୍‌ର ପୂର୍ବତନ ଜେଲର୍ ଗୁରୁତର ଅଭିଯୋଗ ଆଣି ଏତଲା ଦେଇଥିଲେ। ସରକାରୀ ରେକର୍ଡ ହେରଫେର ଓ ସରକାରୀ ଡ୍ୟୁଟିରେ ଥାଇ ଅପରାଧିକ ବ୍ୟବହାର ଭଳି ସଂଗିନ କାର୍ଯ୍ୟରେ ସଂପୃକ୍ତ ଥିବା ନେଇ ଶ୍ରୀ ରାଉଳଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଗତ ସେପ୍ଟେମ୍ବର ୨୧ରେ ଶ୍ରୀ ରାଉଳଙ୍କୁ ଗିରଫ କରି ଚୌଦ୍ୱାର ପୁଲିସ କୋର୍ଟ ଚାଲାଣ କରିଥିଲା। ଗତ ଅଗଷ୍ଟ ୨୯ରେ ଶ୍ରୀ ରାଉଳଙ୍କୁ ଆଗୁଆ ଜାମିନ ଦେବାକୁ ହାଇକୋର୍ଟ ମନା କରିଥିଲେ।

■ ଚୌଦ୍ୱାର ଜେଲ୍ ବିବାଦରେ ନୂଆ ମୋଡ଼

କୋର୍ଟରେ ପୂର୍ବତନ ଜେଲର୍ ସନ୍ତୋଷିନୀଙ୍କ ବୟାନ ରେକର୍ଡ; ଉଚ୍ଚପଦସ୍ଥ ଅଧିକାରୀଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ

ଚୌଦ୍ୱାର/ଟାଙ୍ଗୀ, ୪।୧୧ (ସମିସ): ଚୌଦ୍ୱାର ମଣ୍ଡଳ କାରାଗାରକୁ ଘେରି ରହିଥିବା ବିବାଦ ଏବେ ନୂଆ ମୋଡ଼ ନେଇଛି। ପୂର୍ବତନ ଜେଲର୍ ସନ୍ତୋଷିନୀ ଦାସ ଆଜି ଟାଙ୍ଗୀ ଜେଏମ୍‌ଏଫ୍‌ସି ଅଦାଲତରେ ହାଜର ହୋଇ ବିଏନ୍‌ଏସ୍‌ଏସ୍ ଧାରା ୧୮୩ ଅନୁଯାୟୀ ନିଜର ବୟାନ ରେକର୍ଡ କରାଇଛନ୍ତି। ଜେଲ୍ ବିଭାଗର ଡିଜି ସୁଶାନ୍ତ ନାଥ ଓ ତାଙ୍କ ସହଯୋଗୀ କୁଳଦୀପ ରଥଙ୍କ ବିରୋଧରେ ଯୌନ ନିର୍ଯାତନା ଏବଂ ଏକ ମାମଲା ରଫାଦଫା ପାଇଁ ଚାପ ପ୍ରୟୋଗ ହୋଇଥିବା ସେ ଅଭିଯୋଗ କରିଥିଲେ। ଏହା ପୂର୍ବରୁ ଚୌଦ୍ୱାର ପୁଲିସ ମଧ୍ୟ ତାଙ୍କ ବୟାନ ରେକର୍ଡ କରିଥିଲା। ସେହିପରି ଚୌଦ୍ୱାର ମଣ୍ଡଳ କାରାଗାରର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳଙ୍କ ବିରୋଧରେ ମିନିଟ୍ ବୁକ୍ ସମେତ ବିଭିନ୍ନ ସରକାରୀ ନଥିପତ୍ରରେ ଜାଲିଆତି ଅଭିଯୋଗ ଆଣିଥିଲେ ସନ୍ତୋଷିନୀ।

ସୂଚନାଯୋଗ୍ୟ, ଚୌଦ୍ୱାର ଜେଲ୍‌ରୁ ଦୁଇ ବିହାରୀ କଏଦୀ ଫେରାର ହେବା ପରେ ସନ୍ତୋଷିନୀଙ୍କୁ କଣ୍ଟାବାଞ୍ଜି ଜେଲ୍‌କୁ ବଦଳି କରାଯାଇଥିଲା। ପରବର୍ତ୍ତୀ ସମୟରେ କାର୍ଯ୍ୟରେ ଅବହେଳା ଅଭିଯୋଗରେ ତାଙ୍କ ଦରମା ବନ୍ଦ ସହ ନିଲମ୍ବନ କରାଯାଇଥିଲା। ଏବେ କୋର୍ଟରେ ତାଙ୍କ ବୟାନ ରେକର୍ଡ ପରେ ଚୌଦ୍ୱାର ପୋଲିସ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଏହି ମାମଲାରେ ଆଗକୁ କେଉଁ ନୂଆ ତଥ୍ୟ ସାମ୍ନାକୁ ଆସୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

ପଞ୍ଚଭୂତରେ ଲୀନ ହେଲେ ଡା. ଅଶୋକ ମହାପାତ୍ର

ପୁରୀ,୪।୧୧(ସମିସ): ବିଶିଷ୍ଟ ନ୍ୟୁରୋସର୍ଜନ, ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଡାକ୍ତର ଅଶୋକ ମହାପାତ୍ରଙ୍କ ପାର୍ଥିବ ଶରୀର ଶେଷରେ ନିଜ ଜନ୍ମମାଟି ପୁରୀର ପବିତ୍ର ମାଟିରେ ଲୀନ ହୋଇଯାଇଛି। ବୁଧବାର ସ୍ୱର୍ଗଦ୍ୱାରରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଝିଅ ଡା. ଶୁଭଶ୍ରୀ ଓ ପୁତୁରା ଶୁଭାଶିଷ ମହାପାତ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗଦ୍ୱାରରେ ଡାକ୍ତର ମହାପାତ୍ରଙ୍କ ଶେଷ ଦର୍ଶନ ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବାବେଳେ ଗତ ୨ ତାରିଖରେ



- ଶୋକରେ ବୁଡ଼ିଲା ଜନ୍ମମାଟି ବୀରଗୋବିନ୍ଦପୁରରୁ ପୁରୀ
- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ

ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ଡାକ୍ତର ମହାପାତ୍ରଙ୍କ ପାର୍ଥିବ ଶରୀର ବୁଧବାର ପୂର୍ବାହ୍ନରେ ଶେଷକୃତ୍ୟ ପାଇଁ ପୁରୀ ଅଭିମୁଖେ ଆସିଥିଲା। ଜନ୍ମମାଟି ବୀରଗୋବିନ୍ଦପୁର ଠାରେ କିଛି ସମୟ ଅଟକିଥିବା ତାଙ୍କ ମରଶରୀରରେ ଗାଁର ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା, ବୁଦ୍ଧିଜୀବୀ ଓ ବିଭିନ୍ନ ବର୍ଗର ଲୋକ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅପରାହ୍ନରେ ସ୍ୱର୍ଗଦ୍ୱାରରେ ପାରମ୍ପରିକ ସଂସ୍କାର କର୍ମ ଆରମ୍ଭ ହୋଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବା ପରେ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମାପନ ହୋଇଥିଲା। ସ୍ୱର୍ଗଦ୍ୱାରରେ ଡାକ୍ତର ମହାପାତ୍ରଙ୍କ ଶେଷ ଦର୍ଶନ କରିଥିବା ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ସାଂସଦ ଡ. ସମ୍ବିତ୍ ପାତ୍ର, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ, ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜକିଶୋର ଜେନା ଓ ଉପ ଆରକ୍ଷୀ ଅଧୀକ୍ଷକ ରଶ୍ମୀରଞ୍ଜନ ମହାପାତ୍ର ପ୍ରମୁଖ ସାମିଲ୍ ଥିଲେ। ଏଥିସହ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସମାଜସେବୀ ଡ. ବଦ୍ରି ମିଶ୍ର, ମନୋଜ ରଥ, ଉମାବଲ୍ଲଭ ମହାପାତ୍ର, ସୁଶାନ୍ତ ରଥ, ଅଜୁ ମିଶ୍ର, ବ୍ରଜବନ୍ଧୁ ମହାରଣା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ଏରସମାରେ 'ଖଣ୍ଡିଆ ଭୂତ'

ଘର ଘୂର୍ଣ୍ଣିଝଡ଼ରେ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ନଦୀ ମୁଣ୍ଡରେ ଘେରି ପାଖରେ ଘର କରି ରହୁଥିବା ବଳରାମ ଦାସ, ସୁକୁମାର ମଣ୍ଡଳ ଏବଂ କାଳୀପଦ ସିଂଙ୍କ ଘର ଏହି ଘୂର୍ଣ୍ଣିଝଡ଼ରେ ଉଡ଼ିଯାଇଛି। ଘୂର୍ଣ୍ଣିକୁ ପ୍ରତ୍ୟକ୍ଷ କରିଥିବା ବଳରାମ ଦାସ କୁହନ୍ତି, "ପୁଅ ସୁବାସ ଦାସ, ବୋହୂ ଶିବାନୀ ଦାସ ଓ ପାଞ୍ଚବର୍ଷର ନାତୁଣୀ ସହ ସେ ଘରେ ଥିଲେ। ଦହିବର ପଟୁ ହଠାତ୍ ମାଡ଼ି ଆସିଥିବା ଝଡ଼ରେ

- ପାଣି ଉଠିଲା, ହାତୀ ଶୁଣ୍ଢ ପଡ଼ିଲା!
- ଉଡ଼ିଲା ଘର ଛପର; ଭାଙ୍ଗିଲା କାନ୍ଥ

ଏରସମା,୪।୧୧(ସମିସ): ହଠାତ୍ ମାଡ଼ି ଆସିଲା ଭୟଙ୍କର ଘୂର୍ଣ୍ଣିଝଡ଼। ଆଖି ପିଛୁଳାକେ ଉଡ଼ିଗଲା ଘରର ଛପର ଓ ଚାଳିଆ। ଭାଙ୍ଗି ପଡ଼ିଲା କାନ୍ଥ। ଘର ଭିତରେ ଥିବା ଆସବାବପତ୍ର ଏଣେତେଣେ ଛିନ୍‌ଛତ୍ର ହୋଇଗଲା। ସୌଭାଗ୍ୟବଶତଃ ଚାରିଜଣଙ୍କ ଜୀବନ ବଞ୍ଚିଯାଇଛି। ଏଭଳି ଘଟଣା ଏରସମା ତହସିଲ ଅନ୍ତର୍ଗତ ଆମ୍ବିକୀ ପଞ୍ଚାୟତର ଶାହାଙ୍ଗା ଗ୍ରାମରେ ଘଟିଛି। ଗ୍ରାମର ବଳରାମ ଦାସଙ୍କ ସମେତ ୩ ଜଣଙ୍କ ଚାରିଆଡ଼ ଅନ୍ଧାର ହୋଇଯାଇଥିଲା। ତଳୁ ଆକାଶକୁ ହାତୀ ଶୁଣ୍ଢ ଆକୃତିର ଜଳ ଓ ପବନର ଭଉଁରୀ। କିଛି ବୁଝିବା ପୂର୍ବରୁ ଘରର ଛପର ଓ ଚାଳିଆ ଉଡ଼ିଯିବା ସହ ଗୋଟିଏ ପାର୍ଶ୍ୱର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ପ୍ରବଳ ପବନରେ ଘରର ଆସବାବପତ୍ର ମଧ୍ୟ ଏଣେତେଣେ ଫୋପାଡ଼ି ହୋଇଯାଇଥିଲା। ଜୀବନ ବଞ୍ଚାଇବା ପାଇଁ ପରିବାରର ସମସ୍ତେ ନାତୁଣୀକୁ ଧରି ଘରର ଏକ କୋଣରେ ଭଗବାନଙ୍କ ଭରସାରେ ଆଶ୍ରୟ ନେଇଥିଲୁ।"

ଜଣେ ଗରିବ ପରିବାରର ମୁଣ୍ଡ ଗୁଞ୍ଜିବା ଆଶ୍ରୟ ଭାଙ୍ଗିଯିବା ପରେ ବଳରାମ କିପରି ପରିବାର ସହ ରହିବେ, ତାହା ଚିନ୍ତାର ବିଷୟ ହୋଇଛି।

ସେହିପରି ସେଠାରେ ଘର କରି ଘେରି ଜଗୁଥିବା ସୁକୁମାର ମଣ୍ଡଳ ଓ ତାଙ୍କ ପତ୍ନୀ ଝୁନା ମଣ୍ଡଳ ଏବଂ କାଳୀପଦ ସିଂଙ୍କ ପରିବାର ମଧ୍ୟ ଘୂର୍ଣ୍ଣିଝଡ଼ରେ କ୍ଷତିଗ୍ରସ୍ତ ହୋଇଛି। ଘଟଣାର ତୁରନ୍ତ ତଦନ୍ତ କରି କ୍ଷୟକ୍ଷତି ଆକଳନ ସହ ପୀଡ଼ିତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଖବର ପାଇ ବିଡିଓ ବଳଦେବ ବେହେରା, ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ଜେଠି ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡ଼ିତଙ୍କ ପ୍ରାଥମିକ ଭାବେ କିଛି ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି। ପଞ୍ଚାୟତ ପକ୍ଷରୁ ପାଲ ଦିଆଯାଇଛି। ସେମାନଙ୍କୁ ଗାଁକୁ ଅଣାଯାଇ ପଡ଼ୋଶୀଙ୍କ ଘରେ ଆଶ୍ରୟ ଦିଆଯାଇଥିବା ଜଣାପଡିଛି।

THE ORISSA MINERALS DEVELOPMENT COMPANY LTD.

CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001, Tel. No. 0674-2391595, website:www.birdgroup.co.in, Email:omdc.sec.dept@gmail.com

NOTICE OF 108TH ANNUAL GENERAL MEETING THROUGH VC/OAVM AND REMOVE E-VOTING

NOTICE is hereby given that the 108th Annual General Meeting(AGM) of the members of The Orissa Minerals Development Company Limited will be held on Monday, 30th November, 2026 at 3.00 P.M. (IST) through Video Conferencing ("VC")/Other Audio Visual Means ("OAVM") without physical presence of members at a common venue, in compliance with applicable provisions of the Companies Act, 2013,'Rules made thereunder and SEBI (Listing Obligations & Disclosure Requirements) Regulations, 2015 read with all applicable circulars issued by Ministry of Corporate Affairs (MCA) and SEBI, from time to time, to transact the businesses set out in the Notice of the said AGM.

Members may note that in compliance with the aforementioned circulars, the Notice of 108th AGM and Annual Report for the financial year 2025-26 will be sent only by email to all the members of the Company whose email addresses are registered with the Company's Registrar and Transfer Agent ("RTA')/ Depository Participant(s). Further, the said documents will also be made available on the Company's website i.e. www.birdgroup.co.in and website of the Stock Exchanges i.e. www.nseindia.com, www.bseindia.com & www.cse-india.com.

The detailed instructions for attending the AGM, remote e-voting for share holders holding shares in dematerialized mode, physical mode and for those whose email IDs are not registered, will be provided in the Notice of AGM in due course. Shareholders will have an opportunity to join and participate in the 108th AGM through VC/OAVM facility only and cast their vote on the items of business as set forth in the Notice of AGM through remote e-voting prior to AGM and through electronic voting system during the AGM.

Members holding shares in physical mode and who have not registered/updated their e-mail IDs/mobile number are requested to update the same by sending an email at omdc.sec.dept@gmail.com with a signed letter mentioning folio no., name of shareholder(s), address, mobile no., bank details, scanned copy of share certificate (front and back), self-attested copy of PAN and address proof etc.

Further, Members who are holding shares in demat mode and have not registered/updated their e-Mail ID/mobile numbers/bank details are requested to update the same with their respective Depository Participant.

The Company has fixed Monday, 23rd November, 2026 as the Cut-off Date for determining the eligibility of Members to exercise their voting rights through remote e-voting and voting during the 108th AGM, in accordance with Rule 20 of the Companies (Management and Administration) Rules, 2014.

Place: Bhubaneswar
Date: 04.11.2026

By the Order of the Board
Sd/-
Pintu Kumar Biswal
Company Secretary & Compliance Officer



ଆଜିର ରାଶିଫଳ

ମେଷ: ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ । ଅଫିସ୍‌ରେ ନୂତନ ଦାୟିତ୍ୱ ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ନିବେଶ ଲାଗି ଅନୁକୂଳ ସମୟ ।

ବୃଷ: ଜମିବାଡ଼ିକୁ ନେଇ ବିବାଦ ଦେଖାଦେବ । ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ କରିବେ । ପଢ଼ାକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ଆୟ ତୁଳନାରେ ଖର୍ଚ୍ଚ ବଢ଼ିବ ।

ମିଥୁନ: ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ଓ ସହଯୋଗ ମିଳିବ । ଋଣ ଭାର ବଢ଼ିପାରେ ।

କର୍କଟ: ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେବ । ବ୍ୟବସାୟ ଆରମ୍ଭ କରିବାର ଅନୁକୂଳ ସମୟ । ନୂଆ ଚାକିରିକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ ।

ସିଂହ: ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ସନ୍ତାନ ସୁଖ ମିଳିବ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ ।

କନ୍ୟା: ଜମିବାଡ଼ି ମାମଲା ଦୂର ହେବ । ନୂଆ ଯାନବାହାନ କିଣିବା ଯୋଗ ଅଛି । ପୁରୁଣା କଥାକୁ ନେଇ ବନ୍ଧୁଙ୍କ ସହିତ ମନୋମାଳିନ୍ୟ ଦେଖା ଦେଇପାରେ । ପ୍ରେମ ଜୀବନ ମଧୁମୟ ହେବ ।

ତୁଳା: ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । କୌଣସି ନୂଆ ଦାୟିତ୍ୱକୁ ନେଇ ଚିନ୍ତାରେ ରହିବେ । କାମରେ ବିଦେଶ ଯାତ୍ରା କରିବାକୁ ପଡ଼ିପାରେ । ଋଣ ଭାରରୁ ମୁକ୍ତି ମିଳିବ ।

ବିଛା: ଦିନଟି ଶୁଭଫଳ ପ୍ରଦାନ କରିବ । ଆୟର ନୂଆ ମାର୍ଗ ଉନ୍ମୋଚନ ହେବ । ଭାଇଭଉଣୀଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ସମସ୍ୟା ସୃଷ୍ଟି ହେବ । କୌଣସି ଖବର ମନକୁ ଆନନ୍ଦିତ କରିପାରେ ।

ଧନୁ: ବିଭିନ୍ନ ଦିଗରୁ ଭାରାକ୍ରାନ୍ତ ରହିବ । ଚାପ ଓ ମାନସିକ ଅବସାଦ ବଢ଼ିପାରେ । ଅଯଥା ଖର୍ଚ୍ଚ ବଢ଼ିବ । ବିଦ୍ୟାର୍ଥୀ ଗୀତ, ନାଚରେ ସମୟ ଅତିବାହିତ କରିବେ । ମହିଳାମାନେ ଭ୍ରମଣପ୍ରିୟ ହେବେ ।

ମକର: ଦାମ୍ପତ୍ୟ ଜୀବନ ସୁଖମୟ ହେବ । ନୂଆ ନିବେଶ ଲାଗି ଚିନ୍ତା କରିବେ । ଘରେ ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ଅର୍ଥ ସଞ୍ଚୟ ପାଇଁ ନୂଆ ଯୋଜନା କରିବେ ।

କୁମ୍ଭ: ବ୍ୟବସାୟ ପାଇଁ ନୂଆ ଯୋଜନା କରିବା । ଠକାମିର ଶିକାର ହୋଇପାରନ୍ତି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ନିଜ ଲୋକଙ୍କ ସାହାଯ୍ୟ ମିଳିବ । ପ୍ରେମିକ ପ୍ରେମିକା ବିବାହ ଯୋଜନା କରିବେ ।

ମୀନ: ଚାକିରିରେ ସଫଳତା ମିଳିବ । ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ । ନୂତନ ଲୋକଙ୍କୁ ଭେଟିବେ । ଅଫିସ୍‌ରେ ପଦୋନ୍ନତି ମିଳିପାରେ । ଘରେ ଧାର୍ମିକ କାର୍ଯ୍ୟ କରିପାରନ୍ତି ।

ଏକ ଅଜବ ପ୍ରୟୋଗ ପାଲଟିଗଲା ଚାଷୀ ଓ ପରିବେଶ ପାଇଁ ମହାବିପତ୍ତି



ମଣିଷ ଯେତେବେଳେ ପ୍ରକୃତିର ନିୟମ ସହ ଖେଳେ ସେତେବେଳେ ତା'ର ପରିଣାମ ପ୍ରାୟତଃ ଭୟଙ୍କର ହୋଇଥାଏ । ଏଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିଲା ଦକ୍ଷିଣ ଆମେରିକୀୟ ଦେଶ କଲମ୍ବିଆରେ । ଏଠାରେ ଫସଲକୁ ସୁରକ୍ଷା ଦେବାକୁ ଆସିଥିବା ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ପିମ୍ପୁଡ଼ି, ପରବର୍ତ୍ତୀ ସମୟରେ ସାରା ଦେଶର ଚାଷୀ ଓ ପରିବେଶବିତ୍‌ଙ୍କ ନିଦ ହଜାଇ ଦେଇଥିଲେ । ଏହା ୧୯୬୦-୭୦ ଦଶକର କଥା । ସେତେବେଳେ କଲମ୍ବିଆର କୃଷକମାନେ ଫସଲକୁ ନେଇ ବେଶ୍ ଚିନ୍ତିତ ଥିଲେ । କାରଣ ଆଖୁ ଏବଂ କଫି ବଗିଚାରେ କୀଟପତଙ୍ଗଙ୍କ ପ୍ରାଦୁର୍ଭାବ ବଢ଼ିଯାଇଥିଲା । ଏହା ସହିତ ସେଠାରେ ଦେଖାଯାଉଥିବା ବିଷାକ୍ତ ସାପ ଏବଂ ମୂଷା ଚାଷୀମାନଙ୍କ ପାଇଁ ବଡ଼ ବିପଦ ସାଜିଥିଲେ । ଏହି ସମୟରେ ସେମାନଙ୍କ ନଜରକୁ ଆସିଥିଲା ଏକ ବିଶେଷ ପ୍ରଜାତିର ପିମ୍ପୁଡ଼ି, 'ୟେଲୋ କ୍ରେଜି ଆଣ୍ଟ' ଉପରେ । କୀଟପତଙ୍ଗ ଓ ସାପମାନଙ୍କୁ ପ୍ରାକୃତିକ ଉପାୟରେ ନଷ୍ଟ କରିବା ପାଇଁ ଏହି ପିମ୍ପୁଡ଼ିମାନଙ୍କୁ ସ୍ଥାନୀୟ ଲୋକେ ବ୍ୟବହାର କରିବାକୁ ନିଷ୍ପତ୍ତି ନେଲେ । ଏହି ପିମ୍ପୁଡ଼ିଗୁଡ଼ିକ ଦଳଗତ ଭାବେ ଆକ୍ରମଣ କରି ବଡ଼ ବଡ଼ ବିଷାକ୍ତ ସାପ, ବିଛା ଏବଂ ମୂଷାମାନଙ୍କୁ ମାରିବାରେ ସଫଳ ହେଲେ । ସେମାନେ ନିଜ ଶରୀରରୁ ବାହାରୁଥିବା ଫର୍ମିକ୍ ଏସିଡ୍ ସାହାଯ୍ୟରେ ଶିକାରକୁ ଦୃଷ୍ଟିବାଧିତ ଏବଂ ଅଚଳ କରି ଦେଉଥିଲେ । ଆରମ୍ଭରେ ଚାଷୀମାନେ ବହୁତ ଖୁସି ହେଲେ । ସେମାନଙ୍କୁ ଲାଗିଲା ଯେ, କୀଟନାଶକ ପାଇଁ ଟଙ୍କା ଖର୍ଚ୍ଚ ନ କରି ସେମାନେ ଏକ ପ୍ରାକୃତିକ ସମାଧାନ ପାଇଯାଇଛନ୍ତି । ହେଲେ ଏହି ପିମ୍ପୁଡ଼ିମାନଙ୍କର ବଂଶବୃଦ୍ଧି ଏତେ ଦ୍ରୁତ ଗତିରେ ହେଲା ଯେ, ତାହା ମଣିଷର ନିୟନ୍ତ୍ରଣ ବାହାରକୁ ଚାଲିଗଲା । ହଜାର ହଜାର ସଂଖ୍ୟାର ପିମ୍ପୁଡ଼ି ଚାଷଜମି, ବଗିଚା ଏବଂ ଜଙ୍ଗଲକୁ ମାଡ଼ିଗଲେ । କେବଳ କୀଟପତଙ୍ଗ ନୁହେଁ, ଗାଈ, ଗୋରୁ, କୁକୁଡ଼ା ଏବଂ ଘରୋଇ ପଶୁମାନଙ୍କୁ ସେମାନେ ଆକ୍ରମଣ କଲେ । ଏମାନଙ୍କ କାମୁଡ଼ା ଏବଂ ଏସିଡ୍ ଯୋଗୁଁ ଅନେକ ପଶୁ ଦୃଷ୍ଟିବାଧିତ ହୋଇଗଲେ ତ କେତେକ ପ୍ରାଣ ହରାଇଲେ । ମଣିଷ ଶରୀରରେ ଏମାନେ କାମୁଡ଼ିଲେ ପ୍ରବଳ ପୋଡ଼ାଜଳା ଏବଂ ଆଲର୍ଜି ହେବାକୁ ଲାଗିଲା । ଏହି ପିମ୍ପୁଡ଼ିମାନେ ସେହି ଅଞ୍ଚଳର ଅନ୍ୟ ସ୍ଥାନୀୟ ଜୀବଜନ୍ତୁ, ପକ୍ଷୀ ଏବଂ ଉପକାରୀ କୀଟମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଶେଷ କରିଦେଲେ, ଯାହାଦ୍ୱାରା ପରିବେଶର ସନ୍ତୁଳନ ବିଗିଡ଼ିଗଲା । ଫସଲ ବଞ୍ଚାଇବାର ଏହି ପ୍ରୟୋଗ ଆଜି ବି ବିଶ୍ୱବାସୀଙ୍କୁ ଚେତାଇ ଦିଏ ଯେ, ପ୍ରକୃତିର ନିଜସ୍ୱ ନିୟମ ଅଛି ଏବଂ ତାହା ସହିତ ଖେଳିଲେ ପ୍ରକୃତି ନିଜ ଢଙ୍ଗରେ ତା'ର ପ୍ରତିଶୋଧ ନିଏ ।



'ରାମାୟଣ' ୩୩ ତାରକାଙ୍କ ମହାମିଳନ

ଭାରତୀୟ ସିନେମା ଇତିହାସରେ 'ରାମାୟଣ' ଚଳଚ୍ଚିତ୍ର ଏକ ଇତିହାସ ରଚିବାକୁ ଯାଉଛି । ଦୂରଦର୍ଶନ ପରଦାରେ ରାମାନନ୍ଦ ସାଗରଙ୍କ 'ରାମାୟଣ' ଯେଉଁ ଇତିହାସ ରଚିଥିଲା, ତାହାକୁ ଏବେ ସୁପର ବଜେଟ୍ ଏବଂ ଆଧୁନିକ ବୈଷୟିକ ଜ୍ଞାନକୌଶଳ ସହ ବଡ଼ ପରଦାକୁ ଆଣୁଛନ୍ତି ନିତେଶ ତିୱାରୀ । ଏହି ଚଳଚ୍ଚିତ୍ରର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଏହାର କଳାକାର ଚୟନ । ଭାରତର ବିଭିନ୍ନ ଫିଲ୍ମ ଇଣ୍ଡଷ୍ଟ୍ରିର ପ୍ରାୟ ୩୩ ଜଣ କଳାକାର ଏହି ମେଗା ପ୍ରୋଜେକ୍ଟରେ ଏକାଠି ହୋଇଛନ୍ତି । ଏହି ଚଳଚ୍ଚିତ୍ରର କେନ୍ଦ୍ରବିନ୍ଦୁ ସାଜିଛନ୍ତି ରଣବୀର କପୁର । ଭଗବାନ ଶ୍ରୀରାମଙ୍କ ରୂପକୁ ପରଦାରେ ଜୀବନ୍ତ କରିବା ପାଇଁ ରଣବୀର କଠିନ ପରିଶ୍ରମ କରିଛନ୍ତି । ଖାଲି ସେତିକି ନୁହେଁ, ସେ ଚଳଚ୍ଚିତ୍ରରେ ଭଗବାନ ପର୍ଶୁରାମଙ୍କ ଭୂମିକାରେ ମଧ୍ୟ ନଜର ଆସିବେ । ଅନ୍ୟପଟେ ରାମାୟଣର ସବୁଠାରୁ ଶକ୍ତିଶାଳୀ ଚରିତ୍ର 'ଲଙ୍କେଶ ରାବଣ' ଭୂମିକାରେ ଦେଖାଯାଇଛନ୍ତି 'କେଜିଏଫ୍' ଫେମ୍ ସୁପରଷ୍ଟାର ଯଶ୍ । ତାଙ୍କର ଦମଦାର ସ୍ୱର ଏବଂ ବ୍ୟକ୍ତିତ୍ୱ ରାବଣ ଚରିତ୍ରକୁ ଏକ ନୂଆ ପରିଚୟ ଦେବ ବୋଲି ଆଶା କରାଯାଉଛି । ଦକ୍ଷିଣ ଭାରତୀୟ ସିନେମାର ପ୍ରତିଭାଶାଳୀ ଅଭିନେତ୍ରୀ ସାଇ ପଲ୍ଲବୀଙ୍କୁ ମାତା ସୀତାଙ୍କ ଭୂମିକା ପାଇଁ ଚୟନ କରାଯାଇଛି । ତାଙ୍କର ସହଜ ସୁନ୍ଦର ଅଭିନୟ ଶୈଳୀ ସୀତାଙ୍କ ଚରିତ୍ରକୁ ସମ୍ପୂର୍ଣ୍ଣ ନ୍ୟାୟ ଦେବ ବୋଲି ଚର୍ଚ୍ଚା ହେଉଛି । ସନ୍ନି ଦେଓଲଙ୍କୁ ଭଗବାନ ହନୁମାନଙ୍କ ଭୂମିକାରେ ଦେଖିବାକୁ ମିଳିବ । ଏହାସହ ଟେଲିଭିଜନର ଲୋକପ୍ରିୟ ଅଭିନେତା ରବି ଦୁବେ 'ଲକ୍ଷ୍ମଣ'ଙ୍କ ଭୂମିକାରେ ନଜର ଆସିବେ । ଫିଲ୍ମରେ ପ୍ରତ୍ୟେକ ଚରିତ୍ରକୁ ଗୁରୁତ୍ୱ ଦିଆଯାଇଛି । ରାଜା ଦଶରଥଙ୍କ ଭୂମିକାରେ ନଜର ଆସିବେ ଅରୁଣ ଗୋଭିଲ । କୈକେୟୀ ଚରିତ୍ରରେ ଗ୍ଲାମରସ୍ ଅଭିନେତ୍ରୀ ଲାରା ଦତ୍ତ ଏବଂ ମନ୍ଥରା ଭୂମିକାରେ ବରିଷ୍ଠ ଅଭିନେତ୍ରୀ ଶିବା ଚଡ଼ା ଅଭିନୟ କରୁଛନ୍ତି । ରାବଣଙ୍କ ପତ୍ନୀ ମନ୍ଦୋଦରୀ ଭୂମିକାରେ କାଜଲ ଅଗ୍ରୱାଲ ଏବଂ ଭଗ୍ନୀ ଶୂର୍ପଣଖା ଭୂମିକାରେ ରକୁଲ ପ୍ରୀତ ସିଂଙ୍କୁ ଦେଖିବାକୁ ମିଳିବ । ରାଘବ ଜୁୟାଲ 'ମେଘନାଦ' ଏବଂ ଫୈସଲ ମଲିକ 'କୁମ୍ଭକର୍ଣ୍ଣ' ଭୂମିକାକୁ ଅଧିକ ରୋମାଞ୍ଚକର କରିବେ । ଏହି ଫିଲ୍ମକୁ ଆହୁରି ଆକର୍ଷଣୀୟ କରିବା ପାଇଁ ବିଗ୍ ବି ଅମିତାଭ ଗାନ୍ଧିକ ଭାବେ ନିଜର ଗମ୍ଭୀର ସ୍ୱର ଦେଇଛନ୍ତି । ସେହିପରି ଜଟାୟୁ ଚରିତ୍ର ପାଇଁ ଭେଟେରାନ ଅଭିନେତା ଅନୁପମ ଖେର ସ୍ୱର ଦାନ କରିଛନ୍ତି । ଏତେ ବଡ଼ଷ୍ଟାରକାଷ୍ଟ ଏବଂ ନୀତେଶ ତିୱାରୀଙ୍କ ଦୂରଦୃଷ୍ଟି ଏହି ଫିଲ୍ମକୁ ବକ୍ସ ଅଫିସ୍‌ରେ ଏକ ନୂଆ ଇତିହାସ ରଚିବା ଦିଗରେ ଆଗେଇ ନେଉଛି । ଦର୍ଶକ ଏବେ ଚାତକ ଭଳି ଅପେକ୍ଷା କରିଛନ୍ତି ବଡ଼ ପରଦାରେ ଏହି ମହାମିଳନକୁ ଦେଖିବା ପାଇଁ ।

ଆଜିର ଇତିହାସ

- ୧୮୭୦- ସ୍ୱାଧୀନତା ସଂଗ୍ରାମୀ ଚିତ୍ତରଞ୍ଜନ ଦାସଙ୍କ ଜନ୍ମ ।
- ୧୯୨୦- ଇଣ୍ଡିଆନ୍ ରେଡକ୍ରସ୍ ସୋସାଇଟିର ସ୍ଥାପନା ।
- ୧୯୬୧- ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହରୁ ନ୍ୟୁୟର୍କ ଯାତ୍ରା କଲେ ।
- ୧୯୭୬- ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା ।
- ୨୦୧୩- ଇସ୍ରୋ ଦ୍ୱାରା ମଙ୍ଗଳଯାନ-୧ ପ୍ରକ୍ଷେପଣ ।

ଚୀନ୍‌ରେ ଅଜବ ଟ୍ରେଣ୍ଡ


ଝଗଡ଼ା ଓ ଯୁକ୍ତିତର୍କ ପାଇଁ ଭଡ଼ାରେ ମିଳୁଛନ୍ତି ଲୋକ

ଆଜିକାଲି ଭଡ଼ାରେ ପ୍ରେମିକ, ପ୍ରେମିକା, ବାପା, ମାଆ ମିଳିବାର ଏକ ନୂଆ ଧାରା ଆରମ୍ଭ ହୋଇଛି । ଏହି କ୍ରମରେ ଏଣିକି ଝଗଡ଼ା କରିବା ପାଇଁ ଲୋକ ମଧ୍ୟ ଭଡ଼ାରେ ମିଳିଲେଣି । ଚୀନ୍‌ରେ ଲୋକଙ୍କ ବଦଳରେ ଝଗଡ଼ା ବା ଯୁକ୍ତିତର୍କ କରିବା ପାଇଁ ଭଡ଼ାରେ ପ୍ରଫେସନାଲ୍ ଲୋକ ମିଳୁଛନ୍ତି । ବିଶେଷ କରି ଯେଉଁମାନେ ଅନ୍ୟମାନଙ୍କ ସହ ସିଧାସଳଖ ମୁହାଁମୁହିଁ ହେବାକୁ କିମ୍ବା ପାଟିତୁଣ୍ଡ କରିବାକୁ ଭୟ କରନ୍ତି କିମ୍ବା ଲାଜେଇଥାନ୍ତି, ସେମାନେ ନିଜର ସମସ୍ୟାର ସମାଧାନ ପାଇଁ ଭଡ଼ାଟିଆ ଝଗଡ଼ାକାରୀଙ୍କ ସାହାଯ୍ୟ ନେଉଛନ୍ତି । ଚୀନ୍‌ର ଗୁଆଙ୍ଗଝୁ ସହରର କୋଙ୍ଗ୍ ନାମକ ଜଣେ ୫୬ ବର୍ଷୀୟ ବ୍ୟକ୍ତି ରାସ୍ତାରେ ପ୍ଲାକାର୍ଡ ଧରି ନିଜର ଏହି ସେବା ବିଷୟରେ ପ୍ରଚାର କରି ଚର୍ଚ୍ଚାକୁ ଆସିଛନ୍ତି । ସେ ଅନଲାଇନ୍‌ରେ ଝଗଡ଼ା ପାଇଁ ୫୭୦ ଟଙ୍କା ଏବଂ ସିଧାସଳଖ ଯାଇ ଯୁକ୍ତି କରିବା ପାଇଁ ଭାରତୀୟ ମୁଦ୍ରାରେ ପ୍ରାୟ ୨,୭୦୦ ରୁ ୨,୬୮୦ ଟଙ୍କା ଚାର୍ଜ କରୁଛନ୍ତି । ଥରେ ଟଙ୍କା ଦେବା ପରେ ସେହି ବ୍ୟକ୍ତି ଜଣକ ଗ୍ରାହକଙ୍କ ପାଇଁ ଯେତେ ସମୟ ପର୍ଯ୍ୟନ୍ତ ଚାହିଁବେ ସେତେ ସମୟ ଯୁକ୍ତି କରିପାରିବେ । ଚାକିରି କରୁଥିବା ସ୍ଥାନରେ ମାଲିକ ଦରମା ନ ଦେଲେ, କୌଣସି ଦୋକାନ ବା କୋଚିଂ ସେଣ୍ଟର ଟଙ୍କା ରିଫଣ୍ଡ ନ କଲେ କିମ୍ବା ଖରାପ ସର୍ଭିସ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଏହି ବ୍ୟକ୍ତି ଜଣକ ଗ୍ରାହକଙ୍କ ତରଫରୁ ଲଢ଼େଇ କରନ୍ତି । ଏହି ଭଡ଼ାଟିଆ ଝଗଡ଼ାକାରୀମାନଙ୍କର ଏକ ସ୍ପଷ୍ଟ ନିୟମ ରହିଛି ଯେ, ସେମାନେ କେବଳ ଯୁକ୍ତିତର୍କ କରନ୍ତି, କୌଣସି ଗାଳିଗୁଲଜ କରନ୍ତି ନାହିଁ କିମ୍ବା ହାତାହାତି କରନ୍ତି ନାହିଁ । କାରଣ ମାରପିଟ୍ କଲେ ପୋଲିସ ଗିରଫ କରିବାର ଭୟ ଥାଏ । ଚୀନ୍‌ର ଲୋକପ୍ରିୟ ଅନଲାଇନ୍ ସପିଂ ଆପ୍ 'ତାଓବାଓ'ରେ ମଧ୍ୟ ଏଭଳି ଅନେକ ପ୍ରଫେସନାଲ୍ କ୍ୱାରେଲର୍ସ ମିଳୁଛନ୍ତି, ଯେଉଁମାନଙ୍କୁ ଲୋକେ ନିଜର ଛୋଟମୋଟ ବିବାଦର ସମାଧାନ ପାଇଁ ଟଙ୍କା ଦେଇ ଭଡ଼ାରେ ଆଣୁଛନ୍ତି ।



ସୁଶ୍ରୀ

ଆକର୍ଷଣୀୟ ହେୟାର୍ ଷ୍ଟାଇଲ୍



ସାଧାରଣତଃ ଦୀପାବଳିରେ ଶାଢ଼ି ଏବଂ ସୁଟ୍ ସହ ପାଞ୍ଚଟି ଭିନ୍ନ ହେୟାର୍ ଷ୍ଟାଇଲ୍ କରିପାରିବେ । ଜାଣିବା ସେ ବିଷୟରେ...

ଗଜରା ବନ୍

ହେଭି କାଞ୍ଜିବରମ ତଥା ବନାରସୀ ଶାଢ଼ି ପିନ୍ଧୁଥିଲେ, ଏହି ହେୟାର୍ ଷ୍ଟାଇଲ୍ କରିପାରିବେ । ଏହା ଅନାରକଲି ହେଭି ସୁଟ୍ ସହ ଖୁବ୍ ସୁନ୍ଦର ଦେଖାଯାଏ । ଏହାକୁ ବାରମ୍ବାର ଠିକ୍ କରିବାର କୌଣସି ଆବଶ୍ୟକତା ନଥାଏ ।

ସଫ୍ଟ ୱେଭସ

ହାଲୁକା ଅର୍ଗାଞ୍ଜା ଶାଢ଼ି, ପେଷ୍ଟାଲ୍ ଲେହେଙ୍ଗା, ଏବଂ ଫ୍ୟୁଜନ୍ ଶାଢ଼ି ପାଇଁ ଏହା ଖୁବ୍ ଲାଭଦାୟକ ହୋଇଥାଏ । କର୍ଲିଂ ମେସିନ୍‌ରେ କେଶରେ ୱେଭ କରି ଗୋଟେ ସାଇଡ୍ କରିପାରିବେ । ଏହା ଉପରେ ହାଲକା ସାଇନ୍ ସ୍ପ୍ରେ ଲଗାଇପାରିବେ ।

ଲମ୍ବା କେଶରେ ଗଜରା

ସାଧାରଣତଃ ପୂଜାରେ ଚୁଟିକୁ ଖୋଲା ରଖିବା ଖୁବ୍ ଅସୁବିଧାଜନକ ହୋଇଥାଏ । ତେଣୁ ଲମ୍ବା ଚୁଟି ଥିଲେ ଏଥିରେ ବେଣୀ ପକାଇ ଗଜରା ଗୁଡ଼ାଇପାରିବେ । ସୁଟ୍ ଏବଂ ଲେହେଙ୍ଗାକୁ ଏହି ଆଉଟ୍‌ଫିଟ୍ ଭଲ ମାନିଥାଏ ।

ହାପ୍ ଅପ୍ ହାପ୍ ଡାଉନ୍

ଖୋଲା କେଶ ସହ ବନ୍ ଚାହୁଁଥିଲେ ଏହା କରିପାରିବେ । ଏଥିପାଇଁ ଉପର ଅଧା କେଶକୁ ବାନ୍ଧି ବନ୍ କରନ୍ତୁ । ତଳେ ଅଧା କେଶ ଛାଡ଼ି ହାଲୁକା କର୍ଲ କରନ୍ତୁ । ଏହା କେଶକୁ ସୁନ୍ଦର ଦିଶିଥାଏ ।

ଦୀପାବଳିରେ ପାରମ୍ପରିକ ଘରସଜ୍ଜା



ଆଲୋକ ଏବଂ ଆନନ୍ଦର ପର୍ବ ଦୀପାବଳି । ଏହିଦିନ ଘରକୁ ସଫା, ସୁତୁରା ରଖି ପାରମ୍ପରିକ ଶୈଳୀରେ ସଜାଇବା ଦ୍ୱାରା ଘରେ ସକାରାତ୍ମକ ଶକ୍ତି ଏବଂ ପବିତ୍ରତା ବୃଦ୍ଧିପାଏ । ଏଥିସହ ଘରେ ମାଆ ଲକ୍ଷ୍ମୀ ମଧ୍ୟ ବାସ କରନ୍ତି । ତେବେ ଦୀପାବଳିରେ ଆଧୁନିକ ଉପକରଣ ବିନା ଘରକୁ ପାରମ୍ପରିକ ଉପାୟରେ କିଭଳି ସଜାଇବେ, ତାହାକୁ ନେଇ ଏହି ଉପସ୍ଥାପନା ।

ମାଟି ଦୀପ

ମାଟି ଦୀପ ଦୀପାବଳିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିଥାଏ । ତେଣୁ ଦୀପାବଳିରେ ପାରମ୍ପରିକ ଘିଅ ଦୀପ ଜାଳିବା ଶୁଭ ମନାଯାଏ । ଘରକୁ ଆଲୋକିତ କରିବା ପାଇଁ ଏହି ଦୀପକୁ ବାଲ୍‌କୋନି, ଘର ଦୁଆର ବନ୍ଧ ଏବଂ ପ୍ରତି କୋଣରେ ଜାଳିପାରିବେ । ଲାଲ ମାଟି ଦୀପ ସମେତ ବଜାରରେ ବିଭିନ୍ନ ଡିଜାଇନ୍‌ର ଦୀପ ଉପଲବ୍ଧ ହେଲାଣି । ଏହା ଜାଳିବା ଦ୍ୱାରା ଘରକୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ । ସେହିପରି ଚାହିଁଲେ ଏହାକୁ ରଙ୍ଗତୂଳୀରେ ସଜାଇପାରିବେ ।

ପିତ୍ତଳ ସାମଗ୍ରୀ, ପାରମ୍ପରିକ କୁସନ

ଦିପାବଳିରେ ଘରକୁ ସୁନ୍ଦର କରି ସଜାଇବାକୁ ଚାହୁଁଥିଲେ, ପିତ୍ତଳ କୁଣ୍ଡରେ ପାଣି ଦେଇ ସେଥିରେ ଗେଣ୍ଡୁ ଫୁଲକୁ ଛୋଟ ଛୋଟ କରି ପକାଇ ସଜାଇପାରିବେ । ଘର ଚଟାଣ ଫ୍ଲୋର୍‌ରେ କୁସନ ପକାଇ ପିତ୍ତଳ ବାସନକୁ ରଖି ଘରକୁ ଏକ ଭବ୍ୟ ଲୁକ୍ ଦେଇପାରିବେ । ସେହିପରି ଏକ ପାତ୍ରରେ ତେଲ ରଖି ମଝିରେ ଛିଦ୍ର କରି ସେଥିରେ ସଳିତା ଦେଇ ଜାଳିପାରିବେ । ଏହା ସୁନ୍ଦର ଦିଶିଥାଏ ।

ଗେଣ୍ଡୁମାଳ, ତୋରଣ

ପାରମ୍ପରିକ ସଜାରେ ଫୁଲର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିପାଇଁ ଘରର ମୁଖ୍ୟ ଦ୍ୱାରରେ ଆମ୍ବପତ୍ର ସହ ଗେଣ୍ଡୁଫୁଲ ଗୁନ୍ଥି ମାଳ ଲଗାଇପାରିବେ । ଏହାବ୍ୟତୀତ ଝରକା ଏବଂ ପୂଜା ଘରେ ଏହି ମାଳ ସଜାଇବା ଦ୍ୱାରା ଘର ସୁନ୍ଦର ଏବଂ ସୁଗନ୍ଧରେ ପୂରିଯାଏ । ଅନେକ ସ୍ଥାନରେ ଦିପାବଳିରେ ଆକାଶ ଦୀପ, ରଙ୍ଗିନ ଲଣ୍ଠନ ଲଗାଇବା ପରମ୍ପରା ରହିଛି । ଏହାକୁ ବାଉଁଶ, କପଡ଼ା ଏବଂ କାଗଜରେ ପ୍ରସ୍ତୁତ କରିପାରିବେ । ଏହାକୁ ବାଲ୍‌କୋନୀ ମୁଖ୍ୟ ଦ୍ୱାର ଉପରେ ଟଙ୍ଗାଯାଏ । ଏହା ଘରକୁ ସୁନ୍ଦର କରିଥାଏ ।

ରଙ୍ଗୋଲି

ଦୀପାବଳିରେ ଘରକୁ ସୁନ୍ଦର ଏବଂ ଆକର୍ଷଣୀୟ କରି ସଜାଇବା ପାଇଁ ରଙ୍ଗୋଲି ଏକ ପାରମ୍ପରିକ ପ୍ରକ୍ରିୟା ଭାବେ ଜଣାଯାଏ । ରଙ୍ଗୋଲି ବିନା ଦୀପାବଳି ଅଧୁରା । ତେଣୁ ଘର ମୁଖ୍ୟଦ୍ୱାର ଏବଂ ପୂଜା ଘର ସମ୍ମୁଖରେ ରଙ୍ଗୋଲି କଲେ ସକାରାତ୍ମକ ପରିବେଶ ସୃଷ୍ଟି ହେବା ସହ ମା'ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ବୋଲି ବିଶ୍ୱାସ ରହିଛି । ତେବେ ଦୀପାବଳିରେ ଘରକୁ ସଜାଇବା ପାଇଁ ବିଭିନ୍ନ ଡିଜାଇନ୍‌ର ରଙ୍ଗୋଲି କରିପାରିବେ । ସେହିପରି ରଙ୍ଗୋଲିକୁ ଗେଣ୍ଡୁ, ଗୋଲାପ ଫୁଲରେ ସଜାଇପାରିବେ । ଏହା ଘରକୁ ସୁନ୍ଦର ଏବଂ ପାରମ୍ପରିକ ଲୁକ୍ ଦେଇଥାଏ ।

ହଜିଯାଉଥିବା ସ୍ୱାଦ

ବାଦାମ ବାଇଗଣ ଠୁକ୍‌ଠୁକା



ଆବଶ୍ୟକ ସାମଗ୍ରୀ

ବାଇଗଣ – ୨୫୦ ଗ୍ରାମ୍, କଟା ପିଆଜ – ଏକ କପ୍, ଅଦାରସୁଣ ପେଷ୍ଟ – ଏକ ଚାମଚ, ପିଆଜ ପେଷ୍ଟ – ଏକ ଚାମଚ, ବାଦାମ – ଏକ କପ୍, ଲଙ୍କା ଗୁଣ୍ଡ – ଅଧା ଚାମଚ, ହଳଦୀ ଗୁଣ୍ଡ – ଅଧା ଚାମଚ, ଧନିଆ ଗୁଣ୍ଡ – ଅଧା ଚାମଚ, ଜିରା ଗୁଣ୍ଡ– ଅଧା ଚାମଚ, କଟା ଟମାଟୋ – ଏକ କପ୍, ଗରମ ମସଲା ଗୁଣ୍ଡ – ଅଧା ଚାମଚ, ତେଲ – ଆବଶ୍ୟକତା ଅନୁସାରେ, ଲୁଣ- ସ୍ୱାଦାନୁସାରେ ।

ପ୍ରସ୍ତୁତି ପ୍ରଣାଳି

ବାଇଗଣକୁ ଲମ୍ବରେ କାଟି ଧୁଅନ୍ତୁ । ଚୁଲି ଲଗାଇ କଡ଼େଇ ବସାଇ ତେଲ ଦେଇ ବାଇଗଣକୁ ଛାଣନ୍ତୁ । ଏହାପରେ କଡ଼େଇରେ ତେଲ ଦେଇ ପିଆଜ ପକାଇ ଭାଜନ୍ତୁ । ସାମାନ୍ୟ ନାଲି ହୋଇଆସିଲେ ସେଥିରେ ଅଦାରସୁଣ ପେଷ୍ଟ ଟମାଟୋ ଦେଇ କଷନ୍ତୁ । ଏହାପରେ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଧନିଆ ଗୁଣ୍ଡ, ଜିରାଗୁଣ୍ଡ, ଦେଇ ବଟା ପିଆଜ ପକାଇ କଷନ୍ତୁ । ମସଲା ଭଲରେ କସି ହୋଇଗଲେ ବାଇଗଣ ପକାଇ ଏପାଖସେପାଖ କରନ୍ତୁ । ଏହାପରେ ଦରଛେଚା ବାଦାମକୁ ତରକାରିରେ ଦେଇ ଧନିଆ ପତ୍ର ପକାଇ ପରଷନ୍ତୁ ସ୍ୱାଦିଷ୍ଟ 'ବାଦାମ ବାଇଗଣ ଠୁକ୍‌ଠୁକା' ।



ଶିୟର୍ ମେସ୍ ବ୍ଲାଉଜ୍

ସାଧାରଣତଃ ପୂଜା ପର୍ବରେ ମହିଳାମାନେ ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି । ଫେଷ୍ଟିଭ୍ ଲୁକ୍‌ରେ ଷ୍ଟାଇଲିସ୍ ଏବଂ ସୁନ୍ଦର ଦିଶିବାକୁ ଚାହୁଁଥିଲେ ଶାଢ଼ି ସହ ଶିୟର୍ ମେସ୍ ବ୍ଲାଉଜ୍ ପିନ୍ଧିପାରିବେ । ପାରଦର୍ଶୀ ଏବଂ ହାଲୁକା ଜାଲି ଫାବ୍ରିକର ଏହି ବ୍ଲାଉଜ୍ ଆକର୍ଷଣୀୟ ଲୁକ୍ ଦେବା ସହ ଶାଢ଼ିର ସୁନ୍ଦରତାକୁ ଦ୍ୱିଗୁଣା କରିଥାଏ ।

ଫୁଲ୍ ସ୍ଲିଭ୍‌ସ ଫ୍ଲୋରାଲ୍ ଏମ୍ବ୍ରୋଡୋରୀ

ଏ ପ୍ରକାର ବ୍ଲାଉଜ୍ ଏବେ ଖୁବ୍ ଲୋକପ୍ରିୟ ରହିଛି । ଏହାକୁ ଯେ କୌଣସି ଶାଢ଼ି ସହ ପିନ୍ଧିପାରିବେ । ଏଥିରେ ହୋଇଥିବା ଜରି ଏବଂ ମୋତି ଦୂରରୁ ଆକର୍ଷଣୀୟ ଦିଶିଥାଏ ।

ହାଇ ନେକ୍ କଲାର୍ ବ୍ଲାଉଜ୍

ଫେଷ୍ଟିଭାଲ୍ ସମୟରେ ହାଇନେକ୍ କଲାର୍ ବ୍ଲାଉଜ୍ ପିନ୍ଧିପାରିବେ । ଏହାର ଆଗ ଏବଂ ପଛ ଜାଲି ଥାଏ ।

ଶିୟର୍ ମେସ୍ ବ୍ଲାଉଜ୍

ଚାକଚକ୍ୟ ଏବଂ ପାର୍ଟି ଲୁକ୍ ପସନ୍ଦ ଥିଲେ, ଚୁମ୍କି ଏବଂ ମାଳି ମେଶ୍ ଫାବ୍ରିକ୍ ବ୍ଲାଉଜ୍ ପିନ୍ଧିପାରିବେ । ଏଥିରେ ସୁନ୍ଦର ସିକ୍ୱିୟିନ୍ ଏବଂ ଗୋଟାପଟି କାମ ଥାଏ । ଏହାକୁ ପୂଜା ପର୍ବାଣୀ, ଫେଷ୍ଟିଭାଲ୍ ଭଳି ବିଭିନ୍ନ ସମୟରେ ପିନ୍ଧିପାରିବେ ।

ଦ୍ରୁତ ବୋଲରଙ୍କ କମାଲ; କୋହଲିଙ୍କ ଅର୍ଦ୍ଧଶତକ

ପ୍ରଥମ ଦିନିକିଆରେ ଭାରତର ସହଜ ବିଜୟ

ଅକ୍‌ଲାଣ୍ଡ, ୪ ।୧୧ (ଏଜେନ୍ସି)



ଦ୍ରୁତ ବୋଲରଙ୍କ ମାପଚୁପ ବୋଲିଂ ଓ ବିରାଟ କୋହଲିଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଭାରତୀୟ କ୍ରିକେଟ୍ ଦଳ ସହଜ ବିଜୟରୁ ଦିନିକିଆ ସିରିଜରେ ଅଭିଯାନ ଆରମ୍ଭ କରିଛି। ବୁଧବାର ସ୍ଥାନୀୟ ସେଡେନ୍ ପାର୍କରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ପ୍ରଥମ ଦିନିକିଆରେ ଭାରତ ଡିଏଲ୍ ପଦ୍ଧତିରେ ୫ ୱିକେଟରେ ଘରୋଇ ନ୍ୟୁଜିଲାଣ୍ଡକୁ ମାତ୍ ଦେଇଛି। ଏଥିସହ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ଦ୍ୱିତୀୟ ଦିନିକିଆ ଶନିବାର ୱେଲିଂଟନରେ ଖେଳାଯିବ।

ବୁଧବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍ ଟସ୍ ଜିତିବା ପରେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଅଧିନାୟକ ଗିଲ୍‌ଙ୍କ ନିଷ୍ପତ୍ତିକୁ ଯଥାର୍ଥ ପ୍ରମାଣିତ କରି ୩ ଦ୍ରୁତ ବୋଲର ଅର୍ଶଦୀପ୍ ସିଂହ, ଗୁରନୁର୍ ବ୍ରାର ଓ ଅଂଶୁଲ କାମ୍ବୋଜଙ୍କ ମିଳିତ ଘାତକ ବୋଲିଂକୁ ସାମ୍ନା କରି ନ ପାରି ଘରୋଇ ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ମାତ୍ର ୧୮୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର୍ ଟିମ୍ ସେଇଫର୍ଟ ସର୍ବାଧିକ ୩୮, ବ୍ୟାଟିକ୍ରମର ୧୧ ନମ୍ବର ସ୍ଥାନରେ ଆସିଥିବା ବ୍ଲେୟର ଟିକନର ୩୪, ଗ୍ଲେନ ଫିଲିପ୍ସ ୩୦, ଡାରାଲ ମିଚେଲ ୨୮ ଓ ଜ୍ୟାକବ ଡଫି ୧୫ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ୱିଲ୍ ୟଙ୍ଗ (୯), ହେନରୀ ନିକୋଲ୍ସ (୯), ଟମ୍ ଲଥାମ (୩), ଅଧିନାୟକ ମିଚେଲ ସାଣ୍ଟନର (୪), ନାଥନ ସ୍ମିଥ (୧), କେଲି ଜାମିନସନ (୧) ଦୁଇଅଙ୍କ ବିଶିଷ୍ଟ ସ୍କୋର କରିବାରେ ବିଫଳ ହୋଇଥିଲେ। ଭାରତ ପକ୍ଷରୁ ଅର୍ଶଦୀପ୍ (୧୦-୦-୭୦-୪), ଗୁରନୁର୍ (୯.୨-୦-୪୪-୩) ଓ ଅଂଶୁଲ (୧୦-୨-୨୨-୨) ମିଳିତ ଭାବରେ ୯ଟି ୱିକେଟ ନେଇଥିଲେ। ମିଚେଲଙ୍କୁ ରୋହିତ୍ ଶର୍ମା ରନଆଉଟ୍ କରିଥିଲେ।

ଜବାବରେ ଏହି ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ପ୍ରଥମ ଓଭରରେ ହିଁ ନିର୍ଭରଯୋଗ୍ୟ ରୋହିତ୍ ଶର୍ମାଙ୍କ ୱିକେଟ ହରାଇଥିଲା। ଏହାପରେ ଅଧିନାୟକ ଗିଲ୍‌ଙ୍କ ସହ କୋହଲି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ୧୨ ଓଭରରେ ଭାରତ ଗୋଟିଏ ୱିକେଟ ହରାଇ ୬୪ ରନ କରିଥିବାବେଳେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ପରେ ଡିଏଲ୍ ପଦ୍ଧତିରେ ଭାରତ ସାମ୍ନାରେ ୩୨ ଓଭରରେ ୧୪୩ ରନର ଟାର୍ଗେଟ୍ ଧାର୍ଯ୍ୟ ହୋଇଥିଲା। ଭାରତ ୨୨.୪ ଓଭରରେ ୫ ୱିକେଟ ହରାଇ ଏହି ଲକ୍ଷ୍ୟ ହାସଲ କରିନେଇଥିଲା। କୋହଲି ୧୩ ଚୌକା ଓ ୧ ଛକା ବଳରେ ୫୧ ବଲରୁ ସର୍ବାଧିକ ୭୪ ରନ କରିଥିଲେ। ସେହିଭଳି ଗିଲ୍ ୩୭, ଶ୍ରେୟସ ଆୟର ୧୫, ଲୋକେଶ ରାହୁଲ ୩* ଓ ନମନ ଧୀର ୫* ରନ କରିଥିଲେ। ଅକ୍ଷର ପଟେଲ ଖାତା ଖୋଲିପାରି ନ ଥିଲେ। ଅଂଶୁଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ : ୨୮ ୫/୧୦, ୪୦.୨ ଓଭର (ସେଇଫର୍ଟ- ୩୮, ଟିକନର- ୩୪, ଫିଲିପ୍ସ-୩୦, ମିଚେଲ- ୨୮, ଅର୍ଶଦୀପ- ୪/୭୦, ଗୁରନୁର- ୩/୪୪, ଅଂଶୁଲ- ୨/୨୨)।

ଭାରତ : ୧୪୩/୫, ୨୨.୪ ଓଭରରେ ଡିଏଲ୍‌ରେ ବିଜୟୀ (କୋହଲି- ୭୪, ଗିଲ୍- ୩୭, ଆୟର- ୧୫, ରୋହିତ୍- ୦, ଜାକବ ଡଫି- ୩/୪୯)।

କୋହଲିଙ୍କ କୀର୍ତ୍ତିମାନ

ଅକ୍‌ଲାଣ୍ଡ, ୪ ।୧୧ (ଏଜେନ୍ସି) "ଚେଜ୍ ମାଷ୍ଟର" ଭାବରେ ଜଣାଶୁଣା ବିରାଟ କୋହଲି ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ମ୍ୟାଚ ଅବସରରେ ଏକାଧିକ ରେକର୍ଡ କରିଛନ୍ତି। ଏକଦିବସୀୟ କ୍ରିକେଟ୍ ଇତିହାସରେ ବିଶ୍ୱର ପ୍ରଥମ ବ୍ୟାଟର ଭାବରେ କୋହଲି ନଂ-୩ରେ ବ୍ୟାଟିଂ କରିବାକୁ ଆସି ୧୩ ହଜାର ରନ ପୂରଣ କରିଛନ୍ତି। କୋହଲି ଏହିକ୍ରମରେ ଅଷ୍ଟ୍ରେଲିଆ କିଂବଦନ୍ତୀ ରିକି ପଣ୍ଟିଂ (୧୨,୬୬୨ ରନ)ଙ୍କୁ ପଛରେ ପକାଇ ଦେଇଛନ୍ତି। ୨୫୧ତମ ଇନିଂସରୁ କୋହଲି ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ସେହିଭଳି ଏକଦିବସୀୟ କ୍ରିକେଟରେ ରନ ଚେଜ୍‌ରେ କୋହଲି ବିଶ୍ୱରେ ସର୍ବାଧିକ ରନ କରିଛନ୍ତି। କୋହଲି ରନ ପିଛାବେଳେ ୬୬.୫୪ ହାରରେ ୮୭୨୧ ରନ ସଂଗ୍ରହ କରି ତାଲିକାରେ ଏକ ନମ୍ବର ସ୍ଥାନରେ ରହିଛନ୍ତି। କୋହଲି ଏହିକ୍ରମରେ କିମ୍ବଦନ୍ତୀ ସଚିନ ତେନ୍ଦୁଲକର (୪୨.୨୩ ହାରରେ ୮୭୨୦ ରନ)ଙ୍କୁ ପଛରେ ପକାଇ ଦେଇଛନ୍ତି। ୬୮୦୧ ରନ ସହ ରୋହିତ ଶର୍ମା ଏହି ତାଲିକାରେ ୩ୟ ସ୍ଥାନରେ ରହିଛନ୍ତି।

ଆରସିବି-ଏମଆଇ ଉଦ୍‌ଘାଟନୀ ଲଢ଼େଇ

ମୁମ୍ବଇ, ୪ ।୧୧ (ଏଜେନ୍ସି): ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଆଗାମୀ ୫ମ ସଂସ୍କରଣ ଲାଗି ବିସିସିଆଇ ପକ୍ଷରୁ ବୁଧବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ ମୁମ୍ବଇ ଇଣ୍ଡିଆନ୍ସ (ଏମଆଇ) ମଧ୍ୟରେ ଜାନୁଆରୀ ୨୪ ତାରିଖରେ ଉଦ୍‌ଘାଟନୀ ମୁକାବିଲା ଖେଳାଯିବ। ଭଦୋଦରା ଓ ମୁମ୍ବଇରେ ଏଥର ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଖେଳାଯିବାକୁ ଧାର୍ଯ୍ୟ ହୋଇଛି। ଜାନୁଆରୀ ୨୪ରୁ ୨୪ ତାରିଖ ମଧ୍ୟରେ ଭଦୋଦରାରେ ମୋଟ୍ ୧୧ଟି ମ୍ୟାଚ୍ ଖେଳାଯିବ। ସେହିଭଳି ଫାଇନାଲକୁ ମିଶାଇ ମୁମ୍ବଇରେ ପରବର୍ତ୍ତୀ ୧୧ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

ରାଜ୍ୟ ସିନିଅର ଫିଡେ ଚେସ୍‌ରେ ସ୍ମାରକୀ ଅଗ୍ରଣୀ

ଭୁବନେଶ୍ୱର, ୪ ।୧୧ (ସମିସ): ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଜଗତସିଂହପୁର ଜିଲ୍ଲା ଚେସ୍ ସଂଘ ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ରାଜ୍ୟ ସିନିଅର ମହିଳା ଫିଡେ ରେଟେଡ୍ ଚେସ୍ ଚାମ୍ପିଅନସିପ୍‌ର



ତୃତୀୟ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଷଷ୍ଠ ରାଉଣ୍ଡ ଖେଳ ଶେଷ ସୁଦ୍ଧା ପୂର୍ବତନ ରାଜ୍ୟଗୋଷ୍ଠୀ ଓ ଏସୀୟ ସ୍କୁଲ ଚେସ ଚାମ୍ପିଅନ କେନ୍ଦ୍ରାପଡ଼ାର ସ୍ମାରକୀ ମହାନ୍ତି ୫.୫ ପଏଣ୍ଟ ସହ ଏକକ ଅଗ୍ରଣୀ ରହିଛନ୍ତି। ପୁରୀର ଅନିଶା ମିଶ୍ର, ୟାଶୀତା ରାଉତ ଓ ରାଜ୍ୟ ୧୧ ବର୍ଷରୁ କମ୍ ଚାମ୍ପିଅନ ଆର୍ଣିକା ଦାଶଙ୍କ ସହ ସ୍ନେହାଜୁକ୍ତ ବେହେରା ପ୍ରତ୍ୟେକ ୫ ପଏଣ୍ଟ ସହ ମିଳିତ ଭାବେ ଦ୍ୱିତୀୟସ୍ଥାନରେ ଅଛନ୍ତି। ସ୍ମରଣିକା ନନ୍ଦ, ଦ୍ରିଷ୍ଟୀ ପ୍ରଧାନ, ଓ ସରଧା ଭାଗ୍ୟ କାମିନୀଙ୍କ ସହ ମୋଟ ୩ ଜଣ ଖେଳାଳି ୪ପଏଣ୍ଟ ପାଇ ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ଗୁରୁବାର ଶେଷ ଦୁଇ ରାଉଣ୍ଡ ସହ ପ୍ରତିଯୋଗିତା ଉଦଯାପିତ ହେବ ବୋଲି ରାଜ୍ୟ ଚେସ ସଂଘ ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

୨୦ରୁ ଜିଏଫ୍‌ଆଇ ଗଲ୍ଫ ଟୁର୍‌ର ଓଡ଼ିଶା ପର୍ଯ୍ୟାୟ



ଭୁବନେଶ୍ୱର, ୪ ।୧୧(ସମିସ): ଗଲ୍ଫ ଫେଡେରେସନ ଅଫ୍ ଇଣ୍ଡିଆ (ଜିଏଫ୍‌ଆଇ) ଆନୁକୂଲ୍ୟରେ ଆସନ୍ତା ୨୦ରୁ ଜିଏଫ୍‌ଆଇ ଗଲ୍ଫ ଟୁର୍‌ର ଓଡ଼ିଶା ପର୍ଯ୍ୟାୟ ଆରମ୍ଭ ହେବ। ଭୁବନେଶ୍ୱର ଗଲ୍ଫ କୋର୍ସ (ବିଜିସି)ରେ ତିନିଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ପାଞ୍ଚଟି ଗଲ୍ଫ କ୍ଲବ୍‌ର ପ୍ରାୟ ୧୪୦ ଜଣ ଖେଳାଳି ଭାଗନେବେ। ଗୋପାଳପୁର, ପାରାଦୀପ, ସମ୍ବଲପୁର, ୧୨୦ ବାଟାଲିୟନ ଓ ଭୁବନେଶ୍ୱର ଗଲ୍ଫ କୋର୍ସର ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ। ଏହି ପର୍ଯ୍ୟାୟର ବିଜେତା ସର୍ବଭାରତୀୟ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିବେ। ଦେଶର ୨୮ଟି ରାଜ୍ୟରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଶେଷ ହେବା ପରେ ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏହାର ବିଜେତା ଓ ଉପବିଜେତାଙ୍କୁ ଯଥାକ୍ରମେ ୨୦ ଲକ୍ଷ ଓ ୧୦ ଲକ୍ଷ ଟଙ୍କା ପୁରସ୍କାର ମିଳିବ ବୋଲି ବୁଧବାର ସାମ୍ବାଦିକ ସମ୍ମିଳନୀରେ ଜିଏଫ୍‌ଆଇର ପ୍ରତିଷ୍ଠାତା ତଥା ସମ୍ପାଦକ ଆର୍ଯ୍ୟବୀର ଆର୍ଯ୍ୟ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଗଲ୍ଫ କ୍ଲବ୍‌ର ସଭାପତି ପ୍ରଦୀପ୍ତ ମହାନ୍ତି ଓ ରାଜେଶ କୁମାର ନାୟକ ଉପସ୍ଥିତ ଥିଲେ।

ପ୍ରସନ୍ନଙ୍କୁ ଜୁଡୋ ଜୁଏଲ୍ ଆୱାର୍ଡ



ଭୁବନେଶ୍ୱର, ୪ ।୧୧ (ସମିସ): ପାରା ଜୁଡୋ ଓଡ଼ିଶା ଆନୁକୂଲ୍ୟରେ ସ୍ଥାନୀୟ ଶିଶୁପାଳଗଡ଼ସ୍ଥିତ ଗଙ୍ଗାଧର କମ୍ପ୍ଲେକ୍ସରେ 'ଜୁଡୋ ଜୁଏଲ୍ ଆୱାର୍ଡ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରସନ୍ନ କୁମାର ମହାପାତ୍ରଙ୍କୁ ଚଳିତ ବର୍ଷର 'ଜୁଡୋ ଜୁଏଲ୍ ଆୱାର୍ଡ' ସହ ମାନପତ୍ର ଓ ନଗଦ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଆୱାର୍ଡ ପ୍ରଦାନ ସମାରୋହରେ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ଓଡ଼ିଶା ଆମେଚର ଜୁଡୋ ସଂଘର ପୂର୍ବତନ ସଭାପତି ରାମଚନ୍ଦ୍ର ଦାସ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅମୀୟ କୁମାର ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ଶରତ ଚନ୍ଦ୍ର ସ୍ୱାଇଁ, ରଶ୍ମିରଞ୍ଜନ ପଟ୍ଟନାୟକ, ପାରା ଜୁଡୋ ଓଡ଼ିଶାର ସାଧାରଣ ସମ୍ପାଦକ ସନ୍ତୋଷ ବଳ ପ୍ରମୁଖ ଉପସ୍ଥିତ ରହିଥିଲେ।

କିଟ୍ ରଣଜୀ ଲଢ଼େଇ

ଆଦିତ୍ୟ-ରବିନଙ୍କ ଶତକରେ ଝାଡ଼ଖଣ୍ଡର ସ୍ଥିତି ସୁଦୃଢ଼



ଭୁବନେଶ୍ୱର, ୪ ।୧୧ (ସମିସ): ଆଦିତ୍ୟ ଚନ୍ଦ୍ରେଶ ସିଂ ଓ ରବିନ ମିଞ୍ଜଙ୍କ ଲଢୁଆ ଶତକ ବଳରେ ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଘରୋଇ ଓଡ଼ିଶା ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ଲଢ଼େଇରେ ଝାଡ଼ଖଣ୍ଡ ପ୍ରଥମ ପାଳିରେ ଦୃଢ଼ ବ୍ୟାଟିଂ କରିଛି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚରେ ଝାଡ଼ଖଣ୍ଡ ୧୪୨.୧ ଓଭର ଖେଳି ୮ ୱିକେଟରେ ୪୩୩ ରନ କରି ପ୍ରଥମ ପାଳି ଘୋଷଣା କରିଛି। ୨୯୮ ବଲ୍ ଖେଳିଥିବା ଆଦିତ୍ୟ ୯ ଚୌକା ବଳରେ ସର୍ବାଧିକ ୧୦୪ ରନ କରିଥିଲେ। ସେହିଭଳି ଏକଦା ଚେନ୍ନଇ ସୁପର୍ କିଙ୍ଗ୍ସ ପାଇଁ ଖେଳିଥିବା ୱିକେଟ୍‌କିପର ରବିନ ମିଞ୍ଜ ୧୧ ଚୌକା ଓ ୨ ଛକା ବଳରେ ୧୦୦ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଟିଂ ତାଲିକାର ୮ମ ସ୍ଥାନରେ ଆସିଥିବା ଶୁଭ ଶର୍ମା ୫୮, ଅନୁକୂଳ ରୟ ୮୯, ଅଧିନାୟକ ବିରାଟ ସିଂ ୩୯ ରନ କରିଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ଓ ଲଳିତ ଯାଦବ ୨ଟି ଲେଖାଏ ଏବଂ ବାଦଲ ବିଶ୍ୱା, ସ୍ୱସ୍ତିକ ସାମଲ ଓ ନିନାଦ ରାଥୱା ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ।

ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଓଡ଼ିଶା ବୁଧବାର ଷଷ୍ଠ ସୁଦ୍ଧା ୫ ଓଭରରେ କୌଣସି ୱିକେଟ ନ ହରାଇ ୨୩ ରନ କରିଛି। ଦୁଇ ଓପନର୍ ଗୌରବ ଚୌଧୁରୀ ୬ ଓ ସ୍ୱସ୍ତିକ ୧୭ ରନ କରି ଖେଳୁଛନ୍ତି। ବର୍ଷା ଲାଗି ବୁଧବାର ଚା'ପାନ ବିରତି ପରେ ଖେଳ ଆଉ ସମ୍ଭବପର ହୋଇପାରି ନ ଥିଲା। ଗୁରୁବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାବେଳେ ଓଡ଼ିଶା ପାଇଁ ପାଳି ଅଗ୍ରଣୀ ହାସଲ କରିବା ଏବେ କଷ୍ଟସାଧ୍ୟ ହୋଇପଡ଼ିଛି।



ଏସିଆନ ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ଭାରତ

ମୋହାଲି,୪ ।୧୧(ଏଜେନ୍ସି): ଏଠାରେ ଚାଲିଥିବା ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କରିଛି ଭାରତ। ବୁଧବାର ସେମିଫାଇନାଲ୍‌ରେ ଭାରତ ୮-୧ ଗୋଲ୍‌ରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଟାଇଟଲ୍ ମୁକାବିଲାରେ ସ୍ଥାନ ପକ୍କା କରିଛି। ଭାରତ ତରଫରୁ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ସର୍ବାଧିକ ୨ଟି ଗୋଲ୍ ଦେଇଥିଲେ। ଗୁରୁବାର ଫାଇନାଲ୍‌ରେ ଭାରତର ମୁକବିଲା ଜାପାନ ସହ ହେବ।

ମାଲେସିଆ ବିପକ୍ଷରୁ ଭାରତର ଅଭିଯାନ

ଭୋପାଳ, ୪ ।୧୧ (ଏଜେନ୍ସି): ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫି ହକିର ଆଗାମୀ ୯ମ ସଂସ୍କରଣ ଚଳିତ ମାସ ୧୯ ତାରିଖରୁ ଭୋପାଳରେ ଆରମ୍ଭ ହେବ। ଆୟୋଜକ ଭାରତ ଉଦ୍‌ଘାଟନୀ ଦିବସରେ ମାଲେସିଆ ସହ ଖେଳି ଅଭିଯାନ ଆରମ୍ଭ କରିବ। ୩ ଥରର ବିଜେତା ଦକ୍ଷିଣ କୋରିଆ, ଚାଇନା, ଜାପାନ, ମାଲେସିଆ ଓ ଥାଇଲାଣ୍ଡ ଏଥିରେ ଅଂଶଗ୍ରହଣ କରୁଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY